(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, March 1/2023 Page 20 ₹ 7.00

୪୯ଶ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 97 ମୂଲ୍ୟ₹୭/-





# ଏପ୍ରିଲ ୩ରେ ହିନ୍ଦୋଳ, ଅଠାବିରା ଏନ୍‌ଏସି ନିର୍ବାଚନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଢେଙ୍କାନାଳ ଜିଲା ହିନ୍ଦୋଳ ଓ ବରଗଡ଼ ଜିଲା ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର କାର୍ଯ୍ୟକାଳ ଏପ୍ରିଲ ୧୨ ତାରିଖରେ ଶେଷ ହେଉଛି। ଏହା ପୂର୍ବରୁ ଏହି ଦୁଇ ସ୍ଥାନରେ ନିର୍ବାଚନ କରିବା ପାଇଁ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୩ରେ ଏହି ୨ ଏନ୍‌ଏସି ପାଇଁ ଭୋଟ୍ ଗ୍ରହଣ କରାଯିବ। ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ମଙ୍ଗଳବାରଠାରୁ ଭୋଟ୍ ଗଣତି ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ୍ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଏନ୍‌ଏସିରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

**ଏପ୍ରିଲ ୫ରେ ଗଣତି**

- ମାର୍ଚ୍ଚ ୩ରେ ବିଜ୍ଞପ୍ତି, ୯ରୁ ନାମାଙ୍କନପତ୍ର ଦାଖଲ
- ୨୦ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର

ଏହି ନିର୍ବାଚନ ପାଇଁ ମାର୍ଚ୍ଚ ୩ରେ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୯ରୁ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ଏହା ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଚାଲିବ। ୧୭ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୦ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିହେବ। ଏପ୍ରିଲ ୩ରେ ଭୋଟ୍ ଗ୍ରହଣ ହେବ। ଏପ୍ରିଲ ୫ରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଏହା ପରେ ଏପ୍ରିଲ ୧୯ରେ ଏନ୍‌ଏସି ଉପାଧ୍ୟକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

# ଭାଜପା ଗରିବଙ୍କ ହକ୍ ମାରି ଦେଉଛି: ସୁଲତା




ରାଜଭବନ ସମ୍ମୁଖରେ ମଙ୍ଗଳବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଅନୁଷ୍ଠିତ ଧାରଣାରେ ବିଧାୟକ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ରାଜଭବନ ସମ୍ମୁଖରେ ମହିଳା ବିଜେଡିର ଧାରଣା**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ବିଜେଡି ରଣହୁଙ୍କାର ଦେଇଛି। ବିଧାନସଭାରେ ଏହାକୁ ନେଇ ବିଜେଡି ସଦସ୍ୟମାନେ କେନ୍ଦ୍ର ବିରୋଧରେ ପ୍ରତିବାଦ କରିଥିବା ବେଳେ ମଙ୍ଗଳବାର ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ରାଜଭବନ ଆଗରେ ଧାରଣା ଦିଆଯାଇଛି। ମୋର୍ଚ୍ଚାର କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜିରୁ ଏକ ଶୋଭାଯାତ୍ରାରେ ବାହାରି ରାଜଭବନଠାରେ ଧାରଣା ଦେଇଥିଲେ। ବିଜେଡି ପକ୍ଷରୁ ଶ୍ରୀମୟୀ ମିଶ୍ର, ମେୟର ସୁଲୋଚନା ଦାସ, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ରାଜଭବନ ଆଗରେ ଧାରଣା ଦେଇଥିଲେ। ସୁଲତା କହିଛନ୍ତି, କିଛିଦିନ ତଳେ ଭାଜପା ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଆବାସ ବନ୍ଦ କରିବାକୁ ନିବେଦନ କରିଥିଲେ। ରାଜ୍ୟ ଭାଜପା ନେତାମାନେ ଗରିବଙ୍କ ହକ୍ ମାରିଦେଉଥିବାରୁ ଏହାର ପ୍ରତିବାଦରେ ଧାରଣା ଦିଆଯାଉଛି। ୧୫ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଘର ଆମ ହକ୍, ଭାଜପା ଏହି ହକ୍ ମାରିଛି। ରାଜ୍ୟର ଏହି ହକ୍ ଦିଆଯାଉ ବୋଲି ସେ କହିଛନ୍ତି। ଏ ନେଇ ରାଜ୍ୟପାଳଙ୍କୁ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

# କର୍ମୀଙ୍କୁ ଚିଠି ଲେଖିଲେ ସଭାପତି

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ୧୦୭ତମ ଜୟନ୍ତୀ ପାଳନ ହେବ। ଏ ନେଇ ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଜୁ ଜୟନ୍ତୀ ପାଳନ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ କର୍ମୀମାନଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି। ନବୀନ ଓଡ଼ିଶା ଗଢ଼ିବା ପାଇଁ ବିଜୁ ଜୟନ୍ତୀରେ ବିଜେଡି କର୍ମୀ ଶପଥ ନେବେ। ଦଳ ପକ୍ଷରୁ ମାର୍ଚ୍ଚ ୫ରୁ ୨୫ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ବିଜେଡି କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ଦିଗରେ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ।

ବିଜୁ ଯୁବ ଏବଂ ଛାତ୍ର ଜନତା ଦଳକୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି। ଏପ୍ରିଲ ୧୭ରେ ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସ ରାଜ୍ୟସ୍ତରରେ ପାଳନ କରାଯିବ। ମାର୍ଚ୍ଚ ୯ରୁ ୧୭ ପର୍ଯ୍ୟନ୍ତ ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ମହିଳା ସମାବେଶ ଆୟୋଜନ କରାଯିବ। ରାଜ୍ୟରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ ସଶକ୍ତୀକରଣ ଦିଗରେ ବିଜୁବାବୁଙ୍କ ଅବଦାନ ଓ ରାଜ୍ୟ ସରକାରଙ୍କ ମହିଳା କଲ୍ୟାଣ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯିବ। ମାର୍ଚ୍ଚ ୫ ତାରିଖ ସକାଳ ୬ଟାରେ ପ୍ରଭାତଫେରି, ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣରୁ ବିଜୁଜୟନ୍ତୀ ପାଳନର ଶୁଭାରମ୍ଭ କରାଯିବ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସାଇକେଲ ଶୋଭାଯାତ୍ରା କରାଯିବ। ଅପରାହ୍ନରେ କର୍ମକର୍ତ୍ତାଙ୍କୁ ନେଇ ସାଧାରଣ ସଭା ଆୟୋଜନ କରାଯିବ। ଏଥିରେ ନବୀନ ଓଡ଼ିଶା ଗଠନ ପାଇଁ ଶପଥ ବିଜେଡି କର୍ମୀମାନେ ନେବେ ବୋଲି ଦଳର ସଭାପତି ଚିଠିରେ ଉଲ୍ଲେଖ କରିଛନ୍ତି। ବିଜୁବାବୁଙ୍କ ଜନ୍ମ ଦିବସ ବିଭିନ୍ନ ସ୍ତରରେ କିପରି ପାଳନ କରାଗଲା ତାହାର ଏକ ବିଶଦ ବିବରଣୀ, ଫଟୋଗ୍ରାଫ୍ ଏବଂ ଭିଡିଓ ରାଜ୍ୟ କାର୍ଯ୍ୟାଳୟକୁ ପଠାଇବାକୁ ମୁଖ୍ୟମନ୍ତ୍ରୀ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି।

**ବିଜୁ ଜୟନ୍ତୀ ପାଇଁ ବିଜେଡିର ପ୍ରସ୍ତୁତି**

- ନବୀନ ଓଡ଼ିଶା ଗଠନ ପାଇଁ ଶପଥ ନେବେ
- ମାର୍ଚ୍ଚ ୫ରୁ ୨୫ ଯାଏ ବିଭିନ୍ନ କାର୍ଯ୍ୟକ୍ରମ
- ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ

# ପୋଲିସ-ଭାଜପା କର୍ମୀ ମୁହାଁମୁହିଁ: ତେଜିଲା ରାଜନୀତି

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଏବଂ ନବ ଦାସ ହତ୍ୟାକାଣ୍ଡ ଘଟଣାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ ହୋଇଥିଲା। ଏହି ସମୟରେ ପୋଲିସ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ଫଳରେ ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଲଟିଥିଲା। ତେବେ ଏହି ଘଟଣାକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ ରାଜନୀତି ଜୋର୍ ଧରିଥିବା ବେଳେ ଜାତୀୟସ୍ତର ନେତାମାନେ ମଧ୍ୟ ଟୁଇଟ୍ କରି ଏହାର ପ୍ରତିବାଦ କରିଛନ୍ତି।

ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ସୁଶ୍ରୀ ଅର୍ପିତା ଅପରାଜିତା ବଡ଼ଜେନା କହିଛନ୍ତି, ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯାଉଥିବା ସମୟରେ ପୋଲିସର ମାତ୍ରାଧିକ ଏବଂ ଆକ୍ରୋଶମୂଳକ ଆକ୍ରମଣରେ ଯୁବମୋର୍ଚ୍ଚାର ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବିକ୍ଷୋଭସ୍ଥଳରେ କାର୍ଯ୍ୟରତ ପୋଲିସଙ୍କୁ ଉଠାଇ ଆଣି ହସ୍ପିଟାଲର ଏସି ରୁମ୍‌ରେ ଚିକିତ୍ସା କରାଯାଉଛି। ହେଲେ ଗୁରୁତର ଭାବେ ଆହତ ହୋଇଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଷ୍ଟ୍ରେଚରରେ ରଖାଯାଇ ଚିକିତ୍ସା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାରୀ ହସ୍ପିଟାଲରେ ଚିକିତ୍ସା ନ ପାଇ ବହୁ କାର୍ଯ୍ୟକର୍ତ୍ତା ଫେରିଯାଇଛନ୍ତି ବୋଲି ସୁଶ୍ରୀ କହିଛନ୍ତି।

ଭାଜପା ଯୁବମୋର୍ଚ୍ଚା ଶୋଭାଯାତ୍ରାକୁ ବିରୋଧକରି ବିଜେଡି ନେତା ଚିନ୍ମୟ ସାହୁ କହିଛନ୍ତି, ବିରୋଧୀ ଦଳ ନେତା ଯିଏ ଜଣେ ଅଭ୍ୟାସଗତ ଅପରାଧୀ କିଛିଦିନ ତଳେ ଜଣେ କର୍ତ୍ତବ୍ୟରତ ମହିଳା ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିବା ସହିତ ଧମକଚମକ ଦେଇଥିଲେ ସେକଥା ଓଡ଼ିଶାବାସୀ ଦେଖିଛନ୍ତି। ଆଜି ତାଙ୍କ କ୍ରାଇମ ପାର୍ଟନର ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଲୋୟର ପିଏମ୍‌ଜିରେ ଯେଭଳି ବିକ୍ଷୋଭ ନାଁରେ ଦଙ୍ଗାକଲେ ଏବଂ ପୋଲିସ ଅଧିକାରୀଙ୍କୁ ଟାର୍ଗେଟକରି ସେମାନଙ୍କୁ ଲହୁଲୁହାଣ କରିଛନ୍ତି ଏହାକୁ କଠୋର ଭାଷାରେ ନିନ୍ଦା କରୁଛୁ। ରାଜ୍ୟବାସୀ କେବେହେଲେ ଏହାକୁ ଗ୍ରହଣ କରିବେ ନାହିଁ। ପୋଲିସ ଆମ ସୁରକ୍ଷା ଲାଗି ଅଛି। ସେମାନଙ୍କୁ ବାରମ୍ବାର ଆହତ କରିବା ସହିତ ଆକ୍ରମଣ କରି ସେମାନଙ୍କ ମନୋବଳ ଭାଙ୍ଗିବା ଉଚିତ ନୁହେଁ। ଯେଉଁ ଦଳର ଛାମୁଆ ସଙ୍ଗଠନ ନେତା ହତ୍ୟା ଅଭିଯୁକ୍ତ ହେବେ ସେମାନଙ୍କଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ ବୋଲି ଚିନ୍ମୟ କହିଛନ୍ତି।

ତେବେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟ ଟୁଇଟ୍ କରି ପୋଲିସ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ଚାଲିଥିବା ଗୋଡ଼ାଗୋଡ଼ି ଦୃଶ୍ୟ ଶେୟାର କରିଛନ୍ତି। ଏଥିରେ ଭାଜପା କର୍ମୀଙ୍କୁ ପୋଲିସ ବାଡ଼ାଉଥିବାର ଦୃଶ୍ୟ ରହିଛି। ଏନେଇ ସେ ଟୁଇଟ୍‌ରେ ସେ ଉଲ୍ଲେଖ କରିଛନ୍ତି, ବିଜେଡି ସରକାର ଏବଂ ଏହାର ବିଫଳ ଆଇନଶୃଙ୍ଖଳା ପରିସ୍ଥିତିର ଶିକାର ଓଡ଼ିଶା ହୋଇଛି। ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କରାଯାଉଥିବା ପ୍ରତିବାଦ ବେଳେ ପୋଲିସ ଏଭଳି ଅମାନୁଷିକ ଆକ୍ରମଣ କରିଛି। ଏହାଦ୍ୱାରା ବହୁ ଭାଜପା କାର୍ଯ୍ୟକର୍ତ୍ତା ଆହତ ହୋଇଥିବା ସେ ଉଲ୍ଲେଖ କରିଛନ୍ତି।

- ଯୁବମୋର୍ଚ୍ଚାର ୫୦ କର୍ମୀ ଆହତ, ତାଙ୍କ ଚିକିତ୍ସା ଠିକ୍‌ରେ ହେଉନି: ସୁଶ୍ରୀ
- ହତ୍ୟା ଅଭିଯୁକ୍ତଙ୍କଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ: ଚିନ୍ମୟ
- ବିଜେଡି ସରକାରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ଶିକାର ଓଡ଼ିଶା: ତେଜସ୍ୱୀ ସୂର୍ଯ୍ୟ

# କାଉନ୍‌ସିଲର ପ୍ରାର୍ଥୀ ୫୦ ହଜାର, ଅଧ୍ୟକ୍ଷ ପ୍ରାର୍ଥୀଙ୍କୁ ୨ ଲକ୍ଷ ଖର୍ଚ୍ଚ ଅନୁମତି

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ସର୍ବଦଳୀୟ ବୈଠକ**

ଅତାବିରା ଓ ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟକାଳ ଏପ୍ରିଲ ୧୨ରେ ଶେଷ ହେବ। ଏହାପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ପ୍ରସ୍ତୁତି କରିଛନ୍ତି।

ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ନିର୍ବାଚନ କମିଶନର ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ରେ ସମୁଦାୟ ୧୨ ୱାର୍ଡର ୧୬ ବୁଥ୍ ରହିଛି। ଏହାର ଭୋଟରଙ୍କ ସଂଖ୍ୟା ୧୩୫୨୦। ସେହିପରି ହିନ୍ଦୋଳ ଏନ୍‌ଏସିର ସମୁଦାୟ ୧୬ ୱାର୍ଡର ୧୬ ବୁଥ୍ ରହିଥିବା ବେଳେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୯୮୭୭। ଉଭୟ ଏନ୍‌ଏସିର ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି । ଏଗୁଡ଼ିକର ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ନିର୍ବାଚନ ପାଇଁ କାଉନ୍‌ସିଲର ଏବଂ ଅଧ୍ୟକ୍ଷ ପଦ ନିମନ୍ତେ ପ୍ରାର୍ଥୀମାନେ ସେମାନଙ୍କ ଆପରାଧିକ ପୃଷ୍ଠଭୂମି, ସମ୍ପତ୍ତି ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସତ୍ୟପାଠ ଦାଖଲ କରିବେ। ଅସମ୍ପୂର୍ଣ୍ଣ ସତ୍ୟପାଠ କିମ୍ବା ସତ୍ୟପାଠ ଦାଖଲ ନ କରିବା ଦ୍ୱାରା ସମ୍ପୃକ୍ତ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ନାକଚ କରାଯିବ। ଯଦି କେହି ମିଥ୍ୟା ସତ୍ୟପାଠ ଦାଖଲ କରିବା ଜଣାଯାଏ, ସେମାନଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାର୍ଥିପତ୍ର ମନୋନୟନ ପ୍ରମାଣପତ୍ର ସହିତ ଜାତିଗତ ପ୍ରମାଣପତ୍ର ଦାଖଲକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ପ୍ରାର୍ଥୀମାନେ ସଂରକ୍ଷିତ ସ୍ଥାନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି,ସେମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ର ମନୋନୟନପତ୍ର ସହ ଦାଖଲ କରିବେ, ନଚେତ୍ ସେମାନଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯିବ। ନିର୍ବାଚନ ଫିସ୍‌ରେ ଛାଡ଼ ପାଇଁ ସେମାନେ ବିବେଚିତ ହେବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି। କାଉନ୍‌ସିଲର ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୫୦ ହଜାର ଟଙ୍କା ଓ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୨ ଲକ୍ଷ ଟଙ୍କା ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି। ନିର୍ବାଚନ ସମୟରେ କାଉନ୍‌ସିଲର ପଦ ନିମନ୍ତେ ଜଣେ ପ୍ରାର୍ଥୀ (ତିନିଚକିଆ ଓ ଚାରିଚକିଆ ଯାନ) ମୋଟ୍ ୨ଟି ଯାନ ବ୍ୟବହାର କରିପାରିବେ। ଅଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ଲଢୁଥିଲେ ଜଣେ ପ୍ରାର୍ଥୀ(ଦୁଇଚକିଆ ଓ ଚାରିଚକିଆ ଯାନ) ସମୁଦାୟ ୪ଟି ଯାନ ବ୍ୟବହାର କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି।

ଏହି ସର୍ବଦଳୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ବିଜୟ କୁମାର ଦାଶ, ଆୟୋଗର ଯୁଗ୍ମ ସଚିବ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ,ଆଇନ ଅଧିକାରୀ ମାଧୁରୀ ମିଶ୍ର, ଭାଜପାର ଯତୀନ ମହାନ୍ତି ଓ ଜୟନ୍ତ କୁମାର ଜେନା, କଂଗ୍ରେସର ଶିବାନନ୍ଦ ରାୟ, ବିଜେଡିର ବିଧାୟକ ଅନନ୍ତ ନାରାୟଣ ଜେନା, ବିଏସ୍‌ପିର ରାଜ୍ୟ ସାଧାରଣ ସମ୍ପାଦକ ମଧୁସୂଦନ ଯାଦବ, ଏସ୍‌ପିର ସୁଦର୍ଶନ ପ୍ରଧାନ, ଏଏପିର ସୌମ୍ୟରଞ୍ଜନ ସ୍ୱାଇଁ, କଳିଙ୍ଗ ସେନାର ମନୋଜ କୁମାର ନାୟକ, ସିପିଆଇର ଜୟନ୍ତ ଦାଶ, ସମତାକ୍ରାନ୍ତି ଦଳର ପ୍ରଭାସ ସାମନ୍ତରାୟ, କୃପା ପାର୍ଟିର ବିଶ୍ୱନାଥ ରାଉତ ଓ ମୋ ଦଳର ଅଶୋକ କୁମାର ମହନ୍ତି ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

ବାଡ଼ିବଗିଚା କାମ ପାଇଁ ମାଳି ଆବଶ୍ୟକ
ରହିବାକୁ ଘର + 12500/- ।
ଫୁଲନଖରା, କଟକ
ଯୋଗାଯୋଗ:
7809525452

MARKETING PERSON
wanted, preferably having experience in marketing of building materials, for a Paint and Hardware Shop at Bhubaneswar.
Contact: 6371440992

Required
Required Spinning Master/Technical Manager for Spinning Mills in Orissa. Interested person may contact : 9830021565

MOTHER DAIRY
MOTHER DAIRY ICE CREAM DIVISION
REQUIRES
SALES EXECUTIVE TO BE PLACED UNDER SUPER STOCKIST AT BHUBANESWAR
NAME OF THE POSITION : PILOT SALES REPRESENTATIVE
QUALIFICATION :- +2 WITH HAVING EXPERIENCE OF SALES IN FMCG SECTOR
SALARY :- 10,000/- PER + TRAVEL EXPENCES @ 100 Rs PER DAY
CONTACT :- SAGEN TRADING M:-9874062623
INTERESTED CANDIDATES MAY email THEIR RESUME TO sagen.trade@gmail.com

WANTED
ଧରିତ୍ରୀ DHARITRI Oriya daily
is looking for
RECOVERY EXECUTIVES
• Minimum 4-5 years experience in recovery. Working with targets and tight deadlines will be needed.
• Tracking outstanding debts.
• Update account status and database regularly.
• Graduates with good knowledge of MS Office, TALLY and databases.
Apply immediately to : recruitment@dharitri.com
Attractive salary commensurate with experience



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ | Bhubaneswar, Wednesday, March 1/2023 | ପୃଷ୍ଠା-୧



**ମେସି ଫିଫାର ଶ୍ରେଷ୍ଠ ଖେଳାଳି**

ଆର୍ଜେଣ୍ଟିନା ଫୁଟ୍‌ବଲ ଷ୍ଟାର ଲିଓନେଲ ମେସି ଫିଫାର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।

୧୦ | ୦୮

**କର୍ମକ୍ଷେତ୍ରକୁ ଫେରିଲେ କାଜଲ**

ସାଉଥ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ମ୍ୟାଟରନିଟି ବ୍ରେକ୍ ପରେ ଏବେ ପୁଣିଥରେ ତାଙ୍କ କର୍ମକ୍ଷେତ୍ରକୁ ଫେରିଛନ୍ତି।



# ଗାନ୍ଧୀମାର୍ଗ ରଣକ୍ଷେତ୍ର, ବିଧାନସଭା ଅଚଳ

## ଭାଜପା ଯୁବମୋର୍ଚ୍ଚା-ପୋଲିସ ମୁହାଁମୁହିଁ

- ପୋଲିସ ଉପରକୁ ପାଣିବୋତଲ, ଅଣ୍ଡା, ଢେଲା ମାଡ଼
- ବିଧାନସଭା ଘେରାଉ ଉଦ୍ୟମ ବେଳେ ପୋଲିସର ଲାଠିମାଡ଼
- କିରୋସିନ ଢାଳି ପୋଲିସ ଭ୍ୟାନ୍ ଜାଳିବାକୁ ଉଦ୍ୟମ
- ଏସିପିଙ୍କ ସମେତ ୨୧ ପୋଲିସ, ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଆହତ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକୁ ଇତିମଧ୍ୟରେ ମାସେ ପୂରିଥିବାବେଳେ ସରକାର ହତ୍ୟାର କାରଣ ଜାଣିବାରେ ବିଫଳ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାନସଭାରେ ତୁମ୍ଭିତୋଫାନ ଚାଲିଥିବାବେଳେ ରାଜ୍ୟରେ ଆଇନଶୃଙ୍ଖଳା, ଅରାଜକତା ଓ କୁଶାସନ ବିରୋଧରେ ଭାଜପା ଯୁବ ମୋର୍ଚ୍ଚା ମଙ୍ଗଳବାର ରାଜରାସ୍ତାକୁ ଓହ୍ଲାଇଛି। ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ମୋହିତ ଚହଲ୍ ଓ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ଏହି ସମୟରେ କମିଶନରେଟ ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷରୁ ଧସ୍ତାଧସ୍ତି ସହ ଅଣ୍ଡା ଓ ପଥର ମାଡ଼ ହେବାରୁ ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଲଟିଥିଲା। ଏଥିରେ ୨୧ ପୋଲିସ, ୪୦ରୁ ☞ପୃଷ୍ଠା-୨



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ସମୟର ଦୃଶ୍ୟ। (ଫଟୋ: ମନୋରଞ୍ଜନ)

## ଆଇନଶୃଙ୍ଖଳା ବନାମ ପିଏମ୍‌ଏୱାଇ

### ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ଅବହେଳା ପ୍ରସଙ୍ଗରେ ମଙ୍ଗଳବାର ବିଧାନସଭାରେ ବିରୋଧୀ-ଶାସକ ମୁହାଁମୁହିଁ ହୋଇଛନ୍ତି। ନବ ଦାସ ହତ୍ୟାକାଣ୍ଡର ତଦନ୍ତକୁ ନେଇ ବିରୋଧୀ ଦଳ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ହତ୍ୟାକାଣ୍ଡକୁ ୩୦ ଦିନ ପୂରିଥିବା ବେଳେ ତଦନ୍ତ କେଉଁ ଆଡ଼କୁ ଯାଉଛି ତାହା ରାଜ୍ୟବାସୀ ଜାଣିପାରୁନାହାନ୍ତି। ରାଜ୍ୟରେ ଅପରାଧ ବଢ଼ିବା, ଆଇନଶୃଙ୍ଖଳା ରକ୍ଷା କରିବାରେ ସରକାର ବିଫଳ ହେବା ଓ ହତ୍ୟା ମାମଲାର ରହସ୍ୟକୁ ଲୁଚାଇ ରଖିଥିବା ବିରୋଧୀ ଦଳ ଅଭିଯୋଗ କରିଛି। ଶାସକ ଦଳ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ କେନ୍ଦ୍ରୀୟ ଅବହେଳାକୁ ପ୍ରସଙ୍ଗ କରି ବିରୋଧୀଙ୍କୁ କାଉଣ୍ଟର ଆଟାକ୍ କରିଛି। ଉଭୟ ବିରୋଧୀ ଓ ଶାସକ ଦଳଙ୍କ ହଙ୍ଗାମା ଯୋଗୁ ବିଧାନସଭା ପ୍ରକମ୍ପିତ ହୋଇଥିଲା। ଗୃହରେ ଶୂନ୍ୟକାଳ, ମୁଲତବୀ ଆଲୋଚନା ହୋଇପାରିନାହିଁ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଧ୍ୟ ହୋଇ ଗୃହକୁ ପୂର୍ବାହ୍ନ ୧୧ଟା ୩୪ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ☞ପୃଷ୍ଠା-୨

## ନିକୁଞ୍ଜ ଧଳ ସ୍ୱତନ୍ତ୍ର ରିଲିଫ୍ କମିଶନର

ଭୁବନେଶ୍ୱର,୨୮।୨(ବ୍ୟୁରୋ)

୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ନିକୁଞ୍ଜ ବିହାରୀ ଧଳଙ୍କୁ ରାଜ୍ୟ ସରକାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ଭାବେ ନିଯୁକ୍ତ କରିଛନ୍ତି। ମଙ୍ଗଳବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନିକୁଞ୍ଜ ବର୍ତ୍ତମାନ ଶକ୍ତି ଓ ଅବକାରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।



ଏସ୍‌ଆରସି ଥିବା ପ୍ରଦୀପ ଜେନାଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି କରିବା ପରେ ତାଙ୍କଠାରୁ ଏହି ଦାୟିତ୍ୱ ଅପସାରଣ କରାଯାଇଛି।

**ଆଜିର ସମ୍ପାଦକୀୟ**

ବାଘ ଆଇଲେ









**ଆଜିର ମନ୍ତବ୍ୟ**

“ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ ସରକାର କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଛନ୍ତି। କଂଗ୍ରେସ ଏଥିରେ ଭୟଭୀତ ନ ହୋଇ ଜନତାଙ୍କ ପ୍ରସଙ୍ଗରେ ପ୍ରଶ୍ନ ଉଠାଇ ଚାଲିବ।

– ସୁପ୍ରିୟା ଶ୍ରୀନେତ, କଂଗ୍ରେସ ମୁଖପାତ୍ର



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତ୍ୟନ୍ତ ପ୍ରୀତି କରେ ଲଣ୍ଡଭଣ୍ଡ**
**ଅତ୍ୟନ୍ତ ପ୍ରୀତି ହଗେ ବାବୁ ତୁଣ୍ଡ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ। ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇନଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଧନ,**
**ବିକଳ ମନ।**

ମନୁଷ୍ୟର ଆବଶ୍ୟକତାର ସୀମା ନାହିଁ। ବାସ, ବେଶ ତଥା ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସେ ବିଭିନ୍ନ ପଦାର୍ଥ ସଂଗ୍ରହ ଲାଗି ସଦାବେଳେ ତତ୍ପର ଥାଏ। ଏଥିପାଇଁ ଲୋଡ଼ା ହୁଏ ଧନ। ଧନହୀନ ବ୍ୟକ୍ତିର ଆବଶ୍ୟକତା ତ ଥାଏ, ମାତ୍ର ହାତରେ ଧନର ଅଭାବ। ଏପରି ଅବସ୍ଥାରେ ତା'ର ମନ ଉଣା କରିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଆବଶ୍ୟକ ପଦାର୍ଥ ସଂଗ୍ରହ ନ କରି ସେ ବ୍ୟଥାରେ ବିକଳ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଏସ୍ଏସ୍‌ସି ଦ୍ୱାରା ୧୩୦ ପଦବୀ ପୂରଣ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍‌ସି) ଦ୍ୱାରା ପରିଚାଳିତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ବିଏସ୍ଏସ୍‌ଓ-୨୦୨୨ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାର ଅନ୍ତିମ ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ୯୪ଟି ଖାଲି ପଦବୀ ପାଇଁ ହୋଇଥିବା ବିଜ୍ଞାପନ ଅନୁଯାୟୀ ୯୪ ଜଣ ପ୍ରାର୍ଥୀ ମନୋନୀତ ହୋଇଛନ୍ତି। ସବିଶେଷ ତଥ୍ୟ www.ossc.gov.inରେ ଉପଲବ୍ଧ ହେଉଛି। ସେହିପରି ରାଜ୍ୟ ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ଅଧୀନରେ ଖାଲିଥିବା ୩୬ଟି ପଦ ପାଇଁ ହୋଇଥିବା ବିଜ୍ଞାପନ ଅନୁଯାୟୀ ୩୬ ଜଣ ପ୍ରାର୍ଥୀ ମନୋନୀତ ହୋଇଛନ୍ତି। ଆୟୋଗ ପକ୍ଷରୁ ହୋଇଥିବା ପରୀକ୍ଷା ଅନୁଯାୟୀ ୨୦୨୩ ଫେବୃୟାରୀରେ ମୋଟ ୧୩୦ ପଦବୀ ପାଇଁ ୧୩୦ ଜଣ ନିଯୁକ୍ତି ପାଇଥିବା ମଙ୍ଗଳବାର କମିଶନ ପକ୍ଷରୁ ସୂଚନା ଦିଆଯାଇଛି। କମିଶନ ଏହି ପଦ ପାଇଁ ଆବେଦନ କରିଥିବା ଏବଂ ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗ୍ରହ ମିଳନ: ଆଜି ଶୁକ୍ର, ବୃହସ୍ପତି ନିକଟତର ଦେଖାଯିବ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ଦୁଇ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଏବଂ ବୃହସ୍ପତି ବୁଧବାର ସନ୍ଧ୍ୟାରେ ଖୁବ୍ ନିକଟତର ଦେଖାଯିବ। ଫେବୃୟାରୀ ଶେଷ ସପ୍ତାହରେ ସବୁଦିନ ସନ୍ଧ୍ୟାରେ ପ୍ରାୟ ଏକଘଣ୍ଟା ଧରି ଏହି ଦୁଇ ଉଜ୍ଜ୍ୱଳ ଗ୍ରହ ପଶ୍ଚିମ ଆକାଶରେ ପାଖାପାଖି ଦେଖାଯାଉଥିଲେ। ଯାହାକୁ ଖାଲି ଆଖିରେ ଦେଖିହେଉଥିଲା। ଧୀରେ ଧୀରେ ଏହି ଗ୍ରହ ଦୁଇଟି ନିକଟତର ହେଉଥିବାବେଳେ ବୁଧବାର ଖୁବ୍ ନିକଟତର ଦେଖାଯିବ ବୋଲି ଭୁବନେଶ୍ୱର ପଠାଣି ସାମନ୍ତ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।




ସେ କହିଛନ୍ତି, ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ଦେଖିହେବ। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରେ ଆକାଶ ମେଘ ମୁକ୍ତ ଥିଲେ ଏହାକୁ ଦେଖିହେବ। ସମସ୍ତେ ଏହି ସୁନ୍ଦର ଦୃଶ୍ୟକୁ ଉପଭୋଗ କରିବାକୁ ପଟ୍ଟନାୟକ କହିଛନ୍ତି।

## ଭାଜପା ଯୁବମୋର୍ଚ୍ଚାର ବିଧାନସଭା ଘେରାଉ ସମୟର କିଛି ଦୃଶ୍ୟ...




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମଙ୍ଗଳବାର ବିଧାନସଭା ଅଭିମୁଖେ ବାହାରିଥିବା ଯୁବମୋର୍ଚ୍ଚାର ଶୋଭାଯାତ୍ରା। (ଫଟୋ: ମୌସମ)



ଭାଜପା କର୍ମୀମାନେ ପୋଲିସ ଉପରକୁ ପଥର ଓ ଅଣ୍ଡା ମାଡ଼ କରୁଛନ୍ତି।



ଭାଜପା କର୍ମୀମାନେ ପୋଲିସ ଭ୍ୟାନ୍ ଉପରେ ଚଢ଼ି ଦଳୀୟ ପତାକା ଉଡ଼ାଉଛନ୍ତି।



ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଭ୍ୟାନ୍‌ରେ ନେଉଥିବାବେଳେ ଜଣେ ମହିଳା କର୍ମୀ ତଳେ ପଡ଼ିଯାଇଛନ୍ତି।



ଭାଜପା କର୍ମୀଙ୍କ ଟେକାପଥର ମାଡ଼ରେ ଆହତ ପୋଲିସ କର୍ମଚାରୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ଲାଠିମାଡ଼ରେ ଆହତ ଜଣେ ମହିଳା କର୍ମୀଙ୍କୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ହସ୍ପିଟାଲରେ ଭେଟୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଗାନ୍ଧୀମାର୍ଗ ରଣକ୍ଷେତ୍ର...

ଊର୍ଦ୍ଧ୍ୱ ଭାଜପା କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ୫ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଦଳୀୟ ରାଜ୍ୟ କାର୍ଯ୍ୟାଳୟରୁ ବିଧାନସଭା ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଥମେ ରାମମନ୍ଦିର ନିକଟରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମେତ ସମସ୍ତ ବିଧାୟକ ଓ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗ ଦେଇଥିଲେ। ରାଜ୍ୟ ସଭାପତି ଏବଂ ବିରୋଧୀ ଦଳ ନେତା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଏହାପରେ ସେଠାରୁ ବିଧାନସଭା ଘେରାଉ ଲାଗି ଶୋଭାଯାତ୍ରା ବାହାରି ଥିଲା। ସେମାନେ ଗାନ୍ଧୀମାର୍ଗରେ ଥିବା ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଆଡ଼କୁ ଯିବା ପାଇଁ ଚେଷ୍ଟା କରିବାରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏତେ ସଂଖ୍ୟାରେ ଭାଜପା କର୍ମୀଙ୍କୁ ଅଟକାଯିବାରୁ ସ୍ଥିତି ଅଣାୟତ୍ତ ହୋଇ ଯାଇଥିଲା। ଭାଜପା କର୍ମୀଙ୍କ ପକ୍ଷରୁ ପୋଲିସ ଉପରକୁ ପାଣି ବୋତଲ, ପାଣି ପାଉଚ୍, ଢେଲା ପଥର, ଅଣ୍ଡା ମାଡ଼ କରାଯାଇଥିଲା। ଫଳରେ ସେଠାରେ କାର୍ଯ୍ୟରତ କଟକ ସହାରଞ୍ଚଳ ପୋଲିସ ଜିଲା ଅନ୍ତର୍ଗତ ଜୋନ-୨ ଏସିପି ଅମିତାଭ ମହାପାତ୍ରଙ୍କ ମୁଣ୍ଡରେ ଢେଲା ବାଜି କ୍ଷତ ସୃଷ୍ଟି ହୋଇଥିଲା। ଏହା ପରେ ଶାନ୍ତ ଥିବା ପୋଲିସ ଗୋଡ଼ାଇ ଗୋଡ଼ାଇ ଭାଜପା କର୍ମୀମାନଙ୍କ ଉପରେ ଲାଠିଚାଳନା କରିଥିଲା। ଏହି ସମୟରେ କେତେଜଣ ଭାଜପା କର୍ମୀ କିରୋସିନ ଢାଳି ପୋଲିସ ଭ୍ୟାନ୍‌କୁ ନିଆଁ ଲଗାଇବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏପରି କି କେତେଜଣ ଭାଜପା କର୍ମୀ ପୋଲିସ ଭ୍ୟାନ୍‌ରେ ଚଢ଼ିଯାଇ ଦଳୀୟ ପତାକା ଧରି ପୋଲିସ ଓ ବିଜେଡି ସରକାର ବିରୋଧରେ ନାରାବାଜି ଦେଇଥିଲେ। ଅପରାହ୍ଣ ପ୍ରାୟ ୨ଟା ୩୦ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିଥିଲା। ପର୍ଯ୍ୟାୟକ୍ରମେ ଭାଜପା କର୍ମୀମାନଙ୍କୁ ପୋଲିସ ଭ୍ୟାନ୍‌ରେ ଉଠାଇନେବାକୁ ଚେଷ୍ଟା କରିଥିଲା। ହେଲେ ଭ୍ୟାନ୍‌ରୁ ପୋଲିସକୁ ଠେଲି ଭାଜପା କର୍ମୀ ବିକ୍ଷୋଭ କରିଥିବା ଦେଖିବାକୁ ମିଳିଥିଲା। ଶେଷରେ ଇରାଶିଷଙ୍କ ସମେତ ଶତାଧିକ କର୍ମୀଙ୍କୁ ପୋଲିସ ଲୋୟର ପିଏମ୍‌ଜିରୁ ଉଠାଇ ନେଇଥିଲା। ଘଟଣାରେ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚାର ଉପ-ସଭାପତି ଗୀତାଞ୍ଜଳୀ ରାଉତଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଆହତ ହୋଇଛନ୍ତି। ଅପରପକ୍ଷରେ ଢେଲା ପଥର ମାଡ଼ରେ ଏସିପିଙ୍କ ସମେତ ୨୧ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରେ ମହିଳା ପୋଲିସ ବଦଳରେ ପୁରୁଷ ପୋଲିସ ମହିଳା କର୍ମୀମାନଙ୍କୁ ଉଠାଇନେବା ସହ ଆକ୍ରମଣ କରିଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଇରାଶିଷ କହିଛନ୍ତି, ରାଜ୍ୟରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ପୋଲିସ ହତ୍ୟା କରିଛି। ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ଯୁବମୋର୍ଚ୍ଚା ଏହାର ଜବାବ୍ ମାଗିବାକୁ ଆସିଛି। ଓଡ଼ିଶାର ଯୁବକ, ମହିଳା କେହି ସୁରକ୍ଷିତ ନାହାନ୍ତି। ଯେ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକ ଗାଦି ଛାଡ଼ିନାହାନ୍ତି, ବିଜେଡି ସରକାର ରାଜ୍ୟରୁ ଯାଇନାହିଁ। ସେ ପର୍ଯ୍ୟନ୍ତ ଭାଜପା ଯୁବମୋର୍ଚ୍ଚା ଗାଁ ଗହଳିରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଲଢ଼େଇ କରିବ ବୋଲି ସେ କହିଛନ୍ତି।

ଘଟଣା ପରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ପୋଲିସ କର୍ମଚାରୀଙ୍କୁ ପୋଲିସ ଡିଜି ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଆକ୍ରମଣକୁ ଅତି ନିନ୍ଦନୀୟ କହିବା ସହ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର କହିଛନ୍ତି। ଡିସିପି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି, ବିକ୍ଷୋଭକାରୀମାନେ ଢେଲାମାଡ଼ କରି ୪ରୁ ୫ରୁ ପୋଲିସ ଭ୍ୟାନ୍‌କୁ ଭାଙ୍ଗି ଦେଇଛନ୍ତି। ଗାଡ଼ିକୁ ଜଳାଇବା ସହ ପୋଲିସ ଫୋର୍ସ ଉପରେ ଆକ୍ରମଣ କରାଯିବାକୁ ଭାଜପା ପକ୍ଷରୁ ଯୋଜନା କରାଯାଇଥିଲା ବୋଲି ସେ କହିଛନ୍ତି। ବିକ୍ଷୋଭକାରୀ ଭାଜପାକର୍ମୀଙ୍କ ବିରୋଧରେ ଏକ ମାମଲା (ନଂ.୧୩୫/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଇତିମଧ୍ୟରେ ୨୨ରୁ ଅଧିକ ଭାଜପା କର୍ମୀଙ୍କୁ ଅଟକ ରଖାଯାଇଛି ବୋଲି କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ବିକ୍ଷୋଭକାରୀ ଭାଜପାକର୍ମୀଙ୍କ ବିରୋଧରେ ଏକ ମାମଲା (ନଂ.୧୩୫/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଇତିମଧ୍ୟରେ ୨୨ରୁ ଅଧିକ ଭାଜପା କର୍ମୀଙ୍କୁ ଅଟକ ରଖାଯାଇଛି ବୋଲି କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ସେପଟେ ପୋଲିସ ମାଡ଼ରେ ଆହତ ହୋଇ ଚିକିତ୍ସିତ ହେଉଥିବା କର୍ମୀମାନଙ୍କୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ସମେତ ଅନ୍ୟ ନେତାମାନେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଆଇନଶୃଙ୍ଖଳା ବନାମ...

ମଙ୍ଗଳବାର ପ୍ରଶ୍ନକାଳ ଶେଷ ହେବା ମାତ୍ରେ ଆରମ୍ଭ ହୋଇଯାଇଥିଲା ହଟ୍ଟଗୋଳ। ବାଚସ୍ପତି ଶୂନ୍ୟକାଳ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରାଜ୍ୟରେ ଆଇନଶୃଙ୍ଖଳା ଓ ନବ ଦାସ ହତ୍ୟାକାଣ୍ଡ ତଦନ୍ତ ପ୍ରସଙ୍ଗ ଉଠାଇଥିଲେ। ଏହି ସମୟରେ ଶାସକ ଦଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରସଙ୍ଗରେ ବ୍ୟାନର ଧରି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। କେନ୍ଦ୍ର ସରକାର ହାଏ ହାଏ, ଓଡ଼ିଶା ପ୍ରତି ଅବହେଳା ବନ୍ଦ କର ବନ୍ଦ କର ସ୍ଲୋଗାନ ଦେଇ ବିଧାନସଭାରେ ପ୍ରବଳ ହୋହଲ୍ଲା କରିଥିଲେ। ଶାସକ ଦଳର ଏପରି ଉଗ୍ରରୂପ ଦେଖି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଣ୍ଡିତୁଣ୍ଡ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଫଳରେ ଗୃହରେ କିଛି ସମୟ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ଶାସକ ଓ ବିରୋଧୀ ସଭ୍ୟଙ୍କୁ ଶାନ୍ତ ହେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଧାନସଭାକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ସହ ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ଣରେ ଗୃହ ସ୍ୱାଭାବିକ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ତୃତୀୟ ଚନ୍ଦ୍ର ପ୍ରଭାବରୁ ଦିନଟି ଭଲରେ ଅତିବାହିତ ହେବ। ନିକଟସ୍ଥ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମାଧ୍ୟମରେ ସୁଖଭ୍ରମଣ ଯୋଗ ରହିଛି। ମନ ବୁଝିଲା ଭଳି କଥା କହି ସହକର୍ମୀଙ୍କୁ ଆପଣେଇ ନେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଲାଭ ପାଇବେ।

**ବୃଷ** ଧନଭାବରେ ଚନ୍ଦ୍ର ଥିବାରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସଙ୍ଗକୁ ଅର୍ଥଲାଭ ମଧ୍ୟ ହେବ। ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ଆଲୋଚନା ପରିସରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପଡ଼ୋଶୀଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ କିନ୍ତୁ ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**କର୍କଟ** ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦ୍ ବ୍ୟବହାର କରିପାରିବେ। ମନକଥା ମନରେ ରଖିପାରିବେ ନାହିଁ,ଫଳରେ ସମସ୍ୟାକୁ ଡାକି ଆଣିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ସଭାସମିତିରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅବହେଳା କାରଣରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ।

**କନ୍ୟା** ଦୈହିକ ଦୁର୍ବଳତା ଯୋଗୁ ମନରେ ଉତ୍ସାହ ଆସିବନାହିଁ। ଅସୁବିଧା କ୍ଷେତ୍ରରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି। ଅସ୍ଥିରତା ଦେଖାଦେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟା କରିପାରନ୍ତି।

**ତୁଳା** କାର୍ଯ୍ୟହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ରାସ୍ତାରେ ଯାତ୍ରା କାଳରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ। ଆଜି ଦିନ ଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ** ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଏକ ବିଶେଷ ଆବଶ୍ୟକତା କାରଣରୁ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରିବେ। ଦୂରଯାତ୍ରାରେ ତକଲିଫି ଭୋଗକରିବାକୁ ପଡ଼ିବ କିନ୍ତୁ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ମକର** ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବା ସଙ୍ଗକୁ ସ୍ଥଗିତ କାମଟିକୁ ସହଜରେ ସମ୍ପନ୍ନ କରିପାରିବେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କ ପାଖରେ ରହିଯାଇଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ।

**ମୀନ** ପାରିବାରିକ କ୍ଷେତ୍ରରେ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ନୂତନଭାବେ ଆରମ୍ଭ କରିଥିବା କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

ଆଜି ଫାଲ୍‌ଗୁନ ଶୁକ୍ଳପକ୍ଷର ଫଗୁଦଶମୀ ବୁଧବାର, ମାର୍ଚ୍ଚ ୧ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୦୯.୧୮ମି. ଗତେ, ଆରଦ୍ରା/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ପ୍ରତିଷ୍ଠା ତଥା ଦେବତା ପ୍ରତିଷ୍ଠାଦି ପାଇଁ ଶୁଭଦିନ। ଦିବା ଘ. ୦୬.୧୦ମି. ଗତେ ଘ.୦୭.୪୩ମି. ମଧ୍ୟେ, ଘ.୧୦.୩୧ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୯ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।




# ଏପ୍ରିଲରୁ ଜୁନ୍ ୧୫ଯାଏ ଖରାରେ କାମ ମନା

## ଶ୍ରମ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ଚଳିତ ବର୍ଷ ଏପ୍ରିଲରେ ରୌଦ୍ରତାପ ବୃଦ୍ଧି ପାଇବାକୁ ଥିବାରୁ ଗ୍ରୀଷ୍ମଋତୁରେ ଅଂଶୁଘାତ ହେବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ଶ୍ରମ ବିଭାଗ ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏପ୍ରିଲରୁ ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଶ୍ରମିକଙ୍କୁ ଖରାରେ କାମ କରିବାକୁ ମନା ହୋଇଛି। ଏ ନେଇ ଶ୍ରମ ଓ କର୍ମଚାରୀ ବିଭାଗ ପକ୍ଷରୁ ସମସ୍ତ ରାଜସ୍ୱ କମିଶନର, ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ସରକାରଙ୍କ ସବୁ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କ ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟ ଓ ଶିଳ୍ପସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରଙ୍କୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇ କୁହାଯାଇଛି ଯେ, ଏପ୍ରିଲରୁ ଜୁନ୍ ୧୫ ଯାଏ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପଦକ୍ଷେପ ନେବେ। ଆବଶ୍ୟକ ସ୍ଥଳେ କାର୍ଯ୍ୟ ନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବେ। ଅତ୍ୟାବଶ୍ୟକ ସେବା ସହ ଜଡ଼ିତ କାର୍ଯ୍ୟସ୍ଥଳରେ ସତର୍କ ପଦକ୍ଷେପ ନେବେ। ସେହିପରି ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଉପମଣ୍ଡଳ ଚିକିତ୍ସାଧିକାରୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କମ୍ୟୁନିଟି ହେଲ୍‌ଥ ସେଣ୍ଟରର ଚିକିତ୍ସାଧିକାରୀ ତଥା କର୍ମଚାରୀ, ରାଜ୍ୟ ବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟରେ ରୌଦ୍ରତାପଜନିତ ପରିସ୍ଥିତିରେ ସମ୍ଭାବ୍ୟ ମୁକାବିଲା ସହ ରୋଗୀଙ୍କ ତତ୍ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ସତର୍କ ରହିବାକୁ ଶ୍ରମ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ବଦଳିଲା ଶେଷ ପରୀକ୍ଷା ତାରିଖ

## ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା

କଟକ ଅଫିସ,୨୮।୨

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୧ର ମୁଖ୍ୟ ଲିଖିତ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଏ ନେଇ ମଙ୍ଗଳବାର ଓପିଏସ୍‌ସି ପକ୍ଷରୁ ସଂଶୋଧିତ ପରୀକ୍ଷା ସୂଚୀର ବିଜ୍ଞପ୍ତି ପ୍ରକାଶ ପାଇଛି। ମାର୍ଚ୍ଚ ୧୩ରେ ହେବାକୁ ଥିବା ଫିଲୋସୋଫି ଏବଂ ସାଇକୋଲୋଜି ବିଷୟର ପେପର-୨ ପରୀକ୍ଷା ୧୮ ତାରିଖରେ ଅନୁଷ୍ଠିତ ହେବ। କେବଳ ଏହି ପରୀକ୍ଷା ତାରିଖକୁ ବାଦ୍ ଦେଲେ ଅନ୍ୟ କୌଣସି ତାରିଖରେ ପରିବର୍ତ୍ତନ କରାଯାଇନାହିଁ।

ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁୟାରୀ ୪ରେ ଓସିଏସ୍-୨୦୨୧ର ମୁଖ୍ୟ ଲିଖିତ ପରୀକ୍ଷା ସୂଚୀ ପ୍ରକାଶ ପାଇଥିଲା। ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଜାନୁୟାରୀ ୧୬ରେ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ଫେବୃୟାରୀ ୧୯ରୁ ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପୁଣି ଫେବୃୟାରୀ ୧୦ରେ ଓପିଏସ୍‌ସି ପକ୍ଷରୁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ଉଲ୍ଲେଖ ଥିଲା। ଏଥିରେ କେବଳ ୩ଟି ପରୀକ୍ଷା ତାରିଖ ପରିବର୍ତ୍ତନ କରାଯାଇଥିଲା। ହେଲେ ଏବେ ପୁଣି ଶେଷ ଦିନ ପରୀକ୍ଷା ତାରିଖ ପରିବର୍ତ୍ତନ କରାଯାଇଛି।

ଗତବର୍ଷ ଅକ୍ଟୋବର ୧୬ରେ ଓସିଏସ୍-୨୦୨୧ ପ୍ରିଲିମିନାରି ପରୀକ୍ଷା ହେଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ପରୀକ୍ଷା ଦେଉଛନ୍ତି। ପ୍ରତିଦିନ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂରେ ପରୀକ୍ଷା ହେଉଛି। ୩ ଘଣ୍ଟା ଧରି ପରୀକ୍ଷା ହେଉଥିବାବେଳେ କେବଳ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ଏକ ଘଣ୍ଟା ସମୟ ଦିଆଯାଉଛି।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା

ଖଇରା, ୨୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅଧୀନ ତିଳଦା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସ୍ୱାମୀଙ୍କ ଆତ୍ମହତ୍ୟା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସାମାନ୍ୟ ଝଗଡାକୁ ନେଇ ଚାଲିଯାଇଛି ଦୁଇଟି ଜୀବନ।

ସୋମବାର ଅପରାହ୍ନରେ ବାବୁ ଦାସ(୪୨) ଓ ତାଙ୍କ ସ୍ତ୍ରୀ ମୀନତିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା । ଏହା କ୍ରମଶଃ ବଢିବା ପରେ ଦୁହିଁଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ବାବୁ କ୍ରୋଧାନ୍ୱିତ ହୋଇ ମୀନତିଙ୍କୁ ଠେଲି ଦେବା ପରେ ସେ ସଂଜ୍ଞାହୀନ ହୋଇ ତଳେ ପଡିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବରୁ ନିଶାସକ୍ତ ଅବସ୍ଥାରେ ଥିବା ବାବୁ ବିଷ ପିଇ ଦେଇଥିଲେ । ଗ୍ରାମବାସୀ ଓ ସ୍ଥାନୀୟ ୱାର୍ଡସଭ୍ୟଙ୍କ ଫୋନ ପାଇ ଖଇରା ପୋଲିସ ପହଞ୍ଚି ବାବୁଙ୍କୁ ଆମ୍ବୁଲାନ୍ସରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ବାବୁଙ୍କ ମୃତ୍ୟୁ ଘଟିଛି। ଖଇରା ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୩) ରୁଜୁ କରାଯାଇଛି । କେଳା ସମ୍ପ୍ରଦାୟର ଏହି ପରିବାର ଅନ୍ୟୁନ ୨୦ବର୍ଷ ତଳେ ଢେଙ୍କାନାଳ ଜିଲାରୁ ଆସି ତିଳଦା ଗ୍ରାମରେ ବସବାସ କରୁଥିଲେ। ଉକ୍ତ ଦମ୍ପତିଙ୍କର ୫ ଝିଅ ମଧ୍ୟରୁ ଗୋଟିଏ ବିବାହ କରିସାରିଥିବା ବେଳେ ମା' ବାପାଙ୍କୁ ହରାଇ ଧୈର୍ଯ୍ୟହରା ହୋଇପଡିଥିବା ୪ ନାବାଳିକାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ୩ ବର୍ଷରେ ୨୪୫ ହାତୀ ମୃତ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଗତ ୩ ବର୍ଷ(୨୦୧୯-୨୦ରୁ ୨୦୨୧-୨୨) ମଧ୍ୟରେ ରାଜ୍ୟରେ ୨୪୫ ହାତୀଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ୬ଟି ହାତୀ ଶିକାରୀ ଗୁଳିରେ ପ୍ରାଣ ହରାଇଛନ୍ତି। ଏହି ସମୟ ଭିତରେ ୪୭ଜଣ ଗିରଫ ହୋଇଛନ୍ତି। ଶାସକ ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଶିକାରୀଙ୍କଠାରୁ ୩୯ଟି ହାତୀଦାନ୍ତ, ଗୋଟିଏ ବାଘ ଛାଲ ଓ ୯ ବାଘନଖ ଜବତ ହୋଇଛି। କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନରୁ ସର୍ବାଧିକ ୧୬ ହାତୀଦାନ୍ତ ଜବତ ହୋଇଥିବାବେଳେ ମୟୂରଭଞ୍ଜରୁ ୧୨ଟି, ବାଲେଶ୍ୱରରୁ ୪ଟି, ଅନୁଗୋଳ, ଦେବଗଡ଼ ଓ ସୁବର୍ଣ୍ଣପୁର ଡିଭିଜନରୁ ୨ଟି ଲେଖାଏ ଏବଂ କଟକର ଆଠଗଡ ଡିଭିଜନରୁ ଗୋଟିଏ ହାତୀଦାନ୍ତ ଜବତ ହୋଇଛି। ଗିରଫ ହୋଇଥିବା ଶିକାରୀଙ୍କ ମଧ୍ୟରୁ ବାଲେଶ୍ୱରରୁ ସର୍ବାଧିକ ୮ଜଣ, ମୟୂରଭଞ୍ଜରୁ ୭ଜଣ, ସୁବର୍ଣ୍ଣପୁରରୁ ୬ଜଣ, କେନ୍ଦୁଝରରୁ ୫ଜଣ, ବୌଦ୍ଧରୁ ୪ଜଣ, କଳାହାଣ୍ଡି ଉତ୍ତର, ଅନୁଗୋଳ ଓ ଦେବଗଡ ବନ୍ୟପ୍ରାଣୀ ଡିଭିଜନରୁ ୩ଜଣ ଲେଖାଏ ଏବଂ କଟକ, ଆଠଗଡ ଓ କଳାହାଣ୍ଡି ଦକ୍ଷିଣ ଡିଭିଜନରୁ ୨ଜଣ ଲେଖାଏ ଗିରଫ ହୋଇଛନ୍ତି। ତେବେ କଳାହାଣ୍ଡି ଉତ୍ତର ଡିଭିଜନରୁ ଗୋଟିଏ ବାଘଛାଲ ସହିତ ୯ ବାଘନଖ ଜବତ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଜନପ୍ରିୟ ବିଜ୍ଞାନ ଲାଗି ଇଂ.ମାୟାଧର ସ୍ୱାଇଁଙ୍କୁ ଜାତୀୟ ପୁରସ୍କାର




ଭୁବନେଶ୍ୱର(ବ୍ୟୁରୋ),୨୮।୨

ଜନପ୍ରିୟ ବିଜ୍ଞାନ ରଚନା ଲାଗି ଇଂ. ମାୟାଧର ସ୍ୱାଇଁଙ୍କୁ ୨୦୨୨ ମସିହା ପାଇଁ ଜାତୀୟ ପୁରସ୍କାର ମିଳିଛି। ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ମାୟାଧରଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ପୁସ୍ତକ ରଚନା ଏବଂ ପତ୍ରିକାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଲେଖାରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ମାୟାଧର ୭୦ ଜନପ୍ରିୟ ବିଜ୍ଞାନ ପୁସ୍ତକ ଓ ପତ୍ରିକାରେ ୫୦୦ରୁ ଅଧିକ ବିଜ୍ଞାନ ନିବନ୍ଧ ପ୍ରକାଶ କରିଛନ୍ତି। ଜନପ୍ରିୟ ବିଜ୍ଞାନ ରଚନା ଲାଗି ତାଙ୍କୁ ପୂର୍ବରୁ ଓଡ଼ିଶା ବିଜ୍ଞାନ ଏକାଡେମୀ, ବିଜ୍ଞାନ ପ୍ରଚାର ସମିତି, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ପରିବେଶ ସମିତି, ରାଜଧାନୀ ପୁସ୍ତକ ମେଳା, ଭୁବନେଶ୍ୱର ପୁସ୍ତକ ମେଳା ସହ ଅନେକ ସଂସ୍ଥା ଦ୍ୱାରା ପୁରସ୍କୃତ କରାଯାଇଛି। ବର୍ତ୍ତମାନ ସେ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରକାଶିତ ମାସିକ ଇଂରାଜୀ ପତ୍ରିକା 'ସାଇନ୍ସ ହୋରିଜନ୍'ର ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି।



# କ୍ଷୁଦ୍ରଶିଳ୍ପର ଭୂମିକା ଅତୁଳନୀୟ

**କୃଷି ଓ ଶିଳ୍ପ ମାଧ୍ୟମରେ ଦେଶର ପ୍ରଗତି ବିକଶିତ ହୋଇଥାଏ। ଏପରିକି କୃଷି ଓ ଶିଳ୍ପ ମଧ୍ୟ ଦେଶ ପାଇଁ ମାନବ ସମ୍ବଳ ନିୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯେଉଁ ଦେଶ ଉତ୍ପାଦନରେ ଯେତେ ସ୍ୱାବଲମ୍ବୀ ହୋଇଥାଏ। ସେ ଦେଶରେ ସେହିପରି ଅର୍ଥନୈତିକ ବିକାଶ ଘଟିଥାଏ। ବିଶେଷକରି ଗ୍ରାମୀଣ ନିୟୋଜନ ପାଇଁ କ୍ଷୁଦ୍ର ଶିଳ୍ପ ଯଥେଷ୍ଟ ଭୂମିକା ଗ୍ରହଣ କରିଥାଏ। ସେହିଭଳି ସରକାର ବର୍ତ୍ତମାନ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ସ୍ଥାପନ ଦିଗରେ ଆଗଭର ଅଛନ୍ତି। ଏତଦ୍‌ଭିନ୍ନ ପରିବେଶ ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣରେ ରଖି ଶିଳ୍ପ ସ୍ଥାପନ ହେଲେ ସମସ୍ତଙ୍କର ମଙ୍ଗଳ ହେବ। ଏପରିକି ବହୁ ଘାତ ପ୍ରତିଘାତ ମଧ୍ୟରେ ଅନେକ ସଫଳତା ହାସଲ କରିଥିବା ଯୁବ ଶିଳ୍ପୋଦ୍ୟୋଗୀ ତଥା ନେକ୍ସସ୍ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କସହ ଧରିତ୍ରୀର ଖୋଲା କଥା...**

ଧରିତ୍ରୀ | OrissaPOST
BUSINESS EMINENCE AWARDS


ପୀୟୂଷ ମହାନ୍ତି

**ପ୍ର–୧: ଅତିବାହିତ ବାଲ୍ୟଜୀବନ କିଭଳି କଟିଛି?**

ଉ– କଟକ ସହରର ତୁଳସୀପୁରଠାରେ ମୋର ଜନ୍ମ, ପରବର୍ତ୍ତୀ ସମୟରେ ତୁଳସୀପୁର ହାଇସ୍କୁଲରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଶେଷ କରି ସ୍ଥାନୀୟ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୁକ୍ତ ୨କଳାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲି। ବାପା ରବୀନ୍ଦ୍ର କୁମାର ମହାନ୍ତି ଏକ ମିଶନାରୀ ସଂସ୍ଥାରେ ଅନୁବାଦକ ଓ ପ୍ରକାଶକ ଦାୟିତ୍ୱ ତୁଲାଉଥିଲେ। ଗୋଟିଏ ସୁନ୍ଦର ପରିବାର ମଧ୍ୟରେ ବାଲ୍ୟ ଜୀବନ ବହୁତ ଭଲରେ କଟିଛି।

**ପ୍ର–୨: ଶିକ୍ଷା ପରର ଜୀବନଯାତ୍ରା କିପରି ଥିଲା?**

ଉ– ମୋର ବଡ଼ ଭାଇ ମୁମ୍ବାଇରେ ଚାକିରି କରୁଥାନ୍ତି, ମୁଁ ଯୁକ୍ତ ୨ପରୀକ୍ଷା ପରେ ତାଙ୍କ ନିକଟକୁ ବୁଲିବାକୁ ଯାଇଥିଲି। ବିଶେଷ କରି ମୁମ୍ବାଇ ସହର ମୋତେ ବହୁତ ଭଲ ଲାଗିଲା। ତେଣୁ ସେଠାରେ ମୁଁ କିଛି କାମ କରିବାକୁ ଆଶା କରିଥିଲି। ଏପରିକି ଯଥାଶୀଘ୍ର ଏକ କୋରିୟର କମ୍ପାନୀରେ ମୋତେ ନିଯୁକ୍ତି ମିଳିଗଲା। ମାତ୍ର କିଛିଦିନ ପରେ କମ୍ପାନୀ ମାଲିକ ମୋତେ ପରିଚାଳକ ପାଇଁ ମନୋନୀତ କରିଥିଲେ ମଧ୍ୟ ମୋର ପ୍ରମୋଶନ ହୋଇପାରିଲା ନାହିଁ। କାରଣ ଉଚ୍ଚଶିକ୍ଷା ବାଧକ ସାଜିଲା, ମୋର ସ୍ନାତକ ଯୋଗ୍ୟତା ନଥିଲା। ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା ବଢାଇବା ପାଇଁ ମୁଁ ଉଦ୍ୟମ କଲି। ଏପରିକି ସମୟାନୁକ୍ରମେ ଓଡିଶା ଆସି ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକ ପାଇଁ ଆଡମିଶନ କରି ସଫଳତା ମଧ୍ୟ ପାଇଲି।

**ପ୍ର–୩: ଉଦ୍ୟୋଗୀ ହେବା ପାଇଁ କିଭଳି ମନ ବଳାଇଲେ?**

ଉ– ଓଡ଼ିଶା ଫେରି ଆସିବା ପରେ ମୁଁ କର୍ମ ନିୟୋଜନ ପାଇଁ ଏଣେତେଣେ ଘୂରି ବୁଲିଲି, ସୁଯୋଗକ୍ରମେ ଭୁବନେଶ୍ୱରର ଏକ କମ୍ପାନୀରେ ମାର୍କେଟିଂ କାର୍ଯ୍ୟରେ ଯୋଗ ଦେଲି। ଏପରିକି ମୋର କାର୍ଯ୍ୟଦକ୍ଷତା ଯୋଗୁ କମ୍ପାନୀର ସବୁ ଦିଗ ଯଥା ପର୍ଚେଜିଂ, ମାର୍କେଟିଂ, ପରିଚାଳନା ଓ ଉତ୍ପାଦନ ବୁଝିବାକୁ ପଡ଼ିଲା। ଫଳରେ ମୁଁ ଶିଳ୍ପୋଦ୍ୟୋଗୀ ହେବାର ସବୁ ଦିଗକୁ ଅନୁଧ୍ୟାନ କରିବାରେ ବେଶ୍ ସଫଳ ହୋଇଯାଇଥିଲି। ପରବର୍ତ୍ତୀ ସମୟରେ ମୋ ପାଖରେ ସଞ୍ଚିତ ଅର୍ଥକୁ ନେଇ କିଛି ଗୋଟାଏ କରିବାକୁ ଚିନ୍ତା ଆସିଲା। ଫଳରେ ମୁଁ ବ୍ୟବସାୟ କ୍ଷେତ୍ରରେ ପାଦ ଦେଲି।

**ପ୍ର–୪: ଇଟା ତିଆରି ମେଶିନ ଉଦ୍ୟୋଗ କାହିଁକି?**

ଉ– କଟକ ସହରର ଆଖପାଖରେ ମାଟି ତିଆରି ଇଟା ଧୂଆଁ ସହରକୁ ପ୍ରଦୂଷିତ କରୁଥିଲା। ଏହା ମୋତେ ବେଶ ବ୍ୟଥିତ କରିଥିଲା। ଫଳରେ ଇଟା ତିଆରି ମେଶିନ ଉଦ୍ୟୋଗ ବସାଇବାର ଅଦମ୍ୟ ଇଚ୍ଛା କିଛି ପୁଞ୍ଜି ଓ ଅଭିଜ୍ଞତାକୁ ନେଇ ମୁଁ କାମ ଆରମ୍ଭ କଲି। କଟକ ଜଗତପୁର ଶିଳ୍ପାଞ୍ଚଳଠାରେ ଏକ ପୁରୁଣା ୱାର୍କସପ୍‌କୁ ପ୍ରଥମେ ମୋର କର୍ମସ୍ଥଳୀ ଭାବେ ବାଛି ନେଲି। ଏଥିରେ ମୋର ଅଭିଜ୍ଞତା ଯଥେଷ୍ଟ ସାହାଯ୍ୟ କରିଥିଲା।

**ପ୍ର–୫: ନେକ୍ସସ୍‌ର ଆଗାମୀ ଯୋଜନା କ'ଣ ରହିଛି?**

ଉ– ନେକ୍ସସର ବ୍ୟବସାୟ ଓ ଚାହିଦା ଆମ ରାଜ୍ୟରେ ବେଶ୍ ଭଲ ରହିଛି। ଏହାଛଡ଼ା ଆମେ ଏବେ ଅନ୍ୟ ରାଜ୍ୟକୁ ମେଶିନ ଦେବାକୁ ସକ୍ଷମ ହେଲୁଣି। ଏମିତିକି ଆମ ମେଶିନ ଦେଶ ବାହାରକୁ ମଧ୍ୟ ରପ୍ତାନି ହୋଇ ଆଶାତୀତ ସଫଳତା ପାଇପାରିଛି। ଆଗାମୀ ଦିନରେ ଆଉ ଏକ ନୂତନ ପଦକ୍ଷେପ ପେଭର ବ୍ଲକ ତିଆରି ମେଶିନ ଆମ ଯୁବ ବର୍ଗଙ୍କୁ ଆୟର ବାଟ କଢାଇ ନେବ। ଫଳରେ ରାଜ୍ୟରେ ନିଯୁକ୍ତି ସୁଯୋଗ ସହ ଆର୍ଥିକ ମାନଦଣ୍ଡ ସୁଦୃଢ ହେବାରେ ସହାୟକ ହେବ। ଅନ୍ୟ ରାଜ୍ୟକୁ ରୋଜଗାର ପନ୍ଥା ପାଇଁ ଯାଉଥିବା ଲୋକମାନେ ଆମ ରାଜ୍ୟରେ ଯଥେଷ୍ଟ ନିଯୁକ୍ତି ପାଇବେ।

**ପ୍ର–୬: ଜୀବନର ଲକ୍ଷ୍ୟ କ'ଣ?**

ଉ– ଓଡ଼ିଶାକୁ ଏକ ସବୁଜ ସୁନ୍ଦର ପ୍ରଦୂଷଣମୁକ୍ତ ରାଜ୍ୟରେ ପରିଣତ କରିବା ସହ ବେକାରିହଟାଇ ଯୁବବର୍ଗଙ୍କୁ ଆୟର ପନ୍ଥା ଦେଖାଇବାରେ ଅବିରତ କାର୍ଯ୍ୟ କରିବି। ଏପରିକି ରାଜ୍ୟରେ ଯୁବ ଉଦ୍ୟୋଗୀମାନଙ୍କୁ ନୂଆ ନୂଆ ଉଦ୍ୟୋଗ ବସାଇବାରେ ଆବଶ୍ୟକ ସହଯୋଗ ଓ ପ୍ରେରଣା ଦେଇ ଏକ ଅର୍ଥନୈତିକ ବିକାଶଶୀଳ ରାଜ୍ୟ ଗଠନ କରିବା ମୋର ଲକ୍ଷ୍ୟ ରହିଛି।

# ସରିଲା ରିମାଣ୍ଡ, ବିଚାର ବିଭାଗୀୟ ହାଜତରେ ବାବୁରାମ

**ଆଇଟିଆର୍‌ରୁ ତଥ୍ୟ ଲିକ୍ ଘଟଣା**

**ବାଲେଶ୍ୱର ଅଫିସ, ୨୮।୨**

ବାଲେଶ୍ୱର ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍) ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିବା ବରିଷ୍ଠ ଅଧିକାରୀ ବାବୁରାମ ଦେଙ୍କ ୪ଦିନିଆ ରିମାଣ୍ଡ ଅବଧି ମଙ୍ଗଳବାର ଶେଷ ହୋଇଛି। ପୋଲିସ ବାବୁରାମଙ୍କୁ ବାଲେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟଟ୍ରାକ୍ କୋର୍ଟ (ଜେଏମ୍ଏଫ୍‌ସି) ସିଟି କୋର୍ଟରେ ହାଜର କରାଇଥିଲା। ସେଠାରେ ଜାମିନ ଖାରଜ ହେବା ପରେ ବାବୁରାମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହନିଟ୍ରାପ୍‌ର ଶିକାର ହୋଇ ପାକିସ୍ତାନକୁ ଗୁପ୍ତ ତଥ୍ୟ ପ୍ରଦାନ ଅଭିଯୋଗରେ ଗତ ୨୪ ତାରିଖରେ ଚାନ୍ଦିପୁର ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର) ବାବୁରାମ ଦେ ଗିରଫ ହୋଇଥିଲେ। ପୋଲିସ ଅଧିକ ତଥ୍ୟ ପାଇଁ ବାବୁରାମଙ୍କୁ ୪ଦିନିଆ ରିମାଣ୍ଡରେ ନେଇଥିଲା। ଏହି ଅବଧି ସମୟରେ ପୋଲିସ ସମେତ ଆନ୍ଧ୍ରପ୍ରଦେଶ ଗୋଇନ୍ଦା ବିଭାଗ ଓ ଭାରତୀୟ ବାୟୁସେନାର ଟିମ୍ ପଚରାଉଚରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଅନୁମାନ କରାଯାଉଛି। ଆବଶ୍ୟକ ପଡ଼ିଲେ ବାବୁରାମଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।


ବାବୁରାମଙ୍କୁ ଜେଏମ୍ଏଫ୍‌ସି କୋର୍ଟକୁ ନିଆଯାଉଛି।

# ବୋର୍ଡ ୱେବ୍‌ସାଇଟ୍‌ରେ ମାଟ୍ରିକ ପରୀକ୍ଷା ଆଡ୍‌ମିଟ୍ କାର୍ଡ

**କଟକ ଅଫିସ, ୨୮।୨**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମାର୍ଚ୍ଚ ୧୦ ତାରିଖରୁ ମାଟ୍ରିକ ସମ୍ମେଟିଭ–୨ ପରୀକ୍ଷା ଆରମ୍ଭ ହେବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷା ମଧ୍ୟ ହେବ। ଏହି ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ଉପଲବ୍ଧ ରହିଛି। ଏନେଇ ମଙ୍ଗଳବାର ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତ ବିଦ୍ୟାଳୟ ପକ୍ଷରୁ ଉକ୍ତ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରାଯାଇ ଛାତ୍ରୀଛାତ୍ରଙ୍କୁ ପ୍ରଦାନ ପାଇଁ ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି କେତେଜଣ ଛାତ୍ରୀଛାତ୍ର ଏଥିପାଇଁ ଫର୍ମପୂରଣ କରିଛନ୍ତି, ବିଦ୍ୟାଳୟ ସହିତ କେଉଁ କେନ୍ଦ୍ର ସଂଲଗ୍ନ ହୋଇଛି, ବିଦ୍ୟାଳୟଟି ଏକ ପରୀକ୍ଷା କେନ୍ଦ୍ର କି ନୋଡାଲ୍ କେନ୍ଦ୍ର କିମ୍ବା ମୂଲ୍ୟାଙ୍କନ କେନ୍ଦ୍ର ଭାବେ ମନୋନୀତ ହୋଇଛି କି ନାହିଁ ସେ ସମ୍ପର୍କିତ ତଥ୍ୟ ୱେବ୍‌ସାଇଟ୍‌ରେ ରହିଛି।

# ପଥରରେ ଛେଚି ସାଙ୍ଗଙ୍କୁ ହତ୍ୟା

**ଜଣେ ଅଟକ, ପୋଲିସର ତନାଘନା**

**କେନ୍ଦୁଝର, ୨୮।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସଦର ରେଞ୍ଜ ଅନ୍ତର୍ଗତ ଫୁଲଝର ନିକଟ ଆମୁଣୀ ଗ୍ରାମ ନିକଟରୁ ପୋଲିସ ମଙ୍ଗଳବାର ଏକ ରକ୍ତାକ୍ତ ମୃତଦେହ ଜବତ କରିଛି। ମୃତକ ହେଲେ ଫୁଲଝର ଗ୍ରାମର ତରଣୀସେନ ମଣ୍ଡଳ (୨୮)। ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ଜଣଙ୍କୁ ଅଟକ ରଖିଛି। ଅଟକ ଜଣଙ୍କ ମୟୂରଭଞ୍ଜ ଜିଲାର ହୋଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଘର ଯାଜପୁର ଜିଲା ବୋଲି ପୋଲିସ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ତରଣୀସେନ ଫୁଲଝର ନିକଟ ଏକ କାରଖାନାରେ କାମ କରୁଥିଲେ। ସୋମବାର ଦୁଇ ସାଙ୍ଗଙ୍କ ସହ କେନ୍ଦୁଝରକୁ ଆସିଥିଲେ। ସମସ୍ତେ ମିଶି ମଦ୍ୟପାନ କରି ବାଇକରେ ଫେରୁଥିବା ବେଳେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ସାଙ୍ଗମାନେ ତରଣୀଙ୍କୁ ପଥରରେ ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସବିଶେଷ ତଦନ୍ତ ପରେ ଏବଂ ଅନ୍ୟ ଜଣେ ଧରାପଡ଼ିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସ କହିଛି। ଏନେଇ ସଦର ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି, ଘଟଣାରେ (ନଂ.୬୪/୨୩)ରେ ଏକ ହତ୍ୟା ମାମଲା ରୁଜୁକରି ଜଣଙ୍କୁ ଅଟକ ରଖାଯାଇଛି। ବିଶେଷଜ୍ଞ ଟିମ୍ ଜରିଆରେ ତନାଘନା ଜାରି ରହିଛି। ମଦ ପିଇ ଝଗଡ଼ାରୁ ଏଭଳି ପରିଣତି ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଧିକ ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଟାପାରିଆ® AN ISO-9001 CO.
"ଟାପାରିଆ" ଟୁଲ୍ସ କିଣନ୍ତୁ।
ଆପଣା ହାତେ କରାମତି ଅନୁଭବ କରନ୍ତୁ
"ପ୍ରତ୍ୟେକ ବ୍ୟକ୍ତି ହସ୍ତ ଉପକରଣ ଆବଶ୍ୟକ କରନ୍ତି"

"ଟାପାରିଆ"କାମ ଦେଇଥାଏ ସାରା ଜୀବନ।
TAPARIA
CIN : L99999MH1965PLC013392 www.tapariatools.com
TJM/TTL/23/ORI

FORM NO. 13
**BEFORE THE DEBTS RECOVERY TRIBUNAL: CUTTACK: ODISHA**
**C-71, SECTOR-7, CDA, CUTTACK, ODISHA**
**O.A. NO. 430/2022**

AXIS BANK LIMITED ...APPLICANT
-Vrs.-
D.K. Consultants & Another ...DEFENDANTS

To,
1. D.K. Consultants, Represented through its Proprietor Himansu Ranjan Behera, Plot No. 346/3259 & 286/3553, Bomikhal, Laxmi Sagar, Bhubaneswar, Odisha-751007.
2. Himansu Ranjan Behera, Plot No. 346/3259 & 286/3553, Bomikhal, Laxmi Sagar, Bhubaneswar, Odisha-751007.
... DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 430/2022** in the Court of the Debts of Recovery Tribunal at Cuttack for recovery of **Rs.24,19,300/- (Rupees Twenty Four Lakhs Nineteen Thousand Three Hundred only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **11.04.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **7th day of February, 2023.**

Sd/- M.K. Patnaik
REGISTRAR

# ପୁଅକୁ ବଞ୍ଚାଇ ବୁଡ଼ିଗଲେ ବାପା

**ଘୋଡ଼ାହାଡ଼ ନଦୀଗଣ୍ଡରେ ଅଘଟଣ**

**ଦିଗପହଣ୍ଡି, ୨୮।୨(ଡି.ଏନ୍.ଏ):** ନଦୀଗଣ୍ଡରେ ପୁଅ ବୁଡ଼ିଯାଉଥିବା ବେଳେ ନିଜ ଜୀବନକୁ ଖାତିର ନ କରି ବାପା ଡେଇଁପଡ଼ିଲେ। ଆଉ ପୁଅର ଜୀବନବଞ୍ଚାଇ ନିଜେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଏପରି ଘଟଣା ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ତଲାସିଙ୍ଗି ଗ୍ରାମରେ ଘଟିଛି। ମୃତକ ହେଉଛନ୍ତି ଅରୁଣ ପଣ୍ଡା।

ପ୍ରକାଶ ଯେ, ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପେଣ୍ଠର ମୂଳବାସିନ୍ଦା ଅରୁଣ ପଣ୍ଡା ରାଉରକେଲାରେ ଚାକିରି କରି ସେଠାରେ ପରିବାର ସହ ରୁହନ୍ତି। ସୋମବାର ଅରୁଣଙ୍କ ପରିବାର ବ୍ରହ୍ମପୁରରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେଇ ମଙ୍ଗଳବାର ଶ୍ୱଶୁର ଘର ଗାଁ ତଲାସିଂକୁ ଆସିଥିଲେ। ମଙ୍ଗଳବାର ପୁଅ ଆଲୋକଙ୍କୁ ନେଇ ଉଭୟ ଅପରାହ୍ନ ପ୍ରାୟ ୨ଟାରେ ନିକଟସ୍ଥ ଘୋଡ଼ାହାଡ଼ ନଦୀଗଣ୍ଡକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ପୁଅ ନଦୀଗଣ୍ଡର ଗଭୀର ଜଳରେ ବୁଡ଼ିଯାଉଥିଲେ। ଏହାଦେଖି ଅରୁଣ ପୁଅକୁ ଉଦ୍ଧାର କରିବା ପାଇଁ ଗଣ୍ଡକୁ ଡେଇଁ ପଡ଼ିଥିଲେ। ତେବେ ପୁଅକୁ ବଞ୍ଚାଇବାକୁ ସକ୍ଷମ ହୋଇଥିବାବେଳେ ସେ ନିଜେ ଗଭୀର ଜଳରେ ବୁଡ଼ିଯାଇଥିଲେ। ପୁଅ ଘରକୁ ଆସି ସମସ୍ତ ଘଟଣା କହିଥିଲେ। ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ଼ ଘଟଣାସ୍ଥଳରେ ପହଞ୍ଚି ଦିଗପହଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଦୀର୍ଘ ୨ ଘଣ୍ଟା ଅକ୍ଲାନ୍ତ ଉଦ୍ୟମ କରି ନଦୀ ଗଣ୍ଡରୁ ଅରୁଣଙ୍କ ମୃତଦେହକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା କହିଛନ୍ତି।

# ବିଜୟୱାଡାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଲକ୍ଷ୍ମୀପୁର, ୨୮।୨(ସ୍ୱ.ପ୍ର.):** କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡା ଗ୍ରାମର କେତେଜଣ ଆଦିବାସୀ ଯୁବକ ନିଜ ଅଞ୍ଚଳରେ କାମ ନ ପାଇ ଭିଟାମାଟି ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ କେବେ ଠକାମିର ଶିକାର ହେଉଛନ୍ତି ତ ଆଉ କେବେ ଠିକାଦାରଙ୍କ ଠାରୁ ପାଉଣା ନ ପାଇ ନିର୍ଯାତିତ ଖାଲି ହାତରେ ଗ୍ରାମକୁ ଫେରୁଛନ୍ତି। ତେବେ ପଞ୍ଚଡା ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଇ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଗ୍ରାମର ଅଭି ଜାନିଙ୍କ ପୁଅ ନରେନ୍ଦ୍ର।

ଖବରରୁ ଜଣାପଡିଛି ବାପା ଅଭି ପକ୍ଷାଘାତ ରୋଗରେ ପୀଡ଼ିତ ହେବାରୁ ନରେନ୍ଦ୍ର ଘର ଚଳାଇବା ଲାଗି ଦୁଇ ମାସ ତଳେ ବିଜୟୱାଡା ଯାଇ ସେଠାରେ ତନୁଜା ଶ୍ରୀକେସ୍ ମାଇନ୍ସ ଆଣ୍ଡ ମିନେରାଲ୍ସ କମ୍ପାନୀରେ କାମ କରୁଥିଲେ। ଗତ ଶନିବାର ଏକ ଦୁର୍ଘଟଣାରେ ନରେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ସେହିଦିନ ଖବର ପାଇ ପରିବାର ପକ୍ଷରୁ କାକିରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ଏନେଇ ଜିଲା ଶ୍ରମ ଅଧିକାରୀ ପ୍ରଶାନ୍ତ ପାଣିଗ୍ରାହୀଙ୍କୁ ଅବଗତ କରାଯାଇଥିଲା। ଶ୍ରମ ଅଧିକାରୀ ପାଣିଗ୍ରାହୀଙ୍କ ଉଦ୍ୟମରେ ମଙ୍ଗଳବାର ନରେନ୍ଦ୍ରଙ୍କ ମୃତଦେହ ପଞ୍ଚଡା ଗ୍ରାମରେ ଆସି ପହଞ୍ଚିଛି।

ବୟନିକା
ଦ୍ୱାରା ଆୟୋଜିତ
Government of Odisha

# ଜିଲ୍ଲା ହସ୍ତତନ୍ତ ମେଳା

ସ୍ଥାନ - ପ୍ୟାରେଡ଼ ପଡ଼ିଆ, ଜୟପୁର, କୋରାପୁଟ
ଶୁଭ ଉଦ୍‌ଘାଟନ
ସତନ୍ତ୍ର ରିହାତି — ୧ ମାର୍ଚ୍ଚ ସନ୍ଧ୍ୟା ୬.୦୦ ଘଟିକା ସମୟରେ
୨୦%+୧୦%
ବୟନିକା ଷ୍ଟଲରେ ଉପଲବ୍ଧ
ତା.୨୮.୦୨.୨୩ ରୁ ତା.୦୬.୦୩.୨୩ ପର୍ଯ୍ୟନ୍ତ
ସମୟ ପୂର୍ବାହ୍ନ ୧୦.୦୦ ରୁ ରାତ୍ର ୯.୦୦ ପର୍ଯ୍ୟନ୍ତ।
ଆକର୍ଷଣୀୟ ସରକାରୀ ରିହାତି
ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ : ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

# ମା' ହତ୍ୟାର ୧୩ ଦିନ ପରେ ପୁଅର ଆତ୍ମହତ୍ୟା

**ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ**

**ଛତ୍ରପୁର, ୨୮।୨(ଡି.ଏନ୍.ଏ) :** ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବିପୁଲିଙ୍ଗି ଗାଁର ସୁପ୍ରଭା ଚୌଧୁରୀଙ୍କୁ ନିର୍ମମ ଭାବେ ତାଙ୍କ ଘରେ ହତ୍ୟା କରାଯାଇଥିଲା। ଏହି ଘଟଣାର ୧୩ଦିନ ପରେ ସାନପୁଅ ଦେବାଶିଷ ବିଷପିଇ ନିଜ ଘରେ ସୋମବାର ରାତିରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପକେଟରୁ କୀଟନାଶକ ପୁଡିଆ ମିଳିଛି। ମଙ୍ଗଳବାର ସକାଳେ ତାଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛତ୍ରପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ରାତିରେ ସୁପ୍ରଭା ଚୌଧୁରୀ ଘରେ ଏକୁଟିଆ ଶୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ସକାଳୁ ତାଙ୍କ ସ୍ୱାମୀ ରାଧେଶ୍ୟାମ ଘରକୁ ଫେରି ସୁପ୍ରଭା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରାଧେଶ୍ୟାମ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ସୁପ୍ରଭାଙ୍କୁ ହତ୍ୟା କରାଯିବା ସହ ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଥିଲା। ଘଟଣାର ୧୩ ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନାହିଁ। ସୁପ୍ରଭାଙ୍କ ୩ ପୁତ୍ର ହାଇଦ୍ରାବାଦରେ ରହୁଥିଲେ। ମା'ଙ୍କ ମୃତ୍ୟୁ ପରେ ସେମାନେ ଘରକୁ ଆସିଥିଲେ। ପୋଲିସ ସୁପ୍ରଭାଙ୍କ ହତ୍ୟାର ତଦନ୍ତ ପାଇଁ ବାରମ୍ବାର ରାଧେଶ୍ୟାମଙ୍କୁ ଥାନାକୁ ଡକାଉଥିଲେ। ବାପାଙ୍କୁ ସବୁ ସମୟରେ ଦେବାଶିଷ ଥାନାକୁ ନେଇ ଯାଉଥିଲେ। ଦେବାଶିଷଙ୍କ ମାନସିକ ଅବସ୍ଥା ଭଲ ନଥିବା ସମ୍ପର୍କୀୟମାନେ କହିଛନ୍ତି। ତେଣୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ବଡ଼ଭାଇ ଶାନ୍ତନୁ ଚୌଧୁରୀ ଥାନାରେ ଏତଲା ଦେଇଛନ୍ତି। ଛତ୍ରପୁର ପୋଲିସ ନଂ ୧/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

**ई–प्रोक्योरमेंट सेल पेयजल एवं स्वच्छता विभाग झारखण्ड, राँची**

अल्पकालीन ई–प्रोक्योरमेंट निविदा
ई–टेन्डर रेफरेन्स नं०– **Giridih-1/SVS/31/2021-22** दिनांकः–..25.02..2023

| क्र0 | विवरणी | Group No | Block | Panchayat | Village | No of Scheme | प्राक्कलित राशि (लाख में) | अग्रधन राशि (लाख में) | परिमाण विपत्र राशि (रू0 में) |
|---|---|---|---|---|---|---|---|---|---|
| 1 | Construction of Village wise Single water Supply Scheme in Different villages under DWSD No-1, Giridih | C-35 | Gandey | Dasdih | Kumhardih | 1 | 8.64413 | 0.18000 | 1250.00 |
| 2 | | C-36 | Gandey | Mednisare | Manakdiha | 1 | 6.16700 | 0.13000 | 1250.00 |
| 3 | | C-37 | Gandey | Pandri | Palkiya | 5 | 63.65588 | 1.28000 | 10000.00 |
| 4 | | C-38 | Gandey | Pandri | Pandnatand | 7 | 96.34937 | 1.93000 | 10000.00 |
| 5 | | C-39 | Gandey | Kundalwadah | Barotand | 2 | 12.33400 | 0.25000 | 2500.00 |
| 6 | | C-40 | Gandey | Ahilyapur | Bhalpahri | 4 | 35.73728 | 0.72000 | 5000.00 |
| 7 | | C-41 | Gandey | Rasanjori | Lachhudih | 4 | 45.25884 | 0.91000 | 5000.00 |
| 8 | | C-42 | Gandey | Gajkunda | Parmadih | 3 | 39.09184 | 0.80000 | 5000.00 |
| 9 | | C-43 | Gandey | Gajkunda | Fuljharia | 5 | 60.01799 | 1.21000 | 10000.00 |
| 10 | | C-44 | Gandey | Fuljharia | Daldala | 3 | 29.57028 | 0.60000 | 5000.00 |
| 11 | | C-45 | Jamua | Fatha | Singhraidih | 4 | 38.21441 | 0.77000 | 5000.00 |
| 12 | | C-46 | Jamua | Dhotho | Karodih | 5 | 63.65588 | 1.28000 | 10000.00 |
| 13 | | C-47 | Jamua | Dhurgadgi | Telmakri | 7 | 84.35068 | 1.69000 | 10000.00 |
| 14 | | C-48 | Jamua | Chakmanjo | Alardih | 1 | 6.16700 | 0.13000 | 1250.00 |
| 15 | | C-49 | Jamua | Baddiha2 | Baddiha | 23 | 269.95334 | 5.40000 | 10000.00 |
| 16 | | C-50 | Jamua | Chorgatta | Dudhwatol | 4 | 27.14513 | 0.55000 | 5000.00 |
| 17 | | C-51 | Jamua | Chorgatta | Gardih | 4 | 27.14513 | 0.55000 | 5000.00 |
| 18 | | C-52 | Jamua | Goro | Gardih | 3 | 23.45526 | 0.47000 | 5000.00 |
| 19 | | C-53 | Jamua | Goro | Bishanpur | 3 | 29.57028 | 0.60000 | 5000.00 |
| 20 | | C-54 | Jamua | Siyatand | Naitand | 1 | 6.16700 | 0.13000 | 1250.00 |
| 21 | | C-55 | Jamua | Siyatand | Barahmoria | 4 | 35.73728 | 0.72000 | 5000.00 |
| 22 | | C-56 | Tisri | Khijuri | Jhakhnodih | 1 | 8.64413 | 0.18000 | 1250.00 |
| 23 | | C-60 | Bengabad | Telonari | Telonari | 23 | 178.84234 | 3.60000 | 10000.00 |
| 24 | | C-61 | Bengabad | Karanpura | Barasoli | 1 | 6.16700 | 0.13000 | 1250.00 |
| 25 | | C-62 | Gandey | Gandey | Dharampur | 5 | 40.74352 | 0.82000 | 5000.00 |
| 26 | | C-63 | Gandey | Rasanjori | Koldiha | 1 | 8.64413 | 0.18000 | 1250.00 |
| 27 | | C-64 | Gandey | Rasanjori | Borotand | 1 | 8.64413 | 0.18000 | 1250.00 |
| 28 | | C-65 | Jamua | Pandeydih | Pandeydih | 15 | 147.85140 | 2.96000 | 10000.00 |
| 29 | | C-66 | Jamua | Pandeydih | Sheodih | 15 | 171.46182 | 3.43000 | 10000.00 |
| 30 | | C-67 | Jamua | Chungalkhar | Dhibitanr | 8 | 76.42882 | 1.53000 | 10000.00 |
| 31 | | C-68 | Jamua | Fatha | Fatha | 8 | 76.42882 | 1.53000 | 10000.00 |
| 32 | | C-69 | Jamua | Dhuraita | Pachdiha | 4 | 29.57028 | 0.60000 | 5000.00 |

| क्र0 | विवरणी | |
|---|---|---|
| 33 | कार्य पूर्ण करने की अवधि | 03 Months |
| 34 | वेबसाईट पर बिड Upload की तिथि/समय | From 05-03-2023 , 4:00P.M |
| 35 | बिड प्राप्ति के लिए अन्तिम तिथि/समय | 16-03-2023 5:00P.M |
| 36 | निविदा की हार्ड कॉपी जमा करने की तिथि/समय/स्थान | 17-03-2023 up to 5:00P.M कार्यपालक अभियंता का कार्यालय, पेयजल एवं स्व0 प्र0 सं0–1, गिरिडीह। अधीक्षण अभियंता का कार्यालय, पेयजल एवं स्व0 अंचल, धनबाद। |
| 37 | निविदा प्राप्त बिड खोलने की तिथि/समय | 20-03-2023 up to 05:00 P.M |
| 38 | निविदा प्रकाशित करने वाले कार्यालय का नाम एवं पता। | पेयजल एवं स्वच्छता प्रमण्डल संख्या–01, गिरिडीह। |
| 39 | निविदा खोलने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल संख्या–01, गिरिडीह/अधीक्षण अभियंता, पेयजल एवं स्वच्छता अंचल, धनबाद। |
| 40 | प्रोक्योरमेंट पदाधिकारी का सम्पर्क संख्या | 7870778158 |
| 41 | ई–प्रोक्योरमेंट सेल का हेल्पलाईन संख्या | 0651-2480345 |

- केवल ई0निविदा ही स्वीकार किये जायेंगे।
- परिमान विपत्र का मुल्य केवल डी0डी0 में ही देय है जिसे लौटाया नही जाएगा।
- प्राक्कलित राशि घट या बढ सकती है, तदनुरूप अग्रधन राशि मान्य होगी।
- अन्य किसी भी प्रकार की सूचना http:// Jharkhandtenders.gov.in पर देखा जा सकता है।

कार्यपालक अभियंता,
पेयजल एवं स्वच्छता प्रमण्डल
संख्या–01, गिरिडीह

PR291402 (Drinking Water and Sanitation)22-23*D

**कार्यपालक अभियंता का कार्यालय, जलपथ प्रमण्डल, संख्या–I, सिमडेगा**

पत्रांक– 75 सिमडेगा/दिनांक– 28.02.2023

शुद्धि पत्र

इस कार्यालय के पत्रांक :– 55 दिनांक 09.02.2023 द्वारा प्रकाशित e-Tender Reference No.- WRD/WWD NO.-1 SIMDEGA/01/2022-23 एवं PR NO. 289924 (Water Resource) 22-23 (D) में अपरिहार्य कारण वश आंशिक संशोधन किया गया है जिसे निम्न प्रकार पढ़ा जाय :–

1. Time of Bid Submission :- From 14.02.2023 to 10.03.2023 (5:00PM.)
2. Last Date and Time of Submission of Bid cost and EMD :- Date- 11.03.2023, Time- up to 5:00 PM.
3. Date of opening (Technical Bid) :- Date - 13.03.2023, Time 4:00 PM.
4. SBD के Page No. 19 (Terms & Conditions) के क्रमांक 11 – Rate quoted by the tenderer shall be treated as per direction of WRD letter No. 2/PMC/miss/195 /2013- 430 dated- 19.11.2020 with annexure PWD/miss-06-33/2007 (part-1)-2146(s), Ranchi, dated-09.09.2020 and Memo No.- 01/PMC/miss/321/2008-656 Ranchi, dated-22.12.2020 shall be applicable.
5. SBD के Page No. 24 Clause 4.5 A(c)–

| SL. NO. | ITEM OF WORK | Minimum Quantity required as per Clause 4.5A(c) of SBD |
|---|---|---|
| 1 | Earthwork | 37190.191 $M^3$ |
| 2 | Sand Filter (Lining) | 16322.13 $M^2$ |
| 3 | PCC/RCC | 1806.619 $M^3$ |
| 4 | Boulder Masonary | 196.535 $M^3$ |
| 5 | Boulder Pitching | 408.72 $M^3$ |
| 6 | Turfing | 26.185 per 100$M^2$ |

1.SBD के **Page No. 37** क्रमांक–5–

| SL. NO | ITEM OF WORK | INVOLVE QUANTITY | Minimum Quantity required as per Clause 4.5A(c) of SBD |
|---|---|---|---|
| 1 | Earthwork | 74380.382 $M^3$ | 37190.191 $M^3$ |
| 2 | Sand Filter (Lining) | 32644.26 $M^2$ | 16322.13 $M^2$ |
| 3 | PCC/RCC | 3613.239 $M^3$ | 1806.619 $M^3$ |
| 4 | Boulder Masonary | 393.07 $M^3$ | 196.535 $M^3$ |
| 5 | Boulder Pitching | 817.44 $M^3$ | 408.72 $M^3$ |
| 6 | Turfing | 52.37 per 100$M^2$ | 26.185 per 100$M^2$ |

आमंत्रित ई–निविदा में इस हद तक संशोधित समझा जाय।
शेष नियम एवं शर्तें यथावत् रहेंगी।

ह0/–
कार्यपालक अभियंता
जलपथ प्रमण्डल सख्या–1 सिमडेगा

PR 291507 Water Resource(22-23).D

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ୩ୟ କ୍ୱାର୍ଟରରେ ବାଲାବାବା ବିଜୟୀ

ରାଜନଗର, ୨୮।୨(ଡି.ଏନ.ଏ.): ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳ ପଡ଼ିଆଠାରେ ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ କ୍ୱାର୍ଟରରେ ପିସିସି କ୍ରିକେଟ କ୍ଲବ କେନ୍ଦ୍ରାପଡ଼ାକୁ ହରାଇ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ୩ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ବାଲାବାବା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରର ମ୍ୟାଚରେ ୧୮.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅରୁଣ ୩୦ ବଲରେ ୨ ଛକା, ୨ ଚୌକା ବିନିମୟରେ ୩୭ ରନ ଏବଂ ଅବିନାଶ ୨୬ ବଲରୁ ୨ ଛକା ଓ ୩ ଚୌକା ସହାୟତାରେ ୩୬ରନ ସଂଗ୍ରହ କରିଥିଲେ। ପିସିସିର ଜ୍ୟୋତିସ୍ମାନ ୩.୫ ଓଭର ବୋଲିଂ କରି ୧୬ ରନ ଦେଇ ୩ ଉଇକେଟ ଓ ବିଶ୍ୱଜିତ ୪ ଓଭର ବୋଲିଂ କରି ୩୩ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ପିସିସି କେନ୍ଦ୍ରାପଡ଼ା ସମସ୍ତ ଉଇକେଟ ହରାଇ ୮୦ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରୁପେନ୍ଦୁ ୨୩ ବଲରୁ ୧ ଛକା ୨ ଚୌକା ସହାୟତାରେ ୧୭ ରନ୍ , ପ୍ରଦୀପ ୨୩ ବଲ୍‌ରେ ୨ ଚୌକା ସହାୟତାରେ ୧୪ ରନ କରିଥିଲେ। ବାଲାବାବାର ସଞ୍ଜୀବ ୩ ଓଭର ବୋଲିଂ କରି ୧୯ ରନ ଦେଇ ୩ ଉଇକେଟ ଓ ଅରୁଣ ୪ ଓଭର ବୋଲିଂ କରି ୯ ରନ୍ ଦେଇ ୨ ଉଇକେଟ ହାସଲ କରିଥିଲେ। ଅରୁଣଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ବିଦ୍ୟାଧର କୁଣ୍ଡ, ପାରେଶ୍ୱର ରାଉତ, ଏମ୍ସର କାର୍ଡିଓଲୋଜି ଡା. ସ୍ୱଦେଶ ମହାନ୍ତି, ସାମାଜିକ କର୍ମୀ କୈଳାସ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତାକାଲି ଏମ୍‌ସିସି କ୍ରିକେଟ କ୍ଲବ ମନଦପୁର ଓ ଗୋଲଡେନ କ୍ରିକେଟ ଟିମ୍ ଗମ୍ଭୁ ମଧ୍ୟରେ ୪ର୍ଥ କ୍ୱାର୍ଟର ଅନୁଷ୍ଠିତ ହେବ। ଏହି କ୍ରିକେଟ ଟୁର୍ନାମେଣ୍ଟକୁ ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର, ସଭାପତି ପ୍ରଦୀପ ନାୟକ, ସମ୍ପାଦକ ଗୁରୁଚରଣ ବରାଳ, ଅମ୍ପେୟାର ତନୁଜ କୁମାର ସାହୁ, ଅଞ୍ଜନ ବେହେରା ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ ପରାମର୍ଶ ମେଳା

କେନ୍ଦ୍ରାପଡ଼ା ଅଫିସ, ୨୮।୨: କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର (ଦକ୍ଷତା ମେଳା) ମଙ୍ଗଳବାର ଅୟୋଜିତ ହୋଇଯାଇଛି। ଏହାକୁ ବିଡିଓ ବନ୍ଦନା ଖଟୁଆ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଜିଲା କର୍ମ ନିୟୋଜନ ଅଧିକାରୀ ଘନଶ୍ୟାମ ସା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଶିବିରରେ ଓଡ଼ିଶା ସରକାରଙ୍କ ସହ ଚୁକ୍ତି କରିଥିବା ୧୧ଟି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ୧୭୫ଜଣ କର୍ମନିଯୁକ୍ତି ଆଶାୟୀ ଯୁବତୀଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୧୫ଜଣଙ୍କୁ ତାଲିମ ପାଇଁ ଚୟନ କରାଯାଇଥିଲା। ଏହାବ୍ୟତୀତ କେନ୍ଦ୍ରାପଡ଼ା ଛତାର ସରକାରୀ ପଲିଟେକନିକ୍, ପଟ୍ଟାମୁଣ୍ଡାଇସ୍ଥିତ ସରକାରୀ ଆଇଟିଆଇରେ ଅଧିକ ସଂଖ୍ୟାରେ ଯୁବତୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରିବା ନିମନ୍ତେ ଏକ ପରାମର୍ଶ ଶିବିର ମଧ ଅନୁଷ୍ଠିତ ହୋଇଥିଲା।

# ଇ-ପଞ୍ଚାୟତ ସଭା ସଫଳତା ଉପରେ ପ୍ରଶ୍ନବାଚୀ

## ଦୁର୍ବଳ ଭିତ୍ତିଭୂମି, କର୍ମଚାରୀ ଅଭାବ ଯୋଜନା ସଫଳରେ ବାଧକ

ରସୁଲପୁର,୨୮।୨(ଡି.ଏନ.ଏ.): ପ୍ରତ୍ୟେକ ପଞ୍ଚାୟତରେ ମାସକୁ ଥରେ ବୈଠକ ବସିବ। ପଞ୍ଚାୟତ ଅନ୍ତର୍ଗତ ସମସ୍ତ ୱାର୍ଡର ସଦସ୍ୟାସଦସ୍ୟଙ୍କୁ ନେଇ ଏହି ବୈଠକ ଆୟୋଜନ କରାଯିବ। ଉକ୍ତ ବୈଠକକୁ ଅନ୍‌ଲାଇନ ମୋଡରେ ଆୟୋଜନ ପାଇଁ ପ୍ରୟାସ ଆରମ୍ଭ ହୋଇଛି, ଯାହାକୁ ଇ-ପଞ୍ଚାୟତ ସଭା କୁହାଯାଉଛି। ମାସିକିଆ ବୈଠକକୁ ଅଫଲାଇନ ଅର୍ଥାତ୍ ନୋଟିସ ଖାତା ବ୍ୟବହାର, ବୈଠକର ଆଲୋଚନା ବିଷୟବସ୍ତୁ, ବୈଠକର ବିବରଣୀକୁ ରେକର୍ଡଭୂକ୍ତ କରିବା ଆଦିକୁ ରେଜିଷ୍ଟର ଜରିଆରେ ପ୍ରେରଣ ଓ ସଂରକ୍ଷିତ ରଖାଯାଉ ଥିଲା। ଅଧିକାଂଶ ପଞ୍ଚାୟତରେ ମାସିକିଆ ବୈଠକ ନିୟମିତ ବସୁ ନ ଥିଲା। ଏଥିରେ ପରିବର୍ତ୍ତନ ସହ ପଞ୍ଚାୟତ ମାସିକିଆ ବୈଠକରେ ସ୍ୱଚ୍ଛତା ଓ ସଫଳତା ପାଇଁ ଇ-ପଞ୍ଚାୟତ ସଭାକୁ ମାଧ୍ୟମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ଦିଗରେ ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସନ୍ଦେଶ ଆପ୍ ଜରିଆରେ ଇ-ପଞ୍ଚାୟତ ସଭା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ଏହି ସଭା ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁର୍ବଳ ଭିତ୍ତିଭୂମି, ପଞ୍ଚାୟତରେ ଆବଶ୍ୟକୀୟ କର୍ମଚାରୀ ଅଭାବ ଏହି ଯୋଜନାକୁ ସଫଳ କରିବାରେ ବାଧକ ସାଜୁଛି ବୋଲି ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଏହି ବ୍ଲକ ଅଧୀନରେ ୨୮ ପଞ୍ଚାୟତ ରହିଛି। ପ୍ରତ୍ୟେକ ପଞ୍ଚାୟତକୁ ଜଣେ ଲେଖାଏ ନିର୍ବାହୀ ଅଧିକାରୀ ଆବଶ୍ୟକତା ରହିଛି। ହେଲେ ଏଠାରେ ୧୮ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଛନ୍ତି। ପଞ୍ଚାୟତ ପିଛା ଜଣେ ଲେଖାଏ ଗ୍ରାମ ରୋଜଗାର ସେବକ ବଦଳରେ ୨୦ଜଣ କାର୍ଯ୍ୟରତ ଅଛନ୍ତି। ଏବେ ସୁଧା ପଞ୍ଚାୟତରେ କୌଣସି ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇନାହାନ୍ତି। ଅଧିକାଂଶ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ କମ୍ପ୍ୟୁଟର କାର୍ଯ୍ୟରେ ସିଦ୍ଧହସ୍ତ ନାହାନ୍ତି। କେତେକ ପଞ୍ଚାୟତରେ କମ୍ପ୍ୟୁଟର ଓ ଇଣ୍ଟରନେଟ ସୁବିଧା ନାହିଁ। ଇ-ପଞ୍ଚାୟତ ପାଇଁ ୟୁଜର ଆଇଡ ଓ ପାସୱାର୍ଡ ସୃଷ୍ଟି କରାଯିବ। ତାହା କେବଳ ଆଣ୍ଡ୍ରଏଡ ମୋବାଇଲ ସେଟ୍‌ରେ ହିଁ ସମ୍ଭବପର ହୋଇପାରିବ। ସେ ଦିଗକୁ ଦେଖିଲେ କେତେଜଣ ସରପଞ୍ଚଙ୍କ ପାଖରେ ସେହି ଧରଣର ମୋବାଇଲ ଫୋନ ନାହିଁ। ସନ୍ଦେଶ ଆପ ଜରିଆରେ ପଞ୍ଚାୟତ ଅଧୀନସ୍ଥ ସମସ୍ତ ୱାର୍ଡସଭ୍ୟାସଭ୍ୟମାନଙ୍କୁ ବୈଠକ ସମ୍ପର୍କରେ ବାର୍ତ୍ତା ଦିଆଯିବ। ସେଥିଲାଗି ସେମାନଙ୍କ ପାଖରେ ଆଣ୍ଡ୍ରଏଡ ମୋବାଇଲ ରହିଥିବା ବାଞ୍ଛନୀୟ। କେତେକ ୱାର୍ଡ ପ୍ରତିନିଧି ଏହିଧରଣର ମୋବାଇଲ ବ୍ୟବହାର କରୁନାହାନ୍ତି। ଆଉ କେତେଜଣ ପ୍ରତିନିଧିଙ୍କ ଏଭଳି ମୋବାଇଲ ସେଟ୍ ଥାଇ ବି ସେମାନେ ତାର ବ୍ୟବହାର ଜାଣିନାହାନ୍ତି। ଜଣେ ଲେଖାଏ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ଥାଇ, କମ୍ପ୍ୟୁଟର ପରିଚାଳକ ପଞ୍ଚାୟତରେ ନ ଥାଇ ଇ-ପଞ୍ଚାୟତ ସଭାକୁ ସଫଳ କରାଇବା କଷ୍ଟକର ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ତଥାପି ଏହି ଯୋଜନାକୁ ସଫଳ ପାଇଁ ସରକାରଙ୍କ ପକ୍ଷରୁ ବିଡିଓମାନଙ୍କ ଉପରେ ଚାପ ପକାଯାଉଛି। ପଞ୍ଚାୟତସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବା ଉପରେ କ'ଣ ସବୁ ପଦକ୍ଷେପ ନିଆଯାଉଛି, ତାକୁ ଘନଘନ ସମୀକ୍ଷା କରାଯାଉଛି। ଭିଡିଓ କନଫରେନ୍ସ ଜରିଆରେ ଇ-ପଞ୍ଚାୟତ ସଭା ଉପରେ ନିଆଯାଉଥିବା ପଦକ୍ଷେପ ଓ ପଞ୍ଚାୟତସ୍ତରରେ କ'ଣ ସବୁ ଅସୁବିଧା ସୃଷ୍ଟି ହେଉଛି ସେ ସମ୍ପର୍କରେ ସରକାର ଅବଗତ ହେଉଛନ୍ତି। ତେବେ ଏଭଳି ଦୁର୍ବଳ ଭିତ୍ତିଭୂମି ଉପରେ ଇ-ପଞ୍ଚାୟତ ସଭା ଯୋଜନା କେତେ ସଫଳ ହେଉଛି ତାକୁ ଦେଖିବାକୁ ଅପେକ୍ଷା। ଏ ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରୀ ନିର୍ଦ୍ଦେଶକୁ ଅନୁପାଳନ କରି କାର୍ଯ୍ୟ କରିବାକୁ ହେବ। ଉପଲବ୍ଧ ଭିତ୍ତିଭୂମିକୁ ନେଇ କାର୍ଯ୍ୟକ୍ରମ ପରିଚାଳନା କରାଯିବ। ପରବର୍ତ୍ତୀ ସମୟରେ ଉପୁଜୁଥିବା ସମସ୍ୟାକୁ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯିବ।

# ଓଏମ୍‌ସି ପକ୍ଷରୁ ନଗଡ଼ାରେ ସ୍ୱାସ୍ଥ୍ୟ ଶିବିର



ଶିବିରରେ ଡାକ୍ତର ରୋଗୀ ଦେଖୁଛନ୍ତି।

କାଳିଆପାଣି,୨୮।୨( ଡି.ଏନ୍.ଏ.): ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ସୁକିନ୍ଦା ବ୍ଲକ୍ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଉପର ନଗଡା ଅଙ୍ଗନୱାଡି କେନ୍ଦ୍ରରେ ଆରୋଗ୍ୟ ନାମକ ଏକ ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ରଧୀର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣି ପରିଚାଳକ ଗଣେଶ୍ୱର ଭୂୟାଁଙ୍କ ନେତୃତ୍ୱ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ମଧୁସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଲା ପରିଷଦସଭ୍ୟା ଜେମା ଚାଖି, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ଦେହୁରୀ ଅତିଥିଭାବେ ଯୋଗ ଦେଇଥିଲେ। ଖଣି ନିଗମ କେନ୍ଦ୍ରୀୟ ଚିକିତ୍ସାଳୟର ଡା.ବିଶ୍ୱଜିତ ବେହେରା, ଜ୍ୟୋତିଷ୍ମାନ୍ ଦାସ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଥିଲେ। ଖଣି ନିଗମ ପକ୍ଷରୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ତଳ ଓ ମଝି ନଗଡ଼ାର ଲୋକେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

# ଏଏପିର ଗଣବିକ୍ଷୋଭ, ଦାବିପତ୍ର ପ୍ରଦାନ



ଏଏପି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## ମିଶନ ଶକ୍ତି କର୍ମଚାରୀଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଦିଆଯାଉ

କେନ୍ଦ୍ରାପଡ଼ା ଅଫିସ, ୨୮।୨

ଦେଶର ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି କାର୍ଯ୍ୟକାରୀ ହେଉଛି। ତେବେ ଓଡ଼ିଶାରେ ଏହି ଅଭିଯୋନ ଏକ ଅଭିଶାପ ପାଲଟିଛି। ମହିଳାଙ୍କୁ ସମୟ ମୁତାବକ ଖଟାଇବା ପରେ ଉପଯୁକ୍ତ ଅର୍ଥ ବ୍ୟବସ୍ଥା କରାଯାଉନାହିଁ। ଏଥିସହ ବିଭିନ୍ନ ସମୟରେ ଅପମାନଜନକ ସ୍ଥିତି ସୃଷ୍ଟି କରାଯାଇ କାର୍ଯ୍ୟସ୍ଥଳିରୁ ବିଦା କରାଯାଉଛି। ମହିଳାଙ୍କୁ ଏପରି ଅଣଦେଖା କରିବା ଶାସକ ଦଳ ପାଇଁ ମହଙ୍ଗା ପଡ଼ିବ। ଏପରି ଆହ୍ୱାନ ଦେଇ ଆମ ଆଦମୀ ପାର୍ଟି (ଏଏପି) କେନ୍ଦ୍ରାପଡ଼ା ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଏପି ପକ୍ଷରୁ ଲିଖିତ ଦାବିପତ୍ର ଏଡିଏମ୍ ପୀତାମ୍ବର ସାମଲଙ୍କୁ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଜିଲା ସଭାପତି ସନ୍ଦୀପ୍ତ ଦାସ କହିଛନ୍ତି, ମିଶନ ଶକ୍ତିରେ ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କ ମିତ୍ର ଆଦି ପୋଷ୍ଟରେ ଦୀର୍ଘବର୍ଷ ହେବ ମହିଳାମାନେ କାମ କରି ଆସୁଛନ୍ତି। ସରକାରଙ୍କ ସବୁ ଯୋଜନାକୁ ସଫଳ କରିବାରେ ଏମାନଙ୍କ ହାତ ରହୁଛି। ତେବେ ଏହି କର୍ମଚାରୀଙ୍କୁ ସ୍ଥାୟୀ କରିବା ରାଜ୍ୟ ସରକାର ଭୁଲି ଯାଇଛନ୍ତି। ଏପରି କି ଉପଯୁକ୍ତ ଅର୍ଥ ବ୍ୟବସ୍ଥା କରାଯାଇନାହିଁ। ମହିଳାମାନେ ସାମ୍ପ୍ରତିକ ସମୟରେ ଦୁର୍ବଳ ନୁହନ୍ତି। ସେମାନଙ୍କ ହକ ପାଇଁ ଏଏପି ଲଢ଼େଇ କରିବ ବୋଲି ଜିଲା ସଭାପତି ଦାସ କହିଛନ୍ତି। ଏହି ବିକ୍ଷୋଭର ନେତୃତ୍ୱ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପରିଡା, ଅବଦୁଲ କାହିର ପ୍ରମୁଖ ନେଇଥିଲେ।

# ଶିବାନନ୍ଦ ମାତୃ ଚେତନା ସଂଘ ପକ୍ଷରୁ ବୈଠକ

କେନ୍ଦ୍ରାପଡ଼ା ଅଫିସ, ୨୮।୨

ସହରର ଗରାପୁରସ୍ଥିତ ଶିବାନନ୍ଦ ମାତୃ ଚେତନା ସଂଘ ପକ୍ଷରୁ ଶିବାନନ୍ଦ ଆଶ୍ରମ ପରିସରରେ ଆସନ୍ତା ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହେବ। ଏହାପୂର୍ବରୁ ଏ ସମ୍ପର୍କରେ ଏକ ଆଲୋଚନାଚକ୍ର ଅବସରରେ ବୈଠକ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକ ସୁସ୍ଥ ସମାଜ, ପ୍ଲାଷ୍ଟିକ ମୁକ୍ତ, ନିଶାମୁକ୍ତ, ପରିବେଶ ସୁରକ୍ଷା, ବୃକ୍ଷରୋପଣ ଭଳି ଏକ ସୁନ୍ଦର ଓ ସବୁଜ ପରିବେଶ ଗଠନ ଦିଗରେ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମା ତାଙ୍କ ବକ୍ତବ୍ୟରେ କହିଥିଲେ। ନାରୀଟିଏ କୁନି ଶିଶୁଟିକୁ ଗଢି ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଇତିହାସ ଅନୁଯାୟୀ ଗାର୍ଗି, ମଦାଳସା, ମୀରାବାଇ, ରମାଦେବୀ, ନିବେଦିତାଙ୍କ ଭଳି ମହିୟସୀ ନାରୀଙ୍କର ସମାଜ ପାଇଁ ଥିବା ଅବଦାନ ଆମ ପାଇଁ ଉଦାହରଣ ଓ ପ୍ରେରଣାର ଉତ୍ସ ହୋଇ ରହିଛି। ସେମାନଙ୍କ ଆଦର୍ଶରେ ସମଗ୍ର ଭାରତବର୍ଷ ଆର୍ଯ୍ୟଭୂମିର ନାରୀମାନେ ଅନୁପ୍ରାଣିତ ହେବାକୁ ଶ୍ରୀମା ଆହ୍ୱାନ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳର ମହିଳାମାନେ ଯୋଗ ଦେଇଥିଲେ। ମାର୍ଚ୍ଚ ୮ରେ ଆନ୍ତର୍ଜାତୀୟ ମହିଳା ଦିବସ ଓ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମାତୃ ସମ୍ମିଳନୀରେ ସମସ୍ତ ମହିଳାମାନେ ଯୋଗ ଦେବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କଲେ କୁନି କଳାକାର

## ସଙ୍କଟମୋଚନ ମହାରାଜଙ୍କ ମହୋତ୍ସବର ୨ୟ ସନ୍ଧ୍ୟା

ପାଣିକୋଇଲି,୨୮।୨(ଡି.ଏନ.ଏ.): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗିରିସାହିରେ ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବର ୨ୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୨ୟ ସନ୍ଧ୍ୟା ମହୋତ୍ସବକୁ ଅତିଥିଭାବେ ଯୁବ ଭାଜପା ନେତା ଇଂ. ଆଲେକଜାଣ୍ଡାର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ସୁବାସ ଧଳଙ୍କ ସଭାପତିତ୍ୱ ଓ ଆକାଶ କୁମାରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଗ୍ରାମ ମୁରବି ରଘୁନାଥ ପାଢ଼ୀ, ପରମାନନ୍ଦ ଶତପଥୀ, ଅଲେଖ ଚନ୍ଦ୍ର ସାହୁ ଓ ପୂରୀ ପଣ୍ଡା ଯୋଗଦେଇଥିଲେ। ପରେ କୁନିକୁନି କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଯଜ୍ଞ ଓ ନାମ ଯଜ୍ଞ ଚାଲୁ ରହିଥିବାରୁ ନାଗାବାବା ଯଜ୍ଞ ନିକଟରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ନାରାୟଣ ମାଝି, ଦେବଦତ ସେନାପତି, ଅଶୋକ ସେନାପତି, ନାରାୟଣ ଗିରି, ଧନେଶ୍ୱର ସାହୁ, ବ୍ରଜକିଶୋର ପୁରୀ, ପରମାନନ୍ଦ ସାହୁ, ବାସୁଦେବ ମହାରଣା, ସମୀର ସାହୁ, ହରେକୃଷ୍ଣ ଶିଅଳ, ପ୍ରକାଶ ଶିଅଳ, ପ୍ରତାପ ପରିଡା, ବିଶ୍ୱନାଥ ମାଝି ଓ ଶ୍ରୀକାନ୍ତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତି ପରେ ଦୁଇ ଦିନ ମୁକ୍ତାକଶ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ପିଲାଙ୍କ ଚରିତ୍ର ଗଠନରେ ମା' ବାପାଙ୍କ ଦାୟିତ୍ୱ ରହିଛି

## ସହିରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆଳି,୨୮।୨(ଡି.ଏନ.ଏ.) ଶିଶୁର ଶିକ୍ଷା ଏବଂ ଚରିତ୍ର ଗଠନ କ୍ଷେତ୍ରରେ ମା' ବାପା ଏବଂ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ଦାୟିତ୍ୱ ରହିଛି ବୋଲି ଆଳି ବ୍ଲକ ସ୍ଥିତ ସହିରା ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଅନିରୁଦ୍ଧ ରାଉଳ, ମୁଖ୍ୟ ବକ୍ତା ଏସ୍‌କେସି ଉଚ୍ଚ ବିଦ୍ୟାଳୟ ପତ୍ରପୁରର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାସ ଆଲୋକପାତ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ ମଲ୍ଲିକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମାଗୁଣି ଚରଣ ବିଶ୍ୱାଳ ଓ ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ପାତ୍ର ପ୍ରମୁଖ ଶିକ୍ଷା କ୍ଷେତ୍ରରେ କିପରି ଶିଶୁଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶର ଉନ୍ନତି ଘଟିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ପୁରାତନ ଛାତ୍ର ସଞ୍ଜୟ କୁମାର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ଛାତ୍ର ରଞ୍ଜିତ କୁମାର ରାଉତ ବିଦ୍ୟାଳୟ ଏକ ଶୃଙ୍ଖଳିତ ପରିବେଶ ସୃଷ୍ଟି ହେଉ ବୋଲି ପ୍ରାଧାନ୍ୟ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମମତା ଧଳ, ପ୍ରଭାବତୀ ପଡିହାରୀ, ସରସ୍ୱତୀ ମୁର୍ମୁ ସଭା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସାବିତ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷା କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ଦ୍ୱାରା ଉକ୍ତ କାର୍ଯ୍ୟାକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।

# ସିଟି ହସ୍ପିଟାଲ ଦାବି ଆନ୍ଦୋଳନ

କେନ୍ଦ୍ରାପଡ଼ା ଅଫିସ, ୨୮।୨

କେନ୍ଦ୍ରାପଡ଼ା ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ମଙ୍ଗଳବାର ଯାଇଥିଲେ। ସହରର ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ସ୍ଥାପନ ପାଇଁ ମନ୍ତ୍ରୀ ଓ ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରମୁଖଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସେମାନଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ସେମାନେ ଧାରଣାରତ ମହିଳା ଓ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳ ଥିବା ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ନେତୃତ୍ୱରେ ସେଠାକୁ ଯାଇଥିବା ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଶରତ କୁମାର ବେହୁରା, ସେକ୍ ବଦିରୁଦ୍ଦିନ, ସାବିର ଖାନ୍, ସୁରେଶ ମର୍ଦ୍ଦରାଜ, ଯୁବନେତା ସରୋଜକାନ୍ତ ସାହୁ, କ୍ଷୀତିଶ କୁମାର ସିଂ, ସେକ ଅମଜାନ, ଅବଦୁଲ ମାଜିଜ ପ୍ରମୁଖ ସାମିଲ ହୋଇଥିଲେ।

# କେନ୍ଦ୍ରାପଡ଼ା ଜିଲା କନିଷ୍ଠ ରେଡକ୍ରସ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

ଆଳି,୨୮।୨(ଡି.ଏନ.ଏ.)

ଭାରତୀୟ ରେଡକ୍ରସ ଓଡ଼ିଶା ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ସୋମବାର ଆଳି ବ୍ଲକ ଚଣ୍ଡିଆଗଡି ହାଇସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ବ୍ୟାପି ହେବାକୁ ଥିବା ଏହି ଶିବିରରେ ଜିଲାର ୯ ଟି ବ୍ଲକର ପ୍ରାୟ ୨୩୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ଆଳି ବ୍ଲକ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନଙ୍କ ଅଧକ୍ଷତାରେ ଓ ଜିଲା ଜୁନିୟର ରେଡକ୍ରସ ସଂଯୋଜକ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନିଷ୍ଠ ରେଡକ୍ରସ ରାଜ୍ୟ ଶାଖା ମୁଖ୍ୟ ଲକ୍ଷ୍ମଣ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ସମିତିସଭ୍ୟ ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରେଡକ୍ରସରେ ଭାଗ ନେଉଥିବା ସମସ୍ତ ଛାତ୍ରୀଛାତ୍ର ଆଗାମୀ ଦିନରେ କିଭଳି ଭାବେ ସମାଜରେ ଜଣେ ଭଲ ମଣିଷ ଭାବେ ନିଜକୁ ପ୍ରତିଷ୍ଠିତ ହେବେ ସେମାନଙ୍କ ମଧ୍ୟରେ ମାନବିକତା, ପାତର ଅନ୍ତର, ସ୍ୱାଧୀନ ଚେତନା, ପରୋପକାରୀ, ସେବା ମନୋବୃତ୍ତି ରହିବା ଆବଶ୍ୟକ ସେ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀ ଆଚାର୍ଯ୍ୟ କହିଥିଲେ, ଭିନ୍ନକ୍ଷମ ବ୍ୟକ୍ତିମାନେ କେବେ ହେଲେ ନିଜକୁ ଦୁର୍ବଳ ମନେ ନ କରି ସମାଜର ମୁଖ୍ୟ ସ୍ରୋତରେ କିପରି ସାମିଲ ହୋଇପାରିବେ ଓ ସରକାରୀ ସୁବିଧା ପାଇବେ ସେ ନେଇ ଚେଷ୍ଟା କରିବା ଆବଶ୍ୟକ। ତେଣୁ ପ୍ରତ୍ୟେକଟି ବ୍ୟକ୍ତି ଯଦି ଏଭଳି କେହି ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମ୍ପର୍କରେ ଜାଣନ୍ତି ତେବେ ସେମାନଙ୍କୁ ଆଗକୁ କିପରି ବଢ଼ିପାରିବେ ସେ ନେଇ ପ୍ରେରଣା ଯୋଗାଇ ଦେବା ଆବଶ୍ୟକ ବୋଲି କହିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ କନିଷ୍ଠ ରେଡକ୍ରସ ଜିଲା ସମ୍ପାଦିକ ସ୍ମିତା ପ୍ରତିଭା ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବେଆଇନ ଚିଙ୍ଗୁଡ଼ିଘେରି ଫସଲ ଉଜାଡୁଛି


ଘେରିରୁ ରାସାୟନିକ ପାଣି ମାଡି ନଷ୍ଟ ଡାଲୁଅ ଧାନକୁ ଚାଷୀମାନେ ଦେଖାଉଛନ୍ତି।

- ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଲୁଣା ପାଣି ମାଡୁଛି
- ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନ ହେଲେ ଆନ୍ଦୋଳନର ଚେତାବନୀ

ରାଜକନିକା, ୨୮।୨(ଡି.ଏନ୍.ଏ.)

ଗାଁଠାରୁ ସହର ଏବେ ଲାଭାନ୍ୱିତ ଚାଷ କରିବାକୁ ଆଗ୍ରହ ପ୍ରକାଶ ପାଉଛି। ଚାଷୀମାନେ ଏବେ ଚିଙ୍ଗୁଡ଼ି ଚାଷକୁ ପ୍ରାଧାନ୍ୟ ଦେଉଛନ୍ତି। ହେଲେ ଚିଙ୍ଗୁଡ଼ି ଚାଷ ହେବା ଦ୍ୱାରା ଅନ୍ୟ ଚାଷ ପ୍ରଭାବିତ ହେବା ସହ ଉଜୁଡ଼ି ଯାଉଥିବା ଦେଖିବାକୁ ମିଳିଛି। ଚିଙ୍ଗୁଡ଼ି ଚାଷ ହେବା ଦ୍ୱାରା ମୁଖ୍ୟତଃ ସାରଦ ଧାନ, ଡାଲୁଅ ଧାନ, ମୁଗ, ବିରି, ସୂର୍ଯ୍ୟମୁଖୀ, ଆଳୁ, ପନିପରିବା, ବାଦାମ ଓ ଆହୁରି ଅନେକ ଚାଷ କ୍ଷତିଗ୍ରସ୍ତ ହେଉଛିୟ। ଏହି ଚିଙ୍ଗୁଡ଼ି ଚାଷ ପାଇଁ ବ୍ୟବହୃତ ରସାୟନିକ ପଦାର୍ଥଗୁଡ଼ିକ ଜଳରେ ମିଶି ନଦୀ, ନାଳ ଓ ମଧୁର ଜଳକୁ ନଷ୍ଟ କରି ଦେଉଥିବା କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକର ହାଟସାହି ପଞ୍ଚାୟତର ଚାଷୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ସୁମନ୍ତ ଦାସ, ବାବାଜୀ ଚରଣ ଜେନା, ଗୋଲେଖ ଆର୍ଯ୍ୟ, ଚୌଧୁରୀ ପଡିହାରୀ, ଅଦୈତ୍ୟ ମଳିକ, କମଳା ଦାସ, ଶଶୀକାନ୍ତ ନାୟକ, ପ୍ରତାପ ମଳିକ, ସିନା ରାଉତ, ମନ୍ମଥ ବଳ, ସନ୍ତୋଷ ନାୟକ, ବୀରକିଶୋର ବେହେରା, ଉମାକାନ୍ତ ବେଉରିଆ, ପ୍ରଦୀପ୍ତ ନାୟକ କହିଛନ୍ତି।

ହାଟସାହି ପଞ୍ଚାୟତର ଚାଷୀଙ୍କ ଅଭିଯୋଗ ଅନୁସାରେ ସାରଦ ଧାନ ଚାଷ ଉଜୁଡ଼ି ଯିବା ପରେ, ଡାଲୁଅ ଧାନ ଉପରେ ନିର୍ଭର କରିଥାନ୍ତି। ଲୁଣିଆ ନାଳ, ବରଗଡ଼ିଆ ନାଳ, ଖୋପରାଡ଼ିଆ ନାଳ, ବାଇଶମାଣିଆ ନାଳ, ଗଗନାପାଟ ନାଳର ଜଳକୁ ବ୍ୟବହାର କରି ଚାଷୀ ସମସ୍ତ ପ୍ରକାର ଚାଷ କରିଥାନ୍ତି। କିନ୍ତୁ ଗଢି ଉଠିଥିବା ଚିଙ୍ଗୁଡ଼ି ଘେରିଗୁଡ଼ିକରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ପାଣିରେ ମିଶାଯାଉଛି। ସେହି ଜଳକୁ ପମ୍ପ ବା ନାଳକାଟି ଅନ୍ୟ ଜମିକୁ ଛଡ଼ାଯିବା ଫଳରେ ଜମିରେ ହୋଇଥିବା ସମସ୍ତ ଫସଲଗୁଡ଼ିକୁ ନଷ୍ଟ ହେବା ସହ ଜମିର ଉର୍ବରତାକୁ ନଷ୍ଟ କରିଦେଉଛି। ମାଟି ଉପରେ ନାଲିରଙ୍ଗର ପଟୁ ପରି ଦିଶୁଛି। ଫସଲଗୁଡ଼ିକ ନଷ୍ଟ ହେବା ଫଳରେ ବର୍ଷକର ଦାନା ଉଜୁଡ଼ି ଯାଉଛି ବୋଲି ଅଭିଯୋଗ ହେଉଛି। ଏ ବାବଦରେ ଅନେକଥର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ପାଇନାହିଁ। ଏହାକୁ ନେଇ ପଞ୍ଚାୟତର ଚାଷୀମାନେ ମେଳି ବାନ୍ଧିଛନ୍ତି। ରାସାୟନିକ ଯୁକ୍ତ ଜଳ ପ୍ରଭାବରୁ ଡାଲୁଅ ଧାନ ଗଛଗୁଡ଼ିକ ନଷ୍ଟ ହେବା ସହ ଆଳୁ, ସୂର୍ଯ୍ୟମୁଖୀ ଗଛ ମରି ଜାଳ ସଦୃଶ ଦେଖାଯାଉଛି। ସେହିପରି ମୁଗ, ବିରି, ବାଦାମ ଚାଷ ଉଜୁଡ଼ି ଯିବାକୁ ବସିଲାଣି। ହାତ ଗଣତି ଅଳ୍ପ ଚାଷୀ ଚିଙ୍ଗୁଡ଼ି ଚାଷ କରି ଲାଭବାନ ହେଉଥିବା ବେଳେ, ଚାଷକରି ଜୀବିକା ନିର୍ବାହ କରୁଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ତତ୍ପରତା ପୂର୍ବକ ଏହି ପଞ୍ଚାୟତରେ ଗଢି ଉଠିଥିବା ବେଆଇନ୍ ଚିଙ୍ଗୁଡ଼ି ଘେରିଗୁଡ଼ିକୁ ଉଚ୍ଛେଦ ନ କରାଯାଏ ପଞ୍ଚାୟତର ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷଜମୀ ଉର୍ବରତା କମିବା ସହ ଚାଷୀକୂଳ ହତାସ ହୋଇଯିବେ। ଏହାକୁ ନେଇ ଚାଷୀମାନେ ଆଗାମୀଦିନରେ ଆନ୍ଦୋଳୋନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ହୃଦ୍‌ଘାତ ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ସହାୟତା

**ରାଜନଗର, ୨୮।୨(ଡି.ଏନ୍.ଏ.):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ଜୁଣପଙ୍ଗରା ଗାଁର ଗୋଲେଖ ଜେନା(୪୮)ଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତକଙ୍କ ପରିବାର ଭିତରେ ଏବେ ମାନସିକ ବିକାରଗ୍ରସ୍ତା ସ୍ତ୍ରୀ, ବିଧବା ଖୁଡ଼ୀ ଏବଂ ୧୬ ବର୍ଷର ପୁଅ ସ୍ମୃତି ରଞ୍ଜନ ଅଛନ୍ତି। ଅଭାବ ଅନଟନ ଭିତରେ ଥିବା ଗୋଲେଖ ମୂଲ ଲାଗିଲେ ଚୁଲି ଜଳେ। ସୋମବାର ଗୋଲେଖଙ୍କ ଛାତିରେ ଯନ୍ତ୍ରଣା ହେବା ସହ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ପଡ଼ୋଶୀମାନେ ଗୋଲେଖଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଲେଖଙ୍କ ବିୟୋଗରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଗୋଟିଏ ପଟେ ସ୍ତ୍ରୀ ମାନସିକ ବିକାରଗ୍ରସ୍ତା ହୋଇଥିବା ବେଳେ ନାବାଳକ ପୁଅ ମୁଣ୍ଡରେ ଏବେ ପରିବାରର ବୋଝ। ବହୁ ପୂର୍ବରୁ ଗୋଲେଖଙ୍କ ବାପା, ବୋଉ, ଦାଦା ମୃତ୍ୟୁବରଣ କରିଥିଲେ। ଏହି ଖବର ପାଇ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ୍ ମହାନ୍ତି ଶୋକବ୍ୟକ୍ତ କରିବା ସହ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ତତ୍କାଳ ଗୋଲେଖଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୮ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ସରପଞ୍ଚ ସମୀର ସେଠୀ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ମୃତଦେହ ସଂସ୍କାର ପାଇଁ ପ୍ରଦାନ କରିଛନ୍ତି।

### ଜାତୀୟ ବିଜ୍ଞାନ ଦିବସରେ ୭ କଲେଜର ଛାତ୍ରୀଛାତ୍ର

**ପାରାଦୀପ, ୨୮।୨(ସ୍ୱ.ପ୍ର.):** ପାରାଦୀପ କଲେଜ ପରିସରରେ ସୋମବାର ଅପରାହ୍ଣରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୭ଟି ମହାବିଦ୍ୟାଳୟ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେଗୁଡିକ ହେଲା ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଆଦିକବି ଶାରଳା ଦାସ ମହାବିଦ୍ୟାଳୟ, କୁଜଙ୍ଗ ମହାବିଦ୍ୟାଳୟ, ତୁଳସୀ ମହିଳା ମହାବିଦ୍ୟାଳୟ, ବାୟାବାବା ମହାବିଦ୍ୟାଳୟ, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଓ ପାରାଦୀପ ମହାବିଦ୍ୟାଳୟ। ଏଥିରେ ଛାତ୍ରୀଛାତ୍ରମାନେ ସମୟ ଉପଯୋଗୀ ପ୍ରଯୁକ୍ତି ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୀବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଭୂବିଜ୍ଞାନ, ରସାୟନ ବିଜ୍ଞାନ ଆଦି ଉପରେ ପ୍ରକଳ୍ପ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଇଫ୍‌କୋ ନିର୍ବାହୀ ନିର୍ଦ୍ଦେଶକ କେ. ଜେ. ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟକର ଅଧିକାରୀ ଧୀରେନ୍ଦ୍ର କୁମାର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷ ଶଙ୍କର ମହାପାତ୍ର, ବର୍ତ୍ତମାନ ଅଧ୍ୟକ୍ଷା ସସ୍ମିତା ଶତପଥୀ ଓ ଅଧ୍ୟାପିକାଅଧ୍ୟାପକ ଯୋଗ ଦେଇଥିଲେ।

### ଶଙ୍ଖାରିସାହି ପୋଲ ପାଖରେ ଉଜ୍ଜ୍ୱଳ ଆଲୋକ ଉଦ୍‌ଘାଟିତ

**ବିରିଡି, ୨୮।୨(ଡି.ଏନ୍.ଏ.):** ବିରିଡି ବ୍ଲକ ଅନ୍ତର୍ଗତ ଶଙ୍ଖାରିସାହି ପୋଲ ପାଖରେ ଉଜ୍ଜ୍ୱଳ ଆଲୋକକୁ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟସଭା ସଦସ୍ୟ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନ ଉତ୍ସବରେ ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ମଙ୍ଗୁଲି ସରପଞ୍ଚ ନିରଞ୍ଜନ ସେଠୀ, ମଙ୍ଗୁଲି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ରବୀନ୍ଦ୍ର ନାଥ ସାହୁ, ସମିତି ସଭ୍ୟ ନୀଳିମା ଭୋଇ ଓ ମଙ୍ଗୁଲି ବସୁମାତାର ସଭାପତି ପରିବେଶବିତ୍ ଗୟାଧର ମହାନ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଲୁଖାଇ ନଦୀ ଉପରେ ଅଷ୍ଟଶମ୍ଭୁରୁ ଶଙ୍ଖାରିସାହି ସେତୁ ନିର୍ମାଣ ପରେ ହଜାର ହଜାର ଜନସାଧାରଣ ଏହି ବାଟ ଦେଇ ଯାତାୟାତ କରନ୍ତି। ହେଲେ ଶଙ୍ଖାରିସାହି ପାଖଟି ଅନ୍ଧାର ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ପରିବେଶବିତ ମହାନ୍ତି ରାଜ୍ୟସଭା ସଦସ୍ୟ ସ୍ୱାଇଁଙ୍କୁ ଏହି ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

# ୬ମାସ ହେବ ଉନ୍ନୟନମୂଳକ କାର୍ଯ୍ୟ ଠପ୍

**ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ**
- କର୍ମଚାରୀ ମନଇଚ୍ଛା ଆସୁଛନ୍ତି
- ବାୟୋମେଟ୍ରିକ ବ୍ୟବସ୍ଥା କରିବାକୁ ଦାବି

**ରଘୁନାଥପୁର, ୨୮।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଯନ୍ତ୍ରୀ ଓ କର୍ମଚାରୀଙ୍କ ଅସହଯୋଗ ଯୋଗୁ କାର୍ଯ୍ୟରେ ଅଚଳାବସ୍ଥା ଲାଗିରହିଛି। ଫଳରେ ଗତ ୬ମାସ ତଳୁ ଆରମ୍ଭ ହୋଇଥିବା ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ। ଏହାବାଦ୍ ଦୀର୍ଘଦିନ ଧରି ଠିକାଦାରମାନେ କାର୍ଯ୍ୟ କରି ବିଲ୍ ପାଇନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବାୟୋମେଟ୍ରିକ ଫିଙ୍ଗରପ୍ରିଣ୍ଟ ସିଷ୍ଟମ ନ ଥିବାରୁ କେତେକ କର୍ମଚାରୀ ବିଳମ୍ବରେ ଆସି ଶୀଘ୍ର ପଳାଇ ଯାଉଥିବା ଅଭିଯୋଗ ହୋଇଛି। ଗତବର୍ଷ ରଘୁନାଥପୁର ବ୍ଲକରେ ଆମ ଗାଁ ଆମ ବିକାଶ ଯୋଜନାରେ ୧ କୋଟି ୬୨ ଲକ୍ଷ ଟଙ୍କାର ଦୁର୍ନୀତି ନେଇ ପୋଲିସ ସହକାରୀ ଯନ୍ତ୍ରୀଙ୍କୁ ଗିରଫ କରିଥିଲା। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ତେବେ ଏହାର ପ୍ରଭାବ ସିଧାସଳଖ ଲୋକଙ୍କ ଉପରେ ପଡ଼ିଛି। ଯନ୍ତ୍ରୀମାନେ କାମ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ହୋଇଥିବା କାର୍ଯ୍ୟର ବିଲ୍ କରିବା ପାଇଁ ମଧ୍ୟ ସେମାନେ ସମୟ ଗଡ଼ାଇ ଚାଲିଛନ୍ତି। ବ୍ଲକର କ୍ୟାଶ ସେକ୍ସନରେ ମୋଟା ଅଙ୍କର କାରବାର ନ ହେଲେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଖରୁ ଫାଇଲ ଅନ୍ୟ ଟେବୁଲକୁ ଯାଉନି ବୋଲି ଗୁରୁତର ଅଭିଯୋଗ ହେଉଛି। ବିଭିନ୍ନ କାରଣରୁ ବ୍ଲକରେ ଅଚଳାବସ୍ଥା ଲାଗି ରହିଥିବାବେଳେ ବିଡିଓ ଲମ୍ବୋଦର ଖୁଣ୍ଟିଆ ନିଜର ଅସହାୟତା ପ୍ରକାଶ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାରମ୍ବାର ବୈଠକ କରି କର୍ମଚାରୀଙ୍କୁ ତାଗିଦ କରି ଚାଲିଥିବା କହିଛନ୍ତି। କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀର ଭାଉଚର ଦେଇପାରୁନଥିବାରୁ ବିଲ୍ ହେବାରେ ବିଳମ୍ବ ଘଟୁଛି ବୋଲି ସହକାରୀ ଯନ୍ତ୍ରୀ ସର୍ପିଲ ପ୍ରଧାନ କହିଛନ୍ତି। ତୁରନ୍ତ ବ୍ଲକରେ ବାୟୋମେଟ୍ରିକ ପଦ୍ଧତି ବ୍ୟବସ୍ଥା କରାଯିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ଅଗ୍ରଗତି ଓ ଦୀର୍ଘଦିନରୁ ପଡିରହିଥିବା କାର୍ଯ୍ୟର ବିଲ୍‌ଗୁଡିକ ଦେବା ପାଇଁ ଅଞ୍ଚଳବାସୀ ନିର୍ବାହୀ ଅଧିକାରୀ ଜିଲାପରିଷଦ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବିଡିଓଙ୍କୁ ୧୯ଦଫା ଦାବି ସମ୍ବଳିତ ଦାବିପତ୍ର

**ଅଲ ଇଣ୍ଡିଆ କିଷାନ କ୍ଷେତମଜଦୁର ସଙ୍ଗଠନ**




**ନାଉଗାଁ, ୨୮।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ୧୯ ଦଫା ଦାବି ସମ୍ବଳିତ ଦାବିପତ୍ର ମଙ୍ଗଳବାର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରକୁ ସଙ୍ଗଠନର ସଭାପତି ବସନ୍ତ ମଲିକ, ମହେଶ୍ୱର ଦାସ, ରଘୁନାଥ ଦାସ, ସୁବାସ ସ୍ୱାଇଁ, କାଳନ୍ଦୀ ସେଠୀ ପ୍ରମୁଖ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ଚକୁଳିପଡା କେନାଲ ସମେତ ଅନ୍ୟ ସମସ୍ତ କେନାଲ କାର୍ଯ୍ୟକ୍ରମ କରାଇବା, ଦେବୀଦୋଳ ନିକଟରେ ଦେବୀ ନଦୀରେ ଆନିକଟ ନିର୍ମାଣ କରିବା, ନାଉଗାଁ ଅଞ୍ଚଳରେ ଶୀତଳ ଭଣ୍ଡାର ନିର୍ମାଣ କରିବା, କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ଅଧିକ ମୂଲ୍ୟରେ କ୍ରୟ କରିବା, ଭାଗ ଚାଷୀଙ୍କୁ ଧାନ ବିକିବା ଓ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ପୂରଣ ପ୍ରଦାନ ସହ ବିଭିନ୍ନ ଭତ୍ତା ପ୍ରଦାନରେ ପ୍ରିୟାପ୍ରୀତି ତୋଷଣ ନ କରିବା ଓ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କରିବା ଆଦି ପ୍ରମୁଖ ରହିଛି।

ସେହିପରି ସରକାରଙ୍କ ପ୍ରଦତ୍ତ ଚାଉଳ, କିରୋସିନ ଓ ଗହମ ଆଦି ପ୍ରଦାନ ପାଇଁ ନିଜ ମୌଜାରେ ଓ ନିର୍ଦ୍ଦିଷ୍ଟ ମାସରେ ଏହାକୁ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ଦାବିଗୁଡ଼ିକ ଉପରେ ଆଲୋଚନା କରାଯାଇ ଯେଉଁ ସବୁ ଦାବି ବ୍ଲକ ପ୍ରଶାସନ ପକ୍ଷରୁ ସମାଧାନ କରିପାରିବ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ବିଡିଓ ରଶ୍ମିରେଖା ମଲିକ ପ୍ରକାଶ କରିଛନ୍ତି।

# ୭ ନୂତନ କିସମ ଧାନବିହନକୁ ସରକାରୀ ମାନ୍ୟତା



ମାନପତ୍ର ସହ ଚାଷୀ ଓ ଅନ୍ୟମାନେ ।

**୫ ବର୍ଷ ଧରି ଗବେଷଣା ଚାଲିଥିଲା**

**ରଘୁନାଥପୁର, ୨୮।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡ଼ସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ(ଲିଭ ଆଣ୍ଡ ଲେଟ ଲିଭ)ର ଚାଷୀଙ୍କୁ ସଫଳତା ମିଳିଛି। ୭ ଗୋଟି ନୂତନ ଦେଶୀ କିସମର ଧାନ ବିହନକୁ ସରକାରୀ ମାନ୍ୟତା ମିଳିଛି। ସୋମବାର ଓୟୁଏଟି ପରିସରରେ ଆୟୋଜିତ ଉତ୍ସବରେ ଲାଲ ସଂସ୍ଥାର ବିହନ ଉଦ୍ଭାବନକାରୀ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। କ୍ଷେତ୍ରମୋହନ ବେହେରାଙ୍କୁ ଲାଲ କୁବେର, ଶୁଦ୍ଧିରଞ୍ଜନ ବାରିକଙ୍କୁ ଲାଲମଣି, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଲାଲପରି, ଅଶୋକ କୁମାର ବାରିକଙ୍କୁ ରତ୍ନମେଣ୍ଟି, ବିଜୟ କୁମାର ପାତ୍ରଙ୍କୁ ଲାଲ ଏସ-୫, କାଦମ୍ବିନୀ ବେହେରାଙ୍କୁ ଲାଲ ବାସନା ଓ ଅବନୀ ବେହେରାଙ୍କୁ ଲାଲ ଏସ-୧୩ ଦେଶୀ ଧାନବିହନ ଉଦ୍ଭାବନ ପାଇଁ ସମ୍ମାନିତ କରାଯାଇଛି।

ଗତ ୨୦୧୨ରୁ ଲାଲ ସଂସ୍ଥାର ଏହି ୭ ଜଣ ଚାଷୀଙ୍କ ଦ୍ୱାରା ୫ ବର୍ଷ ଧରି ରାଜ୍ୟର ବିଭିନ୍ନ ଜିଲାରେ ୭ଟି ନୂତନ ଦେଶୀ କିସମ ଧାନବିହନ ଉପରେ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଶେଷରେ ଗତ ୨୦୧୭ରେ ଓୟୁଏଟି ଆଇପିଆର ସେଲ ମୁଖ୍ୟ ଡ.ଦୟାନିଧି ମିଶ୍ରଙ୍କ ମାଧ୍ୟମରେ ଉକ୍ତ ଧାନ ବିହନକୁ ଭାରତ ସରକାରଙ୍କ ପ୍ଲାଣ୍ଟ ଭେରାଇଟି ରେଜିଷ୍ଟ୍ରି ବିଭାଗକୁ ପଠାଯାଇଥିଲା। ଦେଶର ବିଭିନ୍ନ ଗବେଷଣାଗାରରେ ଉକ୍ତ ଧାନକୁ ଟେଷ୍ଟ କରାଯାଇଥିଲା। ଶେଷରେ ଉକ୍ତ ଧାନବିହନ ଉଦ୍ଭାବନକାରୀ ଚାଷୀଙ୍କୁ ପ୍ଲାଣ୍ଟ ଭେରାଇଟି ରେଜିଷ୍ଟ୍ରି ବିଭାଗ ପକ୍ଷରୁ ବ୍ରିଡର ସାର୍ଟିଫିକେଟ ମିଳିଥିଲା। ଏଥିପାଇଁ କୃଷି ବୈଜ୍ଞାନିକ ଏକାଦଶୀ ନନ୍ଦ, ପୂର୍ବତନ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ ଡ.ଶରତ କୁମାର ପ୍ରଧାନ, ବୈଜ୍ଞାନିକ ଡ.ସତ୍ୟରଞ୍ଜନ ଦାସ ଓ ହରିଶ୍ଚନ୍ଦ୍ର ଭୂୟାଁଙ୍କ ସହଯୋଗ ଅତୁଳନୀୟ ବୋଲି ଲାଲ ସମ୍ପାଦକ କ୍ଷେତ୍ରମୋହନ ବେହେରା କହିଛନ୍ତି। ଉକ୍ତ ଧାନବିହନଗୁଡ଼ିକ ଦେଶୀ ପ୍ରଜାତିର ହୋଇଥିବାରୁ ରୋଗ ପୋକ ସହଣୀ ଓ ଅଧିକ ଅମଳଯୁକ୍ତ ବୋଲି ଲାଲ୍ ସଂସ୍ଥାର ସମ୍ପାଦକ ବେହେରା କହିଛନ୍ତି। ଚାଷୀକୁଳର ଆର୍ଥିକ ଅଭିବୃଦ୍ଧି ପାଇଁ ଏହି ଧାନବିହନ ସହାୟକ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

# ସାମୂହିକ ସହଯୋଗ ବିନା ଶିକ୍ଷାନୁଷ୍ଠାନର ବିକାଶ ଅସମ୍ଭବ

**ଗୋପାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ**

**ରଘୁନାଥପୁର, ୨୮।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମୂହିକ ସହଯୋଗ ବିନା ଶିକ୍ଷାନୁଷ୍ଠାନର ବିକାଶ ଅସମ୍ଭବ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରତି ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ରହିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଏବିଇଓ ସବିତା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେବାସହ କୋମଳମତି ପିଲାଙ୍କ ଶିକ୍ଷା ଆହରଣ ନିମନ୍ତେ ଉଭୟ ଶିକ୍ଷକ ଓ ମା, ବାପା ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି, ସାମାଜିକକର୍ମୀ ରତନ ସିହ୍ନା, ଆଲୁମନି ସଭାପତି ଭାସ୍କର ପଟ୍ଟନାୟକ, ଏସ୍‌ଏମସି ସଭାପତି କେଦାରନାଥ ସାହୁ, ସିଆରସିସି ସୁକାନ୍ତ କୁମାର ଦ୍ୱିବେଦୀ, କବି ଶିବାନୀ ଭଟ୍ଟାଚାର୍ଯ୍ୟ, ଶିକ୍ଷକ ନେତା ଜୟପ୍ରକାଶ ପଣ୍ଡା, ନିର୍ମଳେନ୍ଦୁ ସୋମ, ଗୀତାଞ୍ଜଳି ପଣ୍ଡା, ଭାସ୍କର ମୁଦୁଲି ଓ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀ ଓ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ନୃତ୍ୟଗୁରୁ ମୁନୁ ସାର, ସଙ୍ଗୀତଗୁରୁ ସାଗରମୟ ସ୍ୱାଇଁ ଓ ଶିକ୍ଷାବିତ୍ ତଥା ଚିତ୍ରଶିଳ୍ପୀ ବାବାଜୀ ଚରଣ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମସ୍ତ ଶିକ୍ଷକମାନେ ସହଯୋଗ କରିଥିଲେ। ସଭା ଶେଷ ହେବା ପରେ କୁନି ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ବିଜୟଶଙ୍କରଙ୍କ ଗିରଫ ଦାବିରେ କଂଗ୍ରେସର ଗଣବିକ୍ଷୋଭ



ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ରଘୁନାଥପୁର, ୨୮।୨(ଡି.ଏନ.ଏ.)**

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ଗିରଫ ଓ ସୋମାଲିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ମହିଳା କଂଗ୍ରେସ ପକ୍ଷରୁ ଗଣ ବିକ୍ଷୋଭ ଓ ଲଜ୍ଜା ଦିବସ ପାଳନ କରାଯାଇଛି। ଏହି ଅବସରରେ ରଘୁନାଥପୁର ବ୍ଲକଛକ ସ୍ଥିତ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କଂଗ୍ରେସର ଯୁବନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କ ଆହ୍ୱାନ କ୍ରମେ ନାରିନେତ୍ରୀ ସ୍ୱପ୍ନାରାଣୀ ଦାସଙ୍କ ନେତୃତ୍ୱରେ ୩ଟି ବ୍ଲକର ମହିଳାମାନେ ଥାନା ନିକଟରୁ ବାହାରି ବିଧାୟକଙ୍କ ବିରୋଧରେ ନାରାବାଜି କରି ବ୍ଲକ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସାଧାରଣ ସମ୍ପାଦିକା ପ୍ରତିମା ମଲ୍ଲିକ, ତିର୍ତ୍ତୋଲ ସଭାନେତ୍ରୀ ଅନୁସୟା ପ୍ରଧାନ, ଦୀପ୍ତିମୟୀ ପ୍ରଧାନ, ପ୍ରଭାତ ନଳିନୀ ଭୂୟାଁ, ଅନିତା ମିଶ୍ର, ରଘୁନାଥପୁର ବ୍ଲକ ସଭାପତି ପ୍ରଶାନ୍ତ ଦାସ, ତିର୍ତ୍ତୋଲ ବ୍ଲକ ସଭାପତି ନିହାର ରଞ୍ଜନ ନାୟକ, ବିରିଡି ବ୍ଲକ ସଭାପତି ପ୍ରିୟବ୍ରତ ମିଶ୍ର, ସର୍ବେଶ୍ୱର ପଣ୍ଡା, ଆର୍ତ୍ତତ୍ରାଣ ପଣ୍ଡା, ସରପଞ୍ଚ କାଳନ୍ଦୀ ମହାନ୍ତି, ବେବିନା ମଲ୍ଲିକ, ଆରତି ଭୂୟାଁ ପ୍ରମୁଖ ବିଧାୟକ ଦାସଙ୍କ ବିରୋଧରେ ବର୍ଷିଥିଲେ।

# ସୈନ୍ୟବାହିନୀରେ ଯୋଗଦେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

**ସେନାରେ ନିଯୁକ୍ତି ପାଇଁ ପ୍ରଶିକ୍ଷଣ**

**ରଘୁନାଥପୁର, ୨୮।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ସୈନ୍ୟବାହିନୀରେ ନିଯୁକ୍ତି ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ସେନା କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତି ଅଧିକାରୀ ମେଜର କବିର କାଲେ ଏଥିରେ ଯୋଗଦେଇ କହିଥିଲେ, ୧୭ ରୁ ୨୧ ବର୍ଷ ପର୍ଯ୍ୟନ୍ତ ଯୁବତୀ ଯୁବକ ସେନାରେ ଯୋଗ ଦେବାପାଇଁ ବୟସ ସୀମା ରହିଛି। ଏଥିପାଇଁ ସେମାନେ କିପରି ନିଜକୁ ପ୍ରସ୍ତୁତ କରିବେ ଏବଂ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେନେଇ ପରାମର୍ଶ ଦେବାସହ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହାଛଡ଼ା ନିଯୁକ୍ତି ଆବେଦନ କିପରି ପୋର୍ଟାଲ ଦ୍ୱାରା ହୋଇଥାଏ ମେଜର କାଲେ ଡେମୋ କରି ଦେଖାଇଥିଲେ। କଲେଜର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସୈନ୍ୟବାହିନୀରେ ଯୋଗଦେଇ ଦେଶମାତୃକାର ସୁରକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ କେଦାର ମୁଦୁଲି ଓ ଅଧ୍ୟାପକ ସରୋଜ ମିଶ୍ର ନିଜ ବକ୍ତବ୍ୟରେ ଶୃଙ୍ଖଳିତ ସୈନ୍ୟ ବିଭାଗରେ ଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମା' ଦୁର୍ଗା ମନ୍ଦିରର ସ୍ୱନକ୍ଷତ୍ର ଦିବସ

**ପାରାଦୀପ, ୨୮।୨(ସ୍ୱ.ପ୍ର.)**

ପାରାଦୀପ ବଡ଼ପଡ଼ିଆ ବଣିକସଂଘ ପରିସରସ୍ଥିତ ଦୁର୍ଗା ମନ୍ଦିରର ୨୪ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ସକାଳୁ ମା'ଙ୍କ କଳସ ପୂଜାଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ଅନ୍ୟ ପୂଜା କରାଯାଇଥିଲା। ଏଥିରେ ବଡ଼ପଡିଆ ବଜାରର ହଜାରରୁ ଅଧିକ ବ୍ୟବସାୟୀ, ସାଧାରଣ ଲୋକ ଯୋଗ ଦେଇଥିଲେ। ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ। ସମସ୍ତଙ୍କ ପାଇଁ ଅନ୍ନପ୍ରସାଦ ହୋଇଥିଲା। ପାରାଦୀପର ପ୍ରମୁଖ ବ୍ୟକ୍ତି ବିଶେଷ ଏଥିରେ ଯୋଗ ଦେଇଥିଲେ।

# ଭଲିବଲ୍ ଟୁର୍ନାମେଣ୍ଟ: ଖୁରାଣ୍ଟ ଚାମ୍ପିୟନ

**କୁଜଙ୍ଗ, ୨୮।୨(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ବୋରିଖିସ୍ଥିତ ଦକ୍ଷିଣେଶ୍ୱର ଆଥ୍‌ଲେଟିକ୍ କ୍ଲବ ପକ୍ଷରୁ ରାତ୍ରିକାଳୀନ ଏକଦିବସୀୟ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏରସମାର ଖୁରାଣ୍ଟ ଭଲିବଲ୍ ଟିମ୍ ଭିରଙ୍ଗକୁ ୨-୧ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ଲବର ପୂର୍ବତନ ସଭାପତି ତଥା ବଡବନ୍ଧ ସେବା ସମୟବାୟ ସମିତିର ସଭାପତି ଶୁଭ୍ରକାନ୍ତ ସାମନ୍ତରାୟ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ କ୍ରୀଡ଼ା ଶିକ୍ଷକ ସାଗବ ଚରଣ ସ୍ୱାଇଁ, ଶିକ୍ଷାବିତ୍ ସରୋଜ କୁମାର ବେହେରା, ପବିତ୍ର ବସ୍ତିଆ ପ୍ରମୁଖ ଅତିଥିରୂପେ ଯୋଗଦେଇ ଏହି କୀଡ଼ାକୁ ଉଦ୍‌ଘାଟନ କରିଥିଲେ। ରଶ୍ମିରଞ୍ଜନ ବେହେରା, ପ୍ରଭାକର ପଶାୟତ, ଗୁଣନିଧି ପଶାୟତ, ସନ୍ତୋଷ ବେଉରା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଆଥଲେଟିକ୍ କ୍ଲବ ପକ୍ଷରୁ ଦିପକ ଦାସ, ପ୍ରତାପ ରୁଦ୍ର ମହାପାତ୍ର, ଆଶୁତୋଷ ବେଉରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ବିଜୟୀ ଟିମ୍‌ର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ସ୍ୱାମୀଙ୍କ ଜୀବନ ଗଲା, ବଞ୍ଚିବୁ କେମିତି





ମୃତ ବୁଲୁ ଦାସ ଓ ଦିଲୀପ ମହାନ୍ତିଙ୍କ ପରିବାରରେ ଶୋକ।

**ବାଣ ଗୋଦାମରେ ବିସ୍ଫୋରଣ ଘଟଣା**

**ଜଗତ୍‌ସିଂହପୁର ଅଫିସ, ୨୮।୨**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁର ମାଧୁରୀବଜାରସ୍ଥିତ ଏକ ବାଣ ଗୋଦାମରେ ମଙ୍ଗଳବାର ଅପରାହ୍ଣରେ ବିସ୍ଫୋରଣ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୨ ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ମୃତକଙ୍କ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

ଏହି ଘଟଣାରେ ସ୍ୱାମୀ ଚାଲିଗଲେ ଏବେ ଆମେ ବଞ୍ଚିବୁ କେମିତି ବୋଲି କୋହ ଭରା କଣ୍ଠରେ ମୃତ ଦିଲୀପ ଓ ବୁଲୁଙ୍କ ସ୍ତ୍ରୀ କହିଛନ୍ତି। ବୁଲୁଙ୍କ ସ୍ତ୍ରୀ ଝୁନଲତା କହିଛନ୍ତି, ଦଇବ ଦାଉ ସାଧିଲା। ୨ ପୁଅ, ଗୋଟିଏ ଝିଅ, ଶାଶୁ ଚାରୁଲତାଙ୍କୁ ନେଇ ସେ କିପରି ଘର ସଂସାର ଚଲାଇବେ ତାହା ଭାବିପାରୁ ନାହାନ୍ତି। ରୋଜଗାର ତ ଦୂରର କଥା ଜମିବାଡି କି ଘରଦ୍ୱାରା ସେଭଳି ନାହିଁ। କେବଳ ଚାଳ ଝୁମ୍ପୁଡି ଘର ଖଣ୍ଡେ ଅଛି। ବଡ଼ ଝିଅ ଶୁଭଶ୍ରୀ (୧୬) କଲେଜରେ ପଢୁଛି। ପୁଅ ଶୁଭମ (୧୪) ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରେ ୮ମ ଓ ସାନପୁଅ ସତ୍ୟମ (୧୦) ୫ମ ଶ୍ରେଣୀରେ ପଢୁଛନ୍ତି। ସ୍ୱାମୀ ଏହି ବାଣ ଗୋଦାମରେ ବାଣ ଭିଡି ବାର୍ଷିକ ୮୦ ହଜାର ଟଙ୍କା ପାଉଥିଲେ। ସେଥିରେ କଷ୍ଟମଷ୍ଟେ ପରିବାର ଚଳି ଯାଉଥିଲା। ଏବେ ସବୁଦିଗ ଅନ୍ଧାର ଦିଶୁଛି ବୋଲି ଝୁନଲତା କହିଛନ୍ତି।

ସେହିପରି ଦିଲୀପଙ୍କ ସ୍ତ୍ରୀ ସୌଦାମିନୀ ମଧ୍ୟ ନିଜର କୋହ ସମ୍ବରଣ କରି ନ ପାରି ବାଷ୍ପରୁଦ୍ଧ କଣ୍ଠରେ କହିଥିଲେ, ଶ୍ୱଶୁର ମହେନ୍ଦ୍ରଙ୍କ ମୃତ୍ୟୁ ପରେ ଶାଶୁ ଗୀତାମଣୀ, ୨ ପୁଅଙ୍କୁ ବହୁ କଷ୍ଟରେ ସ୍ୱାମୀ ଚଳାଉଥିଲେ। ବଡ ପୁଅ ଦିଗଦର୍ଶନ (୧୯) ବାଲିକୁଦା କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପଢ଼ନ୍ତି। ସାନ ପୁଅ ଦିଗବିଜୟ (୧୬) ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢ଼ନ୍ତି। ଏବେ ସେ ମାଟ୍ରିକ ପରୀକ୍ଷା ଦେବେ। ଏଭଳିସ୍ଥିତିରେ ଶାଶୁ ଓ ପିଲାଦ୍ୱୟଙ୍କ ମୁହଁରେ ଦିନକୁ ଦିବେଳା ଆହାର କେଉଁଠୁ ଯୋଗାଡ କରିବେ ତାହା ସେ ଭାବି ପାରୁନାହାନ୍ତି। ଭଗବାନ କାହିଁକି ଏଭଳି ଚଡ଼କ ପକାଇଲେ ବୋଲି ସେ କାନ୍ଦି କାନ୍ଦି କହିଛନ୍ତି।

## ସଂକ୍ଷେପରେ

### କଡ଼ା ସୁରକ୍ଷାରେ +୨ ପ୍ରଶ୍ନପତ୍ର

ବୁଗୁଡ଼ା,୨୮।୨(ଡି.ଏନ.ଏ.)-ବୁଗୁଡା ପିପୁଲ୍ସ କଲେଜ ହବ୍ ସେଣ୍ଟରରେ +୨ ବିଜ୍ଞାନ ଓ କଳା ସହିତ ଧନ୍ଦାମୂଳକ ଶିକ୍ଷାର ପ୍ରଶ୍ନପତ୍ର ଆସି ପହଞ୍ଚିବା ପରେ ସେଗୁଡିକ ପୋଲିସର ୨୪ ଘଣ୍ଟିଆ ପ୍ରହରା ସହ କଡ଼ା ସୁରକ୍ଷା ମଧରେ ରହିଥିବା ଦେଖିବାକୁ ମିଳିଛି। ମାର୍ଚ୍ଚ ପହିଲାରୁ +୨ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ବୁଗୁଡ଼ାର ପିପୁଲ୍ସ କଲେଜ ଓ ବଳଦେବ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ସାଙ୍ଗକୁ ମାଣିତରା ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ଏବଂ ପିପୁଲ୍ସ କଲେଜର ଧନ୍ଦାମୂଳକ ଶିକ୍ଷାର୍ଥୀ ନିଜ ନିଜର ଶିକ୍ଷାନୁଷ୍ଠାନ କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ବେଳେ ସେମାନଙ୍କ ପାଇଁ ଏହି ହବ୍ ସେଣ୍ଟରରେ ପ୍ରଶ୍ନପତ୍ର ଗଚ୍ଛିତ ରହିଛି। ଅନ୍ୟପକ୍ଷରେ ବାଲିପଦରସ୍ଥ ଅହଲ୍ୟା ଦେବୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ପିପୁଲ୍ସ କଲେଜ କେନ୍ଦ୍ରରେ ପରୀକ୍ଷା ଦେବା ନେଇ ଜଣାପଡ଼ିଛି। ଉକ୍ତ ହବ୍ ସେଣ୍ଟରର ସୁପରଭାଇଜର ଓ ଡେପୁଟି ସୁପରଭାଇଜର ଦାୟିତ୍ୱରେ ଯଥାକ୍ରମେ ଅଧକ୍ଷ ରଜନୀକାନ୍ତ ଦାଶ ଓ ଅଧାପକ ସୁଶାନ୍ତ କୁମାର ସାହୁ ରହିଛନ୍ତି।

### ଶାଗୁଆନ କାଠ ବୋଝେଇ ପିକ୍ଅପ ଜବତ

ରାଇକିଆ,୨୮।୨(ଡି.ଏନ.ଏ)- ରାଇକିଆ ରେଞ୍ଜ ଅନ୍ତର୍ଗତ କରଡା ବନାଞ୍ଚଳରୁ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠଗଣ୍ଡି ବୋଝେଇ ପିକ ଅପ ଭ୍ୟାନ ଜବତ ହୋଇଛି। ସୋମବାର ରାତି ଦୁଇଟାରେ କାଠ ଚାଲାଣ ହେଉଥିବା ଖବର ପାଇ ରାଇକିଆ ଓ କରଡା ସେକ୍ସନର ମିଳିତ ଚଢ଼ାଉ ବେଳେ ପୋଡ଼ମାରି ଦକ୍ଷିଣ କାଳୀ ମନ୍ଦିର ନିକଟ ରାସ୍ତା ଉପରୁ କାଠ ବୋଝେଇ ଭ୍ୟାନକୁ ଜବତ କରିଥିଲେ। ଏହି ଘଟଣାରେ ଡ୍ରାଇଭର ଖସି ପଳାଇଥିବା ବେଳେ କାଠ ମାଫିଆ ଗିରଫ ହୋଇନାହାନ୍ତି। ରାଇକିଆ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, କରଡ଼ା ଫରେଷ୍ଟର ଉଷବ କହଁର, ଫରେଷ୍ଟ ଗାର୍ଡ ଅଙ୍ଗଦ ଦିଗାଲ, କୃଷ୍ଣ ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ଦୁର୍ଘଟଣାରେ ମୃତ ସାମାଜିକ କର୍ମୀଙ୍କ ସ୍ମୃତିସଭା

ଛତ୍ରପୁର,୨୮।୨(ଡି.ଏନ.ଏ)- ଛତ୍ରପୁର ବ୍ଲକ ଅନ୍ତର୍ଗତ କଣମଣା ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ବଳରାମ ବେହେରାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏନେଇ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଶଙ୍କର ଦାଶ, ସରପଞ୍ଚ ସଞ୍ଜୀବ ରେଡ୍ଡୀ, ସମିତି ସଭ୍ୟ ଏସ୍. ଚକ୍ରପାଣି ରେଡ୍ଡୀ, ଭାଗୀରଥି ବେହେରା, ପ୍ରଶାନ୍ତ ପଣ୍ଡା, ଟି. ଚନ୍ଦ୍ରଶେଖର, ନାଗେଶ ରାଓ ପ୍ରମୁଖ ପହଞ୍ଚି ସ୍ମୃତି ଚାରଣ କରିଥିଲେ। ଗତ ୨୦୨୨ ଅକ୍ଟୋବର ୨୭ ତାରିଖରେ ଛତ୍ରପୁରଠାରୁ ନିଜ ଗ୍ରାମ କଣମଣା ଯିବା ସମୟରେ ବାଇକ୍ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ପରେ ସେ ଭୁବନେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଅନେକ ଦିନ ଚିକିତ୍ସା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନ ଥିଲା। ୧୮ ତାରିଖରେ ଚିକିତ୍ସିତ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପହଞ୍ଚିପାରିଲାନି ନୋଟିସ୍ ; ଅନୁପସ୍ଥିତ ରହିଲେ ଅଧକ୍ଷା, ଉପାଧକ୍ଷ

ଗଞ୍ଜାମ,୨୮।୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କନଫରେନ୍ସ ହଲଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଡିଓ ଭବାନୀ ଶଙ୍କର ପ୍ରଧାନ ଅଧକ୍ଷତା କରିଥିଲେ। ଛତ୍ରପୁର ଉପଜିଲାପାଳ ପ୍ରସନ୍ନ ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ରବୀନ୍ଦ୍ର ନାଥ ମଲାଣ, ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଛଅ ମାସକୁ ଥରେ ଅନୁଷ୍ଠିତ ହେଉଥିବା ଏହି ଜନଶୁଣାଣ କାର୍ଯ୍ୟକ୍ରମରେ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେବା ନିମନ୍ତେ ବିଡ଼ିଓ ଜସ୍ମିନ ପ୍ରଧାନ ନୋଟିସ କରିଥିଲେ ମଧ ଉକ୍ତ ନୋଟିସ ଅଧକ୍ଷାଙ୍କ ନିକଟରେ ପହଞ୍ଚି ପାରିନଥିଲା। ଫଳରେ ଅଧକ୍ଷା ଜନଶୁଣାଣି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏକଥା ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ତଥା ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ କହିଛନ୍ତି। ଏଥିପାଇଁ ଜିଲାପରିଷଦ ସଭ୍ୟ ସନାତନ ବେହେରା, ବିଜେଡି ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ୨୦୧୬-୧୭ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ଆର୍ଥିକ ବର୍ଷର ବିବରଣୀ ପଠନ କରିଥିଲେ। ୧୫ଟି ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକରେ ମୋଟ ୨୯୬୮ ପ୍ରକଳ୍ପ ମଧ୍ୟରୁ ୧୭୦୯ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ୧୦୫୦ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିପାଇଁ ପଞ୍ଚାୟତସ୍ତରରେ ୩୧୧ଲକ୍ଷ ୯୯ ହଜାର ଏବଂ ବ୍ଲକସ୍ତରରେ ୩୪୭ଲକ୍ଷ ୩୪ ହଜାର ମୋଟ ୬୫୯ଲକ୍ଷ ୩୩ ହଜାର ବ୍ୟୟ ଅଟକଳ ହୋଇଥିଲା। ମନରେଗାରେ କାମ ପାଇଁ ୧୯ ହଜାର ୫୪୫ ପରିବାର ଜବକାର୍ଡ ପାଇଁ ପଞ୍ଜିକରଣ କରିଥିଲେ ଏବଂ ସମସ୍ତେ ପରିବାର ଜବକାର୍ଡ ପାଇଛନ୍ତି। ଏଥିସହ ୨୨୮୬ ପରିବାର ୧୦୦ ଦିନ କାମ ସମ୍ପୂର୍ଣ୍ଣ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ୯୦୧୯୩୭ ଶ୍ରମଦିବସ ସୃଷ୍ଟି ହୋଇ ପାରିଥିବା ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ ସୂଚନା ଦେଇଥିଲେ। ଅନ୍ୟପଟେ ୧୫ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମଧ୍ୟରୁ ମାତ୍ର ୮ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଆଉ ୭ ପଦବୀ ଖାଲିପଡିଛି, ଯାହାକୁ ନେଇ ଜନପ୍ରତିନିଧି ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମୃତ୍ତିକା ସଂରକ୍ଷଣ, ହଟିକଲଚର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ କର୍ମଚାରୀମାନେ ନିଜ ମତ ରଖିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ଜିପିଓ ଶ୍ରୀକାନ୍ତ ଗୌଡ଼, ଡିଓ ଶିବାନୀ ସେଠୀ, ବ୍ରଜ କିଶୋର ବେହେରା, ମାମି ସାହୁ, ପୂଜା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଅତିଥିମାନେ।

## ଗଞ୍ଜାମ ବ୍ଲକସ୍ତରୀୟ ଜନଶୁଣାଣି

# ଡକାୟତ ଗ୍ୟାଙ୍ଗର ୨ ଗିରଫ

## ନଗଦ ଟଙ୍କା ସହ ଚୋରି ସାମଗ୍ରୀ ଜବତ

ବାଲିଗୁଡ଼ା,୨୮।୨(ଡି.ଏନ.ଏ)- ବାଲିଗୁଡ଼ା ପୋଲିସ ଏକ ୬ଜଣିଆ ଡକାୟତ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଥିବା ନେଇ ଏସ୍‌ଡିପିଓ ରୋହିତ ବର୍ମା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି । ନଗଦ ଏକଲକ୍ଷ ଟଙ୍କା, ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ଛୁରି, ଦୁଇଟି ମୋବାଇଲ ସମେତ ଗୋଟିଏ ଚୋରି ବାଇକ୍ ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଛି। ପୂର୍ବରୁ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଅଜୟ ଦିଗାଲକୁ ପୋଲିସ ଗିରଫ କରିଥିବା ବେଳେ ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତୁମୁଡ଼ିବନ୍ଧ ଥାନା ଅଞ୍ଚଳର ରିଚାର୍ଡ ନାୟକ, ପ୍ରିୟ ମଣ୍ଡଳ। ବର୍ତ୍ତମାନ ସୁଦ୍ଧା ତିନି ଜଣ ଗିରଫ ହୋଇଥିବା ବେଳେ ଗ୍ୟାଙ୍ଗର ଆଉ ୩ ଜଣଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନା ପ୍ରକାରେ, ୨୦୨୨ ନଭେମ୍ବରରେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଜଲେଶପଟ୍ଟା ନିକଟସ୍ଥ ମା'ବରାଳ ଦେବୀ ପେଟ୍ରୋଲ ପମ୍ପର ମ୍ୟାନେଜର ଟଙ୍କା ଜମା କରିବାକୁ ବ୍ୟାଙ୍କକୁ ଯିବା ସମୟରେ ତୁମୁଡ଼ିବନ୍ଧ କଲେଜ ନିକଟରୁ ୫ ଲକ୍ଷ ଟଙ୍କା ଲୁଟ ହୋଇଥିଲା। ଏହାପରେ ଚଳିତବର୍ଷ ଜାନୁୟାରୀ ୨୯ ତାରିଖରେ ପୁଣିଥରେ ବିଳମ୍ବିତ ରାତିରେ ଜଲେଶପଟ୍ଟାସ୍ଥିତ ସେହି ପେଟ୍ରୋଲ ପମ୍ପରେ ଦୁର୍ବୃତ୍ତ ପହଞ୍ଚି କର୍ମଚାରୀଙ୍କୁ ମାଡ଼ ମାରି ଭଙ୍ଗାରୁଜା କରିବା ସହ କିଛି ଟଙ୍କା ସମେତ ଏକ ମୋଟର ବାଇକ୍ ଲୁଟି ନେଇଥିଲେ। ଏହାପରେ ଫେବୃୟାରୀ ୮ତାରିଖରେ ବାଲିଗୁଡ଼ା ଥାନା ଗଦ୍ରିଙ୍ଗିଆ ଘାଟିରେ ରାସ୍ତାରେ କାଠ ଓ ପଥର ପକାଇ ଏକ ଟ୍ରକ ଅଟକାଇ ଟ୍ରକ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଡ୍ରାଇଭର ଓ ଟ୍ରକରେ ଆସୁଥିବା ଜଣେ ଶିକ୍ଷକଙ୍କୁ ମାଡ଼ ମାରି ସେମାନଙ୍କ ନିକଟରୁ ୨୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ସମସ୍ତ ଘଟଣାକୁ ଗୁରୁତର ସହ ଗ୍ରହଣ କରି ବାଲିଗୁଡ଼ା ଥାନା ଅଧିକାରୀ ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ତଦନ୍ତ ଜାରି ରଖିଥିଲା। ଗିରଫ ଦୁଇ ଯୁବକ ତୁମୁଡ଼ିବନ୍ଧ ଥାନା ଅଞ୍ଚଳର ରିଚାର୍ଡ ନାୟକ, ପ୍ରିୟ ମଣ୍ଡଳ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଏସ୍‌କେସିଜି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ପାରଳାଖେମୁଣ୍ଡି,୨୮।୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଥିବା କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ନେଇ ଗଜପତି ଜିଲାର ଦୁଇ ବିଧାୟକ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ଭୁବନେଶ୍ୱରଠାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଏବଂ ମୋହନା ବିଧାୟକ ଦାସରଥି ଗମାଙ୍ଗ ଉଚ୍ଚଶିକ୍ଷା ମନ୍ତ୍ରୀ ପୂଜାରୀଙ୍କୁ ଭେଟି ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ସମ୍ପର୍କରେ ଆଲୋଚନା କରିଥିଲେ। ୧୨୭ବର୍ଷ ପୂର୍ବେ ସ୍ଥାପିତ ହୋଇଥିଲେ ମଧ ଏହା ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ରାଜ୍ୟ ସରକାର ଏହି ଶତାୟୁ ମହାବିଦ୍ୟାଳୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଲେ ଆଦିବାସୀ ଅଧ୍ୟୁଷିତ ଜିଲାରେ ଶିକ୍ଷା ଭିତ୍ତିଭୂମିର ବିକାଶ ଘଟିବା ସଙ୍ଗେ ସଙ୍ଗେ ନବଉତ୍କଳ ନିର୍ମାଣର ମୁଖ୍ୟ କର୍ଣ୍ଣଧାର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ପ୍ରତି ସସମ୍ମାନ ହେବ। ସୂଚନାଯୋଗ୍ୟ, ଏସ୍‌କେସିଜିକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ନେଇ ସମଗ୍ର ଜିଲାରେ ଚର୍ଚ୍ଚା ଜୋର୍ ଧରିଛି। ଜିଲାର ସମସ୍ତ ଦଳକୁ ନେଇ ପୂର୍ବରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଦ୍ୱୟଙ୍କ ନେତୃତ୍ୱରେ ରାଜ୍ୟସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ ପାଇଁ ସ୍ଥିର ହୋଇଥିଲା।


ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ତମାଖୁମୁକ୍ତ ପଞ୍ଚାୟତ ତାଲିମ ଶିବିର

ଫୁଲବାଣୀ ଅଫିସ, ୨୮।୨- ଫୁଲବାଣୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ତମାଖୁ ମୁକ୍ତ ପଞ୍ଚାୟତ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫିରିଙ୍ଗିଆ, ଖଜୁରିପଡା ବ୍ଲକ ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟମାନେ ଯୋଗ ଦେଇ ତାଲିମ ନେଇଥିଲେ। ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହକାରୀ ପରିଚାଳକ ଅଶୋକ କୁମାର ସାହୁ ଯୋଗଦେଇ ଉପସ୍ଥିତ ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ତାଲିମ ପ୍ରଦାନ କରିଥିଲେ। ତମାଖୁ ଜାତୀୟ ଦ୍ରବ୍ୟ ସେବନ ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡେ, ବିଶେଷ କରି ପିଲାମାନେ କେଉଁ ରୋଗରେ ଆକ୍ରାନ୍ତ ହୁଅନ୍ତି, ତାହା ଉପରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସରପଞ୍ଚ ଓ ସମିତି ସଭ୍ୟମାନେ ଆଗାମୀ ଦିନରେ ଗାଁ କଲ୍ୟାଣ ସମିତି ଜରିଆରେ ତମାଖୁ ବର୍ଜନ ଉପରେ ସଚେତନତା ସୃଷ୍ଟି କରିବେ। ଯଦି କେହି ପଞ୍ଚାୟତରେ ତମାଖୁ ସେବନ କରିବେ ତାହାଲେ ସେମାନଙ୍କୁ ୨୦୦ ଟଙ୍କା ଯାଏ ଫାଇନ କରାଯିବ ବୋଲି ସମସ୍ତଙ୍କୁ ଅବଗତ କରାଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟ, ସଲାଗୁଡ଼ା ସରପଞ୍ଚ ରୋହିତ କହଁର, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ଫିରିଙ୍ଗିଆ ସମିତି ସଭ୍ୟ ମୌସୁମୀ ପ୍ରଧାନ, ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁର, ବଲସକୁମ୍ପା ସରପଞ୍ଚ ଅମ୍ବିକା କହଁର, ରତଙ୍ଗ ସମିତି ସଭ୍ୟ ବିରଞ୍ଚି କହଁରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁ ପ୍ରତିକାର ରଥ ଶୁଭାରମ୍ଭ


ଅଧିକାରୀମାନେ ରଥ ଶୁଭାରମ୍ଭ କରୁଛନ୍ତି।

ଫୁଲବାଣୀ ଅଫିସ,୨୮।୨(ଡି.ଏନ୍.ଏ.)

ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ମଙ୍ଗଳବାର ଫୁଲବାଣୀ ବନଖଣ୍ଡ କାର୍ଯ୍ୟାଳୟରେ ଜଙ୍ଗଲ ନିଆଁର ନିରାକରଣ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତାମୂଳକ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ପରେ ଛାତ୍ରୀଛାତ୍ରମାନେ ଏକ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ସେମାନେ ଜଙ୍ଗଲ ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ଦେବା ସହ ଲୋକଙ୍କୁ ସଚେତନ କରିଥିଲେ। ଏହି ରଥ ବୁଲି ଗ୍ରାମାଞ୍ଚଳର ଲୋକଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା କରିବ । ଲୋକଙ୍କୁ କୁଇ ଏବଂ ଓଡିଆ ଭାଷାରେ ପ୍ରାଞ୍ଜଳ ଭାବେ ଗୀତ ମାଧମରେ ସଚେତନ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟେଲ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସିଏଫ୍‌ଓ ମଳୟ ରଞ୍ଜନ କାଲୋ, ଫୁଲବାଣୀ ରେଞ୍ଜର ଶିଶିର କୁମାର ଝାଙ୍କର ଯୋଗ ଦେଇଥିବା ବେଳେ ଫରେଷ୍ଟର ଆଶିଷ କୁମାର ଦିଗାଲ, ସରୋଜ କୁମାର ମିଶ୍ର, ପ୍ରଶାନ୍ତ କୁମାର ସାହୁ, ମୋନାଲିସା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରିବେଶ କ୍ଷତି ନହେଲା ଭଳି ଗବେଷଣା ହେଉ

ଭଞ୍ଜନଗର,୨୮।୨(ଡି.ଏନ୍.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଭୂ ବିଜ୍ଞାନ ଗବେଷଣା କେନ୍ଦ୍ରର ବରିଷ୍ଠ ରସାୟନବିତ୍ ତରୁଣ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପରିବେଶ ଏବଂ ମାନବସମାଜକୁ କ୍ଷତି ନ ହେଲା ଭଳି ଗବେଷଣା ହେଉ ବୋଲି କହିଥିଲେ। ଗଞ୍ଜାମ-୧ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ସିଧାର୍ଥ ରଣବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗଞ୍ଜାମ-୧ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ସତ୍ୟବ୍ରତ ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସାତ୍ୟକୀ ସାହୁ, ସଂଯୋଜିକା ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ, ପ୍ରାଧ୍ୟାପକ ହରପ୍ରସାଦ ଶତପଥି,ଶୈକ୍ଷିକ ପରିଷଦ ଅଧିକାରୀ ପ୍ରାଧ୍ୟାପକ ବିଭାସ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଅଧ୍ୟାପିକା ପୂଜା ଦାସ ସଭାକୁ ସଂଯୋଜନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସ୍ମରଣିକା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ଡ.ବିଷ୍ଣୁପଦ ମହାନ୍ତି, ପ୍ରତ୍ୟୁଷ କାର୍ଜି, ସତ୍ୟଜିତ୍ ବେଉରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିଭଳି ବିଡିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟରେ ମଧ ଏହି ଦିବସ ପାଳିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ଡ.ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଡ.ରମଣି ରଞ୍ଜନ ମିଶ୍ର ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ବଦ୍ରି ନାରାୟଣ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସଙ୍ଗୀତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ତିବ୍ବତୀୟ ପରିବାରକୁ ପଡ଼ି ସାମଗ୍ରୀ ଯୋଗାଣ

ଆର.ଉଦୟଗିରି,୨୮।୨(ଡି.ଏନ.ଏ.)

ଗଜପତିଜିଲା ମୋହନା ଓ ଆର.ଉଦୟଗିରି ବ୍ଲକର ମହେନ୍ଦ୍ରଗଡଠାରେ ବସବାସ କରୁଥିବା ତିବ୍ବତୀୟ ଶରଣାର୍ଥୀ ଚନ୍ଦ୍ରଗିରି, ଜିରାଙ୍ଗ, ଟାଙ୍କିଲିପଦର, ଲବାରସିଂ ଏବଂ ମହେନ୍ଦ୍ରଗଡ ଠାରେ ୫ଟି କ୍ୟାମ୍ପରେ ରହିଛନ୍ତି। ଲବାରସିଂ ପଞ୍ଚାୟତରେ ବସବାସ କରୁଥିବା ୧୧୨ ଜଣ ଶରଣାର୍ଥୀ ପରିବାରକୁ ପଡ଼ି ସାମଗ୍ରୀ ଯୋଗାଣ କରାଯାଇଛି। ଯୋଗଣା ନିରୀକ୍ଷକ ଶୁଭେନ୍ଦୁ କୁମାର ପାଣିଗ୍ରାହୀ ଏବଂ ସରପଞ୍ଚ ସାମଗ୍ରୀ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୋହନା ବ୍ଲକର ଚନ୍ଦ୍ରଗିରି, ଜିରାଙ୍ଗ, ଲବାରସିଂ ୩ ପଞ୍ଚାୟତର ୧୧୨୦ ଶରଣାର୍ଥୀ, ଚନ୍ଦ୍ରଗିରି ପଞ୍ଚାୟତରେ ୭୬ ଶରଣାର୍ଥୀ ପରିବାରକୁ ମୋହନା ବିଡିଓଙ୍କ ଉପସ୍ଥିତିରେ ପଡି କାର୍ଡ ପ୍ରାପ୍ୟ ରସିଦ ବଣ୍ଟନ କରାଯାଇଥିଲା।

# ବାର୍ଷିକ ଉତ୍ସବ, ଶିଶୁ ଲେଖକ କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରମ୍ଭା,୨୮।୨

ରମ୍ଭା ବାଳିକା ପ୍ରାଥମିକ ବିଦ୍ୟାଳୟରେ ୭୬ ତମ ବିଦ୍ୟାଳୟ ସ୍ତରୀୟ ଶିଶୁ ଲେଖକ କର୍ମଶାଳା ଓ ବାର୍ଷିକ ଉତ୍ସବ ଗଣପତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ବେହେରା ରହିଥିବା ବେଳେ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚରଣ ଜେନା ଏବଂ ସମ୍ମାନିତ ଅତିଥି ଭାବେ ରମ୍ଭା ଏନ୍‌ଏସି ଅଧକ୍ଷା ମାନସୀ ସ୍ୱାଇଁ, ଏବିଓ ବିଜୟ କୁମାର ବେହେରା, ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା, ରମେଶ ଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବେହେରା ଓ କୁନ୍ତଳା କୁମାରୀ ଦାସ ପ୍ରମୁଖ ମଞ୍ଚାସୀନଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ଗଳ୍ପ, ପ୍ରବନ୍ଧ, କବିତା, ପଠନ, ଲିଖନ, ଆବୃତ୍ତି, ଗୀତ, ନୃତ୍ୟ, ଅଭିନୟ, ଖେଳ, କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ବିଭିନ୍ନ ବିଭାଗର କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ଗଣପତି ବେହେରାଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସମୀର କୁମାର ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଙ୍ଗନୱାଡି କର୍ମୀ ବିଷ୍ଣୁ ପ୍ରିୟା ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଦୁଲଣା ବେହେରା, ଶଙ୍କର କୁମାର ସେଠୀ, କାଉନସିଲର କ୍ଷେତ୍ର ମୋହନ ବେହେରା ଅଭିଭାବିକା/ଅଭିଭାବକ ଓ କମିଟି ସଦସ୍ୟଙ୍କ ଉପସ୍ଥିତିରେ କୁନି କୁନି ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ମମତା ବେହେରା ଧନ୍ୟବାଦ ଦେଇଥିଲେ।

# ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ସ୍ଥାୟୀ ଚାକିରି ଦାବି

ଛତ୍ରପୁର/ପାରଳାଖେମୁଣ୍ଡି, (ଡି.ଏନ୍.ଏ)/ଫୁଲବାଣୀ ଅଫିସ, ୨୮।୨

ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ସ୍ଥାୟୀ ଚାକିରି ଓ ଦରମା ବୃଦ୍ଧି ଦାବି ନେଇ ଆମ ଆଦମୀ ପାର୍ଟି ପକ୍ଷରୁ ମଙ୍ଗଳବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ମିଶନ ଶକ୍ତିରେ ସହାୟକ ଷ୍ଟାଫ୍ ଭାବରେ କାମ କରୁଥିବା ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କ ମିତ୍ରମାନେ ଦୀର୍ଘ ୧୦ ବର୍ଷ ଧରି କାମ କରୁଛନ୍ତି । ତେବେ ଏମାନଙ୍କୁ ସ୍ଥାୟୀ କରରାଯାଇନି । ଏଥିସହ ତାଙ୍କର ଦରମା ବୃଦ୍ଧି କରାଯାଉନଥିବା ନେଇ ଆମ ଆଦମୀ ପାର୍ଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଆଗାମୀ ଦିନରେ ଏମାନଙ୍କ ଦାବି ପୂରଣ ନ କରାଗଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି କୁହାଯାଇଛି। ଏଥିସହ ଦିଲ୍ଲୀର ଶିକ୍ଷାମନ୍ତ୍ରୀ ସିସୋଡିଆଙ୍କ ଗିରଫକୁ ନିନ୍ଦା ସହ ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଛି । ଏଥିରେ ଦଳର ଜିଲା ସଭାପତି ସୁବାସ ଚନ୍ଦ୍ର ରାଉତ, ସମ୍ପାଦକ ଆଦିତ୍ୟ କୁମାର ରଥ, ଉପସଭାପତି ସୁଧୀର କୁମାର ପ୍ରଧାନ, ମହିଳା ସଭାନେତ୍ରୀ ନିବେଦିତା ପ୍ରଧାନ ପ୍ରମୁଖ ସାମିଲ ଥିଲେ।

ଅନୁରୂପ ଭାବେ ଗଜପତି ଜିଲା ଆମ ଆଦମୀ ପାର୍ଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ଆମ ଆଦ୍‌ମୀ ପାର୍ଟିର ସଂଯୋଜକ ଶିଶିର ଭଞ୍ଜସାମନ୍ତ ରାୟ, ଲାଗସଦାସ ବର୍ଦ୍ଧନ, ଲୋକନାଥ ଭୁକ୍ତା, ପି.ମୁରଲୀକ୍ରିଷ୍ଣା, ପିନୋଶ ଗମାଙ୍ଗ, ନାଭେଲ ନାଇକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଦାବି ସମ୍ପର୍କିତ ଏକ ପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଆମ୍ ଆଦ୍‌ମୀ ପାର୍ଟିର ଜିଲା ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ପଟ୍ଟନାୟକ, କୋଷାଧକ୍ଷ ଜର୍ବାସ ଦିଗାଲ, ଆଦିବାସୀ ସେଲ୍ ସଭାପତି ମହେନ୍ଦ୍ର କୁମାର ମଲ୍ଲିକ, ଦିଲ୍ଲୀପ ଦିଗାଲ, ସସ୍ମିତା ପଟ୍ଟନାୟକ, ତ୍ରିନାଥ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ କର୍ମୀମାନେ ସାମିଲ ଥିଲେ।

## ଆମ ଆଦ୍‌ମୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ପାରଳାଖେମୁଣ୍ଡି ଓ ଫୁଲବାଣୀରେ ଆମ୍ ଆଦ୍‌ମୀ ପାର୍ଟିର ବିକ୍ଷୋଭ।

## ସଂକ୍ଷେପରେ

### ଛଟେଇ ଶ୍ରମିକଙ୍କ ଆନ୍ଦୋଳନ ଚେତାବନୀ

କାଳିଆପାଣି,୨୮।୨(ଡି.ଏନ୍.ଏ): ଓଡ଼ିଶା ଖଣି ନିଗମ ଅଧୀନ ସୁକୁରଙ୍ଗୀ ଖଣିରୁ ଛଟେଇ ହୋଇଥିବା ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଦେଇଛନ୍ତି ଚେତାବନୀ। ସମ୍ପୃକ୍ତ ଖଣିରେ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଥିବା ଓସିଏଲ୍ କମ୍ପାନୀ ଅନୂନ୍ୟ ୪ମାସ ହେବ କାର୍ଯ୍ୟ ବନ୍ଦ କରିଦେଇ ଶତାଧିକ ଶ୍ରମିକ ଓ କର୍ମଚାରୀଙ୍କୁ ଛଟେଇ କରିଦେଇଛି। ଫଳରେ ଆର୍ଥିକ ଅନଟନ ଭିତରେ ନିଜ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପକ୍ଷେ ଦୁର୍ବିଷହ ହୋଇପଡିଛି। ଖଣି ନିଗମ ସମ୍ପୃକ୍ତ ଖଣିକୁ କାର୍ଯ୍ୟକ୍ଷମ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରି କେସିସି ନାମକ ଠିକାଦାରଙ୍କୁ କାର୍ଯ୍ୟଭାର ଦେବାନେଇ ଶୁଣିବାକୁ ମିଳୁଛି। କିନ୍ତୁ ନୂତନ ଠିକାଦାର ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନାହାନ୍ତି କି ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଦେଇନାହାନ୍ତି। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ଦେଇ ଠିକାଦାର ନିଜ ଲୋକଙ୍କୁ କାର୍ଯ୍ୟରେ ନିୟୋଜିତ କରିବାର ମସୁଧା କରି ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରୁ ନ ଥିବା ଅଭିଯୋଗ ହୋଇଛି। ଗତ ନଭେମ୍ବର ୧୩ରୁ ଖଣି କାର୍ଯ୍ୟ ବନ୍ଦ ଥିବାବେଳେ ନୂତନ ଠିକାଦାରଙ୍କ କାର୍ଯ୍ୟ ଆରମ୍ଭରେ କାଳକ୍ଷେପଣ ନୀତିକୁ ସ୍ଥାନୀୟ ଶ୍ରମିକ ସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ୧୦ ଦିନ ମଧ୍ୟରେ ଖଣି ଖୋଲି ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ନ ଦେଲେ ନିଗମର କାଳିଆପାଣି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୂର ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଭରତ ମହାନ୍ତ, ଜିଲା ପରିଷଦ ସଭ୍ୟା ଜେମା ଚାଖି, ସ୍ଥାନୀୟ ସରପଞ୍ଚ ବିକାଶ ପାତ୍ର, ସମିତି ସଭ୍ୟ ସାଲୁକା ହନେଗା ଏକ ପ୍ରେସ ବିବୃତିରେ ଚେତାବନୀ ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କ ଅକାଳ ବିୟୋଗ

ବାଲିଚନ୍ଦ୍ରପୁର,୨୮।୨(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତସ୍ଥିତ ବୁଦୁଖାଁମହଲା ଗ୍ରାମର ପ୍ରଧାନଶିକ୍ଷକ ଫାରୁକ୍ ଖାଁ(୫୪)ଙ୍କ ମଙ୍ଗଳବାର ଅକାଳ ବିୟୋଗ ହୋଇଯାଇଛି। ସେ ବ୍ରହ୍ମବରଦାସ୍ଥିତ ସି.ଏମ୍. ହାଇସ୍କୁଲ ଚାନ୍ଦପୁରଠାରେ ଶିକ୍ଷାଦାନ କରୁଥିଲେ। ଗତ ୨୨ ତାରିଖରେ ଶ୍ରେଣୀ ଗୃହରେ ହଠାତ୍ ପଡ଼ିଯିବାରୁ ତାଙ୍କୁ ସଙ୍ଗେସଙ୍ଗେ କଟକର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ମସ୍ତିଷ୍କାଘାତ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ମରଶରୀରକୁ ଶୋଭାଯାତ୍ରାରେ ବ୍ରହ୍ମବରଦାସ୍ଥିତ ସି.ଏମ୍. ହାଇସ୍କୁଲକୁ ନିଆଯାଇଥିଲା। ସେଠାରେ ଶେଷ ଶ୍ରଦ୍ଧାଞ୍ଜଳି ପରେ ତାଙ୍କ ଚାରିନଙ୍ଗଳସ୍ଥିତ ବୁଦୁଖାଁମହଲା ନିଜ ଗ୍ରାମକୁ ନିଆଯାଇଥିଲା। ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଫାରକ୍ଙ୍କ ମୃତ୍ୟୁରେ ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ସି.ଏମ୍.ହାଇସ୍କୁଲର ସହକାରୀ ଶିକ୍ଷକ ସେକ୍ ତାଜୁଦ୍ଦିନ୍, ନିବେଦିତା କର, କଲ୍ୟାଣୀ ସନ୍ଧିବିଗ୍ରହ, ମନୋଜ ବାରିକ, ଚାନ୍ଦ ଖାଁ, ସେକ୍ ଅପତର ଅଲ୍ଲି, ସରପଞ୍ଚ ଝରଣା ପାତ୍ର, ସେକ୍ ମୋଇନ ଅହେମ୍ମଦ୍, ସେକ୍ ରିଆସତ ଅଲ୍ଲି, ଦୀପକ ସାମଲ, ଅଶୋକ ବେହେରା, ବାହାଉଦ୍ଦିନ୍ ଖାଁ ପ୍ରମୁଖ ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବଡ଼ଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ନିମ୍ନମାନର

- ଏଷ୍ଟିମେଟ ଅନୁସାରେ ହେଉନି କାର୍ଯ୍ୟ
- ଅଧିକାରୀଙ୍କୁ ତାଗିଦ କଲେ ବିଧାୟକ



ନିମ୍ନମାନର କାର୍ଯ୍ୟ ହୋଇଥିବା ବଡ଼ଚଣା- ଦର୍ପଣ ରାସ୍ତା ।

ଚଣ୍ଡିଖୋଲ,୨୮।୨(ଡି.ଏନ.ଏ.): ଚାର୍‌ବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ବଡ଼ଚଣା ଉପଖଣ୍ଡରେ ରହିଛି ବଡ଼ଚଣା-ଦର୍ପଣ ରାସ୍ତା। ବର୍ତ୍ତମାନ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର ଏହା ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବା ପରେ ବିଧାୟକ ଅମର ପ୍ରସାଦ ଶତପଥୀ ବିଭାଗୀୟ ଅଧିକାରୀଙ୍କୁ ଡାକି କାମ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ରାସ୍ତା ୨ ଲେନ୍ କରାଯିବା ନେଇ ୨୦୨୧ ନଭେମ୍ବର ୨୨ରେ ଟେଣ୍ଡର କରାଯାଇଥିଲା। ପୂର୍ବରୁ ଏହି ରାସ୍ତାର ଓସାର ୫.୫ ମିଟର ଥିବାବେଳେ ଏହାକୁ ୭ ମିଟର ଓସାର କରାଯିବା ନେଇ ସ୍ଥିର କରାଯାଇଥିଲା। ଫଳରେ ରାସ୍ତାକୁ ୩ ଭାଗରେ ବିଭକ୍ତ କରାଯାଇ ୯ କୋଟି ୯୭ ଲକ୍ଷ ୯୯ ହଜାର ଟଙ୍କାର ଏଷ୍ଟିମେଟ କରାଯାଇଥିଲା।ଏହାପରେ ୮ କୋଟି ୬୯ ଲକ୍ଷ ୨୯ ହଜାର ୩୩୨ ଟଙ୍କା ବ୍ୟୟରେ ଠିକା ସଂସ୍ଥାକୁ କାମ ଦିଆଯାଇଥିଲା। ବିଭାଗର ଆକଳନ ଅନୁସାରେ ବଡ଼ଚଣା ଛକଠାରୁ ୬ କିଲୋମିଟର ୪୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଓ ଏହାପରେ ୭.୭୨୦ କି.ମି.ଠାରୁ ୧୨ କି.ମି.୭୦୦ ମିଟର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ହେବ। ରାସ୍ତାର ମଧ୍ୟଭାଗରେ ଜାତୀୟ ରାଜପଥ ଓ ରେଳପଥ ରହୁଥିବାରୁ ୧୩୨୦ ମିଟର ରାସ୍ତା କାର୍ଯ୍ୟ ହେବନାହିଁ। ଏହି ରାସ୍ତା ସଂଲଗ୍ନ ମହାବିନାୟକ ମନ୍ଦିର ନିକଟକୁ ୧ କି.ମି. ଲମ୍ବ ଅପ୍ରୋଚ୍ ରାସ୍ତା ନିର୍ମାଣ ହେବ। ଏଥିସହିତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଆବଶ୍ୟକ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ସ୍ଥାନାନ୍ତର କରାଯିବ। ଖୁଣ୍ଟ ସ୍ଥାନାନ୍ତର ପାଇଁ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅବଧି ୧୮ ମାସ ରହିଛି। ଆସନ୍ତା ଜୁନ୍‌ରେ ରାସ୍ତା କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ହେଲେ ଅଦ୍ୟାବଧି ଅଧା କାର୍ଯ୍ୟ ଶେଷ ହୋଇନାହିଁ। କେବଳ ବଡ଼ଚଣାଠାରୁ ଦର୍ପଣ ତହସିଲ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ଶେଷ ହୋଇଥିଲାବେଳେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଉଠିନାହିଁ। ବିଦ୍ୟୁତ୍ ଖୁଣ୍ଟ ଥାଇ ପିଚୁ କାର୍ଯ୍ୟ କରାଯାଇଛି। ଫଳରେ ଖୁଣ୍ଟ ରାସ୍ତା ମଝିରେ ରହିଯାଇଛି। ସେହିଭଳି ରାସ୍ତାରେ ୫ ଏମ୍ଏମ୍‌ର ବିଏମ୍‌ଡବ୍ଲୁ କରିବାର ନିର୍ଦ୍ଦେଶ ଥିବାବେଳେ ପୁରୁଣା ପିଚୁକୁ ଖୋଲି ସେହି ମେଟାଲକୁ ପକାଇ ରାସ୍ତା ନିର୍ମାଣ କରୁଛି ଠିକା ସଂସ୍ଥା। ରାସ୍ତାର ଓସାର ୭ ମିଟର କରି ଏହାକୁ ୨ ଲେନ୍ ବିଶିଷ୍ଟ କରିବା ନିର୍ଦ୍ଦେଶନାମା ରହିଥିଲାବେଳେ ଏହାକୁ ଠିକା ସଂସ୍ଥା କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ଭୂଷଣ୍ଡପୁରଠାରୁ ଦର୍ପଣ ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତା ପ୍ରଶସ୍ତୀକରଣ ନ କରିବାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା କଡ଼ରୁ ଗଛ କାଟିବା ଓ ନୂତନ ଗଛ ଲଗାଇବା ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ହେଲେ ତାହା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଏସବୁକୁ ନେଇ ବିଧାୟକ ଶତପଥୀ ବିଭାଗୀୟ ଅଧିକାରୀଙ୍କୁ ଡାକି ତାଗିଦ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ସ୍ନିଗ୍ଧା ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, କେତେକ ସ୍ଥାନରେ ନିମ୍ନମାନର କାମ ହେଉଥିବାନେଇ ବିଧାୟକ କହିବା ପରେ ମୁଁ ସୋମବାର କାର୍ଯ୍ୟ ତଦାରଖ କରିଛି। ତୁରନ୍ତ ସମସ୍ତ ତ୍ରୁଟି ସଂଶୋଧନ କରାଯିବ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଜମି କିଣାରେ ଠକେଇର ଶିକାର ଅବସରପ୍ରାପ୍ତ ସେନା କର୍ମଚାରୀ**

ପାଣିକୋଇଲି,୨୮।୨(ଡି.ଏନ.ଏ.): ଯାଜପୁର ଜିଲା ଦଶରଥପୁର ଥାନା ଅଧୀନ ପାଇକସାହି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବିଶ୍ୱନାଥ ରାଉତ ଜମି କିଣିବାକୁ ଯାଇ ଠକେଇର ଶିକାର ହୋଇଛନ୍ତି। ସେ ବିକ୍ରେତାଙ୍କୁ ଟଙ୍କା ଦେବା ପରେ ଜମି କିଣାର କାଗଜପତ୍ର ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ତେଣୁ ବିକ୍ରେତାଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ବିକ୍ରେତା ତାଙ୍କୁ ଟଙ୍କା ନ ଫେରାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି। ତେଣୁ ନ୍ୟାୟ ପାଇଁ ଅବସରପ୍ରାପ୍ତ ସେନା କର୍ମଚାରୀ ରାଉତ ଓ ତାଙ୍କ ସ୍ତ୍ରୀ ଶେଷରେ ପାଣିକୋଇଲିସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଶ୍ୱନାଥଙ୍କ ଅଭିଯୋଗ ମୁତାବକ, ଯାଜପୁର ତହସିଲ ଅଧୀନରେ ଥିବା ଆଙ୍କୁଲା ମୌଜାର କିଛି ଜମି କିଣିବା ପାଇଁ ବିକ୍ରେତା ମଙ୍ଗଳପୁର ଥାନା ଅନ୍ତର୍ଗତ ବିରୁଆଁ ଗ୍ରାମର ପ୍ରଦୀପ ଦାଶଙ୍କ ସହ ତାଙ୍କର ଏଗ୍ରିମେଣ୍ଟ ହୋଇଥିଲା। ଏଗ୍ରିମେଣ୍ଟ ଅନୁସାରେ ଏକ କୋଟି ୩୪ ଲକ୍ଷ ୬୮ ହଜାର ଟଙ୍କା ସେ ପ୍ରଦୀପଙ୍କୁ ପ୍ରଦାନ କରିଥିଲେ। ପ୍ରଦୀପ ମଧ୍ୟ ଜମିର ଖତିୟାନ, ଦାଖଲ କରିଥିବା ଚାଲାଣର ନ କଲ ବିଶ୍ୱନାଥଙ୍କୁ ଦେଇଥିଲେ। ମାତ୍ର ପ୍ରଦୀପ ପ୍ରଦାନ କରିଥିବା ଖତିୟାନ ଓ ଯାଜପୁର ଆଡିସନାଲ ସବ୍-କଲେକ୍ଟରଙ୍କ ଷ୍ଟାମ୍ପ ଜାଲ୍ ବୋଲି ବିଶ୍ୱନାଥ ଜାଣିବାକୁ ପାଇଥିଲେ। ତେଣୁ ବିଶ୍ୱନାଥ ଏବଂ ତାଙ୍କ ସ୍ତ୍ରୀ ପ୍ରଦୀପଙ୍କ ଘରକୁ ଯାଇ ଟଙ୍କା ଫେରସ୍ତ ମାଗିଥିଲେ। ପ୍ରଦୀପ ଉତ୍କ୍ଷିପ୍ତ ହୋଇ ବିଶ୍ୱନାଥ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ବିଶ୍ୱନାଥଙ୍କ ସ୍ତ୍ରୀଙ୍କ ବେକରୁ ୩୦ ଗ୍ରାମର ସୁନା ହାର ଟାଣି ନେଇଥିଲେ। ପରେ ଘରୁ ଏକ କତା ଧରି ଆସି ବିଶ୍ୱନାଥଙ୍କୁ ଗୋଇଠା ମାରିବା ସହ ହତ୍ୟା ଧମକ ଦେଇଥିଲା। ଏହି ଘଟଣାକୁ ନେଇ ବିଶ୍ୱନାଥ ଥାନା ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କୁ ସୁଫଳ ମିଳି ନ ଥିଲା। ଶେଷରେ ବିଶ୍ୱନାଥ ଏବଂ ତାଙ୍କ ସ୍ତ୍ରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ନ୍ୟାୟ ପାଇଁ ନିବେଦନ କରିଛନ୍ତି ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଦମ୍ପତି।

# ଟିକସ, ଜରିମାନା ଆଦାୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ରାଜସ୍ୱ ପର୍ଷଦ ସଚିବ, ଜିଲାପାଳ ଓ ଅନ୍ୟ ଅଧିକାରୀ।

**ରାଜସ୍ୱ ପର୍ଷଦ ସଚିବଙ୍କ ଯାଜପୁର ଜିଲା ରାଜସ୍ୱ କାର୍ଯ୍ୟ ସମୀକ୍ଷା**

ଯାଜପୁର ଟାଉନ,୨୮।୨(ଡି.ଏନ.ଏ.): ରାଜସ୍ୱ ପର୍ଷଦ ସଚିବ ବିଜୟ କେତନ ଉପାଧ୍ୟାୟ ମଙ୍ଗଳବାର ଯାଜପୁର ଗସ୍ତରେ ଆସି ଜିଲାର ବିଭିନ୍ନ ତହସିଲ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ କାର୍ଯ୍ୟଧାରାର ଅଗ୍ରଗତି ଉପରେ ତହସିଲଦାରମାନଙ୍କ ସହ ସମୀକ୍ଷା କରିଛନ୍ତି।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ରାଜସ୍ୱ ପର୍ଷଦ ଅତିରିକ୍ତ ସଚିବ ସରୋଜ କୁମାର ସାହୁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ ଏବଂ ଉପଜିଲାପାଳ ଗୋପୀନାଥ କୁଅଁର ଯୋଗଦେଇ ଜିଲାର ରାଜସ୍ୱ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ସଚିବଙ୍କ ସହ ଆଲୋଚନା କରିଥିଲେ। ରାଜସ୍ୱ ପର୍ଷଦ ସଚିବ ଉପାଧ୍ୟାୟ ଜିଲାରେ ଜମିବାଡ଼ି କ୍ରେତା ଓ ବିକ୍ରେତାରେ ନୂତନ ମାଲିକାନା (ମ୍ୟୁଟେସନ କେସ୍), ବେବନ୍ଦୋବସ୍ତ କେସ୍, ଓଏଲଆର୍-୮(କ), ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଧୀନରେ ଥିବା ଜମିକୁ ସେମାନଙ୍କ ନାମରେ କରିବା, ଟିକସ ଓ ଜରିମାନା ଆଦାୟ, ଧାତୁଜ ଓ ଖଣିଜ ସମ୍ପଦଗୁଡିକର ରୟାଲଟି ଆଦାୟ, ସରକାରୀ ଜମି ଜବରଦଖଲର ଉଚ୍ଛେଦ, ବସୁନ୍ଧରା ଯୋଜନା, ରାଜସ୍ୱ ବିଭାଗ ଅଧୀନ ଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଆଦି କାର୍ଯ୍ୟଗୁଡ଼ିକୁ ତହସିଲଦାରମାନେ ମାର୍ଚ୍ଚ ସୁଦ୍ଧା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖର୍ଚ୍ଚ ସାର୍ଟିଫିକେଟ ସରକାରଙ୍କୁ ଠିକ୍ ସମୟରେ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ରାଜସ୍ୱ) ରଞ୍ଜନ କୁମାର ସିଂହ, ବରୀ ତହସିଲଦାର ତିଲୋତ୍ତମା ପୃଷ୍ଟି, ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ସମେତ ବିଭିନ୍ନ ତହସିଲର ଅଫିସର ତହସିଲଦାର ଏବଂ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

## ୧୦ରେ ଐତିହାସିକ ଧର୍ମଶାଳା ମୁନ୍‌ସୀ ମେଳଣ

ଧର୍ମଶାଳା,୨୮।୨(ଡି.ଏନ.ଏ.): ଧର୍ମଶାଳାର ପ୍ରସିଦ୍ଧ ମୁନସୀ ମେଳଣ ମାର୍ଚ୍ଚ ୧୦ ତାରିଖରେ ଅନୁଷ୍ଠିତ ହେବ। ଏନେଇ ମେଳଣ କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧୦ ତାରିଖ ରାତିରୁ ମେଳଣ ଆରମ୍ଭ ହୋଇ ୧୧ ତାରିଖ ଅପରାହ୍ନ ୨ଟା ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ମେଳଣକୁ ଆସିବା ପାଇଁ ବିଭିନ୍ନ ଠାକୁର ବାଡ଼ିଆଙ୍କୁ ନିମନ୍ତ୍ରଣ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ଥର ୫୦ରୁ ଊର୍ଦ୍ଧ୍ୱ ବଡ଼ ଓ ଛୋଟ ବିମାନ ଯୋଗଦେବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏତଦ୍‌ବ୍ୟତୀତ ପାନୀୟଜଳ, ବିଦ୍ୟୁତ୍, ରାସ୍ତା ମରାମତି ଆଦି କାମ ସାରିବାକୁ ବିଭାଗଗୁଡ଼ିକୁ ଅବଗତ କରାଯାଇଛି। ବିମାନ ରୋଶଣି ସମୟରେ ପାରମ୍ପରିକ ନୃତ୍ୟଗୀତ ପରିବେଷଣ ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ ଜଳଧର ମାହାନ୍ତି ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଅଜୟ କୁମାର ନାୟକ ଆୟବ୍ୟୟର ହିସାବ ଦେଇଥିଲେ। କମିଟି ସହ ସମ୍ପାଦକ ପ୍ରମୋଦ ଦାସ, ସଦସ୍ୟ ବସନ୍ତ କୁମାର ପରିଡ଼ା, ଶ୍ରୀମନ୍ତ ଜେନା, ସୁଦୀପ୍ତ ସ୍ୱାଇଁ, ମନୋଜ ରାଉଳ, ବିଚିତ୍ର ସ୍ୱାଇଁ, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

**ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ**

ଧର୍ମଶାଳା,୨୮।୨(ଡି.ଏନ.ଏ.): ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଗତ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଜାତୀୟ ସେବା ଯୋଜନା ଅଧିକାରୀ ଡ. ସୁନାକର ଦାସ, ଶିକ୍ଷା ବିଭାଗ ଅଧିକାରୀ ଡ. ରାଜକିଶୋର ଜେନା, ଇଂରାଜୀ ବିଭାଗ ଅଧ୍ୟାପିକା ସସ୍ମିତା ରାଉତରାୟ ଅଂଶଗ୍ରହଣ କରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଥିବା ଏହି ଯୋଜନାର ଲକ୍ଷ୍ୟ, ଆଭିମୁଖ୍ୟ ଓ ସାମ୍ପ୍ରତିକ ସମାଜରେ ଏହାର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରଟି ୫୦ ଜଣ ଶିବିରାର୍ଥୀଙ୍କୁ ନେଇ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧ୍ୟକ୍ଷା ଡ. ସାମଲ ସୂଚନା ଦେଇଛନ୍ତି।



ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

# ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ସଭା


ଅତିଥି 'ଚିନ୍ମୟ ଚେତନା' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୨୮।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ନୀଳକଣ୍ଠପୁର ଗ୍ରାମର ଚିନ୍ମୟ ଚେତନା ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ଡାକ୍ତର ଚିନ୍ମୟ ଶରଣଙ୍କ ଜନ୍ମଦିନ ଅବସରରେ 'ମୃତ୍ୟୁ ଅଛି ବୋଲି' ଶୀର୍ଷକ ଏକ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବରିଷ୍ଠ ପ୍ରଶାସକ ତଥା କବି ଧନଞ୍ଜୟ ସ୍ୱାଇଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ମୃତ୍ୟୁ ଜୀବନର ଅଲଂଘନୀୟ ପରିଣତି, ସାହିତ୍ୟ ସମ୍ପର୍କରେ ଉଦାହରଣ ଦେଇ ମୋବାଇଲ ଫୋନ ଆଗାମୀ କାଳିର ସାହିତ୍ୟ ପାଇଁ କ୍ଷତିକାରକ ହେବ ବୋଲି ମତ ରଖିଥିଲେ। ବ୍ରହ୍ମବରଦା ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆଲୋଚକଭାବେ ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାମଦେବ ଶତପଥୀ, ପ୍ରାବନ୍ଧିକ ଯୋଗେନ୍ଦ୍ର ପଣ୍ଡା, ଡ. ରାଜକିଶୋର ପାଢ଼ୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପ୍ରାବନ୍ଧିକ ବାମଦେବ ପାଢ଼ୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ତୁହିନାଂଶୁ ରଥ, ଇନର ହୁଇଲ୍ କ୍ଲବର ପୂର୍ବତନ ସଭାନେତ୍ରୀ ମିନତି ସାହୁ, ମାଧୁରୀ ଶତପଥୀ ପ୍ରବନ୍ଧ ପାଠ କରିଥିଲେ। କବି ପଦ୍ମଜା ଶରଣଙ୍କ ସମ୍ପାଦନାରେ 'ଚିନ୍ମୟ ଚେତନା' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଚିନ୍ମୟ ଚେତନା ପୁରସ୍କାର କବି ଧନଞ୍ଜୟ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ ଚୈତନ୍ୟ ଚରଣ ସ୍ୱାଇଁ, ଗଣେଶ୍ୱର ନାୟକ, ଧ୍ରୁବଚରଣ ନାୟକ, ଡାକ୍ତର ପ୍ରତ୍ୟୁଷ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ରଗୁଡ଼ିକୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ପାଠ କରିଥିଲେ। କବି ପଦ୍ମଜା ଶରଣ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ମହେଶ୍ୱର ପାଢ଼ୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜଗବନ୍ଧୁ ଶତପଥୀ, ସାଇକୃପା ଓ ଋତୁପର୍ଣ୍ଣା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଚିନ୍ମୟଙ୍କ ପିତା ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ, ପାଲାଗାୟକ ପାରେଶ୍ୱର ଶରଣ, ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ବିଜୟ ବିଜୟ କୁମାର ଶତପଥୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଓ କବି ରାମଚନ୍ଦ୍ର ଦାଶ ପ୍ରମୁଖ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ।

# ନିଷ୍ଠା ବଳରେ ଶୀର୍ଷ ସ୍ଥାନରେ ପହଞ୍ଚି ହେବ

**ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ୩୫ତମ ବାର୍ଷିକୋତ୍ସବ**

କଳିଙ୍ଗନଗର,୨୮।୨(ଡି.ଏନ.ଏ.): ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷା ପଙ୍କଜିନୀ ପାଣି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ଡ. ଦୁଷ୍ମନ୍ତ କୁମାର ନାୟକ ଯୋଗଦେଇ ମହାବିଦ୍ୟାଳୟର ଉତ୍ତମ ପରିବେଶ ପ୍ରତି ବର୍ଷ ସୁନାଗରିକ ସୃଷ୍ଟିରେ ସହାୟକ ହେଉଛି। ଛାତ୍ରୀମାନେ ଉତ୍ତମ ନାଗରିକ ଭାବେ ସୃଷ୍ଟି ହୋଇ ରାଜ୍ୟଠାରୁ ଦେଶଯାଏ ସୁନାମ ଅର୍ଜନକରିଥିବାରୁ ମହାବିଦ୍ୟାଳୟ ସେମାନଙ୍କ ପାଇଁ ଗର୍ବିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ମାନସ ବେହେରା ଯୋଗଦେଇ ନିଜର ନିଷ୍ଠା ଓ ଅଧ୍ୟାବସାୟ ବଳରେ ଶୀର୍ଷ ସ୍ଥାନରେ ପହଞ୍ଚି ପରିବେ। ସେଥିପାଇଁ କୌଣସି ଅଭାବ ଅନାଟନ ପ୍ରତିବନ୍ଧକ ହେବ ନାହିଁ ବୋଲି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ୟାସନଗର ପୌରପରିଷଦର ପ୍ରାକ୍ତନ ପୌରାଧ୍ୟକ୍ଷା ସବିତା ରାଉତ ଯୋଗଦେଇ ନାରୀଶିକ୍ଷାର ଅଗ୍ରଗତି ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥିଭାବେ ପଣ୍ଡିତ ଯୁଗୋଳ କିଶୋର ମିଶ୍ର ଯୋଗଦେଇ ପ୍ରାରମ୍ଭରେ ବେଦପାଠ କରିବାସହ ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ବିଭାଗର ଉପସଭାପତି ଅଧ୍ୟାପକ ସୁବାସ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅନ୍ୟତମ ଉପସଭାପତି ଅଧ୍ୟାପିକା ହିରଣ୍ମୟୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଚଳିତବର୍ଷର ଯୁକ୍ତ ୩ର ମୁଖପତ୍ର ଅପରାଜିତା ଓ ଯୁକ୍ତ ୨ର ମୁଖପତ୍ର ପ୍ରିୟଦର୍ଶିନୀଙ୍କୁ ସମ୍ପାଦକ ଜ୍ୟୋତିପ୍ରକାଶ ରାଉତ, ପ୍ରଶାନ୍ତ ରାଉତ, ପଦ୍ମଭୂଷଣ ରାଉତରାୟଙ୍କ ସଞ୍ଚାଳନାରେ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଚଳିତବର୍ଷ ଡିଗ୍ରୀ(ସ୍ନାତକ)ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ମଧୁସ୍ମିତା ଜେନା, ଯୁକ୍ତ ୨ କଳାର ସଂଘମିତ୍ରା ସାହୁ, ବିଜ୍ଞାନ ଭଗବତୀ ମହନ୍ତ ଓ ଧନ୍ଦାମୂଳକରେ ପ୍ରିୟଦର୍ଶିନୀ ବାରିକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧ୍ୟାପିକା ଦେବଜନୀ ଦାସ ଓ ରୋଜାଲିନ ଦାସ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନର ଶେଷରେ ଅଧ୍ୟାପକ ମଳୟକୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅରୁଣ ମିଶ୍ର, ହୃଷୀକେଶ ତ୍ରିପାଠୀ, ପଦ୍ମଭୂଷଣ ରାଉତରାୟ, ଅଧ୍ୟାପିକା ଲିପ୍ସା ମିଶ୍ର, ମମତାମୟୀ ଦାଶ, ଅନିମା ପ୍ରଧାନ, ରୋଜାଲିନ ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ମାନସୀ ବେହେରା, ଦୀପ୍ତିମୟୀ ରାଉତ, ଲିପ୍ସା ମିଶ୍ର, ଝୁନୁମଣି ଜେନା, ରାଜଲକ୍ଷ୍ମୀ ଦାସ, ସୁଚିସ୍ମିତା ବେହେରା, ଅଧ୍ୟାପକ ଚିତ୍ତରଞ୍ଜନ ବଳ, ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଚୋରା ବିଦେଶୀ ମଦ ଜବତ, ଜଣେ ଗିରଫ**

ରାଜନଗର, (ଡି.ଏନ୍.ଏ.): ରାଜନଗର ଥାନା ସଦର ମହକୁମା ଗାଁର ଚୋରାମଦ ବେପାରୀ ବଳରାମ ସେଠୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସକାଳେ ପୋଲିସ ରାଜନଗର ବଜାର ଏରିଆରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରାଜନଗର ବଡ଼ଦାଣ୍ଡର ଚୋରା ମଦ ବେପାରୀ ବଳରାମଙ୍କୁ କାବୁ କରିଥିଲା। ରାଜନଗର ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ବସନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଷ୍ଟାଫ ଚୋରା ମଦ ଆଣୁଥିବା ବଳରାମଙ୍କଠାରୁ ୧୮୦ ଏମଏଲର ୧୪୪ ବୋତଲ ମଦ ଜବତ କରିଛି। ଏ ନେଇ ରାଜନଗର ଥାନାରେ ନଂ. ୨୦୭/୨୩ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ୩ୟ କ୍ୱାର୍ଟରରେ ବାଲାବାବା ବିଜୟୀ

ରାଜନଗର, ୨୮।୨(ଡି.ଏନ.ଏ.): ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳ ପଡ଼ିଆଠାରେ ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ କ୍ୱାର୍ଟରରେ ପିସିସି କ୍ରିକେଟ କ୍ଲବ କେନ୍ଦ୍ରାପଡ଼ାକୁ ହରାଇ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ୩ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ବାଲାବାବା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରର ମ୍ୟାଚରେ ୧୮.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅରୁଣ ୩୦ ବଲରେ ୨ ଛକା, ୨ ଚୌକା ବିନିମୟରେ ୩୭ ରନ ଏବଂ ଅବିନାଶ ୨୬ ବଲରୁ ୨ ଛକା ଓ ୩ ଚୌକା ସହାୟତାରେ ୩୬ରନ ସଂଗ୍ରହ କରିଥିଲେ। ପିସିସିର ଜ୍ୟୋତିସ୍ମାନ ୩.୫ ଓଭର ବୋଲିଂ କରି ୧୬ ରନ ଦେଇ ୩ ଉଇକେଟ ଓ ବିଶ୍ୱଜିତ ୪ ଓଭର ବୋଲିଂ କରି ୩୩ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ପିସିସି କେନ୍ଦ୍ରାପଡ଼ା ସମସ୍ତ ଉଇକେଟ ହରାଇ ୮୦ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରୁପେନ୍ଦୁ ୨୩ ବଲରୁ ୧ ଛକା ୨ ଚୌକା ସହାୟତାରେ ୧୭ ରନ୍, ପ୍ରଦୀପ ୨୩ ବଲ୍‌ରେ ୨ ଚୌକା ସହାୟତାରେ ୧୪ ରନ କରିଥିଲେ। ବାଲାବାବାର ସଞ୍ଜୀବ ୩ ଓଭର ବୋଲିଂ କରି ୧୯ ରନ ଦେଇ ୩ ଉଇକେଟ ଓ ଅରୁଣ ୪ ଓଭର ବୋଲିଂ କରି ୯ ରନ୍ ଦେଇ ୨ ଉଇକେଟ ହାସଲ କରିଥିଲେ। ଅରୁଣଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ବିଦ୍ୟାଧର କୁଣ୍ଡ, ପାରେଶ୍ୱର ରାଉତ, ଏମ୍‌ସର କାର୍ଡିଓଲୋଜି ଡା. ସ୍ୱଦେଶ ମହାନ୍ତି, ସାମାଜିକ କର୍ମୀ କୈଳାସ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତାକାଲି ଏମ୍‌ସିସି କ୍ରିକେଟ କ୍ଲବ ମନଦପୁର ଓ ଗୋଲଡେନ କ୍ରିକେଟ ଟିମ୍ ଗମୁ ମଧ୍ୟରେ ୪ର୍ଥ କ୍ୱାର୍ଟର ଅନୁଷ୍ଠିତ ହେବ। ଏହି କ୍ରିକେଟ ଟୁର୍ନାମେଣ୍ଟକୁ ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର, ସଭାପତି ପ୍ରଦୀପ ନାୟକ, ସମ୍ପାଦକ ଗୁରୁଚରଣ ବରାଳ, ଅମ୍ପେୟାର ତନୁଜ କୁମାର ସାହୁ, ଅଞ୍ଜନ ବେହେରା ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ ପରାମର୍ଶ ମେଳା

କେନ୍ଦ୍ରାପଡ଼ା ଅଫିସ, ୨୮।୨: କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର (ଦକ୍ଷତା ମେଳା) ମଙ୍ଗଳବାର ଅୟୋଜିତ ହୋଇଯାଇଛି। ଏହାକୁ ବିଡିଓ ବନ୍ଦନା ଖଟୁଆ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଜିଲା କର୍ମ ନିୟୋଜନ ଅଧିକାରୀ ଘନଶ୍ୟାମ ସା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଶିବିରରେ ଓଡ଼ିଶା ସରକାରଙ୍କ ସହ ଚୁକ୍ତି କରିଥିବା ୧୧ଟି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ୧୭୫ଜଣ କର୍ମନିଯୁକ୍ତି ଆଶାୟୀ ଯୁବତୀଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୧୫ଜଣଙ୍କୁ ତାଲିମ ପାଇଁ ଚୟନ କରାଯାଇଥିଲା। ଏହାବ୍ୟତୀତ କେନ୍ଦ୍ରାପଡ଼ା ଛତାର ସରକାରୀ ପଲିଟେକନିକ୍, ପଟ୍ଟାମୁଣ୍ଡାଇସ୍ଥିତ ସରକାରୀ ଆଇଟିଆଇରେ ଅଧିକ ସଂଖ୍ୟାରେ ଯୁବତୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରିବା ନିମନ୍ତେ ଏକ ପରାମର୍ଶ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଯାଞ୍ଚରେ ୧୦୧ ନକଲି ମତ୍ସ୍ୟଜୀବୀ ଚିହ୍ନଟ

## ସରକାରୀ ଆର୍ଥିକ ସହାୟତା ଭୂତ ଖାଉଛନ୍ତି

ମହାକାଳପଡ଼ା, ୨୮।୨(ଡି.ଏନ୍.ଏ.)


ମହାନଦୀରେ ପାରମ୍ପରିକ ଡଙ୍ଗା, ଯନ୍ତ୍ରଚାଳିତ ଡଙ୍ଗା।

କେନ୍ଦ୍ରାପଡ଼ା ଜିଲା ଅଧୀନ ମହାକାଳପଡ଼ା ବ୍ଲକ ନଦୀନାଳ ଘେରା ଉପକୂଳ ଅଞ୍ଚଳର ୩୫ଟି ଗାଁରେ ସାମୁଦ୍ରିକ ମତ୍ସ୍ୟଜୀବୀମାନେ ରହୁଛନ୍ତି। ସେମାନେ ନଦୀ, ସମୁଦ୍ରରେ ମାଛ ମାରି ଗୁଜୁରାଣ ମେଣ୍ଟାଇଥା'ନ୍ତି। ବହୁ କଷ୍ଟ କରି ନଦୀ, ସମୁଦ୍ରରେ ଜୀବନକୁ ବାଜି ଲଗାଇ ଯାହା ଦୁଇ ପଇସା ରୋଜଗାର କରନ୍ତି, ପିଲାମାନଙ୍କ ପାଠ ପଢ଼ିବା ଓ ପରିବାର ପ୍ରତିପୋଷଣରେ ଖର୍ଚ୍ଚ ହୋଇଥାଏ। କେତେବେଳେ ସାମୁଦ୍ରିକ ଝଡ଼, ବାତ୍ୟା ତ ଆଉ କେଉଁ ସମୟରେ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ଅଞ୍ଚଳରେ ପ୍ରବେଶ ବାରଣ କରାଯାଇଛି। ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ହେଲେ ଏବେ ଯାଞ୍ଚ ସମୟରେ ୧୦୧ ଜଣ ନକଲି ମତ୍ସ୍ୟଜୀବୀ ସହାୟତା ରାଶି ହାତେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନଭେମ୍ବରରୁ ଜୁନ୍ ୧୫ ପର୍ଯ୍ୟନ୍ତ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଓ ମାଛ ଯାଁଳ ବଂଶ ବିସ୍ତାର ଲାଭ ପାଇଁ ବନ ବିଭାଗ, ମତ୍ସ୍ୟ ବିଭାଗ ଓ ତଟରକ୍ଷୀ ବିଭାଗ ପକ୍ଷରୁ କଟକଣା କରାଯାଇଛି। ବର୍ଷକର ସାଢ଼େ ୭ ମାସ ସମୁଦ୍ରକୁ ପ୍ରବେଶ ବାରଣ ଦୃଷ୍ଟିକୁ ଲକ୍ଷ୍ୟ କରି ରାଜ୍ୟ ସରକାର ଜୀବନ ଜୀବିକା ନିର୍ବାହ ପାଇଁ ମତ୍ସ୍ୟଜୀବୀ ପରିବାରକୁ ୭,୫୦୦ଟଙ୍କା ପ୍ରଦାନ କରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମହାକାଳପଡ଼ା ବ୍ଲକରେ ମୋଟ୍ ୫ ହଜାର ମତ୍ସ୍ୟଜୀବୀ ପରିବାର ମଧ୍ୟରେ ୧୦ ହଜାର ସାମୁଦ୍ରିକ ଓ ପାରମ୍ପରିକ ମତ୍ସ୍ୟଜୀବୀ ଅଛନ୍ତି। ଚଳିତବର୍ଷ ସର୍ଭେ ଅନୁସାରେ, ଏହି ବ୍ଲକରେ ଯନ୍ତ୍ରଚାଳିତ ପଞ୍ଜୀକୃତ ଡଙ୍ଗା ସଂଖ୍ୟା ୧୨୫୦ ହୋଇଥିବା ବେଳେ ପାରମ୍ପରିକ ଆହୁଲାଚାଳିତ ଡଙ୍ଗା ସଂଖ୍ୟା ୫୨୭ ରହିଛି। ଏପରି ମୋଟ ୧୭୭୭ ଡଙ୍ଗା ରହିଛି। ସେହିପରି ପୂର୍ବରୁ ଏହି ବ୍ଲକରେ ୧୮୭୮ ଯନ୍ତ୍ରଚାଳିତ ଓ ଆହୁଲାଚାଳିତ ଡଙ୍ଗା ଥିଲା। ତେବେ ଚଳିତବର୍ଷ ନୂଆ ରିପୋର୍ଟ ଅନୁସାରେ ପଞ୍ଜୀକୃତଙ୍କ ମଧ୍ୟରୁ ୧୦୧ ଜଣ ମତ୍ସ୍ୟଜୀବୀ ନବୀକରଣରେ ସେମାନଙ୍କ ପ୍ରମାଣ ପତ୍ର ଯାଞ୍ଚରେ ବାଦ୍ ପଡ଼ିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ, ଚଳିତ ୨୨-୨୩ ସର୍ଭେ ଅନୁସାରେ, ସରକାରୀ ତଥ୍ୟ ଅନୁଯାୟୀ, ବାସ୍ତବରେ ପ୍ରକୃତ ମତ୍ସ୍ୟଜୀବୀ ସଂଖ୍ୟା ୧୭୭୭ ରହିଥିବାବେଳେ ପୂର୍ବବର୍ଷଗୁଡ଼ିକରେ ୧୮୭୮ଜଣ ଆର୍ଥିକ ସହାୟତା ହାତେଇ ଥିଲେ। ଯାଞ୍ଚ ବେଳେ ଏହି ୧୦୧ ଭୂତ ମତ୍ସ୍ୟଜୀବୀ ଅନ୍ତର୍ଦ୍ଧାନ ହେବା କୁହାଯାଇଛି। ଏହା ପୂର୍ବରୁ ବିଭାଗୀୟ ଅଧିକାରୀମାନେ ଯାଞ୍ଚ ନ କରି କିପରି ଭୂତ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ, ଏହା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ମହାକାଳପଡ଼ା ସାମୁଦ୍ରିକ ବିଭାଗ ସହକାରୀ ମତ୍ସ୍ୟ ଅଧିକାରୀ ଦୀପକ କୁମାର ମଲ୍ଲିକଙ୍କୁ ପଚାରିବାରେ, ଚଳିତବର୍ଷ ସର୍ଭେ ଅନୁସାରେ ୧୦୧ ମତ୍ସ୍ୟଜୀବୀଙ୍କ କିଛି ସନ୍ଧାନ ମିଳୁ ନ ଥିବା କହିଛନ୍ତି। ଆଗାମୀ ଦିନରେ ପ୍ରକୃତ ମତ୍ସ୍ୟଜୀବୀଙ୍କ ଯାଞ୍ଚ ହେବ। ବାସ୍ତବ ମତ୍ସ୍ୟଜୀବୀମାନଙ୍କୁ ଚିହ୍ନଟ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର

## ସହରରେ ସିଟି ହସ୍ପିଟାଲ ଦାବି ଆନ୍ଦୋଳନ


ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ଦିଆଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୨୮।୨

କେନ୍ଦ୍ରାପଡ଼ା ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ମଙ୍ଗଳବାର ଯାଇଥିଲେ। ସହରର ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ସ୍ଥାପନ ପାଇଁ ମନ୍ତ୍ରୀ ଓ ବିଜେଡି ସାଂଗଠନିକ ସମ୍ପାଦକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରମୁଖଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସେମାନଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ସେମାନେ ଧାରଣାରତ ମହିଳା ଓ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳ ଥିବା ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ନେତୃତ୍ୱରେ ସେଠାକୁ ଯାଇଥିବା ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଶରତ କୁମାର ବେହୁରା, ସେକ୍ ବଦିରୁଦ୍ଦିନ, ସାବିର ଖାନ୍, ସୁରେଶ ମର୍ଦ୍ଦରାଜ, ଯୁବନେତା ସରୋଜକାନ୍ତ ସାହୁ, କ୍ଷୀତିଶ କୁମାର ସିଂ, ସେକ ଅମଜାନ, ଅବଦୁଲ ମାଜିଜ ପ୍ରମୁଖ ସାମିଲ ହୋଇଥିଲେ।

# ଏଏପିର ଗଣବିକ୍ଷୋଭ, ଦାବିପତ୍ର ପ୍ରଦାନ

## ମିଶନ ଶକ୍ତି କର୍ମଚାରୀଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଦିଆଯାଉ



ଏଏପି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୨୮।୨

ଦେଶର ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି କାର୍ଯ୍ୟକାରୀ ହେଉଛି। ତେବେ ଓଡ଼ିଶାରେ ଏହି ଅଭିଯୋନ ଏକ ଅଭିଶାପ ପାଲଟିଛି। ମହିଳାଙ୍କୁ ସମୟ ମୁତାବକ ଖଟାଇବା ପରେ ଉପଯୁକ୍ତ ଅର୍ଥ ବ୍ୟବସ୍ଥା କରାଯାଉନାହିଁ। ଏଥିସହ ବିଭିନ୍ନ ସମୟରେ ଅପମାନଜନକ ସ୍ଥିତି ସୃଷ୍ଟି କରାଯାଇ କାର୍ଯ୍ୟସ୍ଥଳିରୁ ବିଦା କରାଯାଉଛି। ମହିଳାଙ୍କୁ ଏପରି ଅଣଦେଖା କରିବା ଶାସକ ଦଳ ପାଇଁ ମହଙ୍ଗା ପଡ଼ିବ। ଏପରି ଆହ୍ୱାନ ଦେଇ ଆମ ଆଦମୀ ପାର୍ଟି (ଏଏପି) କେନ୍ଦ୍ରାପଡ଼ା ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଏପି ପକ୍ଷରୁ ଲିଖିତ ଦାବିପତ୍ର ଏଡିଏମ୍ ପୀତାମ୍ବର ସାମଲଙ୍କୁ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଜିଲା ସଭାପତି ସନ୍ଦୀପ୍ତ ଦାସ କହିଛନ୍ତି, ମିଶନ ଶକ୍ତିରେ ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କ ମିତ୍ର ଆଦି ପୋଷ୍ଟରେ ଦୀର୍ଘବର୍ଷ ହେବ ମହିଳାମାନେ କାମ କରି ଆସୁଛନ୍ତି। ସରକାରଙ୍କ ସବୁ ଯୋଜନାକୁ ସଫଳ କରିବାରେ ଏମାନଙ୍କ ହାତ ରହୁଛି। ତେବେ ଏହି କର୍ମଚାରୀଙ୍କୁ ସ୍ଥାୟୀ କରିବା ରାଜ୍ୟ ସରକାର ଭୁଲି ଯାଇଛନ୍ତି। ଏପରିକି ଉପଯୁକ୍ତ ଅର୍ଥ ବ୍ୟବସ୍ଥା କରାଯାଇନାହିଁ। ମହିଳାମାନେ ସାମ୍ପ୍ରତିକ ସମୟରେ ଦୁର୍ବଳ ନୁହନ୍ତି। ସେମାନଙ୍କ ହକ ପାଇଁ ଏଏପି ଲଢ଼େଇ କରିବ ବୋଲି ଜିଲା ସଭାପତି ଦାସ କହିଛନ୍ତି। ଏହି ବିକ୍ଷୋଭର ନେତୃତ୍ୱ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପରିଡ଼ା, ଅବଦୁଲ କାହିର ପ୍ରମୁଖ ନେଇଥିଲେ।

# ଶିବାନନ୍ଦ ମାତୃ ଚେତନା ସଂଘ ପକ୍ଷରୁ ବୈଠକ

କେନ୍ଦ୍ରାପଡ଼ା ଅଫିସ, ୨୮।୨

ସହରର ଗରାପୁରସ୍ଥିତ ଶିବାନନ୍ଦ ମାତୃ ଚେତନା ସଂଘ ପକ୍ଷରୁ ଶିବାନନ୍ଦ ଆଶ୍ରମ ପରିସରରେ ଆସନ୍ତା ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହେବ। ଏହାପୂର୍ବରୁ ଏ ସମ୍ପର୍କରେ ଏକ ଆଲୋଚନାଚକ୍ର ଅବସରରେ ବୈଠକ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକ ସୁସ୍ଥ ସମାଜ, ପ୍ଲାଷ୍ଟିକ ମୁକ୍ତ, ନିଶାମୁକ୍ତ, ପରିବେଶ ସୁରକ୍ଷା, ବୃକ୍ଷରୋପଣ ଭଳି ଏକ ସୁନ୍ଦର ଓ ସବୁଜ ପରିବେଶ ଗଠନ ଦିଗରେ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମା ତାଙ୍କ ବକ୍ତବ୍ୟରେ କହିଥିଲେ। ନାରୀଟିଏ କୁନି ଶିଶୁଟିକୁ ଗଢି ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଇତିହାସ ଅନୁଯାୟୀ ଗାର୍ଗି, ମଦାଳସା, ମୀରାବାଇ, ରମାଦେବୀ, ନିବେଦିତାଙ୍କ ଭଳି ମହିୟସୀ ନାରୀଙ୍କର ସମାଜ ପାଇଁ ଥିବା ଅବଦାନ ଆମ ପାଇଁ ଉଦାହରଣ ଓ ପ୍ରେରଣାର ଉତ୍ସ ହୋଇ ରହିଛି। ସେମାନଙ୍କ ଆଦର୍ଶରେ ସମଗ୍ର ଭାରତବର୍ଷ ଆର୍ଯ୍ୟଭୂମିର ନାରୀମାନେ ଅନୁପ୍ରାଣିତ ହେବାକୁ ଶ୍ରୀମା ଆହ୍ୱାନ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳର ମହିଳାମାନେ ଯୋଗ ଦେଇଥିଲେ। ମାର୍ଚ୍ଚ ୮ରେ ଆନ୍ତର୍ଜାତୀୟ ମହିଳା ଦିବସ ଓ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମାତୃ ସମ୍ମିଳନୀରେ ସମସ୍ତ ମହିଳାମାନେ ଯୋଗ ଦେବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

# ଉତ୍ତମ ମଣିଷପଣିଆ ବଞ୍ଚି ରହୁ

## କଳା ସଂସଦର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ପାଟକୁରା ୨୮।୨(ଡି.ଏନ.ଏ.)

ଲୋକନାଥ ମହାବିଦ୍ୟାଳୟର ସଭା ଗୃହରେ କଳା ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାଧ୍ୟାପକ ଡ. ଧୀରେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଜିର ଦିନରେ ବିଜ୍ଞାନ ଓ ବାଣିଜ୍ୟ ସବୁକ୍ଷେତ୍ରରେ ଆଗରେ ଥିଲେ ମଧ୍ୟ କଳା ବି ପଛରେ ରହିନାହିଁ। କଳା ପଢ଼ିଲେ ମଧ୍ୟ ଏବେ ବିଭିନ୍ନ କ୍ଷେତ୍ରରେ ଅବସ୍ଥାପିତ ହୋଇ ଉଲ୍ଲେଖନୀୟ ସଫଳତା ପାଇଁ ପାରିବେ ବୋଲି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ. କବୀର ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା ଓ ପ୍ରାଧ୍ୟାପକ ମଦନମୋହନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ମଣିଷ ପଣିଆ ସହ ବଞ୍ଚି ରହିବାକୁ କହିଥିଲେ। ଅଧ୍ୟାପକ କ୍ଷୀରୋଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅନିଲ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କଳା ସଂସଦ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ରମାକାନ୍ତ ପାଣି, ଦୁର୍ଗା ପ୍ରସାଦ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ନୂତନ ଅଧ୍ୟାପକ ଭାବେ ଯୋଗଦେଇ ଥିବା ଅଧ୍ୟାପକ ମନୋରଞ୍ଜନ ଦାସ, ସତ୍ୟବ୍ରତ ବେହେରା, ତପନ କୁମାର ଡୁଙ୍ଗୁରୀ, ଅଧ୍ୟାପିକା ଅର୍ଣ୍ଣାଜ୍ୟା ମିଶ୍ର, ସେହ୍ନାଞ୍ଜଳି ମହାପାତ୍ର, ସୁଷମାରାଣୀ ସିଂ, ରିଲୁଶ୍ରୀ ସାମନ୍ତରାୟ ଓ ଚିନ୍ମୟୀ ଜେନାଙ୍କୁ ସଂସଦ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅଧ୍ୟାପିକା ଅନନ୍ୟା ପରିଡ଼ା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସଂସଦର ସହ ଉପଦେଷ୍ଟା ତଥା ଅଧ୍ୟାପକ ସୁଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପିଲାଙ୍କ ଚରିତ୍ର ଗଠନରେ ମା'ବାପାଙ୍କ ଦାୟିତ୍ୱ ରହିଛି

## ସହିରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆଳି, ୨୮।୨(ଡି.ଏନ.ଏ.)

ଶିଶୁର ଶିକ୍ଷା ଏବଂ ଚରିତ୍ର ଗଠନ କ୍ଷେତ୍ରରେ ମା' ବାପା ଏବଂ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ଦାୟିତ୍ୱ ରହିଛି ବୋଲି ଆଳି ବ୍ଲକ ସ୍ଥିତ ସହିରା ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଅନିରୁଦ୍ଧ ରାଉଳ, ମୁଖ୍ୟ ବକ୍ତା ଏସ୍‌କେସି ଉଚ୍ଚ ବିଦ୍ୟାଳୟ ପତ୍ରପୁରର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାସ ଆଲୋକପାତ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ ମଲ୍ଲିକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମାଗୁଣି ଚରଣ ବିଶ୍ୱାଳ ଓ ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ପାତ୍ର ପ୍ରମୁଖ ଶିକ୍ଷା କ୍ଷେତ୍ରରେ କିପରି ଶିଶୁଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶର ଉନ୍ନତି ଘଟିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ପୁରାତନ ଛାତ୍ର ସଞ୍ଜୟ କୁମାର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ଛାତ୍ର ରଞ୍ଜିତ କୁମାର ରାଉତ ବିଦ୍ୟାଳୟ ଏକ ଶୃଙ୍ଖଳିତ ପରିବେଶ ସୃଷ୍ଟି ହେଉ ବୋଲି ପ୍ରାଧାନ୍ୟ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମମତା ଧଳ, ପ୍ରଭାବତୀ ପଢ଼ିହାରୀ, ସରସ୍ୱତୀ ମୁର୍ମୁ ସଭା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସାବିତ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷା କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।

# କେନ୍ଦ୍ରାପଡ଼ା ଜିଲା କନିଷ୍ଠ ରେଡକ୍ରସ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

ଆଳି, ୨୮।୨(ଡି.ଏନ.ଏ.)

ଭାରତୀୟ ରେଡକ୍ରସ ଓଡ଼ିଶା ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ସୋମବାର ଆଳି ବ୍ଲକ ଚଣ୍ଡିଆଗଡି ହାଇସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ବ୍ୟାପି ହେବାକୁ ଥିବା ଏହି ଶିବିରରେ ଜିଲାର ୯ ଟି ବ୍ଲକର ପ୍ରାୟ ୨୩୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ଆଳି ବ୍ଲକ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନଙ୍କ ଅଧ୍ୟକ୍ଷତାରେ ଓ ଜିଲା ଜୁନିୟର ରେଡକ୍ରସ ସଂଯୋଜକ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନିଷ୍ଠ ରେଡକ୍ରସ ରାଜ୍ୟ ଶାଖା ମୁଖ୍ୟ ଲକ୍ଷ୍ମଣ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ସମିତିସଭ୍ୟ ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରେଡକ୍ରସରେ ଭାଗ ନେଉଥିବା ସମସ୍ତ ଛାତ୍ରୀଛାତ୍ର ଆଗାମୀ ଦିନରେ କିଭଳି ଭାବେ ସମାଜରେ ଜଣେ ଭଲ ମଣିଷ ଭାବେ ନିଜକୁ ପ୍ରତିଷ୍ଠିତ ହେବେ ସେମାନଙ୍କ ମଧ୍ୟରେ ମାନବିକତା, ପାତର ଅନ୍ତର, ସ୍ୱାଧୀନ ଚେତନା, ପରୋପକାରୀ, ସେବା ମନୋବୃତ୍ତି ରହିବା ଆବଶ୍ୟକ ସେ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀ ଆଚାର୍ଯ୍ୟ କହିଥିଲେ, ଭିନ୍ନକ୍ଷମ ବ୍ୟକ୍ତିମାନେ କେବେ ହେଲେ ନିଜକୁ ଦୁର୍ବଳ ମନେ ନ କରି ସମାଜର ମୁଖ୍ୟ ସ୍ରୋତରେ କିପରି ସାମିଲ ହୋଇପାରିବେ ଓ ସରକାରୀ ସୁବିଧା ପାଇବେ ସେ ନେଇ ଚେଷ୍ଟା କରିବା ଆବଶ୍ୟକ। ତେଣୁ ପ୍ରତ୍ୟେକଟି ବ୍ୟକ୍ତି ଯଦି ଏଭଳି କେହି ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମ୍ପର୍କରେ ଜାଣନ୍ତି ତେବେ ସେମାନଙ୍କୁ ଆଗକୁ କିପରି ବଢ଼ିପାରିବେ ସେ ନେଇ ପ୍ରେରଣା ଯୋଗାଇ ଦେବା ଆବଶ୍ୟକ ବୋଲି କହିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ କନିଷ୍ଠ ରେଡକ୍ରସ ଜିଲା ସମ୍ପାଦିକ ସ୍ମିତା ପ୍ରତିଭା ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବେଆଇନ ଚିଙ୍ଗୁଡ଼ିଘେରି ଫସଲ ଉଜାଡୁଛି

- ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଲୁଣା ପାଣି ମାଡୁଛି
- ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନ ହେଲେ ଆନ୍ଦୋଳନର ଚେତାବନୀ

ରାଜକନିକା, ୨୮।୨(ଡି.ଏନ୍.ଏ.)


ଘେରିରୁ ରାସାୟନିକ ପାଣି ମାଡି ନଷ୍ଟ ଡାଲୁଅ ଧାନକୁ ଚାଷୀମାନେ ଦେଖାଉଛନ୍ତି।

ଗାଁଠାରୁ ସହର ଏବେ ଲାଭାନ୍ୱିତ ଚାଷ କରିବାକୁ ଆଗ୍ରହ ପ୍ରକାଶ ପାଉଛି। ଚାଷୀମାନେ ଏବେ ଚିଙ୍ଗୁଡ଼ି ଚାଷକୁ ପ୍ରାଧାନ୍ୟ ଦେଉଛନ୍ତି। ହେଲେ ଚିଙ୍ଗୁଡ଼ି ଚାଷ ହେବା ଦ୍ୱାରା ଅନ୍ୟ ଚାଷ ପ୍ରଭାବିତ ହେବା ସହ ଉଜୁଡ଼ି ଯାଉଥିବା ଦେଖିବାକୁ ମିଳିଛି। ଚିଙ୍ଗୁଡ଼ି ଚାଷ ହେବା ଦ୍ୱାରା ମୁଖ୍ୟତଃ ସାରଦ ଧାନ, ଡାଲୁଅ ଧାନ, ମୁଗ, ବିରି, ସୂର୍ଯ୍ୟମୁଖୀ, ଆଳୁ, ପନିପରିବା, ବାଦାମ ଓ ଆହୁରି ଅନେକ ଚାଷ କ୍ଷତିଗ୍ରସ୍ତ ହେଉଛିୟ। ଏହି ଚିଙ୍ଗୁଡ଼ି ଚାଷ ପାଇଁ ବ୍ୟବହୃତ ରସାୟନିକ ପଦାର୍ଥଗୁଡ଼ିକ ଜଳରେ ମିଶି ନଦୀ, ନାଳ ଓ ମଧୁର ଜଳକୁ ନଷ୍ଟ କରି ଦେଉଥିବା କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକର ହାଟସାହି ପଞ୍ଚାୟତର ଚାଷୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ସୁମନ୍ତ ଦାସ, ବାବାଜୀ ଚରଣ ଜେନା, ଗୋଲେଖ ଆର୍ଯ୍ୟ, ଚୌଧୁରୀ ପଢ଼ିହାରୀ, ଅଦ୍ୱୈତ୍ୟ ମଲିକ, କମଳା ଦାସ, ଶଶୀକାନ୍ତ ନାୟକ, ପ୍ରତାପ ମଲିକ, ସିନା ରାଉତ, ମନ୍ମଥ ବଳ, ସନ୍ତୋଷ ନାୟକ, ବୀରକିଶୋର ବେହେରା, ଉମାକାନ୍ତ ବେଉରିଆ, ପ୍ରଦୀପ୍ତ ନାୟକ କହିଛନ୍ତି।

ହାଟସାହି ପଞ୍ଚାୟତର ଚାଷୀଙ୍କ ଅଭିଯୋଗ ଅନୁସାରେ ସାରଦ ଧାନ ଚାଷ ଉଜୁଡ଼ି ଯିବା ପରେ, ଡାଲୁଅ ଧାନ ଉପରେ ନିର୍ଭର କରିଥାନ୍ତି। ଲୁଣିଆ ନାଳ, ବରଗଡ଼ିଆ ନାଳ, ଖୋପରାଡ଼ିଆ ନାଳ, ବାଇଶମାଣିଆ ନାଳ, ଗଗନାପାଟ ନାଳର ଜଳକୁ ବ୍ୟବହାର କରି ଚାଷୀ ସମସ୍ତ ପ୍ରକାର ଚାଷ କରିଥାନ୍ତି। କିନ୍ତୁ ଗଢି ଉଠିଥିବା ଚିଙ୍ଗୁଡ଼ି ଘେରିଗୁଡ଼ିକରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ପାଣିରେ ମିଶାଯାଉଛି। ସେହି ଜଳକୁ ପମ୍ପ ବା ନାଳକାଟି ଅନ୍ୟ ଜମିକୁ ଛଡ଼ାଯିବା ଫଳରେ ଜମିରେ ହୋଇଥିବା ସମସ୍ତ ଫସଲଗୁଡ଼ିକୁ ନଷ୍ଟ ହେବା ସହ ଜମିର ଉର୍ବରତାକୁ ନଷ୍ଟ କରିଦେଉଛି। ମାଟି ଉପରେ ନାଲିରଙ୍ଗର ପଟୁ ପରି ଦିଶୁଛି। ଫସଲଗୁଡ଼ିକ ନଷ୍ଟ ହେବା ଫଳରେ ବର୍ଷକର ଦାନା ଉଜୁଡ଼ି ଯାଉଛି ବୋଲି ଅଭିଯୋଗ ହେଉଛି। ଏ ବାବଦରେ ଅନେକଥର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ପାଇନାହିଁ। ଏହାକୁ ନେଇ ପଞ୍ଚାୟତର ଚାଷୀମାନେ ମେଳି ବାନ୍ଧିଛନ୍ତି। ରାସାୟନିକ ଯୁକ୍ତ ଜଳ ପ୍ରଭାବରୁ ଡାଲୁଅ ଧାନ ଗଛଗୁଡ଼ିକ ନଷ୍ଟ ହେବା ସହ ଆଳୁ, ସୂର୍ଯ୍ୟମୁଖୀ ଗଛ ମରି ଜାଳ ସଦୃଶ ଦେଖାଯାଉଛି। ସେହିପରି ମୁଗ, ବିରି, ବାଦାମ ଚାଷ ଉଜୁଡ଼ି ଯିବାକୁ ବସିଲାଣି। ହାତ ଗଣତି ଅଳ୍ପ ଚାଷୀ ଚିଙ୍ଗୁଡ଼ି ଚାଷ କରି ଲାଭବାନ ହେଉଥିବା ବେଳେ, ଚାଷକରି ଜୀବିକା ନିର୍ବାହ କରୁଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ତତ୍ପରତା ପୂର୍ବକ ଏହି ପଞ୍ଚାୟତରେ ଗଢି ଉଠିଥିବା ବେଆଇନ୍ ଚିଙ୍ଗୁଡ଼ି ଘେରିଗୁଡ଼ିକୁ ଉଚ୍ଛେଦ ନ କରାଯାଏ ପଞ୍ଚାୟତର ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷଜମୀ ଉର୍ବରତା କମିବା ସହ ଚାଷୀକୂଳ ହତାସ ହୋଇଯିବେ। ଏହାକୁ ନେଇ ଚାଷୀମାନେ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।

**ସଂକ୍ଷେପରେ**

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଚାଳକ ମୃତ

### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ, ଉତ୍ତେଜନା

**ଦଶପଲ୍ଲା,୨୮।୨ (ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଚକ୍ରଧରପୁର ନିକଟସ୍ଥ ପେଟ୍ରୋଲ ପମ୍ପଠାରେ ସୋମବାର ରାତି ସାଢ଼େ ୯ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିକଟସ୍ଥ ଖମାରସାହି ଗାଁର ପ୍ରସନ୍ନ ପାତ୍ର (୩୦) । ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । ଫଳରେ ଜାତୀୟ ରାଜପଥ ଉପରେ ବହୁ ଯାନବାହନ ଅଟକି ରହିଥିଲା । ପ୍ରସନ୍ନ ବାଇକ୍ ଯୋଗେ ନିଜ ଗାଁକୁ ରାତିରେ ଯାଉଥିବା ବେଳେ ଅପରପାର୍ଶ୍ୱ ନୟାଗଡ଼ରୁ ଦଶପଲ୍ଲା ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲା। ହେଲେ ଦୀର୍ଘ ସମୟ ଧରି ସେଠାରେ ରାସ୍ତାରୋକୋ ଚାଲିଥିଲା ।

## ୧୫ ବର୍ଷ ପରେ ଗିରଫ ହେଲେ ବଳାତ୍କାରୀ

ନୟାଗଡ଼ ଅଫିସ/ ରଣପୁର,୨୮।୨(ସ୍ୱ.ପ୍ର.):ନୟାଗଡ଼ ଜିଲା ରଣପୁର ଥାନା ପୋଲିସ ୧୫ ବର୍ଷ ତଳର ଜଣେ ବଳାତ୍କାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ପାମ୍ପଡାର ରବି ସାହୁ(୪୫)ଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁଯାୟୀ, ୨୦୦୯ରେ ପାମ୍ପଡା ନିକଟସ୍ଥ କାଜୁ ଜଙ୍ଗଲରେ ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରାଯାଇଥିଲା । ଯୁବତୀ ଜଣକ ବାପାଙ୍କ ସହ ଜଙ୍ଗଲକୁ ଯାଇଥିଲେ । ରଣପୁର ଥାନାରେ ଅସ୍ଥାୟୀ ଡ୍ରାଇଭର ଭାବେ କାମ କରୁଥିବା ରବି ଏହି ବଳତ୍କାର କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୮୦/୨୦୦୯)ରୁଜୁ କରି ଘଟଣାର ତଦନ୍ତ କରିଥିଲା । ରବି ଫେରାର ଥିବାରୁ ପୋଲିସ ତାଙ୍କୁ ଗିରଫ କରି ପାରି ନ ଥିଲା । ସୋମବାର ରାତିରେ ରଣପୁର ଥାନା ଏସଆଇ ସଞ୍ଜୟ ପରିଡାଙ୍କ ନେତୃତ୍ୱରେ ପୋଲିସ ଗାଁ ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା ।

## ପଠାଣି ସାମନ୍ତ ମହାବିଦ୍ୟାଳୟର ୨ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୨୮।୨(ସ୍ୱ.ପ୍ର.):** ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟର ୨ଜଣ କର୍ମଚାରୀ ରମେଶ ଚନ୍ଦ୍ର ପ୍ରଧାନ ଓ ସୁରେନ୍ଦ୍ର କୁମାର ତ୍ରିପାଠୀ ଗୋଟିଏ ଦିନରେ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ମଙ୍ଗଳବାର ଅଧକ୍ଷ ବିରଞ୍ଚି ନାରାୟଣ ଶତପଥୀଙ୍କ ଅଧକ୍ଷତାରେ କଲେଜ ଅଡିଟୋରିୟମରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ଉଭୟ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

### ଶେରଗଡ଼, ହିଞ୍ଜିଳିରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

ଶେରଗଡ଼/ ହିଞ୍ଜିଳିକାଟୁ, ୨୮।୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଗଞ୍ଜାମ ଜିଲାପାଳ ଦିବ୍ୟଜୋତି ପରିଡ଼ା । ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ, ବିଜୁଳି ଆଦି ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ। ନନ୍ଦିନୀ ନଦୀ ଉଭୟ ପାର୍ଶ୍ୱ ପଥର ବନ୍ଧ ହେବା, ବରମୁଣ୍ଡଳୀ, କରଡାକଣା, ଗୁଡିସର, ଡେଙ୍ଗାପଦର ଗ୍ରାମର ଉଠା ଜଳସେଚନ ପଏଣ୍ଟକୁ ସଚଳ କରିବା, ବ୍ଲକର କ୍ଷୁଦ୍ର ଜଳସେଚନ ବିଭାଗର ୩ଟି ପୋଖରୀ କାର୍ଯ୍ୟକୁ ଏପ୍ରିଲ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚିତ ପ୍ରତିନିଧିମାନେ ଦେଇଥିବା ପ୍ରକଳ୍ପ ତାଲିକାକୁ ତର୍ଜମା କରି ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ସିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବଙ୍କିମ ଚନ୍ଦ୍ର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ବେହେରା, ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ପଟ୍ଟନାୟକ, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜାନନ ନାୟକ, ସହକାରୀ ମୁଖ୍ୟ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାପାତ୍ର, ନାଳ ନର୍ଦ୍ଦମା ବିଭାଗର ନିର୍ବାହୀ ଯନ୍ତ୍ରୀ ଶେଖର ସିଦ୍ଧାର୍ଥ ଉପସ୍ଥିତ ଥିଲେ। ସେହିପରି ହିଞ୍ଜିଳିର ମଧ୍ୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ।

ସେହିପରି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ହିଞ୍ଜିଳିକାଟୁ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରକୁ ଲାଗି ଚାଲିଥିବା ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ଦକ୍ଷିଣର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଉମାଚରଣ ପାଢ଼ୀ ଓ ଠିକାଦାର ସରୋଜ ଶତପଥୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଉତ୍ତରବ୍ଲକ ପାଇଁ ଖୋଲାଯାଇଥିବା ଚିହ୍ନଟ ସ୍ଥାନ ବୁଲି ଦେଖିଥିଲେ। ଆହାରକେନ୍ଦ୍ରକୁ ଲାଗି ମିଶନଶକ୍ତି କେଫ, ବୁଲାବେପାରୀଙ୍କ ପାଇଁ ବିକ୍ରୟ ସ୍ଥାନ, ପାନୀୟ ଜଳ କେନ୍ଦ୍ର ଓ ପାର୍କିଂ ବ୍ୟବସ୍ଥା ନିମନ୍ତେ ଚାଲିଥିବା କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଆସିକା ଏମ୍‌ପିଙ୍କ ବ୍ୟକ୍ତିଗତ ରାଜନୈତିକ ସହାୟକ ନୀଳମଣି ପଟ୍ଟନାୟକ ହିଞ୍ଜିଳିକାଟୁ ପୌରପରିଷଦରେ ସାଂସଦଙ୍କ ହାତପାଣ୍ଠି ସହାୟତାରେ ସିସି କ୍ୟାମେରା ଲଗାଯିବା ନେଇ ପ୍ରସ୍ତାବ ପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଏହି ଗ୍ରସ୍ତ ସମୟରେ ହିଞ୍ଜିଳିକାଟୁ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ହିଞ୍ଜିଳିକାଟୁ ପୌରପରିଷଦ ବିଜେଡି ନଗର ସଭାପତି ଭୀମସେନ ବେହେରା, ବିଜେଡି ନେତା ପ୍ୟାରୀମୋହନ ପାଢ଼ୀ, ସଞ୍ଜୟ କୁମାର ସ୍ୱାଇଁ, ରୋହିତ ବିଷୋୟୀ, ଯନ୍ତ୍ରୀ ଦିଲ୍ଲୀପ କୁମାର ମିଶ୍ର, ଯନ୍ତ୍ରୀ ମାନସ ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଲ୍ୟବିବାହ ବୃଦ୍ଧିକୁ ନେଇ ଜିଲାପାଳଙ୍କ ଉଦ୍‌ବେଗ



ସଚେତନତା ଶିବିରରେ ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୨୮।୨

### ବାଲ୍ୟବିବାହ ପ୍ରତିରୋଧ ସମ୍ପର୍କରେ ସଚେତନତା

ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ବାଲ୍ୟବିବାହ ପ୍ରତିରୋଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅଧ୍ୟକ୍ଷତା କରି ବାଲ୍ୟବିବାହ ବଢୁଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ଏଣୁ ନୀତି ନିୟମକୁ ଉଲ୍ଲଂଘନ କରି ବାଲ୍ୟ ବିବାହ କରାଉଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ବିଭିନ୍ନ ଜାତିର ମୁଖିଆମାନଙ୍କୁ ବାଲ୍ୟ ବିବାହ ରୋକିବା ଦିଗରେ କାମ କରିବାକୁ ପରାମର୍ଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ତରଫରୁ ପ୍ରୀତିକାନ୍ତ ପଣ୍ଡା ଓ ରିସୋର୍ସ ପର୍ସନ ଘାସିରାମ ପଣ୍ଡା ଯୋଗ ଦେଇ ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬ ଓ ଓଡିଶା ବାଲ୍ୟ ବିବାହ ନିୟମ ସମ୍ପର୍କରେ ବୁଝାଇଥିଲେ । ଜିଲାର ପ୍ରତି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ, ସୁପର ଭାଇଜର,ବିଭିନ୍ନ ଥାନାର ମହିଳା ଶିଶୁ ଡେସ୍କ ଅଧିକାରୀ, ଡିଏସ୍‌ପି ସୁଷମା ପ୍ରଧାନ ଉପସ୍ଥିତ ଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଧନ୍ୟବାଦ ଦେଇଥିଲେ ।

## ମାନବିକତା ଦେଖାଇଲେ ଭିଜିଲାନ୍ସ ଏସ୍‌ପି

ଆସିକା,୨୮।୨(ଡି.ଏନ.ଏ.)

ଆସିକା-ବ୍ରହ୍ମପୁର ୫୯ନଂ ଜାତୀୟ ରାଜପଥ କରଇେ ନିକଟରେ ମଙ୍ଗଳବାର ସକାଳେ ଏକ ବାଇକ୍ ଦୁର୍ଘଟଣାରେ ଭଉଣୀ ଭାଇ ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ଏହି ରାସ୍ତାରେ ଫୁଲବାଣୀ ଯାଉଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍.ପି. ଗଣେଶ ପ୍ରଧାନ ଆହତଙ୍କୁ ନିଜ ଗାଡିରେ ନେଇ ଆସିକା ଡାକ୍ତରଖାନାରେ ପହଞ୍ଚିଥିଲେ। ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଆହତଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଥିଲା । ଆହତମାନେ ହେଲେ ଭଞ୍ଜନଗର ବାଉଁଶଲୁଣ୍ଡିର ସଞ୍ଜୟ କୁମାର ଗୁପ୍ତା (୩୦) ଓ ତାଙ୍କ ବଡ ଭଉଣୀ ଶ୍ୟାମାଦେବୀ ଗୁପ୍ତା। ଉଭୟେ ଏକ ବାଇକରେ ବ୍ରହ୍ମପୁରରୁ ଭଞ୍ଜନଗର ଫେରୁଥିଲା ବେଳେ ଭାରସାମ୍ୟ ହରାଇ ବାଇକଟି ରାସ୍ତାକଡ ଏକ ଗଛରେ ପିଡି ହୋଇଯାଇଥିଲା।

## ସାଧକ ଶତକ ଲୋକାର୍ପଣ ଉତ୍ସବ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ।

ନୟାଗଡ଼ ଅଫିସ,୨୮।୨

'ସାଧକ ଶତକ' ପୁସ୍ତକ ଆସନ୍ତା ଶ୍ରୀଗୁଣ୍ଡିଚାରେ ଲୋକାର୍ପଣ ହେବ ବୋଲି ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ଦୋଳବେଦିଠାରେ ନୟାଗଡ଼ ଜିଲା ସାହିତ୍ୟ ଓ ସଂସ୍କୃତି ବିକାଶ ମଞ୍ଚ ପ୍ରାୟୋଜିତ ପ୍ରସ୍ତୁତି ବୈଠକରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଅଧ୍ୟକ୍ଷତା କରି ପ୍ରକାଶିତ ହେବାକୁ ଥିବା 'ସାଧକ ଶତକ' ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ନାଟ୍ୟଭୂଷଣ ବିଜୟ ଚୌଧୁରୀ, ସୁକାନ୍ତି ମହାନ୍ତି, ଲୋକନାଥ ମିଶ୍ର, ରଞ୍ଜନ ଦାଶ, ଯଶୋବନ୍ତ ପଟ୍ଟନାୟକ, ଗୋଦାବରୀଶ ମିଶ୍ର, ନବକିଶୋର ମିଶ୍ର, ହରିଶ ପ୍ରଧାନ,ପୂର୍ଣ୍ଣଚନ୍ଦ୍ର ଶତପଥୀ, ନୀଳିମା ନନ୍ଦ,ଅଶୋକ ମଲ୍ଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନୟାଗଡ଼ ଜିଲାର ୮ଟି ବ୍ଲକ ଏବଂ ୫ ସହରାଞ୍ଚଳରେ ରହୁଥିବା ଦିବଂଗତ ଏବଂ କାର୍ଯ୍ୟରତ ସାହିତ୍ୟିକ,ସାରସ୍ୱତ ସାଧକ, ସଂଗ୍ରାମୀ, କ୍ରୀଡ଼ା, ସଙ୍ଗୀତ ଓ ବିଜ୍ଞାନର ଶ୍ରେଷ୍ଠ ସାଧକମାନଙ୍କ ସମ୍ପର୍କରେ ପୁସ୍ତକରେ ସ୍ଥାନିତ କରାଯିବ। ଏକ ଚୟନ କମିଟି ଉପଯୁକ୍ତ ଭାବେ ସମୀକ୍ଷା କରି ଶହେ ଜଣ ସାଧକଙ୍କୁ ମନୋନୀତ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବିକାଶ ମଞ୍ଚର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଉରିବନ୍ଧୁ ବିଦ୍ୟାଳୟରେ ବିଜ୍ଞାନ ଦିବସ ପାଳିତ

ରଣପୁର,୨୮।୨(ସ୍ୱ.ପ୍ର.)

ପ୍ରଥମ ଓଡ଼ିଶା ଶିକ୍ଷା ଅନୁଷ୍ଠାନ ତରଫରୁ ମଙ୍ଗଳବାର ରଣପୁର ବ୍ଲକର ବାଉରିବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ବ୍ଲକ ସଂଯୋଜକ ପ୍ରିୟବ୍ରତ ନାୟକ ବୈଜ୍ଞାନିକ ଚନ୍ଦ୍ର ଶେଖର ଭେଙ୍କଟରମଣଙ୍କ ବିଷୟରେ ଆଲୋକପାତ କରିଥିଲେ । ଆଲୋକ ଗୁଣ ସହିତ ସମ୍ବନ୍ଧିତ ତାଙ୍କ ଆବିଷ୍କାର 'ରମଣ ପ୍ରଭାବ' ପାଇଁ ୧୯୩୦ରେ ପଦାର୍ଥ ବିଜ୍ଞାନରେ ସେ ନୋବେଲ ପୁରସ୍କାର ପାଇଥିଲେ । ୧୯୨୮ ଫେବୃୟାରୀ ୨୮ରେ ସେ ରମଣ ପ୍ରଭାବ ଆବିଷ୍କାର କରିଥିଲେ । ଏଥିପାଇଁ ସେହି ଦିନକୁ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ନାମରେ ପାଳନ କରାଯାଉଛି ବୋଲି କହିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ଅମାନିଆ ବେଲୁନ, କୁହୁକ ହାତ, ଓଲଟ ପାଲଟ ଜୋକର,ଅଦୃଶ୍ୟ ମୁଦ୍ରା,ବେଲୁନର ସାଇଫନ, ସାବୁନ ଚାଳିତ ଡଙ୍ଗା, ସାତରଙ୍ଗୀ ଚକ୍ରୀ, ଦିଆସିଲି ଖୋଳରେ ଅଣୁବୀକ୍ଷଣ ଯନ୍ତ୍ର ,କାଗଜର ଫୁଲ ଏବଂ ହାତରେ ଛିଦ୍ର ଆଦି ୧୦ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା । ଛାତ୍ରୀଛାତ୍ରମାନେ ନିଜ ପ୍ରକଳ୍ପ ସଂକ୍ରାନ୍ତରେ ଗ୍ରାମବାସୀଙ୍କୁ ବୁଝାଇ ଥିଲେ ।



ଛାତ୍ରମାନେ ନିଜର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଆବାସ ନାହିଁ, ଆସିଲା ମରାମତି ଟଙ୍କା

### ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ

ଶରଣକୁଳ,୨୮।୨(ଡି.ଏନ.ଏ.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକରେ ହିତାଧିକାରୀଙ୍କ ଅଜାଣତରେ ସରପଞ୍ଚ ଓ ଜିଆରଏସ୍ ଆବାସ ଟଙ୍କା ଆତ୍ମସାତ୍ କରି ନେଇଥିବା ଅଭିଯୋଗ ହୋଇଛି । ଏପରି ଅଭିଯୋଗ ପାଇବା ପରେ ବିଡିଓ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଓଡ଼ଗାଁ ବ୍ଲକ ବରସାହି ପଞ୍ଚାୟତ ଶିଙ୍ଗାରପୁର ଗ୍ରାମର ଗଣେଶ ନାୟକ ଜଣେ ଅକ୍ଷମ ବ୍ୟକ୍ତି । ସେ କାମଧନ୍ଦା କରିପାରୁ ନ ଥିବାରୁ ତାଙ୍କ ନାମରେ ୨୦୧୭ରେ ବ୍ଲକ ତରଫରୁ ଏକ ଆବାସ ଗୃହ ମଞ୍ଜୁର ହୋଇଥିଲା । କିନ୍ତୁ ଏହାର ଫାଇଦା ଉଠାଇଥିଲେ ସ୍ଥାନୀୟ ସରପଞ୍ଚ ଏବଂ ଜିଆରଏସ୍ । ଗଣେଶଙ୍କ ଘର ଦେଖାଇ ସମସ୍ତ ଅର୍ଥ ଚଳୁ କରି ଦେଇଥିଲେ । ଖାଲି ସେତିକି ନୁହେଁ ତାଙ୍କ ନାମରେ ମିଥ୍ୟା ବ୍ୟାଙ୍କ ଖାତା ଖୋଲି ସମସ୍ତ ଅନୁଦାନ ହରିଲୁଟ୍ କରିନେଇଥିବା ଗଣେଶଙ୍କ ସ୍ତ୍ରୀ ଗୀତା ନାୟକ ଅଭିଯୋଗ କରିଛନ୍ତି । ସୋମବାର ସେହି ଆବାସ ମରାମତି ପାଇଁ ବରସାହି ପଞ୍ଚାୟତର ଗ୍ରାମ ସେବକ ଗଣେଶଙ୍କୁ ଫୋନ କରିଥିଲେ । ଘର ମରାମତି ବାବଦକୁ ୩ ହଜାର ଟଙ୍କା ଆସିଥିବା କହିବା ପରେ ଘଟଣା ସାମ୍ନାକୁ ଆସିଥିଲା । ଆବାସ ଘର ଆମେ ନ କରି ଆମ ନାମରେ କିପରି ମରାମତି ଟଙ୍କା ଆସିଲା ବୋଲି ଗ୍ରାମସେବକଙ୍କୁ ପଚାରିବା ପରେ ଘଟଣାର ଅସଲ ଚିତ୍ର ପଦାକୁ ଆସିଥିଲା । ଏ ସଂକ୍ରାନ୍ତରେ ଗୀତା ନାୟକ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଆବାସ ଗୃହ ଫେରି ପାଇବାକୁ ସେ ଦାବି କରିଛନ୍ତି । ଏ ସମ୍ପର୍କରେ ଓଡ଼ଗାଁ ବିଡିଓ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରେ ସେ ଅଭିଯୋଗ ପାଇଛନ୍ତି । ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି ।

## ବିଦ୍ୟାଳୟ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭାପୁର,୨୮।୨ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ଉଚ୍ଚ ବିଦ୍ୟାଳୟର ବରିଷ୍ଠ କିରାଣି ପତିତପାବନ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜକିଶୋର ଷଡ଼ଙ୍ଗୀ, ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର ତ୍ରିପାଠୀ, ପ୍ରସନ୍ନ କୁମାର ସାମନ୍ତରାୟ, ନାରାୟଣ ପରମଗୁରୁ, ସମ୍ପାଦକ ଭିକାରୀଚରଣ ନାଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟସୁନ୍ଦର ନାଥ, ମୋ ସ୍କୁଲ ସଭାପତି ଅନିଲ ପାଲଟାସିଂହ, ଶିକ୍ଷୟିତ୍ରୀ ସୁଲୋଚନା ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀ ମହାପାତ୍ରଙ୍କ କର୍ତ୍ତବ୍ୟପରାୟଣତା, କାର୍ଯ୍ୟଦକ୍ଷତାର ଉଚ୍ଚ ପ୍ରଂଶସା କରିବା ସହ ତାଙ୍କ ଅବସର ଜୀବନ ନିରାମୟ କାମନା କରିଥିଲେ। ସଭାକାର୍ଯ୍ୟକୁ ଶିକ୍ଷକ ପଞ୍ଚାନନ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଛାମୁଣ୍ଡିଆରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ଗଣିଆ,୨୮।୨(ଡି.ଏନ୍.ଏ.)



ମାଣ୍ଡିଆ ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଗଣିଆ ବ୍ଲକ ଛାମୁଣ୍ଡିଆ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ମଙ୍ଗଳବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଗଣିଆ ଉନ୍ନୟନ କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, କୃଷି ସମବାୟ ସମିତି ସଭାପତି ହେମନ୍ତ ଦଳେଇ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ମିଲେଟ ମିଶନର ସଂଯୋଜକ ଅଭିଷେକ ପଣ୍ଡା, ବ୍ଲକ ସହକାରୀ କୃଷି ଅଧିକାରୀ ନୀଳାଦ୍ରିକାନ୍ତ ଗିରି, କୃଷି ସମବାୟ ସମିତିର ସମ୍ପାଦକ ଲକ୍ଷ୍ମଣ ବେହେରା, ଜିୟୁସି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ । ବଡଶିଲିଙ୍ଗା ଓ ଛାମୁଣ୍ଡିଆ ପଞ୍ଚାୟତର ମାଣ୍ଡିଆ ଚାଷୀଙ୍କ ଠାରୁ ଚଳିତବର୍ଷ ୧୦୧ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯିବା ପାଇଁ ଲକ୍ଷ୍ୟ ରହିଥିବା ଜିୟୁସି ସମ୍ପାଦକଙ୍କଠାରୁ ସୂଚନା ମିଳିଛି । ତେବେ ପ୍ରଥମେ ଛାମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଭାଗୃହରେ ମିଲେଟ ମିଶନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ମଣ୍ଡି ଖୋଲିବାର ପ୍ରଥମ ଦିବସରେ କୁଇଣ୍ଟାଲ ପିଛା ୩ ହଜାର ୫ଶହ ୭୮ଟଙ୍କା ଦରରେ ୨୦କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। ତେବେ ବଡଶିଲିହ୍‌ଗା ଓ ଛାମୁଣ୍ଡିଆ ପଞ୍ଚାୟତର ଚାଷୀମାନେ ପ୍ରଥମ କରି ମଣ୍ଡିରେ ମାଣ୍ଡିଆ ବିକ୍ରି କରିବା ପାଇଁ ଉତ୍ସାହିତ ଥିବା ଲକ୍ଷ୍ୟ କରାଯାଇଥିଲା ।

# କାର୍ଯ୍ୟରେ ଲାଗୁନି ଗୋଷ୍ଠୀ ଶୌଚାଳୟ

ଖଜୁରିପଡ଼ା,୨୮।୨

ଜନସାଧାରଣଙ୍କ ହିତ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ପରବର୍ତ୍ତୀ ସମୟରେ ଯୋଜନା ସବୁ କୌଣସି କାର୍ଯ୍ୟରେ ଲାଗୁ ନାହିଁ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ପ୍ରତ୍ୟେକ ପଞ୍ଚାୟତରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ। ଖଜୁରିପଡ଼ା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ୩ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ କରି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। କାରଣ ମଳମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। କୌଣସି ଜନସାଧାରଣ କିମ୍ବା ରାସ୍ତା ବାଟରେ ଯିବା ଆସିବା କରୁଥିବା ଯାତ୍ରୀ ହେଉ ଅବା ପର୍ଯ୍ୟଟକ ମାନେ ଯେମିତି ଶୌଚ ହେବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ଦୃଷ୍ଟି ରଖି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ମାଧ୍ୟମରେ ପ୍ରତ୍ୟେକ ଲୋକଙ୍କୁ ପାଇଖାନା ଦେବା ସହିତ ବିଭିନ୍ନ ଦାର୍ଶନିକ ସ୍ଥାନ, ଯାତ୍ରୀ ବିଶ୍ରାମ ଗୃହ କିମ୍ବା ପର୍ଯ୍ୟଟନ ସ୍ଥଳୀ ହେଉ ଅବା ପଞ୍ଚାୟତ ଗୁଡ଼ିକର ସଦର ମହକୁମା ଠାରେ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଛନ୍ତି। ସେଗୁଡିକ ବ୍ୟବହାର ପରିବର୍ତ୍ତେ ମାସ ମାସ ଧରି ତାଲା ପଡ଼ି ରହିଛି । ଯାହାଦ୍ୱାରା ଲୋକମାନେ ବାହାରେ ଖୋଲା ପଡ଼ିଆରେ ପରିସ୍ରା ଏବଂ ମଳତ୍ୟାଗ କରୁଛନ୍ତି। ବାହାରେ ଅସନା ହେଉଥିବା ଯୋଗୁ ପରିବେଶ ପରିଚ୍ଛନ୍ନ ସଫା ସୁତୁରା ରହୁ ନାହିଁ। ଗୋଷ୍ଠୀ ଶୌଚାଳୟ ଗୁଡିକରେ ଉଇ ହୁଙ୍କା ଲାଗିଲାଣି। ଅନ୍ୟପକ୍ଷରେ ସରକାର ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଗାଁ ଠୁ ସହର ସଫା ସୁତୁରା ରଖିବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ସେହି ସ୍ୱପ୍ନକୁ ଦାୟିତ୍ୱ ନେଇଥିବା ଅଧିକାରୀ ମାନେ ଭାଙ୍ଗି ଚୂର୍ ମାର କରି ଦେଉଥିବା ପରିଲକ୍ଷିତ ହେଉଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ଗୋଷ୍ଠୀ ଶୌଚାଳୟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ମାର୍ଚ୍ଚ, ୨୦୨୩



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:..............................
ଜନ୍ମ ତାରିଖ: ..............................


ଅର୍ସଆଲାମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କେକ୍‌ରେ ଆର୍ଟିଷ୍ଟଙ୍କ ଚେହେରା

**ନୂଆଦିଲ୍ଲୀ:** ଜଣେ କେକ୍ ଆର୍ଟିଷ୍ଟ ତାଙ୍କ କଳାରେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛନ୍ତି। ସେ କେକ୍‌ରେ ନିଜ ଚେହେରା ତିଆରି କରିଥିଲେ। ଏକ ପ୍ଲେଟ୍‌ରେ ସେ ଉକ୍ତ କେକ୍ ଧରି ଠିଆ ହୋଇଥିଲେ, ଯେଉଁଥିରେ କି ପ୍ରକୃତ ଚେହେରା ଏବଂ କେକ୍ ମଧ୍ୟରେ ପାର୍ଥକ୍ୟ ଜଣାପଡୁ ନ ଥିଲା। ଯେତେବେଳେ ଆର୍ଟିଷ୍ଟ ଜଣକ ତାଙ୍କ ମୁହଁ ଥିବା କେକ୍‌ଟିକୁ କାଟିଲେ ସେତେବେଳେ ତାହା କେକ୍ ବୋଲି ଜଣାପଡିଥିଲା। ଉପସ୍ଥିତ ଲୋକେ କେକ୍‌କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ।

# Classified Everyday
0674-2580101, 2549949


MATRIMONIAL

## BRIDE WANTED

Wanted Fair looking mahishya/ kayastha or any general caste bride, 26-29 year, 5.4" or more, B.Tech/ MCA/ MBA, for a boy 31 years, 5.9, M.S (Engg) from Germany, working as manager in IT company in Germany @ 45 lakhs per annum. contact -9437287547/ 8917262124. D-74648

Brahmin boy 1984, 5'10" MCA Serving Bangalore "SUNASANSAR". 9937512659, 8249969649. D-2867

Ashribad Wedding ସବୁ ଜାତିର ପୁରୁଷଙ୍କ ପାଇଁ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-2864

## GROOM WANTED

Ashribad Wedding ସବୁ ଜାତିର ମହିଳାଙ୍କ ପାଇଁ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2865

38 ବୟସ୍କା ଏକାକୀ ରହୁଥିବା Software Engineer ସୁନ୍ଦର ମାରଓ୍ୱାଡ଼ି ଝିଅଙ୍କୁ any caste ବରପାତ୍ର ଆବଶ୍ୟକ। ଘରଜ୍ୱାଇଁ ପ୍ରାଥମିକତା। 8327715036. D-2877


REAL ESTATE

## SALE

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

Gharabari plot for sale Sivasaktinagar (Hanspal) per sqft.- 2750/-. 7008492511. D-2900

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

ପିପିଲି ଟୋଲ୍‌ଗେଟ୍ ପୂର୍ବରୁ NH ନିକଟରୁ ୫୦୦ମି. ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ 30ft. Road, boundary ସହିତ sqft.-1250/-ରେ ଉପଲବ୍ଧ। 7749800648. D-2901

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753.** D-73691

Gharabari plot for sale 2km. from Sai Temple Tankapani Road Bridge. Contact: 9861616986. D-71368




**Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533.** D-2899

"Two BHK Garage Ground Floor 1600 sqft. for rent at Laxmisagar. Rent Rs.25,000/-. Contact: 9868656156". D-2859

## BIRTHDAY WISHES



**Mohammad Arsh Alam**

Many many happy returns of the day to dears Arsh, Alha Bless U. Best Wishes: Aliya, Alam, Danish, Nani, Nana, Dada, Dadi, Jebby Phupi, Ruby Phuphi, Babunu Chachu, Reshma Phupi, Nazma Phupi, Riffat, Ayesha, Ashiya, Hamza, Mona, Raish Chachu, Sadique Mama, Sidik Mama and all Mama and all Chachu..... D-2847




Newly open SPA positively health benefits with expert therapist. 7849011931. D-73684

Newly open full body massage, ladies and gents. 9040171280. D-74645

**All type of body massage by expert lady therapist. 7008773793.** D-73690

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Newly open health benefits SPA special Offer @ 999 Naya-palli. 7846814019. D-73687

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Newly open SPA positively health benefit with expert. Contact: 8984068198. D-74517

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Newly open full body massage ladies and gents. 9861883292. D-74650

All types body massage with hiprofile smart lady, room services available. 9937833100. D-71366

Full body massage, refresh, relaxed by expert lady therapist. 8480939300. D- 2824

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LEGAL NOTICE

IN THE HIGH COURT OF ORISSA: CUTTACK
Notice U/O.5, Rule-20(1-A) of C.P.C. W.P.(C) No.35863/2022

Raghupati Mohapatra, aged about 22 years, S/o Late Kamalakanta Mohapatra, resident of Plot No.3322, Goutam Nagar, P.O.- Old Town, P.S.- Sri Lingaraj, Bhubaneswar, Dist-Khurda. ......Petitioner

-VS.-

State of Odisha, represented through its Secretary, Revenue and Disaster Management Department, Secretariat Building, Secretariat, Bhubaneswar, Dist:-Khurda & Ors. ....Opposite Parties

To

3. Ritanjali Mohapatra, aged about 48 years, D/o Late Laxmi Kanta Mohapatra. 4. Mitanjali Mohapatra, aged about 44 years, D/o Late Laxmi Kanta Mohapatra, 6. Nirod Nalini Mohapatra, W/o Late Santosh Kumar Mohapatra, 7. Sharon Mohapatra, age not known, D/o Late Santosh Kumar Mohapatra, 8. Shrohan Mohapatra, age not known, S/o Late Santosh Kumar Mohapatra, 9. Manoj Kumar Mohapatra, aged about 58 years, S/o Late Rebati Kanta Mohapatra, 10. Saroj Kumar Mohapatra, aged about 54 years, S/o Late Rebati Kanta Mohapatra, 11. Mamata Mohapatra, aged about 59 years, D/o Late Rebati Kanta Mohapatra, 12. Rasmita Mohapatra, aged about 51 years, D/o Late Rebati Kanta Mohapatra, 13. Sushmita Mohapatra, aged about 47 years, D/o Late Rebati Kanta Mohapatra, 14. Nayansundari Devi, aged about 82 years, W/o Late Rebati Kanta Mohapatra, Sl. No.6 to 14 are permanent residents of Village/ P.O.- Brahmansarangi, P.S.- Balianta, Bhubaneswar, Dist- Khurda. 16. Gyanendra Kumar Mohapatra, aged about 48 years, S/o Late Rajani Kanta Mohapatra, 17. Bandita Mohapatra, aged about 52 years, D/o Late Rajani Kanta Mohapatra, 18. Ramita @ Rumita Mohapatra, aged about 46 years, D/o Late Rajani Kanta Mohapatra, 19. Aurnapurna Mohapatra, aged about 75 years, W/o Late Rajani Kanta Mohapatra Sl. No.15 to 19 are permanent residents of Village/ P.O.- Brahmansarangi, P.S- Balianta, Bhubaneswar, Dist- Khurda, 20. Shradhanjali Mohapatra, aged about 48 years, D/o Late Nalini Kanta Mohapatra, 21. Swarnaprava Mohapatra, aged about 46 years, D/o Late Nalini Kanta Mohapatra, 22. Sagarika Mohapatra, aged about 38 years, D/o Late Nalini Kanta Mohapatra, 23. Swagatika Mohapatra, aged about 34 years, D/o Late Nalini Kanta Mohapatra, 25. Kanchan Mohapatra, aged about 77 years, W/o Late Nalini Kanta Mohapatra, Sl. No.20 to 25 are permanent residents of Village/ P.O.- Brahmansarangi, P.S. - Balianta, Bhubaneswar, Dist- Khurda. 26. Aditya Mohapatra, age not known, S/o Late Radha Kanta Mohapatra, 27. Saraswati Mohapatra, age not knwon, D/o Late Radha Kanta Mohapatra, 28. Kanaka Lata Mohapatra, age not known, W/o Late Radha Kanta Mohapatra, Sl. No.26 to 28 are permanent residents of Village/ P.O. - Brahmansarangi, P.S. - Balianta, Bhubaneswar, Dist-Khurda.

Take notice that a writ petition has been filed by the petitioner praying to set aside the order dated 03.01.2022 passed by the Tahsildar- Balianta in Mutation Case No.6659/2021 (under Section 8-A of the OLR Act). You are avoiding to receive the notice issued from time and again to appear in this court.

Hence you are hereby directed to appear before this court in person or by Advocate duly instructed by you on 6th March 2023, at 10:30. A.M. and to file show cause as to why the petitioner should not be granted the relief as prayed for failing which the said application will be heard and determined exparte.

Given under my hand and seal of the Court on this the 22nd day of February, 2023

Seal & Signature

By order of this Court
Registrar (Judicial)
Orissa High Court, Cuttack
D-2895

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କର୍ମକ୍ଷେତ୍ରକୁ ଫେରିଲେ କାଜଲ



**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ତାଙ୍କ ମ୍ୟାଟରନିଟି ବ୍ରେକ୍ ପରେ ଏବେ ପୁଣିଥରେ କର୍ମକ୍ଷେତ୍ରକୁ ଫେରିଛନ୍ତି। କାଜଲ ୨୦୨୦ ଅକ୍ଟୋବର ୩୦ରେ ଗୌତମ କିଚ୍‌ଲୁଙ୍କୁ ବିବାହ କରିଥିଲେ। ତେବେ ଗତ ବର୍ଷ ଦୁହିଁଙ୍କର ଏକ ପୁତ୍ରସନ୍ତାନ ଜନ୍ମ ହୋଇଛି। ସେଥିପାଇଁ ସେ ମ୍ୟାଟରନିଟି ବ୍ରେକ୍ ନେଇଥିଲେ। ତେବେ ଏବେ ସେ ତାଙ୍କ କାମକୁ ଫେରିଛନ୍ତି। ସେ କମଲ ହାସନଙ୍କ ଫିଲ୍ମ 'ଇଣ୍ଡିଆନ୍-୨'ରେ ନଜରକୁ ଆସିବେ। ଏଥିପାଇଁ ସେ ତାଙ୍କ ଶୁଟିଂ ଆରମ୍ଭ କରିଦେଇଛନ୍ତି। ଏନେଇ ଅଭିନେତ୍ରୀ ଏକ ଫଟୋ ଶେୟାର କରି ଏହି ସୂଚନା ଦେଇଛନ୍ତି। ଫିଲ୍ମ ସେଟ୍‌ରୁ କାଜଲ ଏକ ଫଟୋ ଶେୟାର କରିଛନ୍ତି। ହେଲେ ସେଥିରେ କାଜଲ ନିଜ ଲୁକ୍ ପ୍ରକାଶ କରିନାହାନ୍ତି। ଏହା ପୂର୍ବରୁ ସେ ଏହି ମୁଭି ପାଇଁ ହର୍ସ ରାଇଡିଂ ଶିଖୁଥିଲେ। ସେ ଫଟୋ ଶେୟାର କରି ଲେଖିଛନ୍ତି, ବହୁତ ଦିନ ପରେ କାମକୁ ଫେରି ଖୁସି ଲାଗୁଛି। ସେ ବର୍ତ୍ତମାନ ସମୟରେ କିଛି ନୂଆ ଶିଖୁଛନ୍ତି। ଯେଉଁଥିପାଇଁ ସେ ଉତ୍ସାହିତ ଥିବା କହିଛନ୍ତି। ଫିଲ୍ମରେ ଏସ୍. ଶଙ୍କର ନିର୍ଦ୍ଦେଶନା ଦେଉଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯୋଜନା ରହିଛି।

# ୨୭ ବର୍ଷ ଧରି ଧାରଣାରେ ଶିକ୍ଷକ




**ଲକ୍ଷ୍ନୌ**

ବର୍ତ୍ତମାନ ସମୟରେ ଲୋକେ ସରକାରଙ୍କ ନିକଟରେ ତାଙ୍କର ଅନେକ ଦାବି ରଖି ଧାରଣାରେ ବସୁଥିବା ଦେଖିବାକୁ ମିଳୁଛି। ହେଲେ ଉତ୍ତର ପ୍ରଦେଶରେ ଜଣେ ଶିକ୍ଷକ ଜମି ମାଫିଆଙ୍କୁ ବିରୋଧ କରି ୨୭ ବର୍ଷ ହେବ ଧାରଣାରେ ବସିଥିବା ଜଣାପଡ଼ିଛି। ଶିକ୍ଷକ ବିଜୟ ସିଂ କହିଛନ୍ତି, ୩୩ ବର୍ଷ ବୟସରେ ସେ ଉତ୍ତର ପ୍ରଦେଶର ଶାମଲି ଜିଲାର ଚଉସିନା ଗାଁରେ ଥିବା ତାଙ୍କର ୪ ହଜାର ବିଘା ଜମିରେ ଚାଷ କରିଥିଲେ। ତେବେ ଜମି ମାଫିଆମାନେ ଏହାକୁ ଜବରଦଖଲ କରିନେଇଥିଲେ। ସେବେଠାରୁ ସେ ମାଫିଆଙ୍କୁ ବିରୋଧ କରି ଧାରଣାରେ ବସି ରହିଛନ୍ତି। ହେଲେ ସବୁ ବୃଥା। ଏହି ୨୭ ବର୍ଷ ଭିତରେ ତାଙ୍କ ଅଭିଯୋଗ ଉପରେ ଅନେକ ତଦନ୍ତ ଆରମ୍ଭ ହୋଇଛି। ହେଲେ ବର୍ତ୍ତମାନର ୭୦୦ କୋଟି ଟଙ୍କା ମୂଲ୍ୟର ତାଙ୍କ ଜମି ମାଫିଆଙ୍କ ନିୟନ୍ତ୍ରଣରେ ରହିଛି। ସେମାନେ ଶକ୍ତିଶାଳୀ ରାଜନେତା । ସେ ଗାନ୍ଧୀ ଏବଂ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୨୦୧୯ ସେପ୍ଟେମ୍ବର ୧୯ଠାରୁ ମୁଜାଫରନଗରରେ ବିକ୍ଷୋଭ କରିଆସୁଛନ୍ତି। ସେ ନ୍ୟାୟ ପାଇବା ପାଇଁ ଜବରଦଖଲ ହୋଇଥିବା ଜମିକୁ ଫେରାଇ ଆଣିବାକୁ ନିଜ ଜୀବନକୁ ଉତ୍ସର୍ଗ କରିଥିବା କହିଛନ୍ତି। ଭାରତୀୟ କିଷାନ ୟୁନିୟନ ସଭାପତି ନରେଶ ଟିକାୟତ୍ ସୋମବାର ତାଙ୍କର ଏହି ଉତ୍ସର୍ଗୀକୃତକୁ ପ୍ରଶଂସା କରି ଏକ ଟୁଇଟ୍ କରିଛନ୍ତି। ଏହା ଯୁବପିଢି ପାଇଁ ପ୍ରେରଣା ବୋଲି କହିଛନ୍ତି। ବିଜୟ ଏନେଇ ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ ବୋଲି କହିଛନ୍ତି।

# ବିଶ୍ୱ ନାଗରିକ ସୁରକ୍ଷା ଦିବସ



ବିଶ୍ୱର ନାଗରିକଙ୍କ ସୁରକ୍ଷା ଅତ୍ୟାବଶ୍ୟକ। ନାଗରିକଙ୍କ ସୁରକ୍ଷା ଦ୍ୱାରା ବିକାଶର ମାର୍ଗ ପ୍ରଶସ୍ତ ହୋଇଥାଏ। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ବିଶ୍ୱ ନାଗରିକ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥାଏ। ୧୯୯୦ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ (ଆଇସିଡିଓ) ଏହି ଦିନକୁ ବିଶ୍ୱସ୍ତରୀୟ ପାଳନ କରିବାକୁ ଘୋଷଣା କରିଥିଲା। ୫୯ଟି ଦେଶ ଆଇସିଡିଓର ସଦସ୍ୟ। ଏହି ସଂଗଠନ ସମ୍ପୃକ୍ତ ସଦସ୍ୟ ଦେଶରେ ନାଗରିକ ପ୍ରତିରକ୍ଷା ବାହିନୀର ମାନବ ସମ୍ବଳ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଯଥାସମ୍ଭବ ତାଲିମ କାର୍ଯ୍ୟକ୍ରମ ଚଳାଇଥାଏ। ଯୁଦ୍ଧ ସମୟରେ ସାଧାରଣ ନାଗରିକ ସୁରକ୍ଷା ସମସ୍ୟା ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ। ୨୮ ମେ ୧୯୩୧ରେ, ଫରାସୀ ସର୍ଜନ-ଜେନେରାଲ ଜର୍ଜ ସେଣ୍ଟ-ପାଲ ପ୍ୟାରିସରେ 'ଜେନେଭା ଜୋନ' ଆସୋସିଏଶନ ପ୍ରତିଷ୍ଠା କରିଥିଲେ ; ଯାହା ତାଙ୍କୁ ପ୍ରଥମେ ମାନବ ସୁରକ୍ଷା ପାଇଁ ଏହି ଧାରଣା ଦେଇଥିଲା। ଏହି ଜୋନ୍ ମୁଖ୍ୟତଃ ମହିଳା, ଶିଶୁ, ବୃଦ୍ଧ ତଥା ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କୁ ଯୁଦ୍ଧ ସମୟରେ ଆଶ୍ରୟ ଦେଉଥିଲା। ୧୯୩୬ ମସିହାରେ ଯେତେବେଳେ ସ୍ପେନରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା, ଆସୋସିଏଶନ ଚାଇନାରେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପୁନର୍ବାର ଫ୍ରାନ୍ସରେ ଶରଣାର୍ଥୀ ଶିବିର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲା। ୧୯୫୮ ମସିହାରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ଭାବରେ ଆରମ୍ଭ ହେବା ଦିନଠାରୁ, ଆଇସିଡିଓ ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ମଧ୍ୟରେ ଏକ ସେତୁ ସୃଷ୍ଟି କରିବା, ଜନସଂଖ୍ୟା ସୁରକ୍ଷା ଅନୁସନ୍ଧାନ କରିବା ସହ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରତିକ୍ରିୟାର ସମନ୍ୱୟ ସମେତ ଅନେକ ଦିଗରେ କାର୍ଯ୍ୟ କରିଆସୁଛି।

**CLASSIFIED DISPLAY**
MORE SPACE • SAME PRICE
ALL EDITION - B/W (Everyday)

TARIFF (GST 5%)

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385
9178722970, 8018240892
7894447167, 9338226625

SSI
10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ଫାଇନାନ୍ସ
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିପଦରେ ଆର୍ଦ୍ରଭୂମି ଭିତରକନିକାର ଫିଶିଂ କ୍ୟାଟ୍

**କେନ୍ଦ୍ରାପଡ଼ା ଅଫିସ, ୨୮।୨:**

ଓଡ଼ିଶାର ଚିଲିକା ଓ ଭିତରକନିକାରେ ଫିଶିଂ କ୍ୟାଟ୍ ଦେଖାଯାଇଥା'ନ୍ତି। ଚିଲିକାରେ ଏହି ବିରଳ ଓ ବିଲୁପ୍ତପ୍ରାୟ ଜୀବଙ୍କ ସଂଖ୍ୟା ଅଧିକ ଥିବା ବେଳେ ଦୁଇବର୍ଷିଆ ସଂରକ୍ଷଣ ସତ୍ତ୍ୱେ ଭିତରକନିକାରେ ଆଶାନୁରୂପ ସଂଖ୍ୟା ବଢୁନାହିଁ। ଏହି ପ୍ରାଣୀଙ୍କ ଶିକାର ସନ୍ଦେହ ହେଉଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଶେଷ ଆଗ୍ରହ ରଖିଥିବା ଅଧ୍ୟାପକ କ୍ଷିତୀଶ କୁମାର ସିଂହ କୁହନ୍ତି, ବିଲେଇଠାରୁ ଯଥେଷ୍ଟ ବଡ଼ ଓ ବାଘଠାରୁ ଛୋଟ ଆକାରର ଫିଶିଂ କ୍ୟାଟ୍‌ର ଆୟୁଷ ମାତ୍ର ୧୨ ବର୍ଷ। ଆବଶ୍ୟକ ପଡିଲେ ବତକ ପରି ଶବ୍ଦ କରିଥାଏ। ସାଧାରଣରେ ରାତ୍ରିଚର ହୋଇଥିବା ବେଳେ ପାଣିରେ ସମୟ ବିତାଇବା ପାଇଁ ପଛଗୋଡ ବା ପଞ୍ଝା ପରଦା ପ୍ରାୟ ୪ ଇଞ୍ଚ ଖୋଲିଯାଏ।



ଭିତରକନିକାରେ ମାଛ ଧରା ବିଲେଇ।

ହେନ୍ତାଳବଣ ଅଞ୍ଚଳରେ ଏ ପ୍ରକାର ବିଲେଇଙ୍କୁ ଦେଖିବାକୁ ମିଳୁଥିବା ବେଳେ ଓଡ଼ିଶାର ଭିତରକନିକାରେ କମ ସଂଖ୍ୟକ ଫିଶିଂ କ୍ୟାଟ ଅଛି। ୨୦୧୯ ପ୍ରାଣୀ ଗଣନା ସମୟରେ ଏମାନଙ୍କ ସଂଖ୍ୟା ମାତ୍ର ୨୦ ମଧ୍ୟରେ ସୀମିତ ଥିଲା। ତେବେ ଚିଲିକାରେ ଏମାନଙ୍କ ସଂଖ୍ୟା ୨୦୨୨ ରିପୋର୍ଟ ଅନୁଯାୟୀ ୧୩୦ରୁ ଅଧିକ ଅଛି। ଭିତରକନିକାରେ ଫିଶିଂ କ୍ୟାଟ୍ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ୨୦୨୦ ମସିହାରେ ୨ ବର୍ଷିଆ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାସତ୍ତ୍ୱେ ସଂଖ୍ୟା ବଢୁ ନ ଥିବା ଲକ୍ଷ୍ୟ କରାଯାଉଛି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ ହେନ୍ତାଳ ବନର ଭବିଷ୍ୟତ ଆକଳନ ପାଇଁ ପରିବେଶବିତ୍‌ମାନେ ସାଧାରଣରେ ଫିଶିଂ କ୍ୟାଟଙ୍କ ସଂଖ୍ୟା ଅନୁଧ୍ୟାନ କରିଥାନ୍ତି। ୧୯୭୨ର ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ପ୍ରଥମ ସିଡ୍ୟୁଲରେ ଥିବା ଏହି ପ୍ରାଣୀଙ୍କ ପାଇଁ ଭିତରକନିକାରେ ବିପଦ ବଢ଼ି ଚାଲିଛି। ସମୁଦ୍ର ତଟକ୍ଷୟ ହେନ୍ତାଳବଣ ଓ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ନାଳଗୁଡିକର ଅସ୍ତିତ୍ୱ ଲୋପ ପାଉଛି । ସେହିପରି ଆଇୟୁସିଏନର ରେଡ୍ ଡାଟା ଲିଷ୍ଟରେ ଥିବା ଏହି ଜୀବଙ୍କ ଉପରେ ଶିକାରୀଙ୍କ ଆଖି ପଡିଛି। ଏହାର ଚମଡ଼ା ମୂଲ୍ୟ ଅଧିକ ଥିବାରୁ ଆର୍ଦ୍ରଭୂମି ଅଞ୍ଚଳରେ ଲୁଚିଛପି ଶିକାର କରୁଛନ୍ତି। ଏହାବ୍ୟତୀତ ଭିତରକନିକା ଅଞ୍ଚଳ କୁମ୍ଭୀରପ୍ରବଣ ହୋଇଥିବାରୁ ସଂଖ୍ୟା ନ ବଢ଼ିବାର ଅନ୍ୟତମ କାରଣ। ଏହାର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଫିଶିଂ କ୍ୟାଟ ନଦୀନାଳରୁ ବିଭିନ୍ନ ପ୍ରକାର ଜଳଜୀବଙ୍କୁ ଶିକାର କରିବା କ୍ଷମତା ରଖିଛି। ଏଥିସହ ବେଙ୍ଗ ଓ ଅନ୍ୟାନ୍ୟ ସ୍ଥଳଚର ଛୋଟ ଜୀବଙ୍କୁ ଏହି ପ୍ରାଣୀ ଶିକାର କରିପାରେ। ଶିକାର ପାଇଁ ମୁଖ୍ୟତଃ ପଞ୍ଝା ଓ ମୁହଁକୁ ବ୍ୟବହାର କରିଥାଏ। ଭିତରକନିକାର ପରିବେଶ ଅନୁଯାୟୀ ଏହି ପ୍ରାଣୀଙ୍କ ସଂଖ୍ୟା ଅଧିକ ରହିବା କଥା। ରାତ୍ର ସମୟରେ ବାହାରୁ ଥିବାରୁ ଚିହ୍ନଟ ପାଇଁ ବିଭିନ୍ନ ସ୍ଥାନରେ କ୍ୟାମେରା ଟ୍ରାପିଂ କରାଯାଉଛି। ଏମାନଙ୍କ ସଂରକ୍ଷଣ ଓ ସଂଖ୍ୟା ବୃଦ୍ଧି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା ଡିଏଫ୍ଓ ଯାଦବ ପ୍ରକାଶ କରିଛନ୍ତି।

# ଅଲିଭ୍‌ରିଡ଼େଲ୍‌ଙ୍କ ଗଣଅଣ୍ଡାଦାନ ଅପେକ୍ଷାରେ ଗହୀରମଥା



ରାଜନଗର ନାସୀ-୧, ନାସୀ-୨ରେ ଅଲିଭ୍‌ରିଡ଼େ୍‌ଲ କଇଁଛ ବିକ୍ଷିପ୍ତ ଅଣ୍ଡାଦାନ ପାଇଁ ଆସୁଛନ୍ତି।

**ରାଜନଗର, ୨୮।୨(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭ୍‌ରିଡ୍‌ଲେ ଅନ୍ତଃସତ୍ତ୍ୱା କଇଁଛମାନଙ୍କ ଅଣ୍ଡାଦାନ ପର୍ବ ବିକ୍ଷିପ୍ତ ଭାବେ ଆରମ୍ଭ ହୋଇଛି। ଏଥିପାଇଁ ସାମୁଦ୍ରିକ ଅଭୟାରଣ୍ୟର ନୀଳ ଜଳରାଶିରେ ଏବେ ଲକ୍ଷାଧିକ ଅନ୍ତଃସତ୍ତ୍ୱା କଇଁଛ ପ୍ରକୃତିର ବିବର୍ତ୍ତମାନରେ ଗଣଅଣ୍ଡାଦାନ କରିବାକୁ କୂଳମୁହାଁ ହେବାରେ ଲାଗିଛନ୍ତି। ୨୦୨୨ ମାର୍ଚ୍ଚ ୨ୟ ସପ୍ତାହ ପରେ ଗଣଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଗକୁ ଦୋଳପୂର୍ଣ୍ଣିମା ଥିବାରୁ କଇଁଛ ବିଶେଷଜ୍ଞମାନେ ଅନୁକୂଳ ପାଗକୁ ଚାତକ ପରି ଚାହିଁ ରହିଛନ୍ତି। ଦକ୍ଷିଣା ପବନ ପ୍ରବାହିତ ହେଲେ ନୀଳ ଜଳରାଶିର ଢେଉକୁ ଅତିକ୍ରମ କରି ବାବୁବାଲି ଦ୍ୱୀପ, ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମି, ନାସୀ-୧, ୨ ଏବଂ ବରୁଣେଇ ମୁହାଣ ସଂଲଗ୍ନ ପେଣ୍ଠ ବେଳାଭୂମିରେ ଗଣଅଣ୍ଡାଦାନ କରିବାକୁ ଅଲିଭ୍‌ରିଡ୍‌ଲ କଇଁଛମାନଙ୍କ ଆଗମନକୁ ଅପେକ୍ଷା କରାଯାଇଛି। ରାଜନଗର ବନ ବିଭାଗ ପକ୍ଷରୁ କଇଁଛମାନଙ୍କ ଗଣଅଣ୍ଡାଦାନ ପ୍ରକ୍ରିୟା କିପରି ସୂଚାରୁ ରୂପେ ସମାପନ ହେବ, ସେଥିପାଇଁ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ଇତିମଧ୍ୟରେ ଋଷିକୁଲ୍ୟା ମୁହାଣରେ ଲକ୍ଷାଧିକ ଅଲିଭ୍‌ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ ଜାରି ରଖିଛନ୍ତି। ଇତିମଧ୍ୟରେ ବିକ୍ଷିପ୍ତ ଭାବେ ୩୮ଟି କଇଁଛ ୪୭୬୧ ଅଣ୍ଡା ଦେଇ ସାରିଛନ୍ତି। ନାସୀ-୨ରେ ୩୫ଟି କଇଁଛ ୪୩୨୯ ଅଣ୍ଡା ଦେଇଥିବା ବେଳେ ଏକକୁଳା ନାସୀରେ ୩ଟି କଇଁଛ ୪୩୨ଟି ଅଣ୍ଡା ଦେଇଛନ୍ତି। ୨୦୨୨ରେ ଗହୀରମଥାରେ ୫ ଲକ୍ଷ ୧,୧୫୭ କଇଁଛ, ଋଷିକୁଲ୍ୟା ମୁହାଣରେ ୫ ଲକ୍ଷ ୫୦ ହଜାର ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଅଷ୍ଟ୍ରେଲିଆର ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକ ଏଚ୍‌ଆର ବଷ୍ଟାର୍ଡ ସର୍ବପ୍ରଥମ ବ୍ୟକ୍ତି ଭାବେ ଗହୀରମଥାରେ ପାଦ ରଖି ଲକ୍ଷାଧିକ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଗଣଅଣ୍ଡାଦାନ ପ୍ରକ୍ରିୟାକୁ ଦେଖି ବିମୋହିତ ହୋଇଥିଲେ। ବିଶ୍ୱବାସୀଙ୍କୁ ଗହୀରମଥାକୁ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସର୍ବଶ୍ରେଷ୍ଠ ଅନ୍ତୁଡ଼ିଶାଳ ଭାବେ ଜଣାଇବା ସହ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲେ। ସେବେଠାରୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ରୂପେ ଖ୍ୟାତି ଅର୍ଜନ କରିଛି।

# ପିଡିଏସ୍‌ରେ ପ୍ଲାଷ୍ଟିକ ଚାଉଳ ମିଶ୍ରଣ ଅଭିଯୋଗ

**ଲୋକେ ଭୟଭୀତ, ଭିଟାମିନ ବୋଲି ଯୋଗାଣ ଅଧିକାରୀଙ୍କ ବୟାନ**

**ପାଣିକୋଇଲି, ୨୮।୨(ଡି.ଏନ.ଏ.):**

କୋରେଇ ବ୍ଲକ୍‌ର କେତେକ ପଞ୍ଚାୟତରେ ପିଡିଏସ୍‌ରେ ମିଳୁଥିବା ଚାଉଳ ଖାଇ ବହୁଲୋକ ଅସୁସ୍ଥ ହୋଇଥିବା ଖବର ପ୍ରଚାରିତ ହେବା ପରେ ମୂଳାପାଳ ପଞ୍ଚାୟତରେ ମଧ୍ୟ ଏଭଳି ଘଟିଥିବା ଅଭିଯୋଗ ହୋଇଛି। ମୂଳାପାଳ ଗ୍ରାମର ମହେଶ୍ୱର ସାମଲ ଚାଉଳ ଖାଇ ଅସୁସ୍ଥ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତର ବରପଦା ଗ୍ରାମରେ ପିଡିଏସ ଚାଉଳରେ ଅପମିଶ୍ରିତ ପ୍ଲାଷ୍ଟିକ ଚାଉଳ ଦେଖିବାକୁ ମିଳିଛି, ଯାହାକୁ ନେଇ ସାଧାରଣରେ ଭୟ ଓ ଆଶଙ୍କା ଦେଖାଦେଇଛି। ଅପରପକ୍ଷେ ଏହା ଭିଟାମିନ ମିଶ୍ରିତ ଚାଉଳ ବୋଲି ରିଟେଲର ମହେଶ୍ୱର ଦାସ କହିଛନ୍ତି।

ବ୍ଲକର ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର କେତେଜଣ ଲୋକ ଚଳିତ ମାସର ରାଶନ ଚାଉଳ ଆଣିଥିଲେ। ଏହାକୁ ପାଣିରେ ପକାଇବା ପରେ ସେଗୁଡିକ ଭାସିବା ଭଳି ଦେଖାଯାଇଥିଲା। ଚାଉଳରୁ ଭାତ ହେବା ତ ଦୂରର କଥା ସମସ୍ତ ଚାଉଳ ଜାଉ ହୋଇଯାଇଥିଲା । ଏନେଇ ସନ୍ଦେହ ଉପୁଜିବା ପରେ ଗ୍ରାମର ହିତାଧିକାରୀ ଉକ୍ତ ଚାଉଳକୁ ପୋଡ଼ିଥିଲେ ମଧ୍ୟ ତାହା ପ୍ଲାଷ୍ଟିକ ଭଳି ତରଳି ଯାଇଥିଲା। ଫଳରେ ସେଗୁଡିକ ପ୍ଲାଷ୍ଟିକ ଚାଉଳ ବୋଲି ଜଣାପଡ଼ିଥିଲା। ବରପଦା ଗ୍ରାମର ବାସନ୍ତୀ ମାଝି, ରାଜକିଶୋର ପରିଡ଼ା, ଅରୁଣ ମଳିକ, ହରିହର ମଳିକ, ନିରଞ୍ଜନ ବେହେରା, ବାବୁରାମ ପରିଡ଼ା, ବଟକୃଷ୍ଣ ପରିଡ଼ା, ରତ୍ନାକର ବେହେରା, ଶିଶିର ଖଟୁଆ, କରୁଣା ମଳିକ ଓ ରାଜେନ୍ଦ୍ର ମଳିକ ପ୍ରମୁଖ ସମାନ ଅଭିଯୋଗ ଆଣିଛନ୍ତି। ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଦିଆଯାଇଥିବା ଚାଉଳ ପ୍ଲାଷ୍ଟିକ୍ ନୁହେଁ ଭିଟାମିନ୍ ଚାଉଳ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଳିତ ଜାନୁୟାରୀରୁ ଏହି ଚାଉଳ ଲୋକଙ୍କୁ ଦିଆଯାଉଛି। ଏହି ଚାଉଳ ପୂର୍ବରୁ ରାଜ୍ୟର ୪ଟି ଜିଲାରେ ଦିଆଯାଉଥିବା ବେଳେ ଏବେ ସମଗ୍ର ରାଜ୍ୟରେ ଦିଆଯାଉଛି। ପ୍ରତି କେଜି ସାଧାରଣ ଚାଉଳରେ ଶହେ ଗ୍ରାମର ଭିଟାମିନ୍ ଯୁକ୍ତ ଚାଉଳ ମିଶାଇ ଲୋକଙ୍କୁ ଦିଆଯାଉଛି। ଅପପୁଷ୍ଟି ଦୂର ଏବଂ ଲୋକଙ୍କୁ ଆବଶ୍ୟକ ଭିଟାମିନ୍ ଦିଆଯିବାକୁ ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। ତେଣୁ ଏହା ପ୍ଲାଷ୍ଟିକ ଚାଉଳ ନୁହେଁ ବୋଲି ନାୟକ ପ୍ରକାଶ କରିଛନ୍ତି। ଉକ୍ତ ଚାଉଳ ଖାଇ କେହି ଝାଡ଼ାବାନ୍ତି ହେବା ଘଟଣାକୁ ନାୟକ ଖଣ୍ଡନ କରିବା ସହିତ ଅନ୍ୟ କୌଣସି କାରଣରୁ ତାହା ହୋଇପାରେ ବୋଲି କହିଛନ୍ତି।



ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବେନ୍ଦ୍ର



@ ରାମଚନ୍ଦ୍ର



@ ସ୍ମିତିରଞ୍ଜନ





@ ସୋବ୍ରାଲିନ୍



@ ଉର୍ମି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମିଶ୍ରିଲାଲ କାରଖାନାର ଜନଶୁଣାଣି





ଅଧିକାରୀଙ୍କ ଆଗରେ ଜଣେ ବ୍ୟକ୍ତି ନିଜର ମତ ରଖୁଛନ୍ତି।

**କଳିଙ୍ଗନଗର, ୨୮।୨(ଡି.ଏନ.ଏ.):**

କଳିଙ୍ଗନଗର ଶିଳ୍ପାଞ୍ଚଳର ପଙ୍କପାଳଠାରେ ଥିବା ମେସର୍ସ ମିଶ୍ରିଲାଲ ଫେରୋ ଆଲଏଜ କାରଖାନା ପରିସରରେ କ୍ରୋମାଇଟ ବିଶୋଧନାଗାର ପ୍ରତିଷ୍ଠା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଏକ ପରିବେଶ ସମ୍ପର୍କିତ ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜେସିଡିଏଲ ପରିସରରେ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଉପସ୍ଥିତ ଥିଲେ। କାରଖାନାରେ ଘଣ୍ଟା ପ୍ରତି ୩୦ ଟନ କ୍ଷମତା ବିଶିଷ୍ଟ କ୍ରୋମାଇଟ ବିଶୋଧନ କରାଯିବ। ସବଗ୍ରେଡ କ୍ରୋମାଇଟକୁ ପ୍ରକ୍ରିୟା କରଣ ଦ୍ୱାରା ବାର୍ଷିକ ୧.୯୮,୦୦୦ ଟନ ଥ୍ରୋ ପୁଟ ଓ ବାର୍ଷିକ ୯୭୦୦୦ ଟନ କ୍ରୋମାଇଟ କନସେନଟ୍ରେଷ୍ଟ ଉତ୍ପାଦିତ ହେବ। ଏହି ପ୍ରକ୍ରିୟାରେ ନିଷ୍କାସିତ ବର୍ଜ୍ୟକୁ ପୁନଃ ରିସାଇକଲ କରାଯିବା ସହିତ ପ୍ରଦୂଷଣ ଉପରେ ସାମଗ୍ରୀକ ଭାବେ ଅଙ୍କୁଶ ଲଗାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏବେ କାରଖାନାରେ ମୋଟ ୩୫୦ ଜଣ କାର୍ଯ୍ୟ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ବାହାର ଅଞ୍ଚଳର ଲୋକ ରହିଛନ୍ତି। ପୂର୍ବରୁ ୬୭୦୦ ଗଛ ଲଗାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଜନଶୁଣାଣିରେ ମୋଟ ୯୭ ଜଣ ମତ ରଖିଥିଲେ। ସେଥିମଧ୍ୟରୁ ୬୭ ଜଣ ମୌଖିକ ଭାବେ ଓ ୩୦ ଜଣ ଲିଖିତ ଭାବେ ପ୍ରଦୂଷଣ ସମ୍ପର୍କିତ ମତ ପ୍ରକାଶ କରିଥିଲେ। କାରଖାନା କର୍ତ୍ତୃପକ୍ଷ ନିଜର ଜନଶୁଣାଣିକୁ ସଫଳ କରିବା ପାଇଁ କାରଖାନାରେ ଥିବା କିଛି ଠିକା ଶ୍ରମିକଙ୍କୁ ମଧ୍ୟ କାରଖାନା ସପକ୍ଷରେ ମତ ଦେବାକୁ ପଠାଇଥିବା ଦେଖା ଯାଇଥିଲା। ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ସମେତ ୨୫ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିବାରୁ ବହୁ ସ୍ଥାନୀୟ ବାସିନ୍ଦା କାରଖାନା ବିପକ୍ଷରେ କହିବାକୁ ସାହସ ଜୁଟାଇ ପରି ନ ଥିଲେ। କାରଖାନାରେ ଭୂତଳ ଜଳର ବ୍ୟାପକ ବ୍ୟବହାର କରାଯାଉଥିବାରୁ ନିକଟ ବର୍ତ୍ତୀ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ।

# ନଗଡ଼ାରେ ବ୍ୟାପୁଛି ଚର୍ମ ରୋଗ

## ପିଲା ଓ ମହିଳା ଆକ୍ରାନ୍ତ

**କାଳିଆପାଣି, ୨୮।୨ (ଡି.ଏନ୍.ଏ.):**

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ ନଗଡ଼ାରେ ଅପପୁଷ୍ଟି ଓ ରକ୍ତହୀନତା ରୋଗରେ ଶିଶୁମୃତ୍ୟୁ ଘଟଣା ମନରୁ ଲିଭି ନ ଥିବାବେଳେ ଏବେ ତିନି ନଗଡ଼ାରେ ପ୍ରାୟ ଶତ ପ୍ରତିଶତ ପିଲା ଓ ମହିଳା ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ଅଧିକାଂଶଙ୍କ ଦେହରେ କୁଣ୍ଡିଆକାଛୁ ହୋଇ ଦେହର ଚମଡ଼ା ଏପରିକି ମୁଣ୍ଡର ସମସ୍ତ ସ୍ଥାନରେ କୁଣ୍ଡିଆ ଫାଟି ଦୁର୍ଗନ୍ଧ ବାହାରୁଛି। ମଙ୍ଗଳବାର ଓଡ଼ିଶା ଖଣି ନିଗମ ପକ୍ଷରୁ ଏଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଆକ୍ରାନ୍ତ ରୋଗୀଙ୍କୁ ଔଷଧ ଓ ମଲମ ଦିଆଯାଇଥିଲା। କିନ୍ତୁ ଏହା କିପରି ଖିଆ ହେବ ଏବଂ ଲଗା ହେବ ସେ ନେଇ ଡାକ୍ତର କହି ନ ଥିଲେ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସପ୍ତାହରେ ଦୁଇ ଦିନ ନଗଡ଼ା ଅଞ୍ଚଳରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରୁଥିବା ବେଳେ ଏପରି ଆକ୍ରାନ୍ତଙ୍କୁ ଚିକିତ୍ସା ନ କରି କିପରି ଛାଡିଯାଉଛନ୍ତି ବୋଲି ପ୍ରଶ୍ନ ଉଠିଛି। ଏନେଇ କଟକିଆ ପ୍ରଧାନ, ମଙ୍ଗୁଲୁ ପ୍ରଧାନ, ଡମନ ପ୍ରଧାନ ପ୍ରମୁଖ ଡାକ୍ତରଙ୍କ ଅବହେଳା ବିରୋଧରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ଜୟଦେବ ନନ୍ଦଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ବିଶୁଦ୍ଧ ପାନୀୟ ଜଳ ନାମରେ ଠକେଇ

**ପଟ୍ଟାମୁଣ୍ଡାଇ ୨୮।୨(ସ୍ୱ.ପ୍ର.)**

- ପାଣି ପାଉଚ, ବୋତଲର ବିଶୁଦ୍ଧତାକୁ ନେଇ ସନ୍ଦେହ
- ଫୁଡ୍ ଇନ୍ସପେକ୍ଟରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠୁଛି
- ଲାଇସେନ୍ସ ନ ଥାଇ କାରବାର ଚାଲିଛି
- ପାଣି ପରୀକ୍ଷଣ ହେଉନି

ଆଗକୁ ଖରାଦିନ ଆସୁଛି। ଯେଉଁଭଳି ଭାବେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଉଛି, ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ପୂର୍ବାନୁମାନ କରାଯାଉଛି। ଫେବୃୟାରୀରୁ ଅସହ୍ୟ ଗରମ ଯୋଗୁ ଲୋକେ ଯେତେ କାମ ଥିଲେ ବି ମଧ୍ୟାହ୍ନରୁ ବାହାରକୁ ବାହାରିବାକୁ ପସନ୍ଦ କରୁନାହାନ୍ତି। ଏପରିସ୍ଥଳେ ଯେଉଁମାନେ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଉଛନ୍ତି, ସେମାନଙ୍କୁ ଶୋଷ ହେଲେ ପ୍ରାୟତଃ ଥଣ୍ଡା ପାଉଚ ପାଣି ଓ ବୋତଲ ଉପରେ ନିର୍ଭର କରୁଛନ୍ତି। ଯେଉଁ ପାଣିକୁ ଲୋକେ କିଣି ପିଉଛନ୍ତି, ତାହା ପାନୀୟଜଳ ଉପଯୋଗୀ କି ନାହିଁ ତାହା ସେମାନେ ଜାଣି ପାରୁନାହାନ୍ତି। କାରଣ ସହର କି ଗ୍ରାମାଞ୍ଚଳରେ ଆବଶ୍ୟକ ସଂଖ୍ୟକ ନଳକୂପ ନାହିଁ। ଯେଉଁଠି ଅଛି ସେସବୁ ଅଚଳ ହୋଇ ପଡିଛି। ସ୍ୱଚ୍ଛ ପାନୀୟଜଳର ବ୍ୟବସ୍ଥା ନାହିଁ। ଏଣୁ ପାଉଚ ପାଣିକୁ ସ୍ୱଚ୍ଛ ଭାବି ୨ଟଙ୍କା ଦେଇ ଲୋକେ ପିଉଛନ୍ତି। ହାଟ, ବଜାର, ପାନ ଦୋକାନ ସବୁଠି ଏହା ମିଳୁଛି। ବାହାଘର, ବିଭିନ୍ନ ସଭାସମିତିରେ ମଧ୍ୟ ପାଉଚ ପାଣି ପ୍ୟାକେଟ୍‌ର ବ୍ୟବହାର ବଢ଼ିଛି। ପାଣି ପାଉଚର ବିକ୍ରି ନିଷିଦ୍ଧ ସତ୍ତ୍ୱେ ଏହାର ବହୁଳ ବ୍ୟବହାର ହେଉଛି। ଆମେ ଯେଉଁ ପାଉଚ ପାଣି ପିଉଛୁ, ତାହାର ଶୁଦ୍ଧତା ଓ ଗୁଣବତା ଜାଣିବା ପାଇଁ ଲୋକଙ୍କ ପକ୍ଷେ କିମ୍ବା ପ୍ରଶାସନର ସମୟ ନାହିଁ। କେବେ ମଧ୍ୟ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଉନାହିଁ। ଏହାର ଫାଇଦା ନେଇ ବେପାରୀମାନେ ଖୋଲାଖୋଲି ବେଆଇନ ଭାବେ ପିଇବା ପାଣି ବିକ୍ରି କରୁଛନ୍ତି।



ପଟ୍ଟାମୁଣ୍ଡାଇରେ ପାଣି ପାଉଚ ବସ୍ତା ଗଦା ହୋଇ ରହିଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ପିଇବା ପାଣି କାରବାରର ଏବେ ଗୁମର ଖୋଲିବାରେ ଲାଗିଛି। ଲାଇସେନ୍ସ ନ ନେଇ ଲକ୍ଷାଧିକ ଟଙ୍କାର ପିଇବା ପାଣିର କାରବାର ଚାଲିଛି। ବିଲ୍ ଭାଉଚର ମାଗିଲେ ବି ଲୋକଙ୍କୁ ଦିଆଯାଉନି। ପିଇବା ପାଣି ନାଁରେ ଲୋକଙ୍କୁ ଏଠି ଖୋଲାଖୋଲି ଠକେଇ ଚାଲିଛି। ନାମୀଦାମୀ କମ୍ପାନୀ ନାଁରେ ନକଲି ପାଣି ବୋତଲ ବି ବଜାରରେ ଯାହାକୁ ଯେତେ ମିଳୁଛି। କେବେ ଓ କେଉଁ କମ୍ପାନୀର ପାଣି ବୋତଲ ବଜାରକୁ ଆସୁଛି, ତାହାର କିଛି ସୂଚନା ଲେଖା ଯାଉ ନଥିବା ଦେଖିବାକୁ ମିଳୁଛି। ଏକ୍ୱାପାଏରୀ ପାଣି ପାଉଚ ଓ ବୋତଲକୁ ବିକ୍ରି କରାଯାଉଛି। ପାଣି ପାଉଚ୍ ବିକ୍ରିକୁ ସରକାରୀ ସ୍ତରରେ ରୋକ ଲାଗିଥିଲେ ବି ଏଠି କୌଣସି ନିୟମକାନୁନ କେହି ମାନୁନାହାନ୍ତି। ପାଣି ଖାଦ୍ୟ ସାମଗ୍ରୀ ତାଲିକାରେ ଯାଉଥିଲେ ବି ଫୁଡ୍ ଲାଇସେନ୍ସ ଅନେକଙ୍କ ପାଖରେ ନ ଥିବା ଅଭିଯୋଗ ହୋଇଛି। ପ୍ରସ୍ତୁତକାରୀ ସଂସ୍ଥା ମଧ୍ୟ ପାଣି ପରୀକ୍ଷଣ ରିପୋର୍ଟ କରାଉନାହାନ୍ତି। ପ୍ରତ୍ୟେକ ୭ ଦିନରେ ଥରେ ପାଣିର ନମୁନା ଲାବୋରାଟୋରିରେ ଟେଷ୍ଟ କରାଯିବା କଥା। କିନ୍ତୁ ଏଠି ମାସମାସ ଧରି ନମୁନା ପରୀକ୍ଷଣ କରାଯାଉ ନାହିଁ। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହାତଗଣତି କେତେ ଜଣ ଅନୁମତି ପାଇଥିବା ବେଳେ ସେମାନଙ୍କ କାରବାର ଉପରେ ବି ପ୍ରଶାସନିକ କୌଣସି ତଦାରଖ ନାହିଁ। ଏସବୁ ଭିତରେ ପାଉଚ୍ ପାଣି କେଉଁଠୁ ଆସୁଛି, କେଉଁମାନେ ପାଣି ପାଉଚ୍ କାରବାରରେ ଜଡ଼ିତ ଏହାର କୌଣସି ଖୋଜଖବର କାହା ପାଖରେ ନାହିଁ। ଏ ନେଇ ଖାଦ୍ୟ ନିରୀକ୍ଷକଙ୍କ ପକ୍ଷରୁ ମଧ୍ୟ ଯାଞ୍ଚ କରାଯାଉ ନାହିଁ। ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ପଚାରିବାରେ ବେଆଇନ ପାଣି କାରବାର ଉପରେ ପ୍ରଶାସନିକ ଯାଞ୍ଚ ହେବ ବୋଲି କହିଛନ୍ତି। ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କୁ ପଚାରିବାରେ ପାଣି ପାଉଚ୍ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିର୍ଦ୍ଦେଶ ରହିଛି। ପୂର୍ବରୁ ପୌରପାଳିକା ସ୍କ୍ୱାଡ୍ ଗଠନ କରି ପାଣି ପାଉଚ୍ ବିକ୍ରି ଉପରେ ରୋକ ଲଗାଇଥିଲା। ଏହାରି ଭିତରେ ଯଦି ପୁଣି ପାଣି ପାଉଚ୍ ବିକ୍ରି ଚାଲିଛି, ତେବେ ଏକ ସ୍ୱତନ୍ତ୍ର ଅଭିଯାନ କରି ବେଆଇନ ପାଣି ପାଉଚ୍ ବିକ୍ରିକୁ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

# ବନବିଭାଗର ଅଢ଼େଇ କୋଟି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ହେବ

**ଜିଲା ପରିଷଦର ୧ନଂ. ଷ୍ଟାଣ୍ଡିଂ କମିଟି ବୈଠକ**
- ୮୫୧ ଅଙ୍ଗନୱାଡି କେନ୍ଦ୍ରର ଗୃହ ନ ଥିବାରୁ ଅସନ୍ତୋଷ
- ୩ ଚେକ୍‌ଡ୍ୟାମ୍, ୯୦ରୁ ଊର୍ଦ୍ଧ୍ୱ ପଥରବନ୍ଧ ନିର୍ମାଣରେ ଅନିୟମିତତା

ନୟାଗଡ଼ ଅଫିସ,୨୮।୨


ବୈଠକରେ ଯୋଗ ଦେଇଥିବା ଷ୍ଟାଣ୍ଡିଂ କମିଟି କର୍ମକର୍ତ୍ତା।

ସୃଜନ ସଭାଗୃହରେ ଜିଲା ପରିଷଦର ୧ ନଂ. ଷ୍ଟାଣ୍ଡିଂ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଓଡ଼ଗାଁ ରେଞ୍ଜରେ କାମ୍ପା ଓ ଏମ୍‌ଜିଏନ୍‌ଆରଇଜିଏସରେ ହୋଇଥିବା ଅଢ଼େଇ କୋଟି ଟଙ୍କାର ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ନିଷ୍ପତ୍ତି ହୋଇଛି । ସେହିପରି ୮୫୧ ଅଙ୍ଗନୱାଡି କେନ୍ଦ୍ରର ଗୃହ ନ ଥିବାରୁ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଓଡ଼ଗାଁ ରେଞ୍ଜର ଗୋଛା ସଂରକ୍ଷିତ ଜଙ୍ଗଲରେ ଏମ୍‌ଜିଏନଆରଜିଏସ୍ ଓ କାମ୍ପା ଅନୁଦାନରେ ପ୍ରାୟ ଅଢେଇ କୋଟି ଟଙ୍କାର ଅନୁଦାନରେ ନିର୍ମାଣ ହୋଇଥିବା ୩ ଚେକ୍‌ଡ୍ୟାମ୍ ସହିତ ୯୦ରୁ ଊର୍ଦ୍ଧ୍ୱ ପଥର ବନ୍ଧ ନିର୍ମାଣ କାମରେ ଅନିୟମିତତା ପରେ ୨୦୨୨ ନଭେମ୍ବର ୧୮ରେ ଜିଲା ପରିଷଦର ଷ୍ଟାଣ୍ଡିଂ କମିଟି କ୍ଷେତ୍ର ପରିଦର୍ଶନ କରିଥିଲା । କମିଟି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରି ଦୁର୍ନୀତି ହୋଇଥିବାର ଜାଣିପାରିଥିଲା । ମେଶିନରେ ପୋଖରୀ ଖୋଳା ଯାଇଥିବା ପ୍ରମାଣ ପାଇଥିଲା। ପୁଣି ଏମ୍‌ଜିଏନଆରଇଜିଏସ୍ ପରି କାମରେ ନାମ ଫଳକ ଲଗାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଦୁର୍ନୀତିର ତଦନ୍ତ କରାଯିବା ପରେ କେଶ ରେକର୍ଡ ଓ ସିବି ବହି ଯାଞ୍ଚ ଚାଲିଛି ବୋଲି କୁହାଯାଇଥିଲା। ତେବେ ୩ ମାସ ଅତିକ୍ରମ କରିବାକୁ ଯାଉଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏନେଇ ସଭ୍ୟ ରାମେଶ୍ୱର ଶତପଥୀ ପ୍ରସଙ୍ଗକୁ ଉତ୍ଥାପନ କରି ଭିଜିଲାନ୍ସ ତଦନ୍ତ ଦାବି କରିବା ପରେ ଗୃହୀତ ହୋଇଥିବା କହିଛନ୍ତି। ପୁଣି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସରକାରୀ ଗାଇଡ୍‌ଲାଇନ ଅନୁସାରେ କାମ କରିବାକୁ ବନବିଭାଗକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଅଙ୍ଗନୱାଡି କେନ୍ଦ୍ର ଜିଲାରେ ୧୫୮୪ ଥିବାବେଳେ ୮୫୧ କେନ୍ଦ୍ରର ଗୃହ ନାହିଁ । ଅଙ୍ଗନୱାଡି କେନ୍ଦ୍ରର ଗୃହ କାହିଁକି ନିର୍ମାଣ ହୋଇ ପାରୁନି ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ୧୫ ଦିନ ଭିତରେ ଏନେଇ ସ୍ୱତନ୍ତ୍ର ଭାବେ ସମୀକ୍ଷା କରିବାକୁ ନିଷ୍ପତ୍ତି ହୋଇଛି । ବିଭିନ୍ନ ବିଭାଗ ପକ୍ଷରୁ ୨୦୨୨-୨୩ରେ କରାଯାଇଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଛି । ସେହିପରି ୨୦୨୩-୨୪ରେ କେଉଁ କେଉଁ ପ୍ରକଳ୍ପ କରାଯିବ ସେନେଇ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା । ବୈଠକରେ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକୁ ସମୀକ୍ଷା କରାଯାଇ କାମ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଯେଉଁ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ରହିଛି ସେଗୁଡିକ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦିଆଯାଇଛି । ପାନୀୟ ଜଳ ସଙ୍କଟକୁ ଏଡାଇବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚରେ ସମନ୍ୱୟ ରହୁନ ଥିବା ଆଲୋଚନାରେ ସ୍ଥାନ ପାଇଥିଲା । ସେହିପରି କୃଷି, ଜଳସେଚନ, ଶିକ୍ଷା, ଜୀବିକାମିଶନ ପରି ବିଭିନ୍ନ ବିଭାଗର କାର୍ଯ୍ୟର ସମୀକ୍ଷା ହୋଇଛି । ବୈଠକରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ବିରଜା ଲକ୍ଷ୍ମୀ ସାହୁ, ପ୍ରତିମା ଦଳବେହେରା, ବିଜୟ କେତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ୩୧ କେନ୍ଦ୍ରରେ ପରୀକ୍ଷା ଦେବେ ୯୩୦୮ ଯୁକ୍ତ ୨ ଛାତ୍ରୀଛାତ୍ର

ନୟାଗଡ଼ ଅଫିସ,୨୮।୨

ବୁଧବାରଠାରୁ ଆରମ୍ଭ ହେଉଛି ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା । ଏଥିପାଇଁ ନୟାଗଡ଼ ଜିଲାର ସମସ୍ତ କଲେଜ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ନୟାଗଡ଼ ଜିଲାରେ ପ୍ରାୟ ୩୧ଟି ପରୀକ୍ଷା କେନ୍ଦ୍ରରେ କଳାରେ ୬୪୫୧, ବାଣିଜ୍ୟରେ ୧୬୪ , ବିଜ୍ଞାନରେ ୨୬୯୩ ଜଣ ଏପରି ମୋଟ୍ ୯୩୦୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରଶ୍ନପତ୍ରକୁ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ପ୍ରଶ୍ନପତ୍ର ଜିଲାର ବିଭିନ୍ନ କଲେଜକୁ ଯିବାର ଥିବା ବେଳେ ଅନ୍ୟ ୫ କଲେଜର ଛାତ୍ରୀଛାତ୍ର ଏହି ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି । ମାର୍ଚ୍ଚ ୧ରୁ ବିଜ୍ଞାନ ପରୀକ୍ଷା ଓ ୨ରୁ କଳା ପରୀକ୍ଷା ହେବ । ପ୍ରଶ୍ନପତ୍ର ଲିକ୍ ଠାରୁ ଆରମ୍ଭ କରି କପି ରୋକିବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପରୀକ୍ଷା ହଲକୁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଧ୍ୟାପିକା,ଅଧ୍ୟାପକମାନେ ମୋବାଇଲ ଫୋନ ନେଇ ପାରିବେ ନାହିଁ ବୋଲି ନୟାଗଡ଼ କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



ପ୍ରଶ୍ନପତ୍ର ରହିଥିବା ପ୍ରକୋଷ୍ଠକୁ ଜଣେ ପୋଲିସ କର୍ମଚାରୀ ଜଗି ରହିଛନ୍ତି।

## କାମରେ ଲାଗୁନି କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର


ଅବହେଳିତ ଭାବେ ପଡ଼ିଥିବା କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର।

ନୂଆଗାଁ,୨୮।୨(ଡି.ଏନ.ଏ.)

ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ଗଠନ ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଗାଁର ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ଗୋଟିଏ ସ୍ଥାନରେ ପକାଇବା ଉଦ୍ଦେଶ୍ୟରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପ୍ରତି ପଞ୍ଚାୟତରେ ଦେଢ ଲକ୍ଷ ଟଙ୍କା ବ୍ୟୟରେ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର ନିର୍ମାଣ କରାଯାଇଛି । କିନ୍ତୁ ଏହି କେନ୍ଦ୍ର ନିର୍ମାଣ ସରିବାର ୬ ମାସର ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ତାହା କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି । ପ୍ରତିଦିନ ଲୋକମାନଙ୍କ ଘରୁ ବାହାରୁଥିବା ଅଳିଆ ଆବର୍ଜନା ଆଦି ବର୍ଜ୍ୟବସ୍ତୁକୁ ଏଣେତେଣେ ନ ଫୋପାଡ଼ି ଗୋଟିଏ ସ୍ଥାନରେ ଗଦା କରି ରଖିବା ପାଇଁ ସରକାର ପ୍ରତି ପଞ୍ଚାୟତରେ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର ନିର୍ମାଣ କରିଛନ୍ତି । ଏଥିପାଇଁ ସର୍ବମୋଟ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି । ସେଥିରୁ ପଞ୍ଚାୟତରୁ ୪୫ ହଜାର ଟଙ୍କା ଓ ସ୍ୱଚ୍ଛ ଭାରତ ଅଭିଯାନରୁ ୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଉଛି । ପ୍ରତି ଗାଁର ବର୍ଜ୍ୟବସ୍ତୁକୁ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ରକୁ ନେବା ପାଇଁ ପ୍ରତି ପଞ୍ଚାୟତକୁ ଟ୍ରଲି ସାଇକେଲ ମଧ୍ୟ ଦିଆଯାଇଛି । ତେବେ ପ୍ରତି ପଞ୍ଚାୟତରେ ଉକ୍ତ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହେବାର ୬ ମାସରୁ ଊର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ହୋଇପାରୁନି । ଠିକାଦାରଙ୍କୁ କାମ ଦେଇ ବିଭାଗୀୟ ଅଧିକାରୀ ଓ ସରପଞ୍ଚ ସେହି କେନ୍ଦ୍ରକୁ ଭୁଲି ଯାଇଥିବା ଅଭିଯୋଗ ହେଉଛି । ଏ ବାବଦରେ ନୂଆଗାଁ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ସାଧୁ ଚରଣ ସାହୁଙ୍କୁ ପଚାରିବାରେ ସେହି କେନ୍ଦ୍ରର କାର୍ଯ୍ୟକ୍ଷମ ଦାୟିତ୍ୱ ସମ୍ପୃକ୍ତ ପଞ୍ଚାୟତର ପଞ୍ଚାୟତ ଅଧିକାରୀ ଓ ସରପଞ୍ଚଙ୍କୁ ଦିଆଯାଇଛି । ତେଣୁ ସେମାନେ କାହିଁକି ତାହାକୁ କାର୍ଯ୍ୟକ୍ଷମ କରୁନାହାନ୍ତି ତାହା ବୁଝିବି ବୋଲି କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବେନ୍ଦ୍ର


@ ରାମଚନ୍ଦ୍ର


@ ସ୍ମୃତିରଞ୍ଜନ


@ ସୋବ୍ରାଲିନ୍


@ ଉର୍ମି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୋଖରୀ ହୁଡ଼ାରେ ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

**ରଣପୁର,୨୮।୨(ସ୍ୱ.ପ୍ର.):** ଜଣେ ବୃଦ୍ଧ ପୋଖରୀ ହୁଡାରେ ବିଷପିଇ ଆତ୍ମହତ୍ୟା କରିଛନ୍ତି । ରଣପୁର ଥାନା ଅନ୍ତର୍ଗତ ବ୍ରଜରାଜପୁର ପଞ୍ଚାୟତର ଲତାର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି । ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ବିଭୂତି ଭୂଷଣ ମହାପାତ୍ର (୫୫ ) ସକାଳୁ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ବିଳମ୍ବ ହେବାରୁ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ । ଶେଷରେ ପୋଖରୀ ହୁଡ଼ାରେ ସେ ମୁହଁ ମାଡି ପଡ଼ିଥିବା ଦେଖିବାକୁ ମିଳିଥିଲା । ପାଖରେ ଏକ କୀଟନାଶକ ପ୍ୟାକେଟ ମିଳିଥିଲା । ଗ୍ରାମବାସୀ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ରଣପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପାରିବାରିକ କଳହକୁ କେନ୍ଦ୍ର କରି ବିଭୂତିଭୂଷଣ ବିଷ ପିଇ ଆତ୍ମହତ୍ୟା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ରଣପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ଏନେଇ ରଣପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୩) ରୁଜୁ କରାଯାଇଛି । ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ପୁଅର ଚିକିତ୍ସା ପାଇଁ ଭିଟାମାଟି ବିକ୍ରି କଲେ ବାପା

ଓଡ଼ଗାଁ,୨୮।୨(ସ୍ୱ.ପ୍ର.)



- ଆର୍ଥିକ ସହାୟତା ପାଇଁ ନିବେଦନ
- ମୁମ୍ବାଇରେ ଚାଲିଛି ଚିକିତ୍ସା

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରବିଗାଡିଆ ପଞ୍ଚାୟତ କୁରୁମବାଙ୍କତରା ଗ୍ରାମର ସୁମା ବସନ୍ତିଆଙ୍କ ସାନପୁଅ ପ୍ରଦ୍ୟୁମ୍ନ(୧୩) ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ପୁଅର ଚିକିତ୍ସା ପାଇଁ ବାପା ନିଜର ଭିଟାମାଟିକୁ ବିକ୍ରିକରି ମୁମ୍ବାଇ ଯାଇଛନ୍ତି। ସେଠାକାର ବିଏମ୍‌ସି ହସ୍ପିଟାଲରେ ପୁଅର ଚିକିତ୍ସା ଚାଲିଛି। ହେଲେ ଉନ୍ନତର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ସେ ସହାୟତା ପାଇଁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରଦ୍ୟୁମ୍ନ ୭ମ ଶ୍ରେଣୀର ଛାତ୍ର। ଗତବର୍ଷ ସ୍କୁଲକୁ ଯିବା ସମୟରେ ହଠାତ୍ ତାଙ୍କ ମୁଣ୍ଡ ବୁଲେଇ ଦେବାକୁ ସେ ପଡ଼ିଯାଇଥିଲେ । ତାଙ୍କୁ ପ୍ରଥମେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ରୋଗ ଭଲ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ପରୀକ୍ଷା ନିରୀକ୍ଷା କରିବାପରେ ସେ ରକ୍ତକର୍କଟ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ପୁଅକୁ ଭଲ କରିବାକୁ ବାପା ଧାରଉଧାର କରି ୧୮ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି । ତଥାପି ପ୍ରଦ୍ୟୁମ୍ନ ସୁସ୍ଥ ହୋଇ ନ ଥିଲେ। ତାଙ୍କ ଅବସ୍ଥା ଦିନକୁ ଦିନ ବିଗିଡ଼ି ପରେ ଏବେ ତାଙ୍କୁ ମୁମ୍ବାଇର ବିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ଏଥିପାଇଁ ସେ ନିଜ ଭିଟାମାଟିକୁ ୪ଲକ୍ଷ ଟଙ୍କାରେ ବିକ୍ରି କରି ସାରିଛନ୍ତି । ସେହି ଅର୍ଥରେ ଗତ ୧ମାସ ହେବ ସେ ମୁମ୍ବାଇର ବିଏମ୍‌ସି ହସ୍ପିଟାଲରେ ରହି ପୁଅର ଆରୋଗ୍ୟ କାମନା କରୁଛନ୍ତି । ଏ ସଂକ୍ରାନ୍ତରେ ସୁମା ବସନ୍ତିଆ କହିଛନ୍ତି, ତାଙ୍କର ଆର୍ଥିକ ସମ୍ବଳ ନ ଥିବାରୁ ସେ ସୋସିଆଲ ମିଡ଼ିଆରେ ପୁଅର ଚିକିତ୍ସା ପାଇଁ ସହାୟତା ମାଗିଥିଲେ । ଅନେକ ବ୍ୟକ୍ତି ତାଙ୍କ ଫୋନ ପେ ନମ୍ବରରେ ସାହାର୍ଯ୍ୟ କରିଥିଲେ। ପୁଅର ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ତାଙ୍କୁ ସହାୟତା ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

# ଚାଷୀ ପଞ୍ଜୀକରଣରେ ଅନିୟମିତତା

- ଫଲସ୍ ଏଣ୍ଟ୍ରି କରି ଭୂମିହୀନଙ୍କ ନାଁରେ କିଣା ଯାଉଛି ଧାନ
- ଭାଗଚାଷୀଙ୍କ ନାଁରେ କରାଯାଉଛି ଜାଲିଆତି
- ଜାଲିଆତିରେ ଆସିଷ୍ଟାଣ୍ଟ ପ୍ରୋଗ୍ରାମର ଓ ସିଏସ୍‌ମ୍ ଏଜେନ୍ସିର ସମ୍ପୃକ୍ତି ଅଭିଯୋଗ

ନୟାଗଡ଼ ଅଫିସ,୨୮।୨

ଚାଷୀ ପଞ୍ଜୀକରଣରେ ଅନିୟମିତତା କରାଯାଇ ଫଲସ୍ ଏଣ୍ଟ୍ରି କରି ଭୂମିହୀନଙ୍କ ନାଁରେ ଧାନ କିଣା ଯାଉଥିବା ଅଭିଯୋଗ ହୋଇ ଆସୁଛି। ଭାଗଚାଷୀଙ୍କ ଅପଶନକୁ ଆୟୁଧ କରି ଏପରି ଅନିୟମିତତା କରାଯାଇ ନୟାଗଡ଼ ଜିଲାର ନୟାଗଡ଼, ବାଲୁଗାଁ, ଆନନ୍ଦାପଲ୍ଲୀ, ନୋଉର, ପଣ୍ଡୁସର, ଲାଠିପଡ଼ା, ଓଡ଼ଗାଁ ବ୍ଲକର ବଡଗୋରଡ଼ା, କେଶପାନିଆଁ, ଶରଣକୁଳ, କଜଳାଇପଲ୍ଲୀ, ଦଶପଲ୍ଲାର ଘୁଗୁଡିପଡ଼ା, ଖମାରସାହି, ଚଢ଼େୟାପଲ୍ଲୀ, ମହାବୀର ସୋସାଇଟିରେ ଧାନକିଣା ଚାଲିଛି । ଏହି ଜାଲିଆତିରେ ଜିଲା ଯୋଗାଣ ବିଭାଗର ଆସିଷ୍ଟାଣ୍ଟ ପ୍ରୋଗ୍ରାମର ସିଏସ୍‌ଏମ୍ ଏଜେନ୍ସି ସହାୟତାରେ ଜାଲିଆତି କରୁଥିବା ଅଭିଯୋଗ ହୋଇ ଆସୁଛି । ଆସିଷ୍ଟାଣ୍ଟ ପ୍ରୋଗ୍ରାମରଙ୍କୁ ଜାଲିଆତି କରିବାରେ ପାକ୍ସ ସମ୍ପାଦକ ସହଯୋଗ କରୁଥିବା ଚାଷୀମାନେ କହିଛନ୍ତି । ଜିଲାରେ ଏଭଳି ଅନିୟମିତତା କରାଯାଇ ପ୍ରତି ଖରିଫ ଋତୁରେ ଲକ୍ଷାଧିକ ଟଙ୍କା ବାଟମାରଣା କରାଯାଉଥିଲେ ହେଁ ଏହାର ତଦନ୍ତ କରାଯାଉ ନ ଥିବା ଅଭିଯୋଗ ଉଠିଛି । ଏହି ବେନିୟମ ଧାନ କିଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କେତେଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଏନେଇ ଓଡ଼ଗାଁ ବ୍ଲକ ଦଣ୍ଡୋର ଚାଷୀ ଶାନ୍ତନୁ ବିଶୋଇ କୁହନ୍ତି, ନୟାଗଡ଼ ସୋସାଇଟିର ବରପଲ୍ଲୀ, ବାଲୁଗାଁ ସୋସାଇଟିର ବାରବାଟୀ ପରି ଗାଁରେ ଭୂମିହୀନ ଚାଷୀଙ୍କ ନାଁରେ ଶହେରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି କରାଯିବ ବୋଲି ମିଛରେ ଏଣ୍ଟ୍ରି କରି ଅର୍ଥ ତୋଷାରପାତ କରାଯାଇଛି । ଜିଲା ଯୋଗାଣ ବିଭାଗର ଆସିଷ୍ଟାଣ୍ଟ ପ୍ରୋଗ୍ରାମର ଅନିୟମିତତାର ମୁଖ୍ୟ ଭାବେ କାମ କରୁଛନ୍ତି। କେତେଜଣ ପାକ୍ସ ସମ୍ପାଦକଙ୍କୁ ଧରି ଧାନ କିଣାରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରୁଛନ୍ତି। ଏହି ଦୁର୍ନୀତିର ତଦନ୍ତ ହେବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ । ଜଣେ ଅବସରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ନୟାଗଡ଼ରେ ଜିଲା ଯୋଗାଣ ବିଭାଗର ଆସିଷ୍ଟାଣ୍ଟ ପ୍ରୋଗ୍ରାମରଙ୍କ ଅନିୟମିତତାକୁ ନେଇ ଜଣେ ଜିଲା ଯୋଗାଣ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଗୋଟିଏ ସ୍ଥାନରେ ଜଣେ ଆସିଷ୍ଟାଣ୍ଟ ପ୍ରୋଗ୍ରାମର ୧୦ ବର୍ଷରୁ ଊର୍ଦ୍ଧ୍ୱ ରହିଥିଲେ ହେଁ ବଦଳି କାହିଁକି କରାଯାଉନି। ପୁଣି ତାଙ୍କ କାର୍ଯ୍ୟର କାହିଁକି ସମୀକ୍ଷା ହେଉନି ବୋଲି ସେ ପ୍ରଶ୍ନ କରିଛନ୍ତି। ନୟାଗଡ଼ର ଚାଷୀ ରାମଚନ୍ଦ୍ର ସାହୁ କୁହନ୍ତି, ଚାଷୀ ଭାଗଚାଷୀ ନାଁରେ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିବାକୁ ଆବେଦନ କରି ନ ଥାଏ। ତେବେ ଚାଷୀ ଅଗୋଚରରେ ତା ଜମିରୁ ଭାଗଚାଷୀ ନାଁରେ ଧାନ ବିକ୍ରି ହେଉଛି। ଭାଗଚାଷୀ ନାଁ ଚାଷୀ ଅଗୋଚରରେ ନାମ ପଞ୍ଜୀକରଣ ହେଉଛି। ଏଭଳି ଅନିୟମିତତା ନୟାଗଡ଼ ଜିଲାରେ ଚାଲିଛି । ଚାଷୀ ଯେଉଁ ପରିମାଣର ଜମି ପାଇଁ ପଞ୍ଜୀକରଣ ଉଦ୍ଦେଶ୍ୟରେ କାଗଜପତ୍ର ଦାଖଲ କରିଥାଏ, ସେତିକି ଜମି ତାଙ୍କ ନାଁରେ ଧାନ ବିକ୍ରି କରିବାକୁ ଆସି ନ ଥାଏ । ବଳକା ଜମିରେ ଧାନ ବିକ୍ରି କରିବାକୁ ସରକାରୀ ଭାବେ କଟିଗଲା କୁହାଯାଇ ଚାଷୀକୁ ବୁଝାଇ ଦିଆଯାଏ । ତେବେ ଏହି ବକେୟା ଜମିକୁ ଭାଗଚାଷୀ ଅପଶନରେ ପାକ୍ସ ସମ୍ପାଦକ ଜିଲା ଯୋଗାଣ ବିଭାଗର ଆସିଷ୍ଟାଣ୍ଟ ପ୍ରୋଗ୍ରାମରଙ୍କୁ ଧରି ଜାଲିଆତି କରି ପଞ୍ଜୀକରଣ କରୁଛନ୍ତି । ଯେଉଁ ବ୍ୟକ୍ତିଙ୍କ ନାଁରେ ଧାନ ଟଙ୍କା ଆସୁଛି ତାଙ୍କୁ କିଛି ଟଙ୍କା ଦେଇ ଲକ୍ଷାଧିକ ଟଙ୍କା ରୋଜଗାର କରାଚାଲିଛି । ବିଚରା ଭୂମିହୀନ ଚାଷୀ ବିନା ପରିଶ୍ରମରେ କିଛି ଟଙ୍କାପାଇ ଚୁପ ରହୁଛନ୍ତି। ଏହି ଅନିୟମିତତା ନେଇ ସମସ୍ତେ ଅବଗତ ଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି କ୍ଷୋଭର ସହ ସେ କହିଛନ୍ତି ।

ଏ ସଂକ୍ରାନ୍ତରେ ଏଆରସିଏସ୍ ହାଡିବନ୍ଧୁ ମହାକୁଡ଼ କୁହନ୍ତି, ଚାଷୀ ପଞ୍ଜୀକରଣରେ ଅନିୟମିତତା କରାଯାଇ ଭୂମିହୀନଙ୍କ ନାଁରେ ଧାନ କିଣା ଯାଉଥିବା ଅଭିଯୋଗ ମିଳିନି । ତଥାପି ଏ ଦିଗରେ ତଦନ୍ତ କରାଯିବ । ଜିଲା ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନ କୁହନ୍ତି, ଆମ ଅଫିସରେ ଜଣେ ଆସିଷ୍ଟାଣ୍ଟ ପ୍ରୋଗ୍ରାମର ଅଛନ୍ତି । ତାଙ୍କ ବିରୋଧରେ ଲିଖିତ ଅଭିଯୋଗ ଆସି ନ ଥିଲେ ହେଁ ମୌଖିକ ଭାବେ ଚାଷୀ କରୁଥିବା ଅଭିଯୋଗର ତଦନ୍ତ ହେବ । କେଉଁ କେଉଁ ପାକ୍ସରେ ଭୂମିହୀନଙ୍କ ନାଁରେ ଧାନ କିଣାଯାଇଛି ତାର ତଦନ୍ତ କରାଯିବ । ଅନ୍ୟପକ୍ଷେ ଆସିଷ୍ଟାଣ୍ଟ ପ୍ରୋଗ୍ରାମରଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରାଯାଇଥିଲା ହେଲେ ସେ କିଛି ନ କହି ଏଡାଇ ଯାଇଥିଲେ ।

## ଆଇପିଏଲ୍‌ରେ ଖେଳିପାରିବେନି ବୁମ୍‌ରା



**ନୂଆଦିଲ୍ଲୀ, ୨୮।୨ (ପି.ଟି.):** ପିଠିରେ ଆଘାତପ୍ରାପ୍ତ ଯଶପ୍ରୀତ ବୁମ୍‌ରା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରି ନାହାନ୍ତି। ଆସନ୍ତା ୬ ମାସ ଭିତରେ ସେ ଖେଳକୁ ପ୍ରତ୍ୟାବର୍ତ୍ତନ କରି ନ ପାରନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମନେ କରୁଛି। ଆଘାତଜନିତ ସମସ୍ୟାଯୋଗୁ ଏହି ପୁରୁଖା ପେସ୍ ବୋଲର ଗତବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳିପାରି ନ ଥିଲେ। ବର୍ତ୍ତମାନ ତାଙ୍କ ପିଠିରେ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଛି। ତେଣୁ ସେ ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭାଗ ନେଇ ପାରିବେ ନାହିଁ। ସେ ୫୦ ଓଭର ଫର୍ମାଟ ବିଶ୍ୱକପ୍ ବେଳକୁ ମଧ୍ୟ ଫେରି ନ ପାରନ୍ତି। ବୁମ୍‌ରା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ (ଯଦି ଭାରତ ଯୋଗ୍ୟତା ଅର୍ଜନ କରେ)ବେଳକୁ ମଧ୍ୟ ଫିଟ୍ ହୋଇ ନ ଥିବେ ବୋଲି କୁହାଯାଉଛି। ଏହି ମ୍ୟାଚ ଓଭାଲଠାରେ ଜୁନ୍ ୭ରୁ ଖେଳାଯିବ। ବୁମ୍‌ରାଙ୍କୁ ପ୍ରଥମ ଅବସ୍ଥାରେ ଭାରତର ଟି୨୦ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। ଆଇପିଏଲ ମାର୍ଚ୍ଚ ୩୧ରୁ ଆରମ୍ଭ ହେବ। ବୁମ୍‌ରା ବହୁ ସିଜନ ହେଲା ମୁମ୍ବାଇ ଇଣ୍ଡିଆନ୍ସ ପେସ୍ ବାହିନୀର ନେତୃତ୍ୱ ନେଇ ଆସୁଛନ୍ତି। ୨୯ ବର୍ଷୀୟ ବୁମ୍‌ରା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଆଇପିଏଲ୍ ଗେମ୍‌କୁ ଛାଡ଼ି ୨୦୨୨ରେ ୫ ଟେଷ୍ଟ, ୫ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ୱେଷ୍ଟଇଣ୍ଡିଜର ପୂର୍ବତନ ପେସ୍ ବୋଲର ମାଇକେଲ ହୋଲ୍‌ଡିଂ କହିଛନ୍ତି, ବୁମ୍‌ରାଙ୍କ ପିଠିରେ ସବୁବେଳେ ଇଞ୍ଜୁରି ରହିବ।

# ମେସି, ପୁଟେଲାସ୍ ଶ୍ରେଷ୍ଠ ଖେଳାଳି

**ପ୍ୟାରିସ, ୨୮।୨(ଏପି)**

କିଲିଆନ୍ ଏମ୍‌ବାପେଙ୍କୁ ପୁଣି ପଛରେ ପକାଇ ବିଶ୍ୱକପ୍ ଚାମ୍ପିୟନ ଲିଓନେଲ ମେସି ଏଥର ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫାର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସ୍ପେନ୍‌ର ଆଲେକ୍ସିଆ ପୁଟେଲାସ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଗତବର୍ଷ କାତାରରେ ଏମ୍‌ବାପେଙ୍କ ଫ୍ରାନ୍ସ ବିପକ୍ଷ ରୋମାଞ୍ଚକ ଫାଇନାଲରେ ଜିତାଇ ମେସି ଆର୍ଜେଣ୍ଟିନାକୁ ବିଶ୍ୱକପ୍ ସଫଳତା ଆଣିଦେଇଥିଲେ। ଶ୍ରେଷ୍ଠ ଖେଳାଳି ପାଇଁ ଭୋଟିଂରେ ସେ ଏମ୍‌ବାପେ ଓ କରିମ୍ ବେଞ୍ଜେମାଙ୍କୁ ପଛରେ ପକାଇ ଦେଇଥିଲେ। ମେସି ଏଥରକୁ ମିଶାଇ ୧୪ ବର୍ଷରେ ୭ମ ଥର ଫିଫା ପୁରସ୍କାର ଲାଭ କରିଛନ୍ତି। ରେକର୍ଡ ୫ମ ପ୍ରଚେଷ୍ଟାରେ ସେ ବିଶ୍ୱକପ୍ ଜିତି ରେକର୍ଡ ସମକକ୍ଷ ହୋଇ ପାରିଛନ୍ତି। ପୁରସ୍କାର ପାଇଁ ଫାଇନାଲ ଶର୍ଟଲିଷ୍ଟରେ ୩ ଖେଳାଳି ସ୍ଥାନ ପାଇଥିଲେ। ଭୋଟିଂ ପାଇଁ ଏକ ଗ୍ଲୋବାଲ ପ୍ୟାନେଲ ଗଠନ କରାଯାଇଥିଲା। ଏଥିରେ ଜାତୀୟ ଦଳଗୁଡ଼ିକର ଅଧିନାୟକ ଓ କୋଚ୍, ଫିଫାର ୨୧୧ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରର ବଛା ବଛା



ପୁରସ୍କାର ସହ ଲିଓନେଲ ମେସି ଓ ଆଲେକ୍ସିଆ ପୁଟେଲାସ।

ଜର୍ନାଲିଷ୍ଟ ସ୍ଥାନ ପାଇଥିଲେ। ପୁନଶ୍ଚ ପ୍ରଶଂସକମାନଙ୍କ ଲାଗି ଅନ୍‌ଲାଇନ୍ ଭୋଟିଂ ବ୍ୟବସ୍ଥା କରାଯାଇଥିଲା। ୩୫ ବର୍ଷୀୟ ମେସି ପ୍ରଥମ ଥର ଫିଫାର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିବା ଲକ୍ଷ୍ୟରେ ଥିବା ଏମ୍‌ବାପେଙ୍କୁ ପଛରେ ପକାଇ ଗତ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଫିଫା ଦ୍ୱାରା ପ୍ରଦତ୍ତ ଗୋଲ୍‌ଡେନ୍ ବଲ୍ ଟ୍ରଫି

### ଫିଫା ପୁରସ୍କାର

ହାସଲ କରିଥିଲେ। ଟପ୍ ସ୍କୋରର ହିସାବରେ ଏମ୍‌ବାପେ ଗୋଲ୍ଡେନ ବୁଟ୍ ପାଇଥିଲେ। ଫିଫା ପୁରସ୍କାର ପାଇଁ ହୋଇଥିବା ଭୋଟ୍‌ରେ ମେସି ୫୨ ପଏଣ୍ଟ, ଏମ୍‌ବାପେ ୪୪ ପଏଣ୍ଟ ଏବଂ ବେଞ୍ଜେମା ୩୪ ପଏଣ୍ଟ ପାଇଥିଲେ। ଏମ୍‌ବାପେ ହେଉଛନ୍ତି ମେସିଙ୍କଠାରୁ ୧୧ବର୍ଷ ସାନ, ତାଙ୍କୁ ବର୍ତ୍ତମାନ ୨୪ବର୍ଷ। ବିଶ୍ୱ ଷ୍ଟେଜ୍‌ରେ ତାଙ୍କୁ ମେସିଙ୍କ ଉତ୍ତରାଧିକାରୀ ବିବେଚନା କରାଯାଉଛି। ସେ ପ୍ରଥମ ଥର ପାଇଁ ୩ଜଣିଆ ଶର୍ଟଲିଷ୍ଟରେ ସ୍ଥାନ ପାଇଥିଲେ। ୨୦୧୮ ପୁରସ୍କାର ପାଇଁ ଭୋଟିଂରେ ସେ ଚତୁର୍ଥ ହୋଇଥିଲେ। ରିୟଲ୍ ମାଡ୍ରିଡ୍ ଷ୍ଟାର ବେଞ୍ଜେମା ବିଶ୍ୱକପ୍ ପୂର୍ବରୁ ସମ୍ମାନଜନକ ବାଲନ ଡି'ଆର ପୁରସ୍କାର ଜିତିଥିଲେ। ଇଞ୍ଜୁରି ଯୋଗୁ ଫ୍ରାନ୍ସ ଫରୱାର୍ଡ ଟୁର୍ନାମେଣ୍ଟ ଖେଳିପାରି ନ ଥିଲେ। ଅଗଷ୍ଟରେ ବାଲାନ ଡି'ଅର ପୁରସ୍କାର ପାଇଁ ପ୍ରସ୍ତୁତ ଲମ୍ବା ପ୍ରାର୍ଥୀ ତାଲିକାରେ ମେସିଙ୍କ ନାମ ନ ଥିଲା। ଗତ ଦୁଇବର୍ଷ ହେଲା ରବର୍ଟ ଲିଆଣ୍ଡୋସ୍କି ଫିଫା ପୁରସ୍କାର ଜିତିଆସୁଥିଲେ। ଚଳିତ ବର୍ଷର ପୁରସ୍କାର ପାଇଁ ୧୪ ଖେଳାଳିଙ୍କୁ ନେଇ ଶର୍ଟଲିଷ୍ଟରୁ କ୍ରିଷ୍ଟିଆନୋ ରୋନାଲ୍‌ଡୋ ପ୍ରଥମ ଥର ବାଦ୍ ପଡ଼ିଛନ୍ତି। ମହିଳା ଫୁଟ୍‌ବଲରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିବା ପୁଟେଲାସ ଭୋଟିଂରେ ଯୁକ୍ତରାଷ୍ଟ୍ର ଆମେରିକାର ଆଲେକ୍ସ ମୋର୍ଗାନ ଓ ଇଂଲଣ୍ଡର ବେଥ୍ ମିଡ୍‌ଙ୍କୁ ପଛରେ ପକାଇଦେଇଥିଲେ। ପୁଟେଲାସଙ୍କ ନେତୃତ୍ୱରେ ଇଂଲଣ୍ଡ ୨୦୨୨ରେ ୟୁରୋପିଆନ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ବାର୍ସିଲୋନା ପ୍ଲେମେକର ୟୁରୋ ପୂର୍ବରୁ ଆଘାତଜନିତ ସମସ୍ୟା ଦେଇ ଗତି କରିଥିବା ସତ୍ତ୍ୱେ ଶ୍ରେଷ୍ଠ ୩ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଗତ ସିଜନରେ ସମସ୍ତ ପ୍ରତିଯୋଗିତାରେ ମୋଟ ୩୪ ଗୋଲ୍ ସ୍କୋର କରିଥିଲେ।

## ସ୍କାଲୋନିଙ୍କ କାର୍ଯ୍ୟକାଳ ବୃଦ୍ଧି



**ବୁଏନସ୍‌ଏୟାର୍ସ, ୨୮।୨ (ଏପି)**

ଆର୍ଜେଣ୍ଟିନା ଫୁଟ୍‌ବଲ ଦଳର କୋଚ୍ ବିଶ୍ୱକପ୍ ବିଜେତା ଲିଓନେଲ ସ୍କାଲୋନିଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ସେ ୨୦୨୬ ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ସୋମବାର ଚୁକ୍ତି ନବୀକରଣ କରାଯାଇଥିବା ଆର୍ଜେଣ୍ଟାଇନ୍ ଫୁଟ୍‌ବଲ ଆସୋସିଏଶନ (ଏଏଫ୍‌ଏ) ଓ ସ୍କାଲୋନି ସ୍ପଷ୍ଟ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଫିଫା ପୁରସ୍କାର ପୂର୍ବରୁ ପ୍ୟାରିସରେ ୪୪ ବର୍ଷୀୟ ସ୍କାଲୋନି ଏବଂ ଏଏଫ୍‌ଏ ସଭାପତି କ୍ଲାଉଡିଓ ଟାପିଆଙ୍କ ମଧ୍ୟରେ ଭେଟ ହୋଇଥିଲା। ସ୍କାଲୋନି ୱାର୍ଲ୍ଡ କୋଚ୍ ଅଫ୍ ଦି ଇୟର ପୁରସ୍କାର ପାଇଥିଲେ। ଆର୍ଜେଣ୍ଟିନା ଗତ ଡିସେମ୍ବର ୧୮ରେ କାତାର ବିଶ୍ୱକପ୍ ଜିତିବା ପରେ ସ୍କାଲୋନିଙ୍କ ଚୁକ୍ତି ମିଆଦ ଶେଷ ହୋଇଥିଲା। ପରେ ଦୀର୍ଘ ମିଆଦି ଚୁକ୍ତି ହୋଇଛି। ସୂଚନାଯୋଗ୍ୟ, ସ୍କାଲୋନି ୨୦୧୮ଶେଷ ଭାଗରେ କାମଚଳା ଦାୟିତ୍ୱ ନେବା ପରେ ଅଭିଜ୍ଞତା ଅଭାବରୁ ସମାଲୋଚନାର ପାତ୍ର ହୋଇଥିଲେ। କାରଣ ସେତେବେଳେ ଗୋଟିଏ ହେଲେ ପ୍ରଫେସନାଲ ଟିମ୍‌କୁ କୋଚିଂ ଦେଇ ନ ଥିଲେ। ବର୍ଷକ ପରେ ତାଙ୍କୁ ପଦବୀରେ ନିୟମିତ କରାଯାଇଥିଲା। ସ୍କାଲୋନିଙ୍କ ତତ୍ତ୍ୱାବଧାନରେ ଆର୍ଜେଣ୍ଟିନା ୨୮ ବର୍ଷରେ ପ୍ରଥମ ଥର ୨୦୨୧ କୋପା ଆମେରିକା ଜିତିଥିଲା। ବିଶ୍ୱକପ୍ ୨୦୨୬ ବିଶ୍ୱକପ୍ ପର୍ଯ୍ୟନ୍ତ ସ୍କାଲୋନି ତାଙ୍କ ପଦବୀରେ ରୁହନ୍ତୁ ବୋଲି ଅଧିନାୟକ ଲିଓନେଲ ମେସି ଓ ଅନ୍ୟ କେତେଜଣ ପ୍ରମୁଖ ଖେଳାଳି ଚାହିଁଥିଲେ।

# ୱାଙ୍ଖେଡେରେ ସ୍ଥାପନ ହେବ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି

**ମୁମ୍ବାଇ,୨୮।୨(ପି.ଟି.)**

ଭାରତର କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କର ଏକ ପ୍ରତିମୂର୍ତ୍ତି ୱାଙ୍ଖେଡେ ଷ୍ଟାଡିୟମରେ ସ୍ଥାପନ ହେବ। ଯେଉଁ କ୍ରିକେଟ ଷ୍ଟାଡିୟମରେ ସଚିନ୍ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସମାନ ଷ୍ଟାଡିୟମରେ ସଚିନଙ୍କ ଉଚ୍ଚତାର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ରମାକାନ୍ତ ଆଚ୍ରେକରଙ୍କ କୋଚିଂରେ ୱାଙ୍ଖେଡେରୁ ଖେଳ ଆରମ୍ଭ କରିଥିବା ସଚିନ୍ ସମାନ ଷ୍ଟାଡିୟମରେ ୨୦୧୧ରେ ବିଶ୍ୱକପ ବିଜୟୀ ହୋଇଥିଲେ। ଏହା ସହ ସମାନ ଷ୍ଟାଡିୟମରେ ସେ ନିଜ କ୍ୟାରିୟରର ଅନ୍ତିମ ମ୍ୟାଚ୍ ମଧ୍ୟ ଖେଳିଥିଲେ। ୨୦୧୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୦୦ ତମ ଟେଷ୍ଟ ଖେଳି ବିଦାୟ ନେଇଥିଲେ ସଚିନ। ଏପ୍ରିଲ୍ ୨୪ ତାରିଖରେ ସଚିନଙ୍କ ୫୦ ତମ ଜନ୍ମ ଦିବସ ଅବସରରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ।ମୁମ୍ବାଇର ପ୍ରତିନିଧିତ୍ୱ କରି ମୁଁ କ୍ରୀଡ଼ା ଜୀବନ ଆରମ୍ଭ କରିଥିଲି। ଏହି ଷ୍ଟାଡିୟମରେ ବିଶ୍ୱକପ ବିଜୟ, କ୍ୟାରିୟର ଅନ୍ତିମ ମ୍ୟାଚ ପରି ଅନେକ ସ୍ମୃତି ରହିଛି। ମୁମ୍ବାଇ କ୍ରିକେଟ ଆସୋସିଏନର ଏଭଳି ଘୋଷଣା ଜୀବନ ସମ୍ପୂର୍ଣ୍ଣ ହେବା ପରି ମନେ ହେଉଛି ବୋଲି କହିଛନ୍ତି ତେନ୍ଦୁଲକର। ଏଭଳି ଆଚରଣ ପାଇଁ ମୁଁ ଅତ୍ୟନ୍ତ କୃତଜ୍ଞ ବୋଲି ସେ କହିଛନ୍ତି। ମଙ୍ଗଳବାର ସଚିନ୍ ୱାଙ୍ଖେଡେ ଷ୍ଟାଡିୟମ ବୁଲି ଆସିଥିବା ବେଳେ ମୁମ୍ବାଇ କ୍ରିକେଟ ଆସୋସିଏନ ସଭାପତି ଅମୋଲ କାଳେ ଏହି ଘୋଷଣା କରିଥିଲେ। ୨୪ ବର୍ଷର କ୍ୟାରିୟରରେ ତେନ୍ଦୁଲକରଙ୍କ ନାମରେ ଅନେକ ରେକର୍ଡ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଲଣ୍ଡନ ସ୍ଥିତ ମାଡାମ ଟୁସାଦ ମ୍ୟୁଜିୟମରେ ତେନ୍ଦୁଲକରଙ୍କ ମହମ ପ୍ରତିମୂର୍ତ୍ତି ସ୍ଥାନ ପାଇଛି।



ପତ୍ନୀ ଅଞ୍ଜଳିଙ୍କ ସହ ୱାଙ୍ଖେଡେ ଷ୍ଟାଡିୟମରେ ନିଜ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳ ବୁଲି ଦେଖୁଛନ୍ତି ସଚିନ ତେନ୍ଦୁଲକର।

## ଭାରତ ସମେତ ୮ଦେଶକୁ ସିଧାସଳଖ ଯୋଗ୍ୟତା

**ଦୁବାଇ, ୨୮।୨(ପି.ଟି.):** ଭାରତ ସମେତ ୮ଟି ଦେଶ ବାଂଲାଦେଶରେ ହେବାକୁଥିବା ୨୦୨୪ ସଂସ୍କରଣ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଆପେ ଯୋଗ୍ୟତା ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକାରେ ନିକଟରେ ଶେଷ ହୋଇଥିବା ଏହି ଟୁର୍ନାମେଣ୍ଟରେ ଭାରତ ନିଜ ଗ୍ରୁପ୍‌ରେ ଶ୍ରେଷ୍ଠ ୩ ମଧ୍ୟରେ ରହିଥିଲା। ବିଶ୍ୱକପ୍‌ର ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ୩ ଦଳ ଆପେ ଯୋଗ୍ୟତା ଅର୍ଜନ କରିଛନ୍ତି। ଶ୍ରେଷ୍ଠ ୬ଟି ଦଳ ମଧ୍ୟରେ ନ ଥିଲେ ମଧ୍ୟ ଆୟୋଜକ ଦେଶ ହିସାବରେ ବାଂଲାଦେଶ ଓ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଗ୍ରୁପ-୧ରୁ ଏବଂ ଇଂଲଣ୍ଡ, ଭାରତ ଓ ୱେଷ୍ଟଇଣ୍ଡିଜ ଗ୍ରୁପ୍-୨ରୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ନିକଟରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରୁ କେବଳ ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ



ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଶ୍ରୀଲଙ୍କା ବର୍ତ୍ତମାନ ର୍‌ୟାଙ୍କିଂ ତାଲିକାର ୮ମ ସ୍ଥାନରେ ରହିଥିବା ବେଳେ ଆୟର୍ଲାଣ୍ଡ ୧୦ମରେ ରହିଛି। ୨୦୨୪ ପ୍ରଥମ ଭାଗରେ ଏକ ଗ୍ଲୋବାଲ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏଥିରୁ ଶ୍ରେଷ୍ଠ ଦୁଇ ଦଳ ଅବଶିଷ୍ଟ ଦୁଇ ସ୍ଥାନ ପୂରଣ କରିବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ସୂଚନା ଦିଆଯାଇଛି।

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୩୧୪/୮

**ସେଞ୍ଚୁରିଅନ୍,୨୮।୨**

ସେଞ୍ଚୁରିଅନର ସୁପରସ୍ପୋର୍ଟ ପାର୍କରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଓପନର ଏଡେନ ମାରକ୍ରମଙ୍କ ଶତକ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୩୧୪ ରନ୍ ସଂଗ୍ରହ କରିଛି। ଦୁଇ ଓପନର ଡିନ୍ ଏଲଗାର(୭୧) ଓ ମାରକ୍ରମ(୧୧୫) ଦଳକୁ ଏକ ଦୃଢ଼ ଆରମ୍ଭ ପ୍ରଦାନ କରିଥିଲେ। ଉଭୟ ପ୍ରଥମ ଉଇକେଟରେ ୧୩୯ ରନ୍

### ମାରକ୍ରମଙ୍କ ଶତକ

ଯୋଡିଥିଲେ। ଏଲ୍‌ଗାର ୧୧୮ ବଲ ଖେଳି ୧୧ ଚୌକା ମାରିଥିଲେ। ପରବର୍ତ୍ତୀ ବ୍ୟାଟର ଟୋନି ଜୋର୍ଜି(୨୮), ଟେମ୍ବା ବାଭୁମା(୦), କିଗାନ ପିଟରସନ(୧୪) ଓ ହେନରିଚ୍ କ୍ଲାସେନ୍ (୨୦) ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ଦଳୀୟ ସ୍କୋର ୨୩୬ ରନରେ ମାରକ୍ରମ ୧୧୫ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଏହି ଇନିଂସରେ ସେ ୧୭୪ ବଲ୍ ଖେଳି ୧୮ ଚୌକା ମାରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମାର୍କୋ ଜାନସେନ୍ ୧୭ ଓ ଜେରାଲ୍ଡ କୋଏଟଜି ୭ ରନରେ



ଉଇକେଟ ନେବାପରେ ଆଲଜାରି ଜୋସେଫ।



ଶତକ ହାସଲକାରୀ ଏଡେନ ମାରକ୍ରମ।

ଅପରାଜିତ ଅଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷର ଆଲଜାରି ଯୋଶେଫ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଜାସନ ହୋଲ୍ଡର, କେମାର ରୋଚ୍, ଶାନନ ଗାବ୍ରିଏଲ ଓ କାଇଲ ମେୟର୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୮୨ ଓଭରରେ ୩୧୪/୮ (ଏଡେନ ମାରକ୍ରମ-୧୧୫, ଡିନ୍ ଏଲଗାର-୭୧, ଟୋନି ଜୋର୍ଜି-୨୮, ଆଲଜାରି ଯୋଶେଫ୍-୩/୬୦, ଶାନନ ଗାବ୍ରିଏଲ-୧/୪୯, କାଇଲ ମେୟର୍ସ-୧/୨୩)।

# ଫୁଲ, ନକୁଳ, ରମେଶ ପୁରସ୍କୃତ

**ଭୁବନେଶ୍ୱର, ୨୮।୨ (କ୍ରୀଡ଼ା ପ୍ରତିନିଧି)**

କୋଭିଡ୍-୧୯ ମହାମାରୀ ପାଇଁ ୨ ବର୍ଷ ଧରି ବନ୍ଦ ରହିଥିବା ବିଆର୍‌ଏମ୍-ଆଶା ପୁରସ୍କାର ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରତୀ ରଥ ମେମୋରିଆଲ ଏକାଡେମୀ ଅଫ୍ ସ୍ପେଶାଲ ହ୍ୟୁମାନ ଆବିଲିଟିଜ୍ ଏବଂ ଓପନ ଲର୍ନିଂ ସିଷ୍ଟମ୍ସ (ଓଏଲ୍‌ଏସ୍)ର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ବିଧାୟକ ସୁଶାନ୍ତ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓପନ ଲର୍ନିଂ ସିଷ୍ଟମ୍ସ ସିଇଓ ତଥା ବିଆରଏମ୍-ଆଶା ସମ୍ପାଦକ ପ୍ରକାଶ ରଥ ବାର୍ଷିକ ବିବରଣୀ ପାଠ କରିବା ସହ ଦିବ୍ୟାଙ୍ଗ ପାଇଁ ଏହି ଦୁଇ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଦୃଷ୍ଟିବାଧିତ ମହିଳା କ୍ରିକେଟର ଫୁଲ ସୋରେନ, ପୁରୁଷ କ୍ରିକେଟର ନକୁଳ ବଡ଼ନାୟକ, ଅନ୍ତର୍ଜାତୀୟ ଆଡ୍‌ଭେଞ୍ଚର ସାଇକ୍ଲିଷ୍ଟ କୁମାର ଦେବଦତ୍ତ ଏବଂ ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ତାରକା ଭି. ରମେଶ ରାଓଙ୍କୁ ପୁରସ୍କୃତ କରାଯାଇଥିଲା। ଜର୍ନାଲିଷ୍ଟ ତାଜିନ କୁରେଶି, ଶତରୂପା ସାମନ୍ତରାୟ ଓ ପ୍ରକାଶ କୁମାର ସାହୁଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଓପନ ଲର୍ନିଂ ସିଷ୍ଟମର ଛାତ୍ର ଓ ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଏଲ୍‌ଏସ

### ବିଆର୍‌ଏମ୍-ଆଶା ପୁରସ୍କାର ପ୍ରଦାନ ଉତ୍ସବ

ପ୍ରତିଷ୍ଠାତା କସ୍ତୁରି ମହାପାତ୍ର, ସଭାପତି ଅଜିତ ମହାନ୍ତି, ସମ୍ପାଦକ ପ୍ରତାପ ରଥ, ବିଆରଏମ୍-ଆଶାର ଉପସଭାପତି ପ୍ରଦୀପ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଓଏଲ୍‌ଏସ୍ ସଦସ୍ୟ ମଞ୍ଜୁଶ୍ରୀ ପଟ୍ଟନାୟକ, ସାଗରିକା ସାହୁ ଓ ଦାମୋଦର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଭି. ରମେଶ ରାଓଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

### ରେସ୍‌ଲିଂ ବିବାଦ

## ତଦନ୍ତ କମିଟି ଆଗରେ ହାଜର ହେଲେ ବ୍ରିଜ୍ ଭୂଷଣ

**ନୂଆଦିଲ୍ଲୀ, ୨୮।୨ (ପି.ଟି.):** ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ ଭୂଷଣ ଶରଣ ମଙ୍ଗଳବାର ସରକାରଙ୍କ ଦ୍ୱାରା ନିଯୁକ୍ତ ନିରୀକ୍ଷଣ କମିଟି ଆଗରେ ହାଜର ହୋଇଛନ୍ତି। ତେବେ ତାଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ବ୍ରିଜଭୂଷଣ ଡବ୍ଲ୍ୟୁଏଫ୍‌ଆଇରେ ମନମୁଖୀ ଶାସନ ଚଳାଇ ଆସିଥିଲେ, ସେ ଦମକଚମକ ଦେଉଥିଲେ, ସେ ଆହୁରି ମଧ୍ୟ ଯୌନ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ ହୋଇଛି। ତଦନ୍ତ ଚାଲିଥିବାରୁ ତାଙ୍କୁ ସାମୟିକ ପଦବୀରୁ ହଟାଯାଇଛି। ବ୍ରିଜ ଭୂଷଣ ତାଙ୍କର ୨୦ଜଣ ସମର୍ଥକଙ୍କୁ ନେଇ ଆସିଥିଲେ। ତଦନ୍ତ ପାଇଁ କିମ୍ବଦନ୍ତୀ ବକ୍ସର ଏମ୍.ସି ମେରୀକମ୍‌ଙ୍କ ନେତୃତ୍ୱରେ ନିରପେକ୍ଷ କମିଟି ଜାନୁୟାରୀ ୨୩ରେ ଗଠନ କରାଯାଇଥିଲା।

# ମୟଙ୍କଙ୍କ ନିକଟରେ ପ୍ରତ୍ୟାବର୍ତ୍ତନ ସୁଯୋଗ

**ଗ୍ୱାଲିୟର,୨୮।୨(ପି.ଟି.)**

### ଇରାନୀ କପ୍

ଅବଶିଷ୍ଟ ଭାରତ ଓ ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ମଧ୍ୟପ୍ରଦେଶ ମଧ୍ୟରେ ଇରାନୀ ଟ୍ରଫି ମ୍ୟାଚ୍ ବୁଧବାର ଆରମ୍ଭ ହେବ। ମୟଙ୍କ ଅଗ୍ରୱାଲ ଅବଶିଷ୍ଟ ଭାରତର ନେତୃତ୍ୱ ନେଉଥିବା ବେଳେ ଦୃଢ଼ ପ୍ରଦର୍ଶନ ସହିତ ପୁଣି ଥରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ପ୍ରୟାସ କରିବେ। ଦକ୍ଷିଣ ଆଫ୍ରିକା ସିରିଜରେ ଖରାପ ପ୍ରଦର୍ଶନ ପରେ ମୟଙ୍କ ଅଗ୍ରୱାଲଙ୍କୁ ଭାରତୀୟ ଦଳରୁ ବାଦ ଦିଆଯାଇଥିଲା। ତେବେ ବର୍ତ୍ତମାନ ଲୋକେଶ ରାହୁଲ ଖରାପ ଫର୍ମରେ ଗତି କରୁଥିବା ବେଳେ ରଣଜୀ ଟ୍ରଫିରେ ୯୯୦ ରନ୍ ସ୍କୋର କରି ଭାରତୀୟ ଦଳ ପାଇଁ ଦୃଢ଼ ଦାବିଦାରୀ ଉପସ୍ଥାପନ କରିଛନ୍ତି। ଏପରି ସ୍ଥିତିରେ ଆଉ ଗୋଟିଏ ଭଲ ପ୍ରଦର୍ଶନ ପରେ ମୟଙ୍କଙ୍କ ପାଇଁ ଭାରତୀୟ ଦଳର ଦ୍ୱାର ଖୋଲିପାରେ। ଏହା ସହିତ ୱେଷ୍ଟଇଣ୍ଡିଜ ସିରିଜ ପାଇଁ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇପାରେ। ଅବଶିଷ୍ଟ ଭାରତ ଦଳରେ ଅଭିମନ୍ୟୁ ଈଶ୍ୱରନ, ମୁକେଶ କୁମାର, ନବଦୀପ ସାଇନି ଓ ପୁଲକିତ ନାରଙ୍ଗଙ୍କ ପରି ଖେଳାଳି ରହିଛନ୍ତି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଦଳରେ ମଧ୍ୟ ଅନେକ ଶକ୍ତିଶାଳୀ ଖେଳାଳି ରହିଛନ୍ତି। ଆଭେଶ୍ ଖାନ, ହିମାଂଶୁ ମନ୍ତ୍ରୀ, ରଜତ ପଟିଦାର ଓ ଭେଙ୍କଟେଶ ଆୟରଙ୍କ ପରି ଖେଳାଳି ମଧ୍ୟପ୍ରଦେଶ ଦଳରେ ରହିଥିବାରୁ ଘରୋଇ ପରିବେଶରେ ଏହା ମଧ୍ୟ ବେଶ ଶକ୍ତିଶାଳୀ ପ୍ରତୀୟମାନ ହେଉଛି। ମୟଙ୍କ ମାର୍କଣ୍ଡେ ଆହତ ହେବା କାରଣରୁ ତାଙ୍କ ସ୍ଥାନରେ ଶାମ୍ସ ମୁଲାନୀଙ୍କୁ ଅବଶିଷ୍ଟ ଭାରତ ଦଳରେ ସାମିଲ କରାଯାଇଛି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, March 1/2023 | Page 20 | ₹ 7.00

**ଭିତର ପୃଷ୍ଠାରେ**

- ମାସକର ଶିଶୁକୁ ଝୁଣି ମାରିଲେ କୁକୁର
- ବାପାଙ୍କୁ ହତ୍ୟା ପାଇଁ ୧ କୋଟିର ସୁପାରି
- ତାତି ବଢ଼ିବ: ସୋନପୁରରେ ୩୭.୭ ଡିଗ୍ରୀ
- ୪୫ ଲକ୍ଷ ପରିବାରଙ୍କୁ ମିଳିଛି ପକ୍କା ଘର
- ପ୍ଲାଷ୍ଟିକ୍ ନୁହେଁ, ଭିଟାମିନ୍ ଚାଉଳ ଦିଆଯାଉଛି
- ବସ୍ତି ବାସିନ୍ଦାଙ୍କୁ ୧.୭୨ ଲକ୍ଷ ଜମି ସାର୍ଟିଫିକେଟ୍



ଓଡ଼ିଶା ସରକାର

## ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

DADLS-91

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୩ ମାର୍ଚ୍ଚ ୧ ତାରିଖଠାରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ସରକାର

## ବାର୍ତ୍ତା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୁଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+2) ପରୀକ୍ଷା କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ମାର୍ଚ୍ଚ ୧ ତାରିଖ ଠାରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି ।

ଏହି ଅବସରରେ ମୁଁ ସମସ୍ତ ପରିକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଂଗେ ସଂଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ୍ ଓ ପ୍ରଶାସନର ସହଯୋଗ କାମନା କରୁଛି ।

ସମୀର ଦାଶ
(ସମୀର ରଞ୍ଜନ ଦାଶ )
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

OIPR-11003/13/0015/2223

DSPL-466

ଓଡ଼ିଶା ସରକାର



# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଶିକ୍ଷକ ଓ ଅଣ-ଶିକ୍ଷକ ନିଯୁକ୍ତି ଓ ପଦୋନ୍ନତି

### ପ୍ରାଥମିକ ଶିକ୍ଷାରେ ନିଯୁକ୍ତି ଓ ପଦୋନ୍ନତି

- ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ **୨୦,୦୦୦ କନିଷ୍ଠ ଶିକ୍ଷକ**ଙ୍କୁ (ଯୋଜନା ଭିତ୍ତିକ) ନିୟୋଜିତ କରାଯିବ। ଏହା ମାଧ୍ୟମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ତାଲିମ୍‌ପ୍ରାପ୍ତ ଯୁବକ/ଯୁବତୀ ନିୟୋଜିତ ହେବେ।
- **୫୪,୦୦୦ ବରିଷ୍ଠ ଶିକ୍ଷକ ଓ ପ୍ରଧାନ ଶିକ୍ଷକ**ଙ୍କର ପଦୋନ୍ନତି ପାଇଁ "ରେସିଡେନ୍ସି ପିରିୟଡ୍" କୋହଳ କରିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି।

### ମାଧ୍ୟମିକ ଶିକ୍ଷାରେ ନିଯୁକ୍ତି ଓ ପଦୋନ୍ନତି

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆବଶ୍ୟକତାକୁ ଆଧାର କରି **୭୫୪୦** ଜଣ ସରକାରୀ ମାଧ୍ୟମିକ ଶିକ୍ଷକ ନିଯୁକ୍ତି ନିମନ୍ତେ ଓଡ଼ିଶା ଷ୍ଟାଫ୍ ସିଲେକ୍‌ସନ୍ କମିଶନ୍ ଦ୍ୱାରା ବିଜ୍ଞପ୍ତି ପ୍ରକାଶିତ ହୋଇଛି।
- ରାଜ୍ୟରେ ଥିବା ସରକାରୀ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଅଭାବ ସମସ୍ୟା ଦୂର କରିବାକୁ **୬୦୨୫**ଟି ଏଲ୍‌ଟିଆର୍ (ଛୁଟି ଓ ପ୍ରଶିକ୍ଷଣ ପାଇଁ ସଂରକ୍ଷିତ ପଦବୀ) ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି।
- ମାଧ୍ୟମିକ ବିଦ୍ୟାଳୟ ସହ ଜିଲ୍ଲା ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ମୋଟ **୧୭୯୯** କନିଷ୍ଠ ସହାୟକ ପଦବୀ ପୂରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି।
- ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ **୨୦୬୪** ଜଣ ଶିକ୍ଷକଙ୍କୁ ନିଯୁକ୍ତ କରିବାକୁ ସର୍ଭିସ୍ ସିଲେକ୍ସନ୍ ବୋର୍ଡ଼ ମାଧ୍ୟମରେ ପ୍ରକ୍ରିୟା ଆରମ୍ଭ ହୋଇଛି।

### ଉଚ୍ଚ ମାଧ୍ୟମିକ ଶିକ୍ଷାରେ ନିଯୁକ୍ତି ଓ ପଦୋନ୍ନତି

- ଓପିଏସ୍‌ସି ମାଧ୍ୟମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ **୩୩୫** ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। **୧୫୦** ଜଣ ପିଜିଟି ଇତି ମଧ୍ୟରେ ନିଯୁକ୍ତ ହୋଇସାରିଥିବା ବେଳେ ୨୦୨୩-୨୪ ସୁଦ୍ଧା ଆହୁରି **୩୬୭** ଜଣ ପିଜିଟିଙ୍କୁ ନିଯୁକ୍ତ କରାଯିବ।
- ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ **୧୫୪୩** ଜଣ ପିଜିଟି ନିଯୁକ୍ତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ସର୍ଭିସ୍ ସିଲେକ୍ସନ ବୋର୍ଡ଼ ଦ୍ୱାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ପ୍ରଥମ ପର୍ଯ୍ୟାୟରେ **୫୫୫** ପିଜିଟି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡି.ଆଇ.ଇ.ଟି ଓ ବି.ଆଇ.ଇ.ଟିରେ **୧୨୦**ଟି ଶିକ୍ଷକ-ପ୍ରଶିକ୍ଷକ ପଦବୀ ପୂରଣ କରିବାକୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି।

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

OIPR-27068/13/0031/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ମାର୍ଚ୍ଚ, ୨୦୨୩

## ଚନ୍ଦ୍ରଯାନ-୩ ରକେଟର କ୍ରାୟୋଜେନିକ୍ ଇଞ୍ଜିନ୍ ପରୀକ୍ଷା କଲା ଇସ୍ରୋ

ତୃତୀୟ ମୁନ୍ ମିଶନ ଚନ୍ଦ୍ରଯାନ-୩ ପାଇଁ ଥିବା ରକେଟର ସିଇ-୨୦ କ୍ରାୟୋଜେନିକ ଇଞ୍ଜିନକୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସଫଳତାର ସହ ପରୀକ୍ଷା କରିଛି। ଏହି ଇଞ୍ଜିନ ଏଲଭିଏମ୍୩-ଏମ୍୪ ରକେଟକୁ ଶକ୍ତି ଯୋଗାଇବ। ଗତ ୨୪ ତାରିଖରେ ତାମିଲନାଡୁର ମହେନ୍ଦ୍ରଗିରିଠାରେ ଥିବା ଇସ୍ରୋ ପ୍ରୋପଲସନ୍ କମ୍ପ୍ଲେକ୍ସରେ ୨୫ ସେକେଣ୍ଡ ପାଇଁ ଏହି ପରୀକ୍ଷା ହୋଇଥିଲା। ଆଶାନୁରୂପ ସଫଳତା ମିଳିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

#### ଜଣେ କଶ୍ମୀରୀ ପଣ୍ଡିତ ହତ୍ୟାକାରୀ ଥିଲେ

**ଶ୍ରୀନଗର, ୨୮।୨:** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରିଥିବା ଆତଙ୍କବାଦୀଙ୍କ ସମେତ ୨ ଜଣ ମଙ୍ଗଳବାର ସୁରକ୍ଷା ବଳ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଏହି ଗୁଳି ବିନିମୟ ବେଳେ ଜଣେ ଯବାନ ମଧ ଶହୀଦ ହୋଇଛନ୍ତି। ଜିଲାର ପଦଗାମପୋରା ଗ୍ରାମରେ ସେନା ଓ ପୋଲିସର ମିଳିତ ତଲାସି ବେଳେ ଏନ୍‌କାଉଣ୍ଟରରେ ଆତଙ୍କବାଦୀ ଅକିବ୍ ମୁସ୍ତାକ୍ ଭଟ୍ଟ ନିହତ ହୋଇଥିଲେ। ପୂର୍ବରୁ ସେ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବାବେଳେ ଏବେ ଟିଆର୍‌ଏଫ୍ ସହ ଜଡ଼ିତ ଥିଲେ। ବ୍ୟାଙ୍କ ସୁରକ୍ଷା ଗାର୍ଡ ସଞ୍ଜୟ ଶର୍ମାଙ୍କୁ ସେ ଗତ ରବିବାର ହତ୍ୟା କରିଥିଲେ ବୋଲି ପୋଲିସ କହିଛି। ଗତବର୍ଷ କେତେଜଣ କଶ୍ମୀରୀ ପଣ୍ଡିତ ଏବଂ ପ୍ରବାସୀ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂର ଶିକାର ହୋଇଥିଲେ। ରବିବାରର ହତ୍ୟାକାଣ୍ଡ ଚଳିତ ବର୍ଷ କଶ୍ମୀରୀ ପଣ୍ଡିତଙ୍କ ଉପରେ ପ୍ରଥମ ଆକ୍ରମଣ ଥିଲା।

### ୨ ବର୍ଷର ଶିଶୁକୁ ବଳାତ୍କାର ପରେ ହତ୍ୟା

**ସୁରାଟ, ୨୮।୨:** ଗୁଜରାଟର ସୁରାଟରେ ୨ ବର୍ଷର ଶିଶୁଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ସାମ୍ନାକୁ ଆସିଛି। ପୀଡ଼ିତାଙ୍କ ବାପାଙ୍କ ବନ୍ଧୁ ଏ ପ୍ରକାର ଜଘନ୍ୟ କାଣ୍ଡ ଘଟାଇଥିବା ତଦନ୍ତରୁ ଜଣାପଡ଼ିଛି। ଫେରାର୍ ହେବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତ ୟୁସୁଫ ସଲିମ ହାଜାରଙ୍କୁ ପୋଲିସ ଗିରଫ କରିଛି। ଚୁଡ଼ା କିଣିବା ପାଇଁ ଅଭିଯୁକ୍ତ ନାବାଳିକାଙ୍କୁ ଘରୁ ବଜାର ନେଇଆସିଥିଲେ। ନାବାଳିକାଙ୍କୁ ଏକ ନିର୍ମାଣାଧୀନ କୋଠାକୁ ନେଇ ୟୁସୁଫ ବଳାତ୍କାର କରିଥିବା ପୋଲିସ କହିଛି।

### ବାପାଙ୍କୁ ହତ୍ୟା ପାଇଁ ୧ କୋଟିର ସୁପାରି

**ବେଙ୍ଗାଲୁରୁ, ୨୮।୨:** ବାପାଙ୍କ ହତ୍ୟା ଅଭିଯୋଗରେ ବେଙ୍ଗାଲୁରୁର ୩୨ ବର୍ଷୀୟ ଏମ୍. ମଣିକାନ୍ତଙ୍କୁ ପୋଲିସ ଗିରଫ କରିଛି। ଦୁଇ ଯୁବକଙ୍କୁ ୧ କୋଟିର ସୁପାରି ଦେଇ ମଣିକାନ୍ତ ସମ୍ପତ୍ତି ପାଇଁ ବାପା ନାରାୟଣ ସ୍ୱାମୀଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ ସୁପାରି କିଲର ଆଦର୍ଶ ଓ ଶିବ କୁମାରଙ୍କୁ ମଧ ପୋଲିସ ଗିରଫ କରିନେଇଛି। ମାରାଥାହାଲ୍ଲିର କାଭେରାପ୍ପାରେ ନାରାୟଣ ସ୍ୱାମୀଙ୍କ ଘର। ଫେବୃୟାରୀ ୧୩ରେ ଦୁଇଜଣ ଯୁବକ ବାଇକ୍‌ରେ ଆସି ରାସ୍ତାରେ ଯାଉଥିବା ନାରାୟଣ ସ୍ୱାମୀଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ନାରାୟଣ ସ୍ୱାମୀଙ୍କ ହତ୍ୟାର ପ୍ରତ୍ୟକ୍ଷଦର୍ଶୀ ଥିଲେ ଅଭିଯୁକ୍ତ ପୁଅ ମଣିକାନ୍ତ। ବାପାଙ୍କ ହତ୍ୟା ନେଇ ସେ ମାରାଥାହାଲ୍ଲି ଥାନାରେ ଅଭିଯୋଗ କରିଥିଲେ। ଅର୍ଚ୍ଚନା ମଣିକାନ୍ତଙ୍କର ଦ୍ୱିତୀୟ ସ୍ତ୍ରୀ ଥିଲେ। ମଣିକାନ୍ତ ଅର୍ଚ୍ଚନାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବେଙ୍ଗାଲୁରୁ ସେଣ୍ଟ୍ରାଲ୍ ଜେଲରେ ସଜା କାଟିଥିଲେ। ଜାମିନ୍‌ରେ ଫେରିବା ପରେ ଅର୍ଚ୍ଚନା ଝିଅ ସହ ଅଲଗା ରହିଥିଲେ। ନାରାୟଣ ବୋହୂ ଅର୍ଚ୍ଚନାଙ୍କୁ ଏକ ଫ୍ଲାଟ୍ ଉପହାର ସ୍ୱରୂପ ଦେବାକୁ ଚାହୁଁଥିଲେ। ଅନ୍ୟପଟେ ବେକାର ମଣିକାନ୍ତଙ୍କୁ ନାରାୟଣ ଟଙ୍କା ଦେବା ବନ୍ଦ କରିଦେଇଥିଲେ, ଯାହାକୁ ସେ ସହଜରେ ଗ୍ରହଣ କରିପାରୁ ନ ଥିଲେ। ଏହାପରେ ମଣିକାନ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହ ମିଶି ବାପା ନାରାୟଣ ସ୍ୱାମୀଙ୍କ ହତ୍ୟା ଯୋଜନା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ରୁଷିଆର ଗୁପ୍ତଚର ବିମାନ ଧ୍ୱସ୍ତ

## ବେଲାରୁଷରେ ଡ୍ରୋନ୍ ଆକ୍ରମଣ

ମସ୍କୋ/କିଭ୍, ୨୮।୨

ବେଲାରୁଷରେ ଥିବା ରୁଷିଆର ଏକ ଏୟାରବେସ୍‌ରେ ଡ୍ରୋନ୍ ଆକ୍ରମଣ ହୋଇଛି। ଏଥିରେ ରୁଷୀୟ ସେନାର ଏକ ଗୁପ୍ତଚର ବିମାନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆକ୍ରମଣ ବେଳେ ବରଫ ସଫା କରିବାରେ ନିୟୋଜିତ କେତେକ ଯାନବାହନ ମଧ ନଷ୍ଟ ହୋଇଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ମସ୍କୋର ଗୁପ୍ତଚର ବିମାନ ଏଡବ୍ଲ୍ୟୁଏସିଏସ୍ ବେରିଏଭ୍-୫୦ୟୁ ଗତ ଡିସେମ୍ବର ୧୪ରେ ବେଲାରୁଷ ରାଜଧାନୀ ମିନ୍‌ସ୍କ ନିକଟରେ ପହଞ୍ଚିଥିଲା। ଗତବର୍ଷ ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ଆରମ୍ଭରୁ ଏହା ନିୟୋଜିତ ଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଏୟାରଫୋର୍ସ ପାଇଁ ଏହି ବିମାନ ଲକ୍ଷ୍ୟସ୍ଥଳର ଅବସ୍ଥିତି ଚିହ୍ନଟ କରୁଥିଲା। ତେବେ ଦୁଇଟି ଡ୍ରୋନ୍ ଜରିଆରେ ସରକାର ବିରୋଧୀ ଆକ୍ଟିଭିଷ୍ଟମାନେ ଏହାକୁ ଟାର୍ଗେଟ କରି ନଷ୍ଟ କରିଦେଇଛନ୍ତି। ଉକ୍ତ ବିମାନର ମୂଲ୍ୟ ହେଉଛି ୨୭୪ ନିୟୁତ ପାଉଣ୍ଡ (୨୭୩୭ କୋଟି ଟଙ୍କା)। ରୁଷିଆ ସରକାର ସେଣ୍ଟ ପିଟର୍ସବର୍ଗରେ ଥିବା ପୁଲ୍‌କୋଭୋ ଏୟାରପୋର୍ଟକୁ ଅସ୍ଥାୟୀ ଭାବେ ବନ୍ଦ ଘୋଷଣା କରିବାର କିଛି ସମୟ ପରେ ଏହି ଡ୍ରୋନ୍ ଆଟାକ୍ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଡ୍ରୋନ୍ ଉଡ଼ାଣ କରୁଥିବା ଜଣାପଡ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ତେବେ କିଛି ସମୟ ପରେ ଉକ୍ତ ଏହାରପୋର୍ଟରେ ପୁନଃ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ରୁଷିଆ ରାଜଧାନୀ ମସ୍କୋରୁ ୧୧୦ କି.ମି. ଦୂରରେ ଅବସ୍ଥିତ କୋଲୋମ୍ନା ସହରର ଏକ ପ୍ରାକୃତିକ ବାଷ୍ପ ବିତରଣ ଷ୍ଟେଶନକୁ ମଙ୍ଗଳବାର ଡ୍ରୋନ୍ ଜରିଆରେ ଆକ୍ରମଣ ଉଦ୍ୟମ ହୋଇଥିବା ଆଞ୍ଚଳିକ ଗଭର୍ନର ଆଣ୍ଡ୍ରେଇ ଭୋରୋବିଓଭ୍ ସୂଚନା ଦେଇଛନ୍ତି। କୌଣସି ଭିତ୍ତିଭୂମିକୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଛି। ତେବେ ଏଥିଯୋଗୁ କିଛି କ୍ଷତି ହୋଇନାହିଁ। ଏଫ୍‌ଏସ୍‌ବି ସିକ୍ୟୁରିଟି ସଂସ୍ଥା ଏହାର ତଦନ୍ତ କରୁଛି ବୋଲି ଭୋରୋବିଓଭ୍ କହିଛନ୍ତି। ରୁଷିଆ ସୀମା ଭିତରେ ହୋଇଥିବା ଏହି ଆକ୍ରମଣ ପାଇଁ ୟୁକ୍ରେନ୍ ନିଜକୁ ଖୋଲାଖୋଲି ଭାବେ ଦାୟୀ କରିନାହିଁ। କୋଲୋମ୍ନାରେ ଏକ ଡ୍ରୋନ୍‌ର ଧୂସର ରଙ୍ଗର ଧାତବ ଭଗ୍ନାବଶେଷ ପଡ଼ିଥିବା ଦୃଶ୍ୟ କେତେକ ସୋସିଆଲ ମିଡିଆ ପୋଷ୍ଟିଂରେ ଦେଖିବାକୁ ମିଳିଛି। ଏହା ପୂର୍ବରୁ କ୍ରାସ୍‌ନୋଡାର ଏବଂ ଆଡିଗେଆ ଅଞ୍ଚଳରେ ୟୁକ୍ରେନ୍ ଆକ୍ରମଣ କରୁଥିବା ନେଇ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗ ଆଣିଥିଲା। ଏସବୁକୁ ଦୃଷ୍ଟିରେ ରଖି ରୁଷୀୟ ଟିଭି ଚ୍ୟାନେଲ ଓ ରେଡିଓ ଷ୍ଟେଶନ୍‌ଗୁଡ଼ିକୁ ମଧ ବନ୍ଦ କରାଯାଇଛି। ପ୍ରକାଶ ଯେ, ୟୁକ୍ରେନ୍ ଆକ୍ରମଣ ପାଇଁ ବେଲାରୁଷ ନିଜ ଭୂଖଣ୍ଡକୁ ବ୍ୟବହାର କରିବାକୁ ମସ୍କୋକୁ ଅନୁମତି ଦେଇଥିବାବେଳେ ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରହିବାକୁ ମନା କରିଦେଇଛି।

### ୨,୭୩୭ କୋଟି ଟଙ୍କାର ସ୍ପାଏ ଜେଟ୍



## ଆଲୋଚନା ପାଇଁ ମସ୍କୋ ପ୍ରସ୍ତୁତ, କିନ୍ତୁ ...

ୟୁକ୍ରେନ୍ ସଂଘର୍ଷର ଅବସାନ ପାଇଁ ମସ୍କୋ ପ୍ରସ୍ତୁତ। କିନ୍ତୁ ନୂଆକରି ଦଖଲ କରିଥିବା ଅଞ୍ଚଳଗୁଡ଼ିକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ବୋଲି ମଙ୍ଗଳବାର ରୁଷିଆ ସର୍ତ୍ତ ବାଢ଼ିଛି। କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ କହିଛନ୍ତି, ଗତବର୍ଷ ଗଣଭୋଟ କରାଇ ନିଜ ଦଖଲକୁ ନେଇଥିବା ଡୋନେସ୍କ, ଲୁହାନ୍‌ସ୍କ, ଖେରସନ୍ ଓ ଝାପୋରିଝିଆ ଅଞ୍ଚଳକୁ ରୁଷିଆ ଛାଡ଼ିବ ନାହିଁ। କ୍ଷେତ୍ରୀୟ ବାସ୍ତବତାକୁ ଅଣଦେଖା କରାଯାଇପାରିବ ନାହିଁ। ପ୍ରକାଶ ଯେ, ଏହି ୪ ୟୁକ୍ରେନୀୟ ଅଞ୍ଚଳକୁ ରୁଷୀୟ ସୈନ୍ୟ ସମ୍ପୂର୍ଣ୍ଣ ଦଖଲ କରିପାରି ନାହାନ୍ତି। ୟୁକ୍ରେନ୍‌ର ନୂଆ ନାଜିମାନଙ୍କ ହାତରୁ ୪ ଅଞ୍ଚଳକୁ ମୁକ୍ତ କରିବା ପାଇଁ ଲଢ଼େଇ ଜାରି ରହିବ ବୋଲି ମସ୍କୋ କହିଛନ୍ତି। କିଭ୍ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହାକୁ ବେଆଇନ ଭାବେ ଜମି ଦଖଲ ଉଦ୍ୟମର ଏକ ଅଂଶ ଭାବେ ଅଭିହିତ କରିଛନ୍ତି। ୟୁକ୍ରେନୀୟଙ୍କ ଦାବି ହେଉଛି, ରୁଷୀୟ ସୈନ୍ୟ ତୁରନ୍ତ ଏହାର ଭୂଖଣ୍ଡ ଛାଡ଼ି ଚାଲିଯାଆନ୍ତୁ।



ୟୁକ୍ରେନ୍‌ର ଡୋନେସ୍କସ୍ଥିତ ଚାସିଭ୍ ୟାରରେ ରୁଷୀୟ ସୈନ୍ୟଙ୍କ ଆକ୍ରମଣ ପରେ ଜଳିଯାଉଥିବା ଏକ ବିଲ୍ଡିଂକୁ ଦେଖୁଛନ୍ତି ଜଣେ ସ୍ଥାନୀୟ ବ୍ୟକ୍ତି।

## ଜି-୨୦ ବୈଠକରେ ଯୋଗଦେବେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ



କିନ୍ ଗାଙ୍ଗ୍

ବେଜିଂ, ୨୮।୨

ଜାତୀୟ ରାଜଧାନୀ ଦିଲ୍ଲୀରେ ମାର୍ଚ୍ଚ ୨ରେ ହେବାକୁ ଥିବା ଜି-୨୦ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍ ସାମିଲ ହେବେ। ବୈଠକରେ ବୈଶ୍ୱିକ ଅର୍ଥନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହେବାର ଅଛି। ଉକ୍ତ ବୈଠକରେ ଚାଇନାର ଯୋଗଦାନ ରହିବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି।

## ପାସ୍‌ପୋର୍ଟ ଚିରିଦେବାରୁ ଆମେରିକାରେ ଫସିଛନ୍ତି ୪୨ ଛାତ୍ରୀଛାତ୍ର

ୱାଶିଂଟନ୍, ୨୮।୨

ହୋଟେଲ କର୍ତ୍ତୃପକ୍ଷ ଭୁଲବଶତଃ ଛାତ୍ରୀଛାତ୍ରଙ୍କ ପାସ୍‌ପୋର୍ଟ ଚିରିଦେବା ଯୋଗୁ ବ୍ରିଟେନର ୪୨ଜଣ ଆମେରିକାରେ ଫସି ରହିଛନ୍ତି। ବ୍ରିଟେନ୍‌ର ୱାଲସାଲସ୍ଥିତ ବାର୍‌ବିକୋନ୍ ସ୍କୁଲର ୪୨ ଜଣ ଛାତ୍ରୀଛାତ୍ର ସ୍କି ଟ୍ରିପ୍ ପାଇଁ ନ୍ୟୁ ହାମ୍ପଶିରେ ଆସିଥିଲେ। ସେମାନେ ରହୁଥିବା ହୋଟେଲର କର୍ତ୍ତୃପକ୍ଷ ଭୁଲବଶତଃ ପାସ୍‌ପୋର୍ଟ ଚିରିଦେବା କାରଣରୁ ସେମାନେ ବ୍ରିଟେନ୍ ଫେରିପାରି ନାହାନ୍ତି। ଶନିବାର ସେମାନଙ୍କ ରିଟର୍ନ ଫ୍ଲାଇଟ୍ ଥିଲା। ଆବଶ୍ୟକ ଦସ୍ତାବିଜ୍ ପାଇଁ ଛାତ୍ରୀଛାତ୍ରଙ୍କୁ ଆହୁରି ୪ ଦିନ ସେଠାରେ ରହିବାକୁ ପଡ଼ିବ। ତେବେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଫେରିବା ବନ୍ଦୋବସ୍ତ କରିବା ନେଇ ଅଭିଭାବକମାନଙ୍କୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଛନ୍ତି।

## ଏମ୍‌ପିରେ ବଢୁଛି ଶିଶୁ ଯୌନ ଉତ୍ପୀଡ଼ନକାରୀଙ୍କ ସଂଖ୍ୟା

### ୩୦,୦୦୦ଙ୍କୁ ଚିହ୍ନଟ କଲା ଆମେରିକୀୟ ଏଜେନ୍ସି



ଭୋପାଳ, ୨୮।୨

ଆମେରିକାର ନ୍ୟାଶନାଲ ସେଣ୍ଟର ଫର୍ ମିସିଙ୍ଗ୍ ଆଣ୍ଡ୍ ଏକ୍ସପ୍ଲୋଏଟେଡ୍ ଚିଲ୍‌ଡ୍ରେନ୍ (ଏନ୍‌ସିଏମ୍‌ଇସି) ଏଜେନ୍ସି ପକ୍ଷରୁ କରାଯାଇଥିବା ସର୍ଭେରେ ମଧ୍ୟପ୍ରଦେଶରୁ ୩୦,୦୦୦ ଶିଶୁ ଯୌନ ଉତ୍ପୀଡ଼ନକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନେ ଶିଶୁ ଯୌନ ଉତ୍ପୀଡ଼ନ ସାମଗ୍ରୀ (ସିଏସ୍‌ଏଏମ୍), ପର୍ନୋଗ୍ରାଫି ଏବଂ ଅନ୍‌ଲାଇନ୍ ଜରିଆରେ ଶିଶୁଙ୍କୁ ପ୍ରଲୋଭିତ କରିବା ଭଳି କାର୍ଯ୍ୟରେ ଲିପ୍ତ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏମାନଙ୍କ ମଧ୍ୟରୁ ୪,୦୦୦ ଜଣଙ୍କ ନାମତାଲିକା ୧୦ ଜିଲାକୁ ପଠାଯାଇଛି। ଇନ୍ଦୋରରେ ୨,୦୦୦ ମାମଲା, ଭୋପାଳରେ ୧୦୦୦ ଏବଂ ଏମ୍‌ପିର ଅନ୍ୟ ସହରରେ ୫୦୦ରୁ ୬୦୦ ମାମଲା ରହିଛି। କେନ୍ଦ୍ରୀୟ ଗୋଇନ୍ଦା ପକ୍ଷରୁ ହସ୍ତଗତ ଏନ୍‌ସିଏମ୍‌ଇସି ସାଇବର ଟିପ୍‌ଲାଇନ୍ ଡେଟା ଆଧାରରେ ଏମ୍‌ପି ପୋଲିସ ଅଭିଯୁକ୍ତଙ୍କ ଚିହ୍ନଟ କରିବା ସକାଶେ ବଡ଼ ଯୋଜନା ପ୍ରସ୍ତୁତ କରିଛି। ରାଜ୍ୟ ଗୃହ ବିଭାଗର ସୂଚନା ଅନୁସାରେ ଗିରଫ ନେଇ ଅଭିଯୁକ୍ତଙ୍କ ଏକ ନାମ ତାଲିକା ରାଜ୍ୟ ସାଇବର ସେଲ ହେଡ୍‌କ୍ୱାର୍ଟରରୁ ୧୦ ଜିଲାକୁ ପଠାସରିଛି। ସିଏସ୍‌ଏଏମ୍ ଅପ୍‌ଲୋଡ୍ ନେଇ ଏମ୍‌ପି ଶୀର୍ଷରେ ରହିଛି। ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ ହେଉଥିବା ପର୍ନୋଗ୍ରାଫିରେ ଏମ୍‌ପିର କୌଣସି ଝିଅଙ୍କର ସମ୍ପୃକ୍ତି ନ ଥିବା ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସିଏସ୍‌ଏଏମ୍ ଅଭିଯୋଗରେ ଗତବର୍ଷ ୫୦ ଜଣଙ୍କୁ ଗିରଫ କରାଯାଇଛି। ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କରିଥିବା ଦୋଷୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବା ନେଇ ଗତ ୨୦୧୭ରେ ଏମ୍‌ପି ସରକାର ବିଧାନସଭାରେ ନୂଆ ବିଧେୟ ପାସ୍ କରିଥିଲେ। ଆମେରିକୀୟ ଏଜେନ୍ସି ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (ଏନ୍‌ସିଆର୍‌ବି) ସହ ମିଳିତ ଭାବେ ଭାରତ 'ସାଇବର ଟିପ୍‌ଲାଇନ୍' ରିପୋର୍ଟ ନେଇ ୨୦୧୯ ଫେବୃୟାରୀ ୨୯ରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଯୌନ ଉତ୍ପୀଡ଼ନା ନେଇ ସନ୍ଦେହ ଉପୁଜିଲେ ଶିଶୁ ଏବଂ ସେମାନଙ୍କ ଅଭିଭାବକ ସାଇବର ଟିପ୍‌ଲାଇନ୍ ଜରିଆରେ ଅଭିଯୋଗ କରିପାରିବେ।

## ଉମେଶ ପାଲ୍ ହତ୍ୟା ପାଇଁ ଜେଲରୁ ହୋଇଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୨୮।୨

### ହଷ୍ଟେଲରେ ଏକାଠି ହୋଇଥିଲେ ଆକ୍ରମଣକାରୀ

୨୦୦୫ରେ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଥିବା ଉମେଶ ପାଲ୍‌ଙ୍କୁ ହତ୍ୟା କରିବା ପାଇଁ ଉତ୍ତରପ୍ରଦେଶର ବରେଲି ଜେଲରୁ ଯୋଜନା ପ୍ରସ୍ତୁତ ହୋଇଥିଲା। ମୁଖ୍ୟ ଷଡ଼ଯନ୍ତ୍ରକାରୀ ସଦାକତ୍ ଖାନ୍‌ଙ୍କ ହଷ୍ଟେଲରେ ଆକ୍ରମଣକାରୀମାନେ ଏକାଠି ହୋଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କୁଖ୍ୟାତ ଗ୍ୟାଙ୍ଗଷ୍ଟର ଆତିକ୍ ଅହମଦଙ୍କ ଭାଇ ଅଶ୍ରଫଙ୍କୁ ଆକ୍ରମଣକାରୀମାନେ ବରେଲି ଜେଲ୍‌ରେ ଭେଟିଥିଲେ। ଉମେଶ ପାଲ୍‌ଙ୍କୁ ହତ୍ୟା କରିବା ପାଇଁ ସାବରମତି ଜେଲ୍‌ରୁ ଆତିକ୍ ନିର୍ଦ୍ଦେଶ ଦେଇଥିଲେ ବୋଲି ପୋଲିସ କମିଶନର କହିଛନ୍ତି। ୟୁପି ପୋଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ସଦାକତ୍‌ଙ୍କୁ ପୂର୍ବରୁ ଗିରଫ କରିଥିଲା।

ସୂଚନାଯୋଗ୍ୟ, ପୂର୍ବତନ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶଙ୍କୁ ଗତ ସପ୍ତାହରେ ତାଙ୍କ ପ୍ରୟାଗରାଜ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ସୋମବାର ପୋଲିସ ଏନ୍‌କାଉଣ୍ଟରରେ ଉମେଶ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ନିହତ ହୋଇଥିଲେ। ରାଜୁ ଅହମଦାବାଦ(ପଶ୍ଚିମ) ଆସନରେ ଆତିକ୍ ଅହମଦଙ୍କ ସାନଭାଇ ଖଲିଦ ଆଜିମ୍‌ଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହେବାର କିଛିଦିନ ପରେ ତାଙ୍କୁ ହତ୍ୟା କରାଯାଇଥିଲା।




ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଥିବା ୪୦୦ ବିଲିୟନ୍ ଡଲାର ଷ୍ଟୁଡେଣ୍ଟ ଲୋନ୍ ଫରଗିଭ୍‌ନେସ୍ ପ୍ଲାନ୍‌ର ବୈଧତା ନେଇ ଶୁଣାଣି ଚାଲିଥିବାବେଳେ ୱାଶିଂଟନସ୍ଥିତ ସୁପ୍ରିମକୋର୍ଟ ବାହାରେ ମଙ୍ଗଳବାର ଏହି ଯୋଜନା ସପକ୍ଷରେ ଏକାଠି ହୋଇଛନ୍ତି ଛାତ୍ରୀଛାତ୍ର।

## ଶହୀଦଙ୍କ ବାପାଙ୍କୁ ମାଡ଼ ମାରି ଗିରଫ କଲା ପୋଲିସ

ପାଟନା, ୨୮।୨

୨୦୨୦ ଗଲୱାନ ଶହୀଦ ଯବାନ ଜୟ କିଶୋରଙ୍କ ବାପାଙ୍କୁ ସୋମବାର ରାତିରେ ପୋଲିସ ଗିରଫ କରିନେଇଛି। ସରକାରୀ ଜାଗାରେ ଯବାନଙ୍କ ସ୍ମାରକୀ ହୋଇଥିବାବେଳେ ଯବାନଙ୍କ ବାପା ରାଜ କପୁର ସିଂ ଉକ୍ତ ଜାଗାକୁ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଥିଲା। ୧୫ ଦିନ ମଧ୍ୟରେ ସ୍ମାରକୀକୁ ସ୍ଥାନାନ୍ତର କରିବା ନେଇ ପୋଲିସ କହିଥିଲା। କିନ୍ତୁ ସୋମବାର ରାତିରେ ରାଜ କପୁରଙ୍କୁ ପୋଲିସ ଜୋରଜବରଦସ୍ତ ଗିରଫ କରିନେଇଥିବା ତାଙ୍କ ଘରଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସ ତାଙ୍କୁ ମାଡ଼ ମାରିବା ସହ ଘୋଷାରି ଘୋଷାରି ନେଇଥିବା ତାଙ୍କ ସାନପୁଅ ନନ୍ଦ କିଶୋର ସିଂ କହିଛନ୍ତି। ଏ ନେଇ ଗ୍ରାମବାସୀ ପୋଲିସ ବିରୋଧରେ ଜୟ କିଶୋରଙ୍କ ସ୍ମାରକୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ ସରକାରୀ ଜମିରୁ ଜବରଦଖଲ ହଟାଇବା ପାଇଁ ବାରମ୍ବାର ରାଜକପୁରଙ୍କୁ କୁହାଯାଇଥିଲେ ସୁଦ୍ଧା ସେ ବେଆଇନ ନିର୍ମାଣ କରିଥିବା ଯୋଗୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ଅଫିସର ପୁନମ କେଶରୀ କହିଛନ୍ତି।

## ମାସକର ଶିଶୁକୁ ଝୁଣି ମାରିଦେଲେ କୁକୁର

ଜୟପୁର, ୨୮।୨

ରାଜସ୍ଥାନର ସିରୋହି ଜିଲାର ଏକ ହସ୍ପିଟାଲରେ ମାସକର ଶିଶୁକୁ ବୁଲା କୁକୁର ଘୋଷାଡ଼ି ନେଇ ଝୁଣି ମାରିଦେଇଛନ୍ତି। ଶିଶୁଟି ହସ୍ପିଟାଲର ଟିବି ୱାର୍ଡରେ ମାଆ ପାଖରେ ଶୋଇଥିଲା। ସୋମବାର ରାତିରେ ଏହି ଘଟଣା ଘଟିଛି। ଦୁଇଟି ବୁଲା କୁକୁର ଟିବି ୱାର୍ଡରେ ପଶୁଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ସେଥିରୁ ଗୋଟିଏ କୁକୁର ଶିଶୁଟିକୁ କାମୁଡ଼ି ଧରି ବାହାରକୁ ଆସିଥିଲା। ପୋଲିସ କହିବା ଅନୁଯାୟୀ ଶିଶୁଟିର ବାପା ମହେନ୍ଦ୍ର ମିନା ଟିବିରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ସ୍ତ୍ରୀ ପିଲାମାନଙ୍କ ସହ ସେଠାରେ ଥିଲେ। ମାଆ ଶୋଇପଡ଼ିଥିବାବେଳେ କୁକୁର ଶିଶୁଟିକୁ



ଉଠାଇ ନେଇଥିଲା। ସେହି ସମୟରେ ଟିବି ୱାର୍ଡରେ ହସ୍ପିଟାଲର କୌଣସି କର୍ମଚାରୀ ମଧ ନ ଥିଲେ। ମେଡିକାଲ ବୋର୍ଡ ଦ୍ୱାରା ଶିଶୁର ଶବ ବ୍ୟବଚ୍ଛେଦ କରାଯାଇଛି। ଅଧିକ ତଦନ୍ତ ପରେ ମାମଲା ରୁଜୁ ହେବ ବୋଲି ଏସ୍‌ଏଚ୍‌ଓ କହିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ମଧ ଶିଶୁ ମୃତ୍ୟୁ ଘଟଣାର ତଦନ୍ତ ଚଳାଇଛନ୍ତି।

### ହସ୍ପିଟାଲରେ ମାଆ ପାଖରେ ଶୋଇଥିଲା

ଅନ୍ୟପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ପୋଲିସ ଶିଶୁର ମାଆଙ୍କଠାରୁ ସାଦା କାଗଜରେ ଦସ୍ତଖତ ନେଇଥିବା ତାଙ୍କ ସ୍ୱାମୀ ମହେନ୍ଦ୍ର ଅଭିଯୋଗ କରିଛନ୍ତି। ମାଆବାପାଙ୍କୁ ନ ଜଣାଇ ଶିଶୁର ଶେଷକୃତ୍ୟ କରିଦିଆଯାଇଛି। ଏପରିକି ଶିଶୁର ମୁହଁ ମଧ ତାଙ୍କୁ ଦେଖିବାକୁ ଦିଆଯାଇ ନ ଥିବା ମହେନ୍ଦ୍ର କହିଛନ୍ତି। ହସ୍ପିଟାଲରୁ ଶିଶୁଟିକୁ ବୁଲା କୁକୁର ନେଇଯାଇ ମାରିଦେବା ଘଟଣାକୁ ଭାଜପା ଜିଲା ସଭାପତି ନାରାୟଣ ପୁରୋହିତ ନିନ୍ଦା କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ଦାୟୀ କରିଛନ୍ତି।

## ସ୍ୱାମୀଙ୍କ ସହମତିରେ ନଣନ୍ଦଙ୍କୁ ବିବାହ କରିଥିଲେ ଭାଉଜ

ପାଟନା, ୨୮।୨

ବିହାର ସମସ୍ତିପୁର ଜିଲାର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହମତି କ୍ରମେ ନଣନ୍ଦଙ୍କୁ ବିବାହ କରିଥିଲେ। ଉକ୍ତ ଯୁବତୀଙ୍କୁ ତାଙ୍କ ବଡ଼ ଭଉଣୀ ଅପହରଣ କରିନେଇଥିବା ଭାଉଜ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏହି ମାମଲାର ତଦନ୍ତ ଦାୟିତ୍ୱ ଜଣେ ମହିଳା ଥାନା ଅଧିକାରୀଙ୍କୁ ଦିଆଯାଇଛି।

ପୋଲିସ କହିବା ଅନୁଯାୟୀ ମହିଳା ଜଣଙ୍କ ବିବାହିତା ଓ ତାଙ୍କର ଦୁଇଟି ସନ୍ତାନ ରହିଛି। ଛାଡ଼ପତ୍ର ହୋଇସାରିଥିଲେ କିମ୍ବା ଅବିବାହିତ ଥିଲେ ସମଲିଙ୍ଗୀ ବିବାହ ପାଇଁ ନିଷ୍ପତ୍ତି ନେଇପାରିବେ ବୋଲି ପୋଲିସ କହିଛି। ନଣନ୍ଦ ନାବାଳିକା ଥିବାରୁ ଏହା ଏକ ବିବାଦୀୟ ପ୍ରସଙ୍ଗ ବୋଲି ରୋସେରା ଥାନାର ଭାରପ୍ରାପ୍ତ ଅଧିକାରୀ କ୍ରିଷ୍ଣ ପ୍ରସାଦ



କହିଛନ୍ତି। ମହିଳାଙ୍କ ସହ ତାଙ୍କ ସ୍ୱାମୀ, ଦୁଇ ପିଲା ଓ ନାବାଳିକା ନଣନ୍ଦ ଏକ ଭଡ଼ାଘରେ ରହୁଥିଲେ। ଗତ ଶୁକ୍ରବାର ମହିଳାଙ୍କ ବଡ଼ ନଣନ୍ଦ ୧୦-୧୫ ଜଣ ଲୋକଙ୍କୁ ସାଙ୍ଗରେ ଆଣି ଉକ୍ତ ଭଡ଼ାଘରେ ପହଞ୍ଚି ନାବାଳିକା ଝିଅକୁ ନେଇଯିବାରୁ ଘଟଣାର ମୋଡ଼ ବଦଳିଯାଇଛି। ଏହି ଘଟଣା ପରେ ମହିଳା ଜଣକ ତାଙ୍କ ସ୍ୱାମୀ ଓ ପିଲାମାନଙ୍କ ସହ ଥାନାରେ ପହଞ୍ଚି ଅପହୃତ ସାନ ନଣନ୍ଦକୁ ଫେରାଇ ଆଣିବା ଲାଗି ଦାବି କରିଛନ୍ତି।

### ବଡ଼ ଭଉଣୀ ଅପହରଣ କରିଥିବା ଅଭିଯୋଗ

ମହିଳାଙ୍କ କହିବା ଅନୁଯାୟୀ ସେ ୫/୬ ମାସ ହେଲା ସାନ ନଣନ୍ଦଙ୍କୁ ବିବାହ କରିଥିଲେ। ସେମାନଙ୍କ ସମ୍ପର୍କ ବିଷୟରେ ସ୍ୱାମୀ ସବୁ ଜାଣିଥିଲେ ମଧ କୌଣସି ପ୍ରତିବାଦ କରୁ ନ ଥିଲେ। ସେ ନଣନ୍ଦଙ୍କୁ ଖୁବ୍ ଭଲ ପାଉଥିବା ଓ ତାଙ୍କ ବିନା ବଞ୍ଚିପାରିବେ ନାହିଁ ବୋଲି ମହିଳା ଜଣଙ୍କ ପୋଲିସକୁ କହିଛନ୍ତି। ଅପହରଣ ଘଟଣାରେ ମ୍ରିୟମାଣ ମହିଳା ଗତ ରବିବାର ଏକ ମନ୍ଦିର କାନ୍ଥରେ ମୁଣ୍ଡ ପିଟି ଆହତ ହୋଇଥିବାରୁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସ୍ତ୍ରୀଙ୍କ ଖୁସିକୁ ସେ ସମର୍ଥନ କରନ୍ତି ବୋଲି ସ୍ୱାମୀ ଜଣକ ଗଣମାଧ୍ୟମକୁ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧/୨୦୨୩ | Bhubaneswar, Wednesday, March 1/2023 | ପୃଷ୍ଠା-୧




**କର୍ତ୍ତବ୍ୟରୁ ଓହରିପାରିବେନି ସାମ୍ବିଧାନିକ କର୍ତ୍ତୃପକ୍ଷ**

ସାମ୍ବିଧାନିକ କର୍ତ୍ତୃପକ୍ଷ ନିଜ କର୍ତ୍ତବ୍ୟ ପାଳନରୁ ଓହରିପାରିବେ ନାହିଁ ବୋଲି ପଞ୍ଜାବ ସରକାର-ରାଜ୍ୟପାଳ ବନ୍‌ୱାରିଲାଲ୍ ପୁରୋହିତ ବିବାଦ ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି।

୦୨

୦୬

**ୱାଗନରଙ୍କ ପ୍ରଭାବୀ ବୋଲିଂ**

ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ବୋଲିଂ ସହ ୪ ଉଇକେଟ ଅକ୍ତିଆର କରିଛନ୍ତି ନ୍ୟୁଜିଲାଣ୍ଡର ନୀଲ୍ ୱାଗନର୍।



# ବାଣ ଗୋଦାମରେ ବିସ୍ଫୋରଣ: ୨ ମୃତ



ବିସ୍ଫୋରଣରେ ପୋଡ଼ିଯାଇଥିବା ଗୋଦାମ ଗୃହ।

**ଜଗତ୍‌ସିଂହପୁର ଅଫିସ/ବାଲିକୁଦା (ସ୍ୱ.ପ୍ର.), ୨୮।୨**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁରସ୍ଥିତ ମାଧୁରୀବଜାରରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଯୋଗୁ ୨ ଜଣଙ୍କ ମୃତ୍ୟୁ ଘଟିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଇଚ୍ଛାପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ବୁଲୁ ଦାସ (୪୫) ଓ ବଡ଼ାଘର ଗ୍ରାମର ଦିଲୀପ ମହାନ୍ତି (୪୭)। ବୁଲୁଙ୍କ ଗୋଟିଏ ଗୋଡ ଛିଣ୍ଡି ଅନ୍ୟତ୍ର ପଡ଼ିଥିବା ବେଳେ ମୃତଦେହ ନିକଟସ୍ଥ ପୋଖରୀରୁ ମିଳିଛି। ସେହିପରି ଦିଲୀପଙ୍କ ଗୋଟିଏ ହାତ ଛିଣ୍ଡିଯିବା ସହ ଦୁର୍ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗୁରୁତରଙ୍କ ମଧ୍ୟରୁ ଗୋଦାମ ମାଲିକ ତଥା ବଡ଼ାଘର ଗ୍ରାମର ସୁଶାନ୍ତ ପୃଷ୍ଟି (୪୫)ଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଦିନବନ୍ଧୁ ଦାସ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଅଶୋକ କୁମାର ଶତପଥୀ କହିଛନ୍ତି, ମଧ୍ୟାହ୍ନ ପ୍ରାୟ ୧୨ଟା ୪୫ରେ ବାଣ ଗୋଦାମରେ ବିସ୍ଫୋରଣ ହୋଇଥିବା ଖବର ମିଳିଥିଲା। ☞ପୃଷ୍ଠା-୨





ମୃତ ବୁଲୁ ଦାସ, ଦିଲୀପ ମହାନ୍ତି।

# ସିସୋଡିଆ, ସତ୍ୟେନ୍ଦ୍ରଙ୍କ ଇସ୍ତଫା

- **ଦିଲ୍ଲୀ କ୍ୟାବିନେଟ୍‌ରେ ୫ ମନ୍ତ୍ରୀ ରହିଲେ**
- **ଖୁବ୍‌ଶୀଘ୍ର ସମ୍ପ୍ରସାରଣ ହୋଇପାରେ**

**ନୂଆଦିଲ୍ଲୀ,୨୮।୨**

୨୦୨୧-୨୨ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ୫ ଦିନିଆ ହାଜତରେ ଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେହିପରି ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ୧୦ ମାସ ହେଲା ତିହାର ଜେଲରେ ଥିବା ତାଙ୍କ କ୍ୟାବିନେଟ ସହଯୋଗୀ ସତ୍ୟେନ୍ଦ୍ର ଜୈନ ମଧ୍ୟ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଉଭୟଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଏବେ କେଜ୍‌ରିୱାଲଙ୍କୁ ମିଶାଇ ୫ ଜଣ ମନ୍ତ୍ରୀ ତାଙ୍କ କ୍ୟାବିନେଟରେ ଅଛନ୍ତି। ତେଣୁ କେଜ୍‌ରିୱାଲ ଖୁବ୍ ଶୀଘ୍ର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟକଙ୍କୁ ନେଇ କ୍ୟାବିନେଟ ସମ୍ପ୍ରସାରଣ କରିପାରନ୍ତି। ସିସୋଡିଆଙ୍କ ବିଭାଗ ନୂଆ ସଦସ୍ୟଙ୍କୁ ବଣ୍ଟନ କରାଯାଇପାରେ। ସତ୍ୟେନ୍ଦ୍ର ଜେଲ ଯିବା ପରଠୁ ସିସୋଡିଆ ତାଙ୍କ ସ୍ୱାସ୍ଥ୍ୟ ବିଭାଗ ସମେତ ମୋଟ ୧୮ଟି ବିଭାଗ କଥା ବୁଝୁଥିଲେ। ଏଏପିର ଗିରଫ ନେତାମାନେ ଏ ଯାଏ କାହିଁକି ଇସ୍ତଫା ଦେଇନାହାନ୍ତି ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଥିବାବେଳେ କେଜ୍‌ରିୱାଲଙ୍କ ଦୁଇମନ୍ତ୍ରୀ ନିଜ ପଦ ଛାଡ଼ିଛନ୍ତି।

ଅନ୍ୟପକ୍ଷେ ନିଜ ଇସ୍ତଫାପତ୍ରରେ ସିସୋଡିଆ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇଥିବା ବିଷୟ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, କେଜ୍‌ରିୱାଲଙ୍କ ସତ୍ୟର ରାଜନୀତିକୁ ଭୟ କରୁଥିବା ଲୋକେ ତାଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ଅନେକ ଏଫ୍‌ଆଇଆର୍ କରାଯାଇଥିବାବେଳେ ଆଗକୁ ମଧ୍ୟ ଆହୁରି ମାମଲା ରୁଜୁ କରାଯିବା ଆଶଙ୍କା ରହିଛି। କେଜ୍‌ରିୱାଲଙ୍କଠାରୁ ତାଙ୍କୁ ଅଲଗା କରିବା ପାଇଁ ☞ପୃଷ୍ଠା-୨



ମନୀଷ ସିସୋଡିଆ



ସତ୍ୟେନ୍ଦ୍ର ଜୈନ

## ସୁପ୍ରିମକୋର୍ଟରେ ଜାମିନ ମିଳିଲାନି, ହାଇକୋର୍ଟ ଯିବେ ସିସୋଡିଆ

**ନୂଆଦିଲ୍ଲୀ,୨୮।୨**

ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ସୁପ୍ରିମକୋର୍ଟରେ ଜାମିନ ଆବେଦନ କରି ନିରାଶ ହୋଇଛନ୍ତି। ସିବିଆଇ ରବିବାର ସିସୋଡିଆଙ୍କୁ ୮ ଘଣ୍ଟା ଜେରା ପରେ ଗିରଫ କରିଥିଲା। ସୋମବାର ରାଉଜ୍ ଆଭିନ୍ୟୁ କୋର୍ଟ ତାଙ୍କୁ ୫ ଦିନିଆ ସିବିଆଇ ହାଜତକୁ ପଠାଇଦେଇଥିଲେ। ସେ ଏହି ଗିରଫଦାରିକୁ ଚ୍ୟାଲେଞ୍ଜ କରି ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସର୍ବୋଚ୍ଚ ଅଦାଲତ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି।

ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି, ଏଭଳି ମାମଲାରେ ଆମେ ମୂଳରୁ ହସ୍ତକ୍ଷେପ କରିବାକୁ ଚାହୁଁନାହୁଁ। ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁସାରେ ସିସୋଡିଆ ଏକ ଏଫ୍‌ଆଇଆର୍ ଏବଂ ରିମାଣ୍ଡକୁ ଚ୍ୟାଲେଞ୍ଜ କରି ଜାମିନ ଆବେଦନ କରିଛନ୍ତି। ସିଆର୍‌ପିସି ଧାରା ୪୮୨ ଅଧୀନରେ ଏହି ସବୁ ସୁବିଧା ହାଇକୋର୍ଟରେ ଉପଲବ୍ଧ। ତେଣୁ ସିସୋଡିଆ ହାଇକୋର୍ଟରେ ନିଜ ପକ୍ଷ ରଖିପାରନ୍ତି। ସିଧାସଳଖ ସୁପ୍ରିମକୋର୍ଟକୁ ଆସିବା ଅନୁଚିତ ବୋଲି ତାଙ୍କ ଓକିଲ ଅଭିଷେକ ମନୁ ସିଂଘଭିଙ୍କୁ ଖଣ୍ଡପୀଠ କହିଥିଲେ। ଏହି ଅବସରରେ ସିଂଘଭି ଯୁକ୍ତି ବାଢ଼ିଥିଲେ ଯେ ତାଙ୍କ ମହକିଲ ସିସୋଡିଆ ତଦନ୍ତରେ ସିବିଆଇକୁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ତେଣୁ ତାଙ୍କୁ ଜାମିନ ପ୍ରଦାନ କରାଯାଇପାରେ। ସେହିପରି ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀ ଓ ବିନୋଦ ଦୁଆଙ୍କୁ ଅନୁଚ୍ଛେଦ ୩୨ ବଳରେ ଜାମିନ ପ୍ରଦାନ କରାଯାଇଥିବା ବିଷୟ ମଧ୍ୟ ସିଂଘଭି ଅବତାରଣା କରିଥିଲେ। ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, ଅର୍ଣ୍ଣବଙ୍କ ମାମଲା ହାଇକୋର୍ଟ ପରେ ସୁପ୍ରିମକୋର୍ଟକୁ ଆସିଥିଲା। ବିନୋଦ ଦୁଆ ଜଣେ ସାମ୍ବାଦିକ ଥିଲେ, ଯିଏକି ସରକାରଙ୍କୁ ସମାଲୋଚନା କରି ☞ପୃଷ୍ଠା-୨

# ଦିଲ୍ଲୀ, ଲକ୍ଷ୍ନୌରୁ ଆସୁଛି ନକଲି ମେଡିସିନ

### ମାମଲା ରୁଜୁ, ଡିଷ୍ଟ୍ରିବ୍ୟୁଟର କୋର୍ଟ ଚାଲାଣ

**କଟକ ଅଫିସ,୨୮।୨**

ପୁରୀଘାଟ ଥାନା ଅଧୀନ ଟାଉନହଲ୍ ରୋଡ୍‌ସ୍ଥିତ ଶ୍ରୀ ଡିଷ୍ଟ୍ରିବ୍ୟୁଟର ନାମକ ଏକ ଗୋଦାମରେ ସୋମବାର ଡ୍ରଗ୍ସ କଣ୍ଟ୍ରୋଲ ଅଧିକାରୀମାନେ ଚଢ଼ାଉ କରି ପର୍ଯ୍ୟାପ୍ତ ପରିମାଣର ନକଲି ଓ-୨ ମେଡିସିନ ଜବତ କରିଥିଲେ। ଏହି କାରବାର ସହ ଜଡ଼ିତ ଡିଷ୍ଟ୍ରିବ୍ୟୁଟର ବିଜୟ ଅଗ୍ରୱାଲଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୪୫/୨୩) ରୁଜୁ ହୋଇଛି। ତେବେ ଏହି ନକଲି ମେଡିସିନ ଦିଲ୍ଲୀ ଓ ଲକ୍ଷ୍ନୌରୁ ଆସୁଥିବା ନେଇ ପୋଲିସ୍‌କୁ ପ୍ରମାଣ ମିଳିଛି।

ସୂଚନା ଅନୁସାରେ, ପେଟରୋଗର ଆରୋଗ୍ୟ ପାଇଁ ବ୍ୟବହାର ହେଉଥିବା ଓ-୨ ମେଡିସିନ୍‌ର ନକଲି ବ୍ରାଣ୍ଡ ଦାମୀ ମେଡ୍‌ଲେ କମ୍ପାନୀର ଖୋଳରେ ଭର୍ତ୍ତି କରାଯାଇ ବିକ୍ରି ହେଉଥିବା ନେଇ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ଅଧିକାରୀମାନେ ବଜାରରେ ବିକ୍ରି ହେଉଥିବା ଉକ୍ତ ମେଡିସିନ୍‌ର ନମୁନା ସଂଗ୍ରହ କରିଥିଲେ। ଦାମୀଖୋଳରେ ବିକ୍ରି ହେଉଥିବା ଓ-୨ ମେଡିସିନ୍ ଅସଲି କମ୍ପାନୀର ନୁହଁ ବୋଲି ସମ୍ପୃକ୍ତ କମ୍ପାନୀ ପକ୍ଷରୁ କୁହାଯିବା ପରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଖୋଳତାଡ଼ ☞ପୃଷ୍ଠା-୨



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମଙ୍ଗଳବାର ଅବସର ନେଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ।

# ୧୪୫ ବର୍ଷରେ ସବୁଠୁ ଉତ୍ତପ୍ତ ଫେବୃୟାରୀ

**ନୂଆଦିଲ୍ଲୀ, ୨୮।୨(ପି.ଟି.)**

ଦୀର୍ଘ ୧୪୫ ବର୍ଷ ମଧ୍ୟରେ ଭାରତରେ ଚଳିତ ଫେବୃୟାରୀ ସବୁଠୁ ଉତ୍ତପ୍ତ ସାବ୍ୟସ୍ତ ହୋଇଛି। ଏହି ମାସରେ ସର୍ବାଧିକ ହାରାହାରି ତାପମାତ୍ରା ୨୯.୫୪ ପ୍ରତିଶତ ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ୧୮୭୭ରୁ କୌଣସି ଫେବୃୟାରୀରେ ଏତେ ଉତ୍ତାପ ଅନୁଭୂତ ହୋଇ ନ ଥିଲା। ବିଶ୍ୱ ତାପନ ପ୍ରଭାବରୁ ଭାରତରେ ତାପମାତ୍ରା ବଢୁଛି। ଦେଶର ଅଧିକାଂଶ ଭାଗରେ ସ୍ୱାଭାବିକଠାରୁ ଅଧିକ ଉତ୍ତାପ ଅନୁଭୂତ ହୋଇଛି। ତେବେ ଦାକ୍ଷିଣାତ୍ୟ ଉପଦ୍ୱୀପ ଏବଂ ମହାରାଷ୍ଟ୍ରର କେତେକ ଅଞ୍ଚଳ ଏଥିରୁ ବାଦ୍ ପଡ଼ିଥିବା ଆଇଏମ୍‌ଡି କହିଛି। ମାର୍ଚ୍ଚରେ ତାପମାତ୍ରା ବଢ଼ିବାର କିଛିଟା ସମ୍ଭାବନା ରହିଥିବାବେଳେ ଏପ୍ରିଲ ଓ ମେ'ରେ ଦେଶର ଅଧିକାଂଶ ଭାଗ ପ୍ରଚଣ୍ଡ ଗ୍ରୀଷ୍ମ ଲହରିର ସାମ୍ନା କରିବ ବୋଲି ଆଇଏମ୍‌ଡିର ହାଇଡ୍ରୋମେଟ୍ ଓ ଆଗ୍ରୋମେଟ୍ ଆଡଭାଇଜରି ସର୍ଭିସ ମୁଖ୍ୟ ଏସ୍.ସି. ଭାନ୍ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସମଗ୍ର ପୃଥିବୀ ଏବେ ବିଶ୍ୱ ତାପନ ଯୁଗର ସାମ୍ନା କରୁଛି। ମାର୍ଚ୍ଚରେ ଦେଶରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ରହିପାରେ ବୋଲି ଭାନ୍ କହିଛନ୍ତି। ଉତ୍ତର-ପଶ୍ଚିମ, ପଶ୍ଚିମ-କେନ୍ଦ୍ରୀୟ ଅଞ୍ଚଳ ଏବଂ ପୂର୍ବ ଓ ଉତ୍ତରପୂର୍ବ ଭାରତର କେତେକ ଅଂଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ସେହିପରି ପୂର୍ବ-କେନ୍ଦ୍ରୀୟ ଭାରତ, ଦାକ୍ଷିଣାତ୍ୟ ଉପଦ୍ୱୀପ, ଉତ୍ତରପୂର୍ବାଞ୍ଚଳର କେତେକ ଭାଗରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇପାରେ।

# ଆଜିଠୁ ଯୁକ୍ତ୨ ପରୀକ୍ଷା

- **୧,୧୪୫ କେନ୍ଦ୍ରରେ ପରୀକ୍ଷା ଦେବେ ୩,୫୭,୯୪୨ ପିଲା**
- **କେନ୍ଦ୍ରକୁ ମୋବାଇଲ, ବୈଦ୍ୟୁତିକ ଉପକରଣ ମନା**

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପୂର୍ବାହ୍ନ ୯ଟା ୩୦ ସୁଦ୍ଧା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ୧୦ଟାରେ ପରୀକ୍ଷା ଆରମ୍ଭ ହେବ। ୩୦ମିନିଟ ପୂର୍ବରୁ ଛାତ୍ରୀଛାତ୍ରମାନେ ହଲ୍‌ରେ ବସିବେ। ପୂର୍ବାହ୍ନ ୧୦ଟାରେ ପ୍ରଶ୍ନପତ୍ର ବଣ୍ଟାଯିବ। ୧୫ ମିନିଟ୍ ମଧ୍ୟରେ ବଳକା ପ୍ରଶ୍ନପତ୍ର ସିଲ୍ କରାଯିବ। ୧୦ଟା ୩୦ ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ଅନୁମତି ମିଳିବ ନାହିଁ। ଉତ୍ତରଖାତାର ବଳକା ଫର୍ଦ୍ଦରେ କ୍ରସ୍ ମାର୍କ କରିବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଏଥର ୧,୧୪୫ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ୪୪୫ଟି ଉଚ୍ଚ ☞ପୃଷ୍ଠା-୨

## ସୋସିଆଲ ମିଡିଆରେ ନକଲି ପ୍ରଶ୍ନପତ୍ର

- **ଅପ୍‌ଲୋଡ୍ ନ କରିବାକୁ ସିଏଚ୍‌ଏସ୍‌ଇର ପରାମର୍ଶ**

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ପ୍ରଶ୍ନପତ୍ର ନକଲି ବୋଲି ସିଏଚ୍‌ଏସ୍‌ଇ କହିଛି। ଏ ନେଇ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ସିଏଚ୍‌ଏସ୍‌ଇ ସଚେତନ କରାଇବା ସହିତ ନକଲି ପ୍ରଶ୍ନପତ୍ରକୁ ଅପ୍‌ଲୋଡ୍ ନ କରିବାକୁ ପରାମର୍ଶ ଦେଇଛି। ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରିବା ପାଇଁ କେତେଜଣ ଅସାଧୁ ବ୍ୟକ୍ତି ଏପରି କରୁଛନ୍ତି। ଅସାଧୁ ବ୍ୟକ୍ତିଙ୍କ ବିରୋଧରେ ସାଇବର ଥାନାର ଆଶ୍ରୟ ନିଆଯିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି।

# ରକ୍ତ ନମୁନାରୁ ଚିହ୍ନଟ ହେବ କ୍ୟାନ୍‌ସର ସେଲ୍

## ୨୦୨୫ ବେଳକୁ ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧୨.୮% ବୃଦ୍ଧି ପାଇବା ଆଶଙ୍କା

**ୱାଶିଂଟନ୍, ୨୮।୨**

କ୍ୟାନ୍‌ସର ଏବେ ପ୍ରତ୍ୟେକ ବୟସ ବର୍ଗଙ୍କଠାରେ ଦେଖିବାକୁ ମିଳୁଛି। ଦ୍ରୁତବେଗରେ ମନୁଷ୍ୟ ଶରୀରକୁ ଗ୍ରାସ କରୁଥିବା ଏହି ରୋଗ ଚିହ୍ନଟ ଏବେ ଆହୁରି ସହଜ ହୋଇଛି। ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ବା ଯନ୍ତ୍ର ଉଦ୍ଭାବନ କରିଛନ୍ତି, ଯାହାଦ୍ୱାରା ରୋଗୀ ଶରୀରରେ କର୍କଟ ସେଲ୍ ବିକଶିତ ହେଉଛି କି ନାହିଁ ତାହା ସହଜରେ ଜଣାପଡ଼ିବ। 'ଷ୍ଟାଟିକ୍ ଡ୍ରପଲେଟ୍ ମାଇକ୍ରୋଫ୍ଲୁଇଡିକ୍' ଡିଭାଇସ୍ ରକ୍ତ ନମୁନାରୁ କ୍ୟାନ୍‌ସର ସେଲ୍‌କୁ ଚିହ୍ନଟ କରିପାରିବ। ଡିଭାଇସ୍ ସମ୍ପର୍କିତ ସବିଶେଷ ତଥ୍ୟ ବାୟୋସେନ୍ସର୍ସ ଆଣ୍ଡ ବାୟୋଇଲେକ୍ଟ୍ରୋନିକ୍ସ ସାଇନ୍ସ ଜର୍ନାଲରେ ପ୍ରଦାନ କରାଯାଇଛି।

ଷ୍ଟାଟିକ୍ ଡ୍ରପଲେଟ୍ ମାଇକ୍ରୋଫ୍ଲୁଇଡିକ୍ ଡିଭାଇସ୍ ରୋଗୀ ଶରୀରରେ ସର୍କୁଲେଟିଂ ଟ୍ୟୁମର ସେଲ୍‌ସ (ସିଟିସି)କୁ ଚିହ୍ନଟ କରିଥାଏ। କ୍ୟାନ୍‌ସରର ମୂଳ ରୂପ ଟ୍ୟୁମର। ଟ୍ୟୁମରରୁ କ୍ୟାନ୍‌ସର ସେଲ ବିକଶିତ ହୋଇ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିଥାଏ। ରୋଗୀର ରକ୍ତ ନମୁନାରୁ ଏହି ଡିଭାଇସ୍ କୋଲୋରେକ୍ଟାଲ, ଯକୃତ ଏବଂ ବ୍ଲାଡର କ୍ୟାନ୍‌ସର ଚିହ୍ନଟ କରିପାରିବ ବୋଲି ବିଶେଷଜ୍ଞ କହିଛନ୍ତି। ଡିଭାଇସ୍ ବ୍ୟବହାର ଦ୍ୱାରା କ୍ୟାନ୍‌ସର ରୋଗ ଚିହ୍ନଟ ପାଇଁ କରାଯାଇଥିବା ବାୟୋପ୍ସି ପୀଡ଼ାରୁ ରୋଗୀଙ୍କୁ ମୁକ୍ତ କରାଯାଇପାରିବ। ସେହିପରି କ୍ୟାନ୍‌ସର ଚିହ୍ନଟ ପାଇଁ ଫିଜିକାଲ ଏକ୍‌ଜାମିନେଶନ୍, ଲାବ୍ ଟେଷ୍ଟ ଓ ଇମେଜିଂ ଟେଷ୍ଟ ମଧ୍ୟ କରାଯାଉଛି। ଏହି ପରୀକ୍ଷା ସବୁ ବ୍ୟୟବହୁଳ।

ଆମେରିକୀୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ମୋଟ ୧୪,୬୧,୪୨୭ କର୍କଟ ରୋଗୀ ଚିହ୍ନଟ ହୋଇଥିଲେ। ପ୍ରକାଶିତ ରିପୋର୍ଟ ମୁତାବକ ପ୍ରତି ୯ ଜଣଙ୍କ ମଧ୍ୟରୁ ଜଣେ ଏହି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଦେଶରେ ଉଭୟ ପୁରୁଷ ଓ ମହିଳା ଅଧିକମାତ୍ରାରେ ଫୁସ୍‌ଫୁସ୍ ଏବଂ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଜନ୍ମିତ ଶିଶୁଙ୍କଠୁ ଆରମ୍ଭ କରି ୧୪ ବର୍ଷର ପିଲାଙ୍କ କ୍ଷେତ୍ରରେ ଲିମ୍ଫୋଇଡ୍ ଲ୍ୟୁକେମିଆ ଦେଖିବାକୁ ମିଳୁଛି। ୨୦୨୦ ତୁଳନାରେ ୨୦୨୫ ବେଳକୁ ଦେଶରେ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ୧୨.୮% ବୃଦ୍ଧି ପାଇବା ଆଶଙ୍କା ଥିବା ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି।



# ଜିଡିପି ଅଭିବୃଦ୍ଧି ୪.୪%କୁ ହ୍ରାସ

**ନୂଆଦିଲ୍ଲୀ, ୨୮।୨**

ଭାରତର ଆର୍ଥିକ ଅଭିବୃଦ୍ଧି କ୍ରମାଗତ ଦ୍ୱିତୀୟ ତ୍ରୈମାସିକରେ ହ୍ରାସ ପାଇଛି। ଚାହିଦା ହ୍ରାସ ଏବଂ ଉଚ୍ଚ ମୁଦ୍ରାସ୍ଫୀତି କାରଣରୁ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୪.୪ ପ୍ରତିଶତକୁ ଖସିଆସିଥିବା ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଉତ୍ପାଦନ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ ଏବଂ ଋଣ ବ୍ୟୟ ବଢୁଥିବାରୁ ଚାହିଦା ହ୍ରାସ ପାଇଛି। ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସିକରେ ଅଭିବୃଦ୍ଧି ୬.୩ ପ୍ରତିଶତ ରହିଥିଲା। ଗତ ମାସରେ ପ୍ରକାଶିତ ପ୍ରଥମ ଜିଡିପି ଆଗୁଆ ଆକଳନ ଅନୁଯାୟୀ ୨୦୨୨-୨୩ ବର୍ଷରେ ଅଭିବୃଦ୍ଧି ୭ ପ୍ରତିଶତ ରହିବ ବୋଲି କୁହାଯାଇଥିଲା। ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତି ଅଭିଯୋଗ ଆସିବା ପୂର୍ବରୁ ☞ପୃଷ୍ଠା-୨

# ତଦନ୍ତରେ ବଳ ଲଗାଇଥିଲେ ଭଲ ହୋଇଥାଆନ୍ତା: ଜୟନାରାୟଣ

## ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ୨ଥର ଗୃହ ମୁଲତବୀ

- ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକ ବୁଝାଇବାରୁ ବୁଝିଗଲେ
- ଥରେ ଆଲୋଚନା ହେଲେ ଗୋଟେ ବିଷୟରେ ଆଉ ଆଲୋଚନା ହୁଏନି: ପୂଜାରୀ
- ବିଜୁ ଯୁବବାହିନୀ ଯୁବକଙ୍କୁ କିକ୍ ମାରିଦେଲେ: ସାଲୁଜା

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ବିଧାନସଭାରେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରଥମେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଭାଗନେଇ କହିଥିଲେ, ନବ ଦାସ ହତ୍ୟାକାଣ୍ଡକୁ ମାସେ ପୂରିଲାଣି। ବର୍ତ୍ତମାନ ପର୍ଯ୍ୟନ୍ତ ଏ ଷଡ଼ଯନ୍ତ୍ର ପଛର ରହସ୍ୟ ଜଣାପଡ଼ିଲାନାହିଁ। ଏହାର ପ୍ରତିବାଦ କରିବାକୁ ଯୁବମୋର୍ଚ୍ଚା ବିଧାନସଭା ଅଭିମୁଖେ ଆସୁଥିଲା। ହେଲେ ସେମାନଙ୍କୁ ପୋଲିସ ଗୋଡ଼େଇ ଗୋଡ଼େଇ ପିଟିଲା। ପୋଲିସର ଏଭଳି ଆକ୍ରମଣରେ କାହାର ଗୋଡ଼ ଭାଙ୍ଗିଛି ତ କାହାର ମୁଣ୍ଡ ଫାଟିଛି। ପୋଲିସ ଆନ୍ଦୋଳନକୁ ପ୍ରତିହତ କରିବାକୁ ଯେଉଁ ବଳ ଲଗାଇଛି ତାହା ତଦନ୍ତରେ ଲଗାଇଥିଲେ ଭଲ ହୋଇଥାଆନ୍ତା। ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ପୋଲିସ ଗୋଇଠା ମାରିବା କେତେ ଗ୍ରହଣୀୟ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଏଭଳି ଆଚରଣକୁ ନିନ୍ଦା କରାଯିବା ଉଚିତ। ବିଧାନସଭା ପ୍ରଶ୍ନ ଉତ୍ତରରୁ ଜଣାପଡ଼ିଛି ଚୋରି, ହତ୍ୟା ଏବଂ ବଳାତ୍କାର ରାଜ୍ୟରେ ବଢ଼ିଚାଲିଛି। ରାଜ୍ୟରେ ନେତା, ମନ୍ତ୍ରୀ ଅସୁରକ୍ଷିତ। ଯୁବମୋର୍ଚ୍ଚା ଏହାର ପ୍ରତିବାଦ କରୁଥିଲା ହେଲେ ପୋଲିସ୍ ପକ୍ଷରୁ ଆକ୍ରମଣ କରାଗଲା। ଜୟନାରାୟଣଙ୍କ ଏଭଳି ମନ୍ତବ୍ୟ ନ ସରୁଣୁ ଭାଜପା ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ସମୟରେ ବିରୋଧୀ ଦଳ ନେତା ତାଙ୍କ ଆସନ ପାଖରେ ଠିଆହୋଇଥିଲେ। ବାଚସ୍ପତି ବିରୋଧୀ ସଦସ୍ୟଙ୍କୁ ଆସନ ଗ୍ରହଣ କରିବାକୁ କହିବା ସହିତ ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ ବଜେଟ ଉପରେ ବକ୍ତବ୍ୟ ରଖିବାକୁ କହିଥିଲେ। ଏହାପରେ ବାଚସ୍ପତି ଶାସକ ଦଳ ନେତା ଦେବୀପ୍ରସାଦ ମିଶ୍ରଙ୍କୁ କହିବାକୁ କହିଥିଲେ। ସେ କହିଥିଲେ, ପୋଲିସ ଉପରେ ଭାଜପା କର୍ମୀମାନେ କିପରି ଆକ୍ରମଣ କରୁଥିଲେ ତାହା ସେ ଖାଇବାକୁ ଯିବା ସମୟରେ ଟେଲିଭିଜନ ଜରିଆରେ ଦେଖିଥିଲେ। ଟେଲିଭିଜନରେ ଦେଖାଉଥିଲା ଭାଜପା କର୍ମୀ କଳା ଢେଲା ମାଡ଼ କରୁଥିବା ଦୃଶ୍ୟ। ଏହାକୁ ବୋଧେ ବିରୋଧୀ ଦଳ ନେତା ଦେଖିନାହାନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି, ସେଥିରେ କିଛି ଅସୁବିଧା ନାହିଁ। ହେଲେ ଏଭଳି ଘଟଣା ଠିକ୍ ନୁହେଁ ବୋଲି ସେ କହିଥିଲେ। ଏହାପରେ ବାଚସ୍ପତି ପୁନର୍ବାର ବିରୋଧୀ ସଦସ୍ୟଙ୍କୁ ଆସନ ଗ୍ରହଣ କରିବାକୁ କହିବା ସହିତ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ବଜେଟ ଉପରେ ବକ୍ତବ୍ୟ ଦେବାକୁ କହିଥିଲେ। ଏହି ସମୟରେ ସେ କହିଥିଲେ, ଗୋଟିଏ ବିଷୟରେ ଥରେ ଗୃହରେ ମୋସନ ଆସି ଆଲୋଚନା ହେବାପରେ ଆଉ ଥରେ ସେହି ବିଷୟରେ ଆଲୋଚନା ନିୟମାନୁଯାୟୀ ହୁଏ ନାହିଁ। ଏହାଦ୍ୱାରା ସମ୍ବିଧାନ ନିୟମର ଉଲ୍ଲଂଘନ ହେଉଛି। ଲୋକଙ୍କ ସ୍ୱାର୍ଥ ଲାଗି ବଜେଟ ଆଲୋଚନାରେ ଭାଗ ନେବାକୁ ସେ କହିଥିଲେ। ନିୟମ ବାହାରକୁ କେହି ନ ଯିବାକୁ ସେ ପୁଣି ଜଣାଇଥିଲେ। ଏହାପରେ ବାଚସ୍ପତି ଶାସକ ଦଳ ମୁଖ୍ୟ ସଚେତକ ଏବଂ ଉପ ମୁଖ୍ୟ ସଚେତକ ସରୋଜ ମେହେରଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିରୋଧୀ ଦଳ ନେତାଙ୍କୁ ବୁଝାଇବା ଲାଗି। ପ୍ରଶାନ୍ତ ମୁଦୁଲି ବିରୋଧୀ ସଦସ୍ୟଙ୍କ ସହିତ ଆଲୋଚନା କରିବା ପରେ ଯାଇ ବାଚସ୍ପତିଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଗୃହ ୪ଟା ୧୧ରୁ ୪ଟା ୨୧ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ଏହାପରେ ଗୃହ ଚାଲିବା କ୍ଷଣି ବିରୋଧୀ ପୁଣି ସମାନ ପ୍ରସଙ୍ଗରେ ହୋହଲ୍ଲା କରିବାରୁ ବାଚସ୍ପତି ବିରୋଧୀ ଦଳ ନେତା, ଶାସକ ଦଳ ମୁଖ୍ୟ ସଚେତକ, ଶାସକ ଦଳ ସଦସ୍ୟ ଦେବୀ ମିଶ୍ର, ପ୍ରଣବ ପ୍ରକାଶ ଦାସ, କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟମାନଙ୍କୁ ଆଲୋଚନା ଲାଗି ଡାକିବା ସହ ଗୃହକୁ ୪ଟା ୨୨ରୁ ୪ଟା ୩୨ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୪ଟା ୩୨ରୁ ଗୃହ ସ୍ୱାଭାବିକ ହୋଇଥିଲା। ଏହାପରେ ଦେବୀ ମିଶ୍ର ପୁଣି ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ସନ୍ତୋଷ ସିଂ ସାଲୁଜା ବଜେଟ ଉପରେ ପ୍ରତିକ୍ରିୟା ରଖି କହିଥିଲେ , ପ୍ରତ୍ୟେକ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଯେତିକି ଟଙ୍କାର ବଜେଟ ଆଣୁଛନ୍ତି ତା'ର ୭୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହେଉଛନ୍ତି। ହେଲେ ବାକି ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ। ଗତ ବର୍ଷ ୨ ଲକ୍ଷ କୋଟି ଟଙ୍କାର ବଜେଟ ଆଣିଥିବା ବେଳେ ଏହାର ୭୦ ପ୍ରତିଶତ ଖର୍ଚ୍ଚ କରିଥିଲେ। ତେଣୁ ସେହି ଅନୁପାତରେ ଦେଖିଲେ ରାଜ୍ୟ ସରକାର ଏଥର ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ଆଣିଛନ୍ତି। ସେଥିରୁ ୬୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିପାରିବେ ନାହିଁ। ତେଣୁ ସେହି ଅନୁସାରେ ଦେଖିଲେ ସରକାର ଦେଢଲକ୍ଷ କୋଟି ଟଙ୍କାର ବଜେଟ ଆଣିଛନ୍ତି। ଇଏ କେବଳ କାଗଜରେ ବଜେଟ ଆକାର ବଢ଼ାଇଥିବା ଉଲ୍ଲେଖ କରୁଛନ୍ତି। ଏମାନେ ୨୪ଟି ନୂଆ ଯୋଜନା ଆଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନାଁରେ ୯ଟି ଯୋଜନା କରିଛନ୍ତି। ୨୦୧୯ରେ ସରକାର ଏମିତି ବଜେଟ ଆଣିଥିଲେ। ସେଥିରେ ଆମ ଗାଁ ଆମ ବିକାଶ ଯୋଜନା ରଖିଥିଲେ। ବିଜୁ ଯୁବବାହିନୀ ଯୋଜନା ଆଣିଥିଲେ, କୁଆଡେ ଗଲା ସେସବୁ ଯୋଜନା। ବିଜୁ ଯୁବବାହିନୀ ଏବେ ବିଜୁ ଗୁଣ୍ଡା ବାହିନୀରେ ପରିଣତ ହୋଇଛି। ନିର୍ବାଚନରେ ସେହି ବିଜୁ ଯୁବବାହିନୀରେ ଥିବା ଯୁବକଙ୍କୁ କିକ୍ ମାରିକି ଆଉଟ୍ କରିଦେଲେ। ଏ ସରକାର ଲୋକଙ୍କୁ ଦାଦନ ଖଟିବାକୁ ଯିବା ପାଇଁ ବାଧ କରୁଥିବା ସେ କହିଛନ୍ତି। ଏହାପରେ ଧ୍ରୁବଚରଣ ସାହୁ, ଜ୍ୟୋତି ପାଣିଗ୍ରାହୀ ସରକାରଙ୍କ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହାପରେ କୁସୁମ ଟେଟେ, ପ୍ରଣବ ବଳବନ୍ତରାୟ, ପ୍ରଭୁ ଜାନି, ଅଧିରାଜ ପାଣିଗ୍ରାହୀ, ପ୍ରୀତମ ପାଢୀ, ମୋହନ ମାଝି ଏବଂ ଦାଶରଥୀ ଗମାଙ୍ଗ ନିଜର ବକ୍ତବ୍ୟ ରଖିଥିଲେ।

## ୪୫ ଲକ୍ଷ ପରିବାରଙ୍କୁ ମିଳିଛି ପକ୍କାଘର:ମନ୍ତ୍ରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)-ରାଜ୍ୟରେ ୪୪ ଲକ୍ଷ ୯୯ ହଜାର ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି । ମଙ୍ଗଳବାର ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ୨୦୨୨ରେ ପକ୍କାଘର ପାଇବା ପାଇଁ ଯୋଗ୍ୟ ପିଭିଟିଜି ପରିବାର ଓ ସ୍ୱାଭିମାନ ଅଞ୍ଚଳରେ ବସବାସ କରୁଥିବା ଯୋଗ୍ୟ ଲୋକଙ୍କ ସର୍ଭେ କରାଯାଇଥିଲା । ଏହି ସର୍ଭେରେ ୨୬,୭୭୫ ପିଭିଟିଜି ପରିବାର ଓ ସ୍ୱାଭିମାନ ଅଞ୍ଚଳର ୧୮,୧୬୦ ପରିବାର ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ଲାଗି ଗତ ଜାନୁୟାରୀ ୧୮ରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଏହାର ଅନୁମୋଦନ ପରେ କଚ୍ଚା ଘରେ ରହୁଥିବା ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ । ପର୍ଯ୍ୟାୟକ୍ରମେ ଯୋଗ୍ୟ ପରିବାରଙ୍କୁ ଗୃହ ଯୋଗାଇ ଦିଆଯିବ । ତେବେ କେନ୍ଦ୍ର ସରକାର ମଞ୍ଜୁର କରିଥିବା ୯ ଲକ୍ଷ ୫୯ ହଜାର ପ୍ରଧାନମନ୍ତ୍ରୀ ଆବାସ ଗୃହ ପରେ ମଧ୍ୟ ୨୦୧୯ ମାର୍ଚ୍ଚ ୭ ତାରିଖ ପୂର୍ବରୁ ଚିହ୍ନଟ ୧, ୩୦, ୮୭୩ ପରିବାର ଆବାସ ପ୍ଲସ୍ ତାଲିକାରେ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ପ୍ଲାଷ୍ଟିକ୍ ଚାଉଳ ନୁହେଁ, ଭିଟାମିନ୍ ଚାଉଳ ଦିଆଯାଉଛି: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)-ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ପ୍ଲାଷ୍ଟିକ୍ ଚାଉଳ ବଣ୍ଟନ ହେଉଥିବା ନେଇ ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଜିଲାରୁ ଅଭିଯୋଗ ଆସୁଛି। ତେବେ ଏହା ଗୁଜବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଣମାଧ୍ୟମକୁ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଯାହାକୁ ପ୍ଲାଷ୍ଟିକ୍ ଚାଉଳ ବୋଲି କୁହାଯାଉଛି, ତାହା ଭିଟାମିନ୍‌ଯୁକ୍ତ ଚାଉଳ। ପ୍ରଥମେ ମାଲକାନଗିରି ଜିଲାରେ ପାଇଲଟ ପ୍ରୋଜେକ୍ଟ ଆକାରରେ ଏହି ଚାଉଳ ବଣ୍ଟନ କରାଯାଉଥିଲା। ସେ ସମୟରେ ମଧ୍ୟ ଏହି ଚାଉଳ ନେଇ ଏଭଳି ଗୁଜବ ସୃଷ୍ଟି ହୋଇଥିଲା। ସଚେତନ କରାଯିବା ପରେ ଲୋକେ ଜାଣିପାରିଲେ ଯେ ଏହା ଭିଟାମିନ୍ ଯୁକ୍ତ ଚାଉଳ। ବର୍ତ୍ତମାନ ଯେଉଁ ଦୁଇ ତିନୋଟି ଜିଲାରେ ଏହି ଗୁଜବ ଉଠିଛି, ସେଠି ପ୍ରଶାସନ ଲୋକଙ୍କୁ ସଚେତନ କରିବ। ଗୋଟିଏ କୁଇଣ୍ଟାଲ ଚାଉଳରେ ଏକ କିଲୋ ଭିଟାମିନ୍ ଚାଉଳ ମିଶାଯାଉଛି। ଏହି ଚାଉଳ ସ୍ୱାସ୍ଥ୍ୟ ପାଇଁ ହିତକର। ଚଳିତ ଫେବୃୟାରୀରୁ ସମସ୍ତ ୩୦ଟି ଜିଲାରେ ଏହି ଭିଟାମିନ୍ ଯୁକ୍ତ ଚାଉଳ ଦିଆଯାଉଛି। ଏହି ଚାଉଳକୁ କେନ୍ଦ୍ର ସରକାରଙ୍କ ଅଧିକୃତ ପରୀକ୍ଷାଗାରରେ ପରୀକ୍ଷା କରାଯାଇଛି। ତା' ପରେ ଏହାକୁ ପିଡିଏସ୍‌ରେ ଲୋକମାନଙ୍କୁ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଜାଗା ମିଶନରେ ବସ୍ତିବାସିନ୍ଦାଙ୍କୁ ଦିଆଯାଇଛି ୧.୭୨ ଲକ୍ଷ ଜମି ସାର୍ଟିଫିକେଟ୍

ଭୁବନେଶ୍ୱର,୨୮।୨(ବ୍ୟୁରୋ)-ସାରା ରାଜ୍ୟରେ ଜାଗା ମିଶନ ଜରିଆରେ ୧ ଲକ୍ଷ ୭୨ ହଜାର ୬୫୬ ଜମି ସାର୍ଟିଫିକେଟ୍ ଦିଆଯାଇଛି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୫ଟି ମହାନଗର ନିଗମରେ ସର୍ଭେ କାମ ଜାରି ରହିଛି। ଓଡ଼ିଶା ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ଅଧିନିୟମ-୨୦୧୭ ଏବଂ ଓଡ଼ିଶା ମହାନଗର ନିଗମ ଆଇନ-୨୦୦୩ ଅନୁଯାୟୀ କାର୍ଯ୍ୟ କରାଯାଉଛି। ରାଜ୍ୟରେ ୫ଟି ମହାନଗର ନିଗମ, ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ୪୮ଟି ପୌର ପରିଷଦ ଅଛି। ଏହି ସବୁ ପୌରାଞ୍ଚଳରେ ବଳକା ଜମିର ତଥ୍ୟ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଯୁକ୍ତ୨ ପରୀକ୍ଷା: ସହଯୋଗ କରିବେ ୬୬୨ ବର୍ଗ ଅଧ୍ୟାପକ



ଭୁବନେଶ୍ୱର, ୨୮।୨(ବ୍ୟୁରୋ)

୬୬୨ବର୍ଗ ଅଧ୍ୟାପକଙ୍କ ଆନ୍ଦୋଳନ ଯୋଗୁ ଯୁକ୍ତ୨ ପରୀକ୍ଷା ପରିଚାଳନା ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ସର୍ତ୍ତମୂଳକ ଭାବେ ପରୀକ୍ଷା ପରିଚାଳନାରେ ସହଯୋଗ କରିବ ବୋଲି ୬୬୨ ବର୍ଗ ଅଧ୍ୟାପକ ସଂଘ କହିଛି। ଦୀର୍ଘ ୧୬ ଦିନର ଅହୋରାତ୍ର ଧାରଣା ଏବଂ ତିନିଥର ମହାସମାବେଶ ପରେ ମଙ୍ଗଳବାର ରାଜ୍ୟ ସରକାର ଓ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ସରକାରଙ୍କ ତରଫରୁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନେତୃତ୍ୱ ନେଇଥିବାବେଳେ ସଂଘ ତରଫରୁ ସଭାପତି ଗୋଲକ ନାୟକଙ୍କ ନେତୃତ୍ୱରେ ୭ଜଣିଆ ପ୍ରତିନିଧି ଦଳ ଆଲୋଚନାରେ ଭାଗ ନେଇଥିଲେ। ବିସ୍ତୃତ ଆଲୋଚନା ପରେ ଦାବିଗୁଡ଼ିକ ଯଥାର୍ଥ ଏବଂ ଆସନ୍ତା ୧୨ତାରିଖ ମଧ୍ୟରେ ମନ୍ତ୍ରୀସ୍ତରୀୟ କମିଟି ସହ ଶିକ୍ଷା ବିଭାଗର ଦୁଇ ମନ୍ତ୍ରୀ ଓ ସଚିବ ଉପସ୍ଥିତ ରହି ପୂର୍ଣ୍ଣାଙ୍ଗ ଆଲୋଚନା କରିବେ। ଏଥିସହ ଦାବିଗୁଡ଼ିକ ସମ୍ପର୍କରେ ବିଚାର କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯୁକ୍ତ୨ ପରୀକ୍ଷାରେ ସହଯୋଗ ନିମନ୍ତେ ସଂଘକୁ ଅନୁରୋଧ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ପରୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ବୁଧବାରଠାରୁ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ହୋଇ ଶୃଙ୍ଖଳିତ ଭାବେ ପରୀକ୍ଷା ପରିଚାଳନା କରିବେ ବୋଲି ସଭାପତି ନାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଲୋଚନା ପର୍ଯ୍ୟନ୍ତ ଲୋୟର ପିଏମ୍‌ଜିରେ ପ୍ରତୀକାତ୍ମକ ଧାରଣା ଜାରିରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୪ଦଫା ଦାବିରେ ୬୬୨ବର୍ଗ କଲେଜ ସଂଘ ଗତ ୧୩ ତାରିଖରୁ ଅହୋରାତ୍ର ଆନ୍ଦୋଳନ କରୁଛି। ସରକାର ଯଦି ପୁଣି ଠକିବାକୁ ଚେଷ୍ଟା କରନ୍ତି, ତା'ହେଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଘୁମୁସରକୁ ଜିଲା ମାନ୍ୟତା ମିଳୁ

ଭୁବନେଶ୍ୱର,୨୮।୨(ବ୍ୟୁରୋ): ଘୁମୁସରକୁ ଜିଲା ମାନ୍ୟତା ଦେବାକୁ ପୁଣି ଦାବି ଉଠିଛି। ଘୁମୁସର ଜିଲା ଗଠନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ଉତ୍କଳ ସାମ୍ବାଦିକ ସଂଘଠାରେ ଘୁମୁସର ଜିଲା ଦାବି କ୍ରିୟାନୁଷ୍ଠାନ କମିଟି, ଭଞ୍ଜନଗର ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଘୁମୁସରକୁ ଜିଲା ମାନ୍ୟତା ଦେବାକୁ ୧୯୯୩ ମସିହାରୁ ଦାବି ହୋଇଆସୁଛି। ଏନେଇ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ଘୁମୁସର ଜିଲା ଗଠନର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ଏଥିପାଇଁ ଉପଜିଲାପାଳଙ୍କ ସ୍ତରରୁ ଆବଶ୍ୟକ ରିପୋର୍ଟ ମଗାଇଥିଲେ। ଏହି ଜିଲା ଗଠନ ସପକ୍ଷରେ ଆବଶ୍ୟକ ଭିତ୍ତିଭୂମି ଥିବା ଦର୍ଶାଇ ୨୦୦୬ରେ ଜିଲାପାଳଙ୍କୁ ଉପଜିଲାପାଳ ରିପୋର୍ଟ ଦେଇଥିଲେ। ରାଜସ୍ୱ ବିଭାଗ ବାରମ୍ବାର ଚିଠି ଲେଖି ବୋର୍ଡ ଅଫ୍ ରେଭିନ୍ୟୁକୁ ରିପୋର୍ଟ ମାଗି ତତ୍ପରତା ପ୍ରକାଶ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ତତ୍କାଳୀନ ରାଜସ୍ୱ ପରିଷଦ କମିଶନର ତଥା ସଚିବ ପ୍ରତିକୂଳ ମତ ଦେଇ ୨୦୧୦ରେ ସରକାରଙ୍କୁ ଚିଠି ଲେଖିଥିଲେ ଯେ, 'ନୂତନ ଘୁମୁସର ଜିଲା ଗଠନର ସୁଯୋଗ ଦେଲେ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଭଳି ଅବିଭକ୍ତ ଜିଲା ସବୁ ନୂଆ ଜିଲା ଦାବି କରିବେ। ଅନ୍ୟଥା ପ୍ରଶାସନିକ ଅସ୍ଥିରତା ଦେଖାଦେବ। ତେଣୁ ବର୍ତ୍ତମାନ ପାଇଁ ଘୁମୁସର ଜିଲା ସୃଷ୍ଟି କରିବା ଉଚିତ୍ ହେବନାହିଁ। ଏହାପରେ ସରକାର ଆଉ ଜିଲା ଗଠନ ହେବାକୁ ସୁଯୋଗ ଦେଲେନାହିଁ। କିନ୍ତୁ ସମ୍ପ୍ରତି ପଦ୍ମପୁର ଜିଲା ଘୋଷଣା ହେବା ପ୍ରକ୍ରିୟା ମଧ୍ୟରେ ପୁଣି ଘୁମୁସର ଜିଲା ଦାବି ପୂରଣ ହେବାର ସୁଯୋଗ ଆସିଛି। ଏହି ପରିପ୍ରେକ୍ଷୀରେ ଘୁମୁସରକୁ ଜିଲା ମାନ୍ୟତା ଦିଆଯିବାକୁ ଦାବି କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥ, ଯୁବ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବିଶୋୟୀ, ଘୁମୁସର ସିଭିଲ ସୋସାଇଟି ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ହରେକୃଷ୍ଣ ସାହୁ, ବାଲ୍ମୀକି ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଫେସର ଶିବରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ତାତି ବଢ଼ିବ, ସୋନପୁରରେ ୩୭.୭ ଡିଗ୍ରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)-ରାଜ୍ୟରେ ଗତ ୪ ମାସ ହେବ ବର୍ଷା ନାହିଁ। ଗତ କିଛିଦିନ ହେବ ସମୁଦ୍ରଆଡୁ ରାଜ୍ୟକୁ ପ୍ରବାହିତ ବାୟୁ ଯୋଗୁ ତାତି ନିୟନ୍ତ୍ରଣରେ ରହିଛି। ତେବେ ଆସନ୍ତା ସପ୍ତାହରେ ରାଜ୍ୟରେ ପାରଦ ଉପରମୁହାଁ ହେବାର ସମ୍ଭାବନା ରହିଛି। ଏପରିକି ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଟପିଯିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସୋନପୁରରେ ସର୍ବାଧିକ ୩୭.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୩୭.୫, ତାଳଚେର ୩୭, ବଲାଙ୍ଗୀର ୩୭, ଭୁବନେଶ୍ୱରରେ ସର୍ବାଧିକ ୩୬.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## କର୍ତ୍ତବ୍ୟରୁ ଓହରିପାରିବେନି ସାମ୍ବିଧାନିକ କର୍ତ୍ତୃପକ୍ଷ



ଭଗଓ୍ୱନ୍ତ ମାନ୍



ବନଓ୍ୱାରିଲାଲ୍ ପୁରୋହିତ

### ପଞ୍ଜାବ ସରକାର, ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ବାର୍ତ୍ତା

ନୂଆଦିଲ୍ଲୀ, ୨୮।୨

ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି ସରକାର ଏବଂ ରାଜ୍ୟପାଳ ବନଓ୍ୱାରିଲାଲ୍ ପୁରୋହିତଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏହା ଉପରେ ଗଭୀର ସାମ୍ବିଧାନିକ ଆଲୋଚନା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଫଳରେ ଉଭୟ ପକ୍ଷଙ୍କୁ କଡ଼ା ବାର୍ତ୍ତା ଯାଇଛି। ସାମ୍ବିଧାନିକ କର୍ତ୍ତୃପକ୍ଷ ତାଙ୍କ କର୍ତ୍ତବ୍ୟ ପୂରଣ ନ କରିବା ଅର୍ଥ ନୁହେଁ ଯେ ଅନ୍ୟ ଜଣେ ମଧ୍ୟ ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହ କରିବେ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିବେଳେ କହିଛନ୍ତି। ଆପଣମାନେ ଭିନ୍ନ ରାଜନୈତିକ ଦଳର ହୋଇପାରନ୍ତି। କିନ୍ତୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ କୌଣସି ଦଳର ନୁହେଁ। ଆମକୁ ଏହା ଉପରେ ଆଲୋଚନା କରିବାକୁ ହେବ ବୋଲି ସିଜେଆଇ କହିଛନ୍ତି।

ରାଜ୍ୟପାଳ ପୁରୋହିତ ସରକାରଙ୍କୁ କେତେକ ତଥ୍ୟ ମାଗିଥିଲେ। ସରକାର ଏହା ପ୍ରଦାନ ନ କରିବାରୁ ରାଜ୍ୟପାଳ ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ ଡାକିବାରେ ବିଳମ୍ବ କରିଥିଲେ। ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍‌ଙ୍କୁ ରାଜ୍ୟପାଳ ପତ୍ର ଲେଖି ରାଜଭବନ ପତ୍ରର ଉତ୍ତର ମିଳି ନ ଥିବା ସମ୍ପର୍କରେ ଅବଗତ କରାଇଥିଲେ। ସେଥିପାଇଁ ସେ ଅଧିବେଶନ ଡାକିବାକୁ ବ୍ୟଗ୍ର ନୁହନ୍ତି ବୋଲି କହିଥିଲେ। ଏହାକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେବା ସହ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ରାଜ୍ୟପାଳଙ୍କୁ ତଥ୍ୟ ଦେବା ଲାଗି ମୁଖ୍ୟମନ୍ତ୍ରୀ ସାମ୍ବିଧାନିକ ଦୃଷ୍ଟିରୁ ବାଧ୍ୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ତଥ୍ୟ ନ ଦେବା ତାଙ୍କ ସାମ୍ବିଧାନିକ କର୍ତ୍ତବ୍ୟର ଉଲ୍ଲଂଘନ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ତଥ୍ୟ ଦେଇ ନ ଥିବାରୁ ରାଜ୍ୟପାଳ ବଜେଟ ଅଧିବେଶନ ଡାକିବା ସାମ୍ବିଧାନିକ କର୍ତ୍ତବ୍ୟ ନ ଡାକିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୭୪ ଅନୁଯାୟୀ ଅଧିବେଶନ ଡାକିବା ରାଜ୍ୟପାଳଙ୍କ ଇଚ୍ଛାଧୀନ କ୍ଷମତା ନୁହେଁ। ପୂର୍ବରୁ ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ନବମ ରେବିଆ ମାମଲାରେ ଏହା ଦର୍ଶାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ସିସୋଡିଆ, ସତ୍ୟେନ୍ଦ୍ରଙ୍କ ...

ସେମାନେ କୌଣସି ସୁଯୋଗକୁ ହାତଛଡ଼ା କରିନାହାନ୍ତି। ତେବେ ଏଥିରେ ସେ ଆଦୌ ଭୟଭୀତ ନୁହନ୍ତି। ବ୍ରିଟିଶ୍ ସରକାର ମଧ୍ୟ ସେମାନଙ୍କ ବିରୋଧରେ ଲଢୁଥିବା ଲୋକଙ୍କୁ ଜେଲରେ ପୂରାଉଥିଲେ। ଏପରି କି କେତେଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇଦେଇଥିଲେ।

### ସୁପ୍ରିମକୋର୍ଟରେ ଜାମିନ ମିଳିଲାନି,....

ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। କିନ୍ତୁ ସିସୋଡିଆଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ ହୋଇଛି। ତେଣୁ ଅର୍ଣ୍ଣବ ଓ ବିନୋଦଙ୍କ ସହ ଏହି ମାମଲାର ତୁଳନା କରିବା ଅନୁଚିତ। ଦିଲ୍ଲୀରେ ଘଟଣା ଘଟିଛି ବୋଲି ଆମେ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କଲେ ଖରାପ ପରମ୍ପରା ସୃଷ୍ଟି ହେବ। ଏଥିସହ ସିବିଆଇ ହାଜତରେ ଏଏପି ନେତା ସିସୋଡିଆଙ୍କୁ ଜେରା ଏଭଳି ସ୍ଥାନରେ କରାଯିବା ଉଚିତ, ଯେଉଁଠି ସିସିଟିଭି କ୍ୟାମେରା ସଂଲଗ୍ନ କରାଯାଇଥିବ। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ସ ଅନୁସାରେ ଜେରା ବେଳର ଦୃଶ୍ୟକୁ ସିବିଆଇ ସଂରକ୍ଷିତ ରଖିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟରେ ନିରାଶ ହେବା ପରେ ସିସୋଡିଆଙ୍କ ପାଇଁ ଏଏପି ଦିଲ୍ଲୀ ହାଇକୋର୍ଟ ଯିବ ବୋଲି କହିଛି।

### ବାଣ ଗୋଦାମରେ ...

ଏହାପରେ ଦମକଳ ବାହିନୀର ୨ ୟୁନିଟ୍ କର୍ମଚାରୀ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁଶାନ୍ତ ଓ ଦିନବନ୍ଧୁଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାକୁ ବ୍ୟବସ୍ଥା କରିଥିଲେ। ଏଥିସହ ବୁଲୁ ଓ ଦିଲୀପଙ୍କ ମୃତଦେହକୁ ଡାକ୍ତରଖାନା ନେବା ପାଇଁ ବ୍ୟବସ୍ଥା କରିଥିଲେ। ଏହି ଆଜବେଷ୍ଟସ୍ ଗୋଦାମ ପାଖାପାଖି ୮୦୦ ବର୍ଗଫୁଟର ହୋଇଥିବାବେଳେ ସେଥିରେ ୪ ବଖରା ଥିଲା। ବାଣ ବିସ୍ଫୋରଣରେ ଗୋଦାମ ସମେତ ପାଖରେ ଥିବା ଏକ ପାଳଗଦାରେ ନିଆଁ ଲାଗି ଯାଇଥିଲା। ଦମକଳ ବାହିନୀ ପହଞ୍ଚି ଏହାକୁ ଆୟତ୍ତ କରିଥିଲା। ଆଜବେଷ୍ଟସ୍ ପୋଡି ଛିଟିକି ଏଣେତେଣେ ପଡ଼ିଥିବା ବେଳେ ଘର କାନ୍ଥ ଫାଟିଯାଇଥିବା ଶତପଥୀ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମ୍‌ଓ (ମେଡିକାଲ) ଡ. ନିମାଇଁ ଚରଣ ନାୟକ କହିଛନ୍ତି, ଗୁରୁତରଦ୍ୱୟ ଅପରାହ୍ନ ପ୍ରାୟ ୧ଟା୪୫ରେ ଚିକିତ୍ସାଳୟରେ ପହଞ୍ଚିଥିଲେ। ସୁଶାନ୍ତଙ୍କ ଶରୀରର ପାଖାପାଖି ୯୦% ପୋଡି ଯାଇଛି। ଦିନବନ୍ଧୁଙ୍କ ଆଣ୍ଠୁ ତଳକୁ ଓ ମୁହଁ ଆଦି ୩୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କ ଅବସ୍ଥା ଭଲ ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତା'ପରେ ଦିଲୀପ ଓ ଅପରାହ୍ନ ପ୍ରାୟ ୪ଟାବେଳେ ବୁଲୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପହଞ୍ଚିଥିଲା। ଜିଲାପାଳଙ୍କ ଅନୁମତିକ୍ରମେ ଏହାକୁ ବ୍ୟବଚ୍ଛେଦ କରାଯାଇଛି। ବାଲିକୁଦା ଆଇଆଇସି ସଲିଲ ପ୍ରଧାନ କହିଛନ୍ତି, ବାଣ ଭିଡୁଥିବାବେଳେ ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଏନେଇ ମାମଲା (ନଂ.୯୫/୨୩) ରୁଜୁ କରାଯାଇଛି। ଅଧିକ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ପଦାକୁ ଆସିବ ବୋଲି ସେ କହିଛନ୍ତି।

ବେଆଇନ ଭାବେ ପ୍ରସ୍ତୁତ ହେଉଥିଲା ବାଣ

ବାଣ ଗୋଦାମଟି ବେଆଇନ ଭାବେ ଚାଲିଥିଲା ବୋଲି ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲାରେ କାହାରିକୁ ବାଣ ତିଆରି ପାଇଁ ଅନୁମତି ଦିଆଯାଇନାହିଁ। କେବଳ ଦୀପାବଳି ସମୟରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଥାଏ। ଯେହେତୁ ଉକ୍ତ ବାଣ ଗୋଦାମରେ ବେଆଇନ ଭାବେ ବାଣ ତିଆରି ଚାଲିଥିଲା, ତେଣୁ ବରିଷ୍ଠ ଅଧିକାରୀଙ୍କ ପରାମର୍ଶକ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ହେଲେ ଦୀର୍ଘ ବର୍ଷ ଧରି ସେଠାରେ କିପରି ବାଣ ତିଆରି ହେଉଥିଲା ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ସାଧାରଣ ଲୋକେ ଏକଥା ଜାଣିଥିବାବେଳେ ପୋଲିସ ଓ ଅଗ୍ନିଶମ ବାହିନୀ ଜାଣି ନ ପାରିବା ଉଭୟ ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଦିଲ୍ଲୀ, ଲକ୍ଷ୍ନୌରୁ ଆସୁଛି...

ଆରମ୍ଭ କରିଥିଲା। ପୁରୀଘାଟ ପୋଲିସ ସହାୟତାରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସୋମବାର ଟାଉନ ହଲ୍ ରୋଡ୍‌ସ୍ଥିତ ଶ୍ରୀ ଡିଷ୍ଟ୍ରିବ୍ୟୁଟର ଗୋଦାମରେ ଚଢ଼ାଉ କରାଯାଇଥିଲା। ସେଠାରୁ ପ୍ରାୟ ୨ ଲକ୍ଷ ଟଙ୍କାର ନକଲି ଓ-୨ ମେଡିସିନ ଜବତ ହୋଇଥିଲା। ପୁଣି ମଙ୍ଗଳବାର ସେଠାରେ ଚଢ଼ାଉ କରାଯାଇ ଅବଶିଷ୍ଟ ନକଲି ମେଡିସିନ୍ ଜବତ କରାଯାଇଛି। ଏହି ନକଲି ମେଡିସିନ କାରବାରର ଗୁମର ଫିଟାଇବା ପାଇଁ ପୋଲିସ ବିଜୟଙ୍କୁ ପଚରାଉଚରା କରିବାବେଳେ ବହୁ ତଥ୍ୟ ହାସଲ କରିଛି। ସମ୍ପୃକ୍ତ ସଂସ୍ଥା ବିଜୟଙ୍କ ସ୍ତ୍ରୀଙ୍କ ନାମରେ ରହିଥିବାବେଳେ ବିଜୟ ନିଜେ ସବୁ କାରବାର କରୁଥିଲେ। ୨ ମାସ ତଳେ ଏହି ନକଲି ମେଡିସିନ୍ କାରବାର ଆରମ୍ଭ ହୋଇଥିଲା। ଦିଲ୍ଲୀର କ୍ରିଷ୍ଣା ମେଡିକୋ ଓ ଲକ୍ଷ୍ନୌର ନାଚୁରାଲ ଫାର୍ମାସ୍ୟୁଟିକାଲ୍ସରୁ ଏହି ନକଲି ମେଡିସିନ ଆସୁଥିଲା। କଟକ ସମେତ ଓଡ଼ିଶାର ବିଭିନ୍ନ ସହରକୁ ଏହି ନକଲି ମେଡିସିନ୍ ଯୋଗାଣ କରାଯାଉଥିଲା। ତେବେ ଏହାର ତାଲିକା ପ୍ରସ୍ତୁତ କରାଯିବା ପରେ ନକଲି ମେଡିସିନ୍‌କୁ ଫେରସ୍ତ ଅଣାଯାଉଥିବା ଜଣାଯାଇଛି। ଅପରପକ୍ଷରେ ପୋଲିସ ଦିଲ୍ଲୀ ଓ ଲକ୍ଷ୍ନୌ ଯାଇ ଉକ୍ତ ସଂସ୍ଥାଦ୍ୱୟକୁ ଠାବ କରିବାକୁ ଯୋଜନା କରିଛି। ଏହାପରେ ନକଲି କାରବାରର ମୂଳକୁ ଧରିବାରେ ସକ୍ଷମ ହୋଇପାରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, କିଛିମାସ ତଳେ ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧର ନକଲି ଟେଲମା-ଏମ୍ ଓ ଟେଲମା-୪୦ ମେଡିସିନ୍ କାରବାର ନେଇ ରାଜ୍ୟରେ ଚହଳ ପଡିଥିଲା। ଏହି ମାମଲାରେ ୨ଟି ଡିଷ୍ଟ୍ରିବ୍ୟୁଟର ସଂସ୍ଥାର ୨ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଅର୍ଥନୈତିକ କାରବାର ଉପରେ ରୋକ ଲଗାଯାଇଥିଲା। ରାଜ୍ୟ ବାହାରକୁ ବାରମ୍ବାର ପୁରୀଘାଟ ପୋଲିସ ଯାଇ ମାଷ୍ଟର ମାଇଣ୍ଡକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଥିବାବେଳେ ପୁଣି ନକଲି ମେଡିସିନ କାରବାର କରିବାକୁ କିପରି ସାହସ କରାଯାଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଆଜିଠୁ ଯୁକ୍ତ୨ ...

ମାଧ୍ୟମିକ ସ୍କୁଲକୁ ଟ୍ୟାଗ୍ କରାଯାଇଛି। ୬ଟି ସବ୍-ସେଣ୍ଟର କରାଯାଇଛି। ଚଳିତବର୍ଷ ମୋଟ ୧,୫୯୦ଟି ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ସେହିପରି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଲାଗି ପ୍ରଶ୍ନପତ୍ର ସୁରକ୍ଷାକୁ ଗୁରୁତ୍ୱ ଦେଇ ୨୦୨ଟି ହବ୍ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ୩,୫୭,୯୪୨ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରେ ୩,୩୮,୨୨୧ଜଣ ରେଗୁଲାର, ୧୭,୬୯୬ଜଣ ଏକ୍ସରେଗୁଲାର ଏବଂ ୨,୦୨୫ଜଣ ଡିଷ୍ଟାନ୍ସ ଛାତ୍ରୀଛାତ୍ର ରହିଛନ୍ତି। ଏମାନଙ୍କ ମଧ୍ୟରେ ୧,୮୪,୪୦୮ ଛାତ୍ରୀ ଥିବାବେଳେ ୧,୭୩,୫୩୪ଜଣ ଛାତ୍ର ରହିଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ପରୀକ୍ଷାକୁ ସୁପରିଚାଳନା କରିବା ପାଇଁ ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପରୀକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପକମାନେ ମଧ୍ୟ ମୋବାଇଲ ବ୍ୟବହାର କରିପାରିବେ ନାହିଁ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ସମସ୍ତ ଅଧିକାରୀ, ଅବଜର୍ଭର, ସ୍କ୍ୱାଡ୍ ମେମ୍ବର, ଜିଲା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ମୋବାଇଲ ଫୋନ ଦାଖଲ କରିବେ।

### ଜିଡିପି ଅଭିବୃଦ୍ଧି ...

ଅଭିବୃଦ୍ଧିରେ ମନ୍ଥରତା ଆସିଥିଲା। ଆଦାନୀ ଗ୍ରୁପ୍ ଜାଲିଆତି ଏବଂ ଏଥର ପ୍ରବଳ ଗ୍ରୀଷ୍ମ ଲହରର ପୂର୍ବାନୁମାନ ପରେ ପୁଞ୍ଜି ଓ ଆର୍ଥିକ ବଜାରରେ କମ୍ପନ ସୃଷ୍ଟି ହୋଇଥିଲା। ତେବେ ମାର୍ଚ୍ଚରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ଛୁଇଁବା ନେଇ ସରକାର ଦୃଢ଼ ନିଶ୍ଚିତ ଅଛନ୍ତି।

ଗତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୧୧.୨ ପ୍ରତିଶତ ଥିଲା। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଅଭିବୃଦ୍ଧି ହାର ୬.୩ ପ୍ରତିଶତ ରହିଥିଲା। ଅକ୍ଟୋବର-ଡିସେମ୍ବରରେ ଶିଳ୍ପ ସେକ୍ଟର ଉତ୍ପାଦନ ୧.୧ ପ୍ରତିଶତ ହ୍ରାସ ପାଇଥିବାବେଳେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଖାଉଟି ଚାହିଦା ଓ ରପ୍ତାନି ହ୍ରାସ ପାଇଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲାଗି ବିଶ୍ୱବ୍ୟାପୀ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାନୀତିକୁ କଠୋର କରୁଥିବାରୁ ବାହ୍ୟ ଚାହିଦା ଦୁର୍ବଳ ହେଉଛି। ଗତବର୍ଷ ମେ'ରୁ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍ ୨୫୦ ବେସିସ୍ ପଏଣ୍ଟ ବୃଦ୍ଧି କଲେଣି। ଏପ୍ରିଲରେ ପୁଣିଥରେ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ବୃଦ୍ଧି ପାଇ ୬.୭୫ ପ୍ରତିଶତରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି।

# ୭ ବିଦ୍ୟାଳୟରେ ମୌଳିକ ସୁବିଧା ନାହିଁ

**ବୌଦ୍ଧ ଜିଲା**

- ଗ୍ରୀଷ୍ମଛୁଟିରେ ଉନ୍ନୟନ କାର୍ଯ୍ୟ ସାରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ
- ଯୋଜନା ସମ୍ପର୍କରେ ସତ୍ୟପାଠ ଦେବେ ବିଭାଗୀୟ ସଚିବ

କଟକ ଅଫିସ, ୨୮।୨

ଆମିକସ୍‌କ୍ୟୁରି ପ୍ରଫୁଲ୍ଲ କୁମାର ରଥ ବୌଦ୍ଧ ଜିଲାର ୭ଟି ବିଦ୍ୟାଳୟ ପରିଦର୍ଶନ କରିବା ପରେ ମୌଳିକ ସୁବିଧା ନ ଥିବା ସଂକ୍ରାନ୍ତୀୟ ରିପୋର୍ଟ ଗତ ୨୨ ତାରିଖରେ ହାଇକୋର୍ଟରେ ଦାଖଲ କରିଛନ୍ତି। ୭ଟି ବିଦ୍ୟାଳୟ ମଧ୍ୟରୁ ୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମର୍ଜାକୁଦ, ଖଇରାମାଳ, ଦେଉଳି, ଦାମମୁଣ୍ଡା ଗ୍ରାମରେ ଥିବାବେଳେ ୩ଟି ପ୍ରାଥମିକ ବିଦ୍ୟାଳୟ ଘୁଲ ଘୁଲ ପଦର, ଜୁନାନି ଓ ରୁଗୁଡ଼ିପାଲି ଗ୍ରାମରେ ରହିଛି। ଏହି ବିଦ୍ୟାଳୟଗୁଡ଼ିକରେ ପାନୀୟ ଜଳ, ବସିବା ପାଇଁ ବେଞ୍ଚ ଓ ଡେସ୍କ, ବିଦ୍ୟୁତ୍ ସଂଯୋଗ, ଖେଳପଡ଼ିଆ, ବାଳିକା ଓ ବାଳକଙ୍କ ପାଇଁ ପୃଥକ ପାଇଖାନା ଆଦି ମୌଳିକ ସୁବିଧା ନାହିଁ। ଏହାବ୍ୟତୀତ ଆବଶ୍ୟକ ଶିକ୍ଷକଙ୍କ ଅଭାବ ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହାର ହ୍ରାସ ପାଉଥିବାବେଳେ ଡ୍ରପ୍‌ଆଉଟ୍ ପିଲାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆମିକସକ୍ୟୁରି ରିପୋର୍ଟରେ ଦର୍ଶାଇଛନ୍ତି, ମର୍ଜାକୁଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପିଲା ଗୋଟିଏ କୋଠରିରେ ବସି ପଢୁଛନ୍ତି। ଖଇରାମାଳ ସ୍କୁଲର ଅବସ୍ଥା ମଧ୍ୟ ସଙ୍ଗିନ। ଏଠାରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ପିଲା ଗୋଟିଏ କୋଠରିରେ ବସୁଛନ୍ତି। ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ବେଞ୍ଚ ଓ ଡେସ୍କ ନ ଥିବାରୁ ସେମାନେ ଗୋଟିଏ କୋଠରୀରେ ପରସ୍ପରର ବିପରୀତ ଦିଗରେ ବସୁଛନ୍ତି। ଘୁଲ ଘୁଲ ପଦର ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲା ଗୋଟିଏ କୋଠରୀରେ ଖୋଲା ଚଟାଣରେ ବସି ପାଠ ପଢୁଛନ୍ତି। ୫ଟି ଶ୍ରେଣୀ ପାଇଁ ଗୋଟିଏ କଳାପଟା ରହିଛି। ସେହି ବିଦ୍ୟାଳୟରେ କୌଣସି ଅଫିସ ରୁମ୍ ନ ଥିବାବେଳେ ପାଇଖାନା, ପାନୀୟ ଜଳ, ଖେଳପଡ଼ିଆ ସୁବିଧା ନାହିଁ। ଏପରି କି ଶ୍ରେଣୀଗୃହରେ ବେଞ୍ଚ ଓ ଡେସ୍କ ନାହିଁ। ବୌଦ୍ଧ ଜିଲାରେ ଶିକ୍ଷା ବ୍ୟବସ୍ଥାର ଏଭଳି ଚିତ୍ରକୁ ଏଇ ୭ଟି ବିଦ୍ୟାଳୟକୁ ନମୁନା ଭାବେ ନେଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ବୌଦ୍ଧ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ନେଇ ଏକ ବୈଠକ କରି ତ୍ୱରିତ ପଦକ୍ଷେପ ନେବେ। ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ଗ୍ରୀଷ୍ମ ଛୁଟିରେ ମରାମତିଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମଛୁଟିରେ ଉକ୍ତ ୭ଟି ସ୍କୁଲରେ ଏନେଇ ଚାଲିଥିବା କାର୍ଯ୍ୟର ଅଗ୍ରଗତିକୁ ସଚିବ କଡ଼ାକଡ଼ି ତଦାରଖ କରିବେ। ଏ ସମ୍ପର୍କରେ ପର୍ଯ୍ୟାୟକ୍ରମେ ଜିଲା ଶିକ୍ଷାଧିକାରୀ ବିଭାଗୀୟ ସଚିବଙ୍କୁ ଫଟୋଗ୍ରାଫ ପଠାଇ ଅବଗତ କରାଇବେ। ଏଥିସହ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କଠାରୁ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ଉପଲବ୍ଧ ହେଉଥିବା ସମ୍ପର୍କିତ ତଥ୍ୟ ଫଟୋଗ୍ରାଫ ସହିତ ସଂଗ୍ରହ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଏକ ଯୋଜନା ପ୍ରସ୍ତୁତ କରି ଚଳିତ ବଜେଟ୍‌ରେ ହୋଇଥିବା ବ୍ୟୟ ବରାଦ ଅନୁସାରେ ଏସବୁ ସୁବିଧା କରାଇବାକୁ ସଚିବ ପଦକ୍ଷେପ ନେବେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାଳୟଗୁଡ଼ିକରେ ଷ୍ଟାଫ୍ ଓ ପିଲାଙ୍କ ସଂଖ୍ୟା ଉପରେ ଗୁରୁତ୍ୱ ଦେବାକୁ ଅଦାଲତ କହିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏ ସଂକ୍ରାନ୍ତୀୟ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟରେ ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ରହିଛି।

ହାଇକୋର୍ଟ ଲିଗାଲ ସର୍ଭିସ୍ କମିଟିର ସଚିବଙ୍କ ପକ୍ଷରୁ ରୁଜୁ ମାମଲାରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଏପ୍ରିଲ ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆମିକସ୍ କ୍ୟୁରି ପ୍ରଫୁଲ୍ଲ କୁମାର ରଥ ଓ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସିନିୟର ଷ୍ଟାଣ୍ଡିଂ କାଉନ୍‌ସେଲ ଡି. ଆର. ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ପୂର୍ବତନ ସରପଞ୍ଚଙ୍କୁ ୨ ବର୍ଷ ଜେଲ

**ସରକାରୀ ଚାଉଳ ଆତ୍ମସାତ୍ ମାମଲା**

ବ୍ରହ୍ମପୁର ଅଫିସ, ୨୮।୨

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଡ. ଅରୁଣ କୁମାର ସାହୁ ମଙ୍ଗଳବାର ସରକାରୀ ଯୋଜନାରେ ହିତାଧିକାରୀଙ୍କ ପାଇଁ ଆସିଥିବା ଚାଉଳ ଆତ୍ମସାତ୍ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବିଶୋୟୀଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ଦୁଇ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ୨୦୦୫-୦୬ ଆର୍ଥିକ ବର୍ଷରେ ଗଞ୍ଜାମ ଜିଲା ପୋଲସରା ବ୍ଲକ ମନ୍ଦାର ପଞ୍ଚାୟତର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନ୍ୟାଶନାଲ ଫୁଡ୍ ଫର୍ ୱାର୍କ ଯୋଜନାରେ ଆସିଥିବା ୨୦୯ କୁଇଣ୍ଟାଲ ଚାଉଳ ଆତ୍ମସାତ୍ କରିଥିଲେ। ଏ ନେଇ ଜିଲା ଲୋକାଲ ଫଣ୍ଡ ଅଡିଟ ବେଳେ ଘଟଣା ଧରାପଡିଥିଲା। ସେହି ସମୟରେ ତତ୍କାଳୀନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ୩ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ପରେ ଏ ନେଇ ଭିଜିଲାନ୍ସ ୨୦୦୬ ସେପ୍ଟେମ୍ବରରେ ନଂ.୧୩/୦୬ରେ ଏକ ମାମଲା ରୁଜୁ କରିଥିଲା। ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ତଥା ବର୍ତ୍ତମାନର କୋରାପୁଟରେ ଭିଜିଲାନ୍ସ ଏସ୍‌ପି ସୁରେନ୍ଦ୍ରନାଥ ପାଣିଗ୍ରାହୀ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଏହି ମାମଲାର ବିଚାର ଚାଲିଥିବା ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ଅଭିଯୁକ୍ତଙ୍କ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଆସନ୍ତା ୫ରେ ବରଗଡ଼ ଯିବେ ମୁଖ୍ୟମନ୍ତ୍ରୀ

ବରଗଡ଼ ଅଫିସ, ୨୮।୨

ମାର୍ଚ୍ଚ ୫ ତାରିଖ ପଞ୍ଚାୟତିରାଜ ଦିବସ ଏବଂ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଗସ୍ତ କରିବେ। ଏ ନେଇ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବରଗଡ଼ର ସ୍ଥାନୀୟ ପ୍ରେମଶିଳା ମଣ୍ଡପରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଭଟଲି ବିଧାୟକ ସୁଶାନ୍ତ ସିଂ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ବିଧାୟକ ସୁଧୀର ସାମଲ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ କାର୍ଯ୍ୟକ୍ରମର ଚୂଡାନ୍ତ ରୂପରେଖ ଉପରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାର ସୋହେଲା ସମେତ ନୂଆପଡା, ଜୁନାଗଡ଼, ଆମ୍ବପାଣି ଆଦି ୪ଟି ସ୍ଥାନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ବିଜେଡି ନେତୃମଣ୍ଡଳୀ ସୂଚନା ଦେଇଥିଲେ।

# ଗୀତ ଗାଇ ପ୍ରତିବାଦ କଲେ ବ୍ୟାଙ୍କ ମିତ୍ର

ଭୁବନେଶ୍ୱର, ୨୮।୨ (ବ୍ୟୁରୋ)

ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଗାନ୍ଧୀ ମାର୍ଗରେ ଗଣଧାରଣା ଦିଆଯାଇଥିଲା। ଶହ ଶହ ସଂଖ୍ୟାରେ ବ୍ୟାଙ୍କ ମିତ୍ରମାନେ ଗଣଧାରଣାରେ ସାମିଲ ହୋଇଥିବାବେଳେ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଥିଲେ। ବ୍ୟାଙ୍କ ମିତ୍ରଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଜୀବୀ, ଚାଷୀ ଓ ଶ୍ରମିକଙ୍କ କ୍ଷେତ୍ରରେ ରାଜ୍ୟ ସରକାର ଅନ୍ୟାୟ କରୁଥିବା କହି ସେମାନେ ପ୍ରତିବାଦ କରିଥିଲେ। ତେବେ କେବଳ ନାରାବାଜି ନୁହେଁ, ବରଂ ଗୀତ ମାଧ୍ୟମରେ ବ୍ୟାଙ୍କ ମିତ୍ରମାନେ ଦାବି ଉପସ୍ଥାପନ କରୁଥିବା ଦେଖିବାକୁ ମିଳିଥିଲା। ସିଆଇଟିୟୁ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ ସମାବେଶରେ ସଙ୍ଗଠନର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଦାବି ଉପସ୍ଥାପନ କରିଥିଲେ। ସ୍ଥାୟୀ ନିଯୁକ୍ତି, ମାସିକ ୨୬ ହଜାର ଟଙ୍କା ବେତନ, ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦରମା, ୬ ମାସ ସବୈତନିକ ମାତୃତ୍ୱକାଳୀନ ଛୁଟି, ମାସିକ ଗସ୍ତ ଖର୍ଚ୍ଚ ୨ହଜାର ଟଙ୍କା, ମୋବାଇଲ ରିଚାର୍ଜ ବାବଦରେ ୫୦୦ ଟଙ୍କା, ବ୍ୟାଙ୍କ କର୍ମଚାରୀର ମାନ୍ୟତା ଦେବା, ବ୍ୟାଙ୍କ ପରିସରରେ ବସିବା ପାଇଁ ସ୍ଥାନ ଏବଂ ଶୌଚାଳୟ ବନ୍ଦୋବସ୍ତ କରିବା ପାଇଁ ଦାବି ରହିଛି। ମହିଳା ସଶକ୍ତୀକରଣ କଥା କହୁଥିବା ରାଜ୍ୟ ସରକାର ମହିଳା କର୍ମଚାରୀଙ୍କ ବେତନକୁ ୭୫ ପ୍ରତିଶତ ହ୍ରାସ କରିବା ନିନ୍ଦନୀୟ ବୋଲି ସଙ୍ଗଠନର ରାଜ୍ୟ ଉପସଭାପତି ମମତା ଜେନା, ପୁଷ୍ପା ଜେନା ପ୍ରମୁଖ ଉଦ୍‌ବୋଧନ ଦେଇ କହିଥିଲେ। ସେହିପରି ବ୍ୟାଙ୍କ ମିତ୍ରଙ୍କ ଦାବି ତୁରନ୍ତ ପୂରଣ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଙ୍ଗଠନର ସମ୍ପାଦିକା ପ୍ରଜ୍ଞା ପାରମିତା ଆଟୋଇ ଚେତାବନୀ ଦେଇଛନ୍ତି।

**ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ**



# କାମାନ୍ଧ ଶ୍ୱଶୁରଙ୍କୁ ଗାଁ ଦାଣ୍ଡରେ ଜୋତାମାଳ

**କଙ୍ଗାରୁ କୋର୍ଟରେ ଦଣ୍ଡ**

ଉଦଳା, ୨୮।୨ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ବୋହୂ ପ୍ରତି ପାଶବିକ ଅତ୍ୟାଚାର ଉଦ୍ୟମ କରିଥିବା କାମାନ୍ଧ ଶ୍ୱଶୁରଙ୍କୁ ଗାଁ ଦାଣ୍ଡରେ ଜୋତାମାଳ ପିନ୍ଧାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବୋହୂଙ୍କ ବାପଘର ଗାଁରେ କଙ୍ଗାରୁ କୋର୍ଟ ବସି ଏଭଳି ଦଣ୍ଡ ଦିଆଯାଇଛି।

ସୋମବାର ରାତିରେ ସ୍ୱାମୀ ଓ ଶାଶୁ ଘରେ ନ ଥିବା ବେଳେ ଖିଆପିଆ ସାରି ବୋହୂ ନିଜ ରୁମ୍‌କୁ ଶୋଇବାକୁ ଯାଇଥିଲେ। ଏହି ସୁଯୋଗରେ କାମାନ୍ଧ ଶ୍ୱଶୁର ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ବୋହୂ କୌଶଳକ୍ରମେ ଖସି ଆସିବା ସହିତ ଚିତ୍କାର କରି ସ୍ଥାନୀୟ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ପରେ ଗ୍ରାମବାସୀଙ୍କ ସହଯୋଗରେ ବାପଘରକୁ ପଳାଇଥିଲେ। ମଙ୍ଗଳବାର ତାଙ୍କ ବାପଘର ଲୋକେ ଶ୍ୱଶୁର ଓ ସ୍ୱାମୀଙ୍କୁ ଡକାଇଥିଲେ। ଗ୍ରାମରେ ବସିଥିଲା କଙ୍ଗାରୁକୋର୍ଟ। ବୋହୂ ବାପଘର ଗାଁ ଲୋକଙ୍କ ନିଷ୍ପତ୍ତିକ୍ରମେ ଶ୍ୱଶୁରଙ୍କ ବେକରେ ଜୋତାମାଳ ପିନ୍ଧାଯିବା ସହିତ ତାଙ୍କ ଗୋଡ଼ ବାନ୍ଧି ରଖାଯାଇଥିଲା। ଏହାସହିତ ସ୍ୱାମୀଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମରାଯାଇଥିଲା। ଖବରପାଇ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ୱଶୁରଙ୍କୁ ଉଦ୍ଧାରକରି ଥାନାକୁ ଆଣିଥିଲା। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।


**GOVERNMENT OF ODISHA**
**OFFICE OF THE SUPERINTENDENT**
**ODISHA STATE ARCHAEOLOGY**
No.RR-60
1st FLOOR, SANSKRUTI BHAWAN, BHUBANESWAR-14
Office Phone No.0674-2432147, Mob.- 9437074316/
Email- Id- suptosabbsr@gmail.com

**NOTICE INVITATION FOR BIDS THROUGH E-PROCUREMENT**
No.969/Arch., Dated 27.02.2023

| | |
|---|---|
| Tender Call Notice No. | No. 219 to 225 : Date:27.02.2023 |
| Bid Identification No. | No. 219 to 225 : Date:27.02.2023 |
| Nature of Work | Conservation of Monuments. |
| Number of work | 07 (Seven) |
| Estimated Cost | 8 Lakhs - 10 Lakhs. |
| Period of Completion | 15 Days. |
| Category of Contractor | D&C |
| Available period | Dt.28.02.2023 from 10.00 A.M. hours to Dt.06.03.2023 by 17.00 P.M. hours |
| Tender Opening Date | Dt.09.03.2023 at 11.30 A.M. hours |

Bid documents such as NIT / DTCN / BoQ etc. can be seen / downloaded from www.tendersodisha.gov.in during the period from 10.00 A.M. Hours of **28.02.2023 to 17.00 P.M.** Hours of 06.03.2023.

Sd./- Superintendent
Odisha State Archaeology, Bhubaneswar
OIPR-03019/11/0009/2223



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751001
Ref. No. OSCB/HRDD/6889/2022-23 Date: 27.02.2023

**EXPRESSION OF INTEREST**

No.LL-35:- Expression of Interest (EOI) invited vide Ref. No. OSCB/HRDD/6616/2022-23 dtd. 15.02.2023 stands cancelled due to administrative reasons.

Fresh sealed Expression of Interest (EOI) are invited from registered and reputed insurance companies / brokers for undertaking Group Health Insurance Policy of employees and their dependant family members of Odisha State Cooperative Bank, Pandit Jawaharlal Nehru Marg, Bhubaneswar - 751 001 by quoting premium for a period of one year from **10.03.2023 to 09.03.2024**.

The detailed list of employees with their dependants can be downloaded from the official website www.odishascb.com from **28.02.2023 to 03.03.2023**. For any queries / clarifications. HRD Department of OSCB may be contacted in person or over phone on 0674-2375194/155.

OIPR-39012/11/0039/2223 Sd./- Managing Director



**OFFICE OF THE MUNICIPALITY, PATTAMUNDAI**
No.568/PM Date:23.02.2023

**Notice inviting Expression of Interest (EOI)**

**No.C-2546:** The Executive Officer, Pattamundai Municipality on behalf of Chairperson of Pattamundai Municipality invites sealed Expression of Interest from reputed management agencies/firm for operation and maintenance of Smart Park , Tatana, Ward No. 18 & Children's Park, Near Municipality Office, Ward No. 18 , Pattamundai Municipality.

The proposal sealed in a envelope and the envelope must have written on top "Submission of Proposal for Operation and Maintenance of Smart Park & Childrens Park of Pattamundai Municipality" to be submitted along with requisite documents addressing to Executive Officer, Pattamundai Municipality through speed post/ courier by Dt 04.03.2023 by 5 PM which will be opened on 11AM of 06.03.2023.

Detailed of EOI may be downloaded from https://kendrapara.nic.in/ or may be collected from cash counter of this office of the undersigned in working days from 10am of 23.02.2023 to 5pm of 03.03.2023.

Sd./-Executive Officer
Pattamundai Municipality
OIPR-13220/11/0007/2223



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-4958

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS,JANPATH, BHUBANESWAR-751022**
Tender Call Notice No.IDCO:H.O./P&C/EST/E-1359/01/2018/6037, Dt.:24.02.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the Work: Construction of Approach Road and Hume pipe Culvert from Canal embankment road to Neepur Industrial Estate, Jagatsinghpur, Odisha.
2. Value of the Work: Rs.116.86 Lakhs.
3. Period of Completion: 02 (Two) Calendar Months.
4. Other details:

| Procurement Officer | Bid ID/Tender Reference No. | Availability of Tender on-line for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ES-T/E-163/ 2022-23 | 04.03.2023 at 17.00 Hrs. | 20.03.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0310/2223



**NOTIFIED AREA COUNCIL**
Bellaguntha-761119 (Ganjam)
Phone No.06821-258244
Sri.S.Rakesh Kumar Patra (ORS)
Executive Officer

**ବିଜ୍ଞାପିତ ଅଞ୍ଚଳ ପରିଷଦ**
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ:୦୬୮୨୧-୨୫୮୨୪୪
ଶ୍ରୀ.ଏସ.ରାକେଶ କୁମାର ପାତ୍ର (ଓ.ରା.ସେ.)
କାର୍ଯ୍ୟନିର୍ବାହୀ ଅଧିକାରୀ

E-mail ID: eonacbellaguntha@gmail.com

L.No.287// Date:27.02.2023

**QUOTATION CALL NOTICE**

**No.C-2550:** Sealed quotation is invited from the intending registered distributors/agencies/companies etc. having GST/PAN certificate for:

**1. Repair / Renovation of 02 Nos. of TATA ACE Vehicle full body including doors & Back Side dala with full body painting work.**

The bidder shall receive the quotation paper from the NAC office from 01.03.2023 at 11.00 AM to 10.03.2023 up to 11.00 AM. The sealed quotations with rate chart, catalogue and necessary documents should reach the office of the Executive Officer, NAC, Bellaguntha on or before 10.03.2023 by 01.00 PM and the same will be opened at 03.30 PM on the same day in presence of the quotationers or their authorized representatives. The detailed quotation paper will be available at help desk by payment of Rs.500/- Rupees (Five Hundred) only as paper cost from 01.03.2023 to 10.03.2023 (from 11.00 AM to 11.00 AM except holidays).

The authority reserves the rights to accept or reject any or all the quotations without assigning any reason thereof.

OIPR-13113/11/0046/2223 Sd./- Executive Officer, NAC, Bellaguntha



**PUBLIC NOTICE**
No.XXV-05:

**Announcement of Award for acquisition of land for construction of Kandarpur - Balikuda N.H.-55 U/S 3G of N.H. Act. 1956 for land owners or persons interested therein.**

**XXV-01 :** Kind attention of all land owners/interested persons are invited to the Notification No.535 (E)/ dt.04.02.2021 issued under Section 3A of the NH Act. 1956 for acquisition of land for construction of Jagatsinghpur By-pass on the stretch from km.296.130 to km.311.070 of National Highways No. 55 in the District Jagatsinghpur in the State of Odisha and the Notification No.I86(E) Dated.13.01.2022 Issued under Section 3D of the NH Act. 1956 and published in the following newspapers :

| Sl. No. | Notification | Names of Newspapers in which published | Date of Newspapers | Language |
|---|---|---|---|---|
| 1 | Section 3A | The Sambad | 04.02.2021 | Odia |
| | | The Dharitri | 04.02.2021 | Odia |
| 2 | Section 3D | The Prameya | 13.01.2022 | Odia |
| | | The Dharitri | 13.01.2022 | Odia |

It is informed that, the undersigned has announced the Award in respect of the said land under Section 3[G] of the NH Act 1956 vide order dated 05.01.2023 and 13.02.2023.

The land acquiring agency (MORTH) approved the estimate. Notices have also been issued to the concerned land owners/interested persons as required under Section 3[E) of the NH Act.1956.

Accordingly, all the concerned land owners/interested persons are hereby informed/notified through this additional Public Notice that the claimants entitled to receive the compensation amount may deposit the relevant documents in the office of the undersigned on any working day between 11.00A.M. to 5 P.M. within a period of 60 days for transfer of compensation amount through PFMS/Bhumirashi Portal. Any failure to collect the compensation amount by depositing the relevant documents to the undersigned , the amount shall be deemed to have been paid on expiry of this period of sixty days from the date of publication of this notice.

The land owners/ interested persons interested therein are further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance expiry of the period of 60 days.

Sd./- Competent Authority for Land Acquisition -cum-Tahasildar, Jagatsinghpur
OIPR-24028/14/0002/2223



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK**
E-mail ID :- exengr.mnd@gmail.com

**'e' Procurement Notice No- MND-07/2022-23**

**No.A-1199:** The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in .The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

| | | |
|---|---|---|
| 1. | Nature of Work | Canal work |
| 2. | Total No. of Works | 1 (one) work |
| 3. | Bid Identification No | MND-07/2022-23 |
| 4. | Tender Cost | Rs. 99.85 Lakhs |
| 5. | Class of Contractor | " B " Class |
| 6. | Period of completion | 4 (Four) Months |
| 7. | Other Details | As noted below |
| a) | Procurement Officer | Superintending Engineer, Mahanadi North Division-I, Jagatpur email: exengr.mnd@gmail.com Ph:- 0671-2491546 |
| b) | Availability of Tender On-line for bidding | 10.00 Hours of 01.03.2023 to 17.30 Hours of 13.03.2023 |
| c) | Last date & time of submission of bid document | 17.30 Hours of 13.03.2023 |
| d) | Date, time & place of Opening of Technical Bid | 14.03.2023 at 11.30 Hours in the O/o the Superintending Engineer, Mahanadi North Division-I, Jagatpur |
| e) | Date, time & place of opening of Financial bid | After evaluation of Technical Bid |
| f) | Date of Lottery (if required): | Intimated Later on. |

Further details can be seen from the Govt. website "https://tendersodlsha.gov.in"

Sd./- Superintending Engineer
Mahanadi North Division-I
OIPR-32003/11/0010/2223



**ବିଜ୍ଞପ୍ତି**



No.g-109:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁ କନ୍ୟାଟିକୁ କଟକ ରେଳ ଷ୍ଟେଶନ ବସ୍ତିର ଜନୈକା ବୃଦ୍ଧା ମହିଳାଙ୍କଠାରୁ ଉଦ୍ଧାର କରାଯାଇ ଚାଇଲ୍ଡ ଲାଇନ୍ କଟକଙ୍କ ଜରିଆରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ.- ୦୧/୨୦୨୨ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରଖାଯାଇଅଛି। ଏହି ଶିଶୁକନ୍ୟାଟିର ପିତାମାତା ବା ଘର ଠିକଣା କିଛି ଜଣାନାହିଁ। ତା'ର ନାମ '**ଆୟିଶା**' ବୋଲି ସେ କହୁଛି ଏବଂ ତା'ର ବୟସ ପ୍ରାୟ 3½ ବର୍ଷ ହେବ। ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହିତ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.- ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ ନଂ.- ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
କଟକ
OIPR-33038/11/0007/2223



## ଖରାଟିଆ ମୁଗ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

## ବ୍ୟବସାୟ ଭିତ୍ତିରେ ଫୁଲଚାଷ

ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ । ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇ ପାରିବ । ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇ ପାରିବ। ଗେଣ୍ଡୁଫୁଲର ଉନ୍ନତ କିସମ ମଧ୍ୟରେ ରହିଛି ଅରେଞ୍ଜୟେଲୋ ଏବଂ ସନ୍‌ଲାଇଟ୍। ଜିନିଆ ଫୁଲର ଉନ୍ନତ କିସମଗୁଡିକ ହେଲା- ଲିଲିପୁଟ, ଡ୍ରିମ୍, ହ୍ୱାଇଟ୍‌ବଲ୍, ସାଲ୍‌ମାନ୍ ବିଉଟି ଏବଂ ରଜନୀଗନ୍ଧାର ଉନ୍ନତ କିସମଗୁଡିକ ହେଉଛି ସ୍ୱର୍ଣ୍ଣରେଖା, ରଜତରେଖା, ସୁଭାସିନ୍, ମୁକ୍ତା, ପ୍ରଜ୍ୱଳ, ଭୈରବ, ବାଙ୍ଗାଲୋର ସିଙ୍ଗଲ୍ ।



## ମହୁ ବାକ୍ସର ଯତ୍ନ

ମହୁବାକ୍ସ ଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



# ଡାଲୁଅ ଧାନରେ ରୋଗପୋକ ନିୟନ୍ତ୍ରଣ

ଡାଲୁଅ ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ଦୁଇ ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସଂପୂର୍ଣ୍ଣ ରକ୍ଷା ମିଳିଥାଏ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ :** ଚିନାବାଦାମ ଅମଳ ଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଫସଲରେ ଧଳାମାଛି ବା ପତ୍ର ଉକୁଣୀ ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।



**ଫଳଚାଷ :** ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍‌ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ । ଅଧିକ ଅମଳ

**ଏ ମାସର କୃଷି ସୂଚନା**

ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନ ଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ ।

**ପ୍ରାଣୀପାଳନ :** ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ।। ଛେଳିର ଓଜନ ଓ ପ୍ରଜନନ ବୃଦ୍ଧିପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ । ଜର୍ସୀ, ହୋଲଷ୍ଟିନ୍ ବା ଶଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ ।

**ଛେଳି ଓ ମେଣ୍ଢା ପାଳନ :** ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପି.ପି.ଆର୍. ରୋଗ ଟିକା ଦିଅନ୍ତୁ ।

**ଛତୁଚାଷ :** ଛତୁଚାଷ କରୁଥିଲେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ଆଳୁ ଅମଳ ସମୟରେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନ ଯାଏ । ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ । ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

# ଖରାଦିନିଆ ପନିପରିବା ଚାଷ

ଖରା ଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା:- ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାରର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ଶଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବର ଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ



ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ ।

## ଆଖୁ ଚାଷ

ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ କାର୍ବେକ୍ସିନ୍ ୩୭.୫% x ଥିରାମ୍ ୩୭.୫% ୩ ଗ୍ରାମ୍, ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# କୁକୁଡ଼ାଙ୍କୁ ବୁଷ୍ଟର ଟିକା

ଏକୋଇଶ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟୀକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟୀକା ଦିଅନ୍ତୁ। ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟୀକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟୀକା ଦିଅନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟୀକା ଦିଅନ୍ତୁ ଯାହା ଫଳରେ ରାଣୀକ୍ଷେତ୍ ରୋଗ ହେବ ନାହିଁ ।

**ମାଛଚାଷ :** ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।



# ନଳିତା ବୁଣିବା ସମୟରେ...

ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ ତାରିଖଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ। ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି ଏବଂ ଶ୍ରାବନ୍ତୀ ।









ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ମଙ୍ଗଳବାର ଇନ୍ଦୋରର ହୋଲ୍‌କାର ଷ୍ଟାଡିୟମରେ ଟିମ୍ ଇଣ୍ଡିଆର ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ଶାମିଙ୍କ ବୋଲିଂ ଅଭ୍ୟାସ।

# ଡେଭିଡ୍ ଆଲବାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ

**ଜେନେଭା,୨୮।୨(ପି.ଟି.)**

ଲିଓନେଲ ମେସିଙ୍କ ସପକ୍ଷରେ ଭୋଟ ଦେବାକୁ ନେଇ ରିୟଲ ମାଡ୍ରିଡ ଡିଫେଣ୍ଡର ଡେଭିଡ ଆଲବାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଛି। ସୋମବାର ମେସିଙ୍କୁ ଫିଫା ପକ୍ଷରୁ ଶ୍ରେଷ୍ଠ ପୁରୁଷ ଖେଳାଳି ଭାବେ ଘୋଷଣା କରାଯାଇଥିଲା। ବିଭିନ୍ନ ଜାତୀୟ ଦଳର ଅଧିନାୟକ ଓ କୋଚ୍‌ଙ୍କ ସମେତ ବିଭିନ୍ନ କ୍ରୀଡା ସାମ୍ବାଦିକ ଓ ପ୍ରଶଂସକଙ୍କ ଭୋଟରେ ଏହି ବିଜେତା ଚୟନ କରାଯାଇଥାଏ। ଏହି ଭୋଟିଂ ସମୟରେ ଅଷ୍ଟ୍ରିଆର ଅଧିନାୟକ ରହିଥିବା ଆଲବା ବାର୍ସେଲୋନା ପକ୍ଷରୁ ଖେଳୁଥିବା ମେସିଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଏହାପରେ ରିୟଲ ମାଡ୍ରିଡ ସମର୍ଥକ ମାନେ ସୋସିଆଲ ମିଡିଆରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। କରିମ୍ ବେଞ୍ଜେମା ଓ ଆଲବା ଏକତ୍ର ରିୟଲ ମାଡ୍ରିଡ୍ ପକ୍ଷରୁ ଖେଳନ୍ତି। ଏହି ଭୋଟିଂ ଏକାକୀ ମୋର ଭୋଟ୍ ନଥିଲା ବରଂ ସମୁଦାୟ ଅଷ୍ଟ୍ରିଆ ଟିମ୍ ମିଳିତ ଭାବରେ ଏହି ନିଷ୍ପତ୍ତି ନେଇଥିଲେ। କରିମଙ୍କୁ ମୁଁ କେତେ ସମ୍ମାନ କରେ ତାହା ସେ ଜାଣିଛନ୍ତି। କରିମ୍ ସର୍ବଦା ମୋ ପାଇଁ ବିଶ୍ୱର ଶ୍ରେଷ୍ଠ ଷ୍ଟ୍ରାଇକର ରହିବେ ବୋଲି ସେ କହିଛନ୍ତି।

# ଅନୁପମା ମହିଳା, ମିଥୁନ ପୁରୁଷ ଚାମ୍ପିୟନ

**ପୁଣେ, ୨୮।୨(ପି.ଟି.)**

ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ବିଶ୍ୱର ପୂର୍ବତନ ଜୁନିୟର ନମ୍ବର ୱାନ ଖେଳାଳି ଅନୁପମା ଉପାଧ୍ୟାୟ ଓ ମିଥୁନ ମଞ୍ଜୁନାଥ ଯଥାକ୍ରମେ ମହିଳା ଓ ପୁରୁଷ ଟାଇଟଲ ହାସଲ କରିଛନ୍ତି। ୧୮ ବର୍ଷୀୟା ଅନୁପମା ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆକର୍ଶୀ କାଶ୍ୟପଙ୍କୁ ୨୦-୨୨, ୨୧-୧୭, ୨୪-୨୨ରେ ହରାଇ ଦେଇଛନ୍ତି। ବାଲେୱାଡି ଷ୍ଟାଡିୟମରେ ଏହି ମହିଳା ସିଙ୍ଗଲ୍ସ ଫାଇନାଲ ଏକ ଘଣ୍ଟା ୧୮ ମିନିଟ୍ ଧରି ଚାଲିଥିଲା। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଓର୍ଲିନ୍ସ ମାଷ୍ଟର୍ସ ରନର ଅପ୍ ମିଥୁନ ୨୧-୧୬, ୨୧-୧୧ରେ ପ୍ରିୟାଂଶୁ ରାଜାୱତଙ୍କୁ ହରାଇ ଦେଇଛନ୍ତି।

# ଭାବିନା ପଟେଲଙ୍କୁ ୩ ସ୍ୱର୍ଣ୍ଣ

**ଇଜିପ୍ଟ ପାରା ଟିଟି ଓପନ୍**

**ନୂଆଦିଲ୍ଲୀ,୨୮।୨**

ଇଜିପ୍ଟର ଗିଜାରେ ଅନୁଷ୍ଠିତ ଇଜିପ୍ଟ ପାରା ଟେବୁଲ ଟେନିସ ଓପନରେ ଭାରତର ଭାବିନା ହସମୁଖ ଭାଇ ପଟେଲ ୩ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ସୋମବାର ଉଦ୍‌ଯାପିତ ଏହି ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ବର୍ଗରେ ସେ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ଟୋକିଓ ପାରାଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଭାବିନା ମହିଳା ସିଙ୍ଗଲ୍ସ କ୍ଲାସ୍ ୩-୫ରେ ଅନ୍ୟତମ ଭାରତୀୟ ଖେଳାଳି ସୋନଲବେନ ମନୁଭାଇ ପଟେଲଙ୍କୁ ୧୩-୧୧, ୧୧-୬ ଓ ୧୩-୧୧ରେ ପରାସ୍ତ କରିଥିଲେ। ଏହାପରେ କ୍ଲାସ୍ ୧୦ର ଡବଲ୍ସ ମୁକାବିଲାରେ ସୋନଲଙ୍କୁ ସାଥୀ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ପରେ ଭାବିନା ମିକ୍ସଡ ଡବଲ୍ସରେ ଜଶ୍ୟନ୍ତ ଦଲସାଙ୍ଗଭାଇ ଚୌଧାରୀଙ୍କୁ ସାଥୀ କରି ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଜିପ୍ଟରେ ବିଗତ ବର୍ଷ କ୍ଲାସ୪-୫ରେ ଭାବିନା ଓ କ୍ଲାସ୍ ୨-୩ରେ ସୋନାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ।



ଇଜିପ୍ଟ ପାରା ଟେବୁଲ ଟେନିସ ଓପନରେ ପଦକ ବିଜୟୀ ଭାରତୀୟ ଖେଳାଳି।

# ଡବ୍ଲ୍ୟୁଟିସି ଫାଇନାଲ ଲକ୍ଷ୍ୟରେ ଭାରତ

**ଇନ୍ଦୋର,୨୮।୨(ପି.ଟି.)**

ବର୍ଡର ଗାଭାସ୍କର ସିରିଜର ତୃତୀୟ ଟେଷ୍ଟ ବୁଧବାର ଇନ୍ଦୋରର ହୋଲକାର ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦୁଇଟି ଟେଷ୍ଟକୁ ଜିତି ଭାରତ ୨-୦ରେ ଆଗୁଆ ରହିଥିବା ବେଳେ ତୃତୀୟ ମ୍ୟାଚ ଜିତିବା ସହିତ ଆଗୁଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି ଭାରତ। ଭାରତ ବର୍ଡର ଗାଭାସ୍କର ଟ୍ରଫି ଉପରେ ଆଗୁଆ କବ୍‌ଜା କରିସାରିଛି। ତେବେ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବା ପାଇଁ ଭାରତକୁ ଏହି ସିରିଜ୍ ଅନ୍ୟୁନ ୩-୦ ବା ୩-୧ରେ ବିଜୟୀ ହେବା ଆବଶ୍ୟକ। ଇନ୍ଦୋର ଟେଷ୍ଟ ଜିତିବା ସହିତ ଜୁନ୍‌ରେ ହେବାକୁ ଥିବା ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଆଗୁଆ ଯୋଗ୍ୟତା ହାସଲ କରିବା ଭାରତର ପ୍ରଥମ ଲକ୍ଷ୍ୟ ରହିବ। ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୦ରେ ଆଗୁଆ ଥିବା ବେଳେ ଲୋକେଶ ରାହୁଲ ଓ ଶୁବମାନ ଗିଲଙ୍କ ଚୟନକୁ ନେଇ ଦଳ ଦ୍ୱନ୍ଦ୍ୱରେ ରହିଛି। ରାହୁଲଙ୍କୁ ଭାରତୀୟ ଦଳର ଉପ ଅଧିନାୟକ ପଦରୁ ବିଦା କରାଯାଇଥିଲେ ମଧ୍ୟ ମ୍ୟାନେଜମେଣ୍ଟ ତାଙ୍କୁ ଆଉ ଏକ ସୁଯୋଗ ଦେଇପାରେ।

## ଆଜିଠୁ ତୃତୀୟ ଟେଷ୍ଟ

**ମ୍ୟାଚ୍ ସ୍ଥାନ: ହୋଲକାର ଷ୍ଟାଡିୟମ, ଇନ୍ଦୋର**
**ସମୟ: ସକାଳ ୯.୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

ରାହୁଲଙ୍କ ବ୍ୟାଟରୁ ଦୀର୍ଘ ଦିନ ହେବ ଏକ ବଡ ଇନିଂସ ଆସି ନ ଥିବା ବେଳେ ସେ ଅନେକ ପୂର୍ବତନ ଖେଳାଳିଙ୍କ ସମାଲୋଚନାର ଶରବ୍ୟ ହୋଇଛନ୍ତି। ଟିମ୍ ମ୍ୟାନେଜମେଣ୍ଟ ରାହୁଲଙ୍କ ଉପରେ ଭରସା ଦେଖାଇ ପ୍ରଥମ ଦୁଇ ଟେଷ୍ଟରେ ଖେଳାଇଥିଲା। ତେବେ ରାହୁଲ ୨ ଟେଷ୍ଟର ୩ ଇନିଂସରେ ୨୦ ରନ୍‌ର ସର୍ବାଧିକ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଚଳିତ ସିରିଜରେ ଗୋଟିଏ ମାତ୍ର ଶତକ ସ୍କୋର ହୋଇଥିବା ବେଳେ ତାହା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟରୁ ଆସିଛି। ଇନ୍ଦୋର ପିଚ୍‌ରେ ଭାରତକୁ ପ୍ରଥମ ଇନିଂସ ବ୍ୟାଟିଂ ସୁଯୋଗ ମିଳିଲେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କ ବ୍ୟାଟରୁ ବଡ ସ୍କୋରର ଆଶା ରହିବ। ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲଙ୍କ ଯୋଡି କେବଳ ବୋଲିଂ ନୁହେଁ ବ୍ୟାଟିଂରେ ମଧ୍ୟ ଏହି ୩ ଖେଳାଳି ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ତେବେ ନିମ୍ନ ମଧ୍ୟକ୍ରମରେ ଏହି ଖେଳାଳିମାନଙ୍କ ଉପରେ ନିର୍ଭର ନ କରି ଭାରତୀୟ ଟପ୍ ଅର୍ଡର ବ୍ୟାଟରଙ୍କୁ ରନ୍ ସ୍କୋର କରିବାକୁ ପଡିବ। ଅଷ୍ଟ୍ରେଲିଆ ଖେଳାଳିମାନେ ସୁଇପ୍ ଶଟ୍ ଉପରେ ଅଧିକ ନିର୍ଭର କରୁଥିବା ବେଳେ ତାହା ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଅନ୍ୟପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ ପାରମ୍ପରିକ ଭାବରେ କ୍ରିକେଟିଂ ଶଟ୍ ଓ ଫୁଟ ମୁଭମେଣ୍ଟ ଉପରେ ଗୁରୁତ୍ୱ ଦେଇଥିଲେ। ହୋଲକାର ଷ୍ଟାଡିୟମରେ ଉଭୟ କଳା ଓ ଲାଲ ମାଟିର ପିଚ୍ ରହିଥାଏ। ତେବେ ତୃତୀୟ ମ୍ୟାଚ୍ ପାଇଁ କଳା ମାଟିର ବ୍ୟବହାର କରାଯାଉଥିବା ନେଇ କ୍ୟୁରେଟର ସୂଚନା ଦେଇଛନ୍ତି। କଳା ମାଟିରେ କମ୍ ଟର୍ନ ଓ ବାଉନ୍ସ ରହୁଥିବାରୁ ଦିଲ୍ଲୀ ପରି ଆଉ ଏକ ଟ୍ରାକ ଦେଖିବାକୁ ମିଳିପାରେ। ଆହତ ସମସ୍ୟାରେ ଜର୍ଜରିତ ଅଷ୍ଟ୍ରେଲିଆ ପାଇଁ ଚିନ୍ତା ବଢିବାରେ ଲାଗିଛି। ମା'ଙ୍କ ଅସୁସ୍ଥତା ପାଇଁ କୁମିନ୍ସ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଆଷ୍ଟନ ଆଗର, ଜୋସ୍ ହେଜେଲଉଡ ଓ ଡେଭିଡ ୱାର୍ନର ଆହତ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉସ୍‌ମାନ ଖ୍ୱାଜାଙ୍କ ସହିତ ଟ୍ରାଭିସ୍ ହେଡ୍ ଓପନ୍ କରିବେ। ସେହିପରି ଜାଡେଜା-ଅଶ୍ୱିନଙ୍କ ଆଗରେ ଅଷ୍ଟ୍ରେଲିଆ ବ୍ୟାଟର ପାରମ୍ପରିକ ଭାବରେ ଫୁଟୱାର୍କର ଉପଯୋଗ କରିବାକୁ ପ୍ରୟାସ କରିବେ। ଏହା ସହିତ ପେସ୍ ବୋଲର ମିଚେଲ ଷ୍ଟାର୍କ ଓ ଅଲରାଉଣ୍ଡର କାମେରନ୍ ଗ୍ରୀନ୍ ମଧ୍ୟ ଦଳରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ୩ ସ୍ପିନର ନାଥାନ ଲିୟନ୍, ଟଡ୍ ମର୍ଫି ଓ ମାଥ୍ୟୁ କୁହନେମାନ୍ ଏହି ମ୍ୟାଚରେ ଖେଳିବେ।



ପିଚ୍ ନିରୀକ୍ଷଣ କରୁଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ।

# ୧ ରନରେ ଜିତିଲା ନ୍ୟୁଜିଲାଣ୍ଡ

**ୱେଲିଂଟନ୍,୨୮।୨(ପି.ଟି.)**

ୱେଲିଂଟନରେ ବେସିନ୍ ରିଜର୍ଭରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ରୋମାଞ୍ଚକର ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ। ଇଂଲଣ୍ଡ ୨୫୮ ରନର ପିଛା କରୁଥିବା ବେଳେ ୨୫୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ ଏହି ମ୍ୟାଚକୁ ୧ ରନ୍‌ରେ ଜିତି ନେଇଥିଲା ଘରୋଇ ଦଳ। ଅନ୍ତିମ ଦିନରେ ଇଂଲଣ୍ଡ ପାଖରେ ୯ ଉଇକେଟ ରହିଥିବା ବେଳେ ବିଜୟ ପାଇଁ ମାତ୍ର ୨୧୦ ରନ ଆବଶ୍ୟକ ଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ଜୋ ରୁଟ୍ ୯୫ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ବିଜୟୀ କରି ପାରି ନ ଥିଲେ। ପ୍ରଥମ ମ୍ୟାଚକୁ ଇଂଲଣ୍ଡ ୨୬୭ ରନରେ ଜିତିଥିବା ବେଳେ ନ୍ୟୁଜିଲାଣ୍ଡ ସିରିଜ ବରାବର କରିବାରେ ସମର୍ଥ ହୋଇଛି। ଏହା ସହ ତୃତୀୟ ଦଳ ଭାବରେ ଫଲୋଅନ୍ ପରେ ଟେଷ୍ଟ ମ୍ୟାଚ ଜିତିବାର ରେକର୍ଡ ନିଜ ନାମରେ କରିଛି ନ୍ୟୁଜିଲାଣ୍ଡ। ଇଂଲଣ୍ଡ (୧୮୯୪, ୧୯୮୧) ଓ ଭାରତ ୨୦୦୧ ମସିହାରେ ଏହି ସଫଳତା ହାସଲ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ନିଲ୍ ୱାଗନର ୪ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜୋ ରୁଟ୍ ୯୫ ରନ୍ କରି ଏକାକୀ ଲଢେଇ କରିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ମିଳି ନ ଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୩୯/୧ରୁ ଖେଳ ଆରମ୍ଭ କରି ଦଳୀୟ ସ୍କୋର ୫୩ରେ ଓଲି ରବିନ୍‌ସନ୍(୨)ଙ୍କ ଉଇକେଟ ହରାଇଥିଲା। ଏହାପରେ ଦ୍ରୁତ ବ୍ୟବଧାନରେ ବେନ୍ ଡକେଟ୍(୩୩), ଓଲି ପୋପ(୧୪) ଓ ହ୍ୟାରୀ ବ୍ରୁକ୍(୦) ଆଉଟ ହୋଇଥିଲେ। ୮୦ ରନ୍‌ରେ ଦଳ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ପ୍ରଥମ ଇନିଂସରେ ୧୮୬ ରନ୍‌ର ଇନିଂସ ଖେଳିଥିବା ବ୍ରୁକ୍ ଖାତା ଖୋଲିବା ଆଗରୁ ରନ୍ ଆଉଟ ହୋଇଥିଲେ। ଜୋ ରୁଟ୍ (୯୫) ଓ ଅଧିନାୟକ ବେନ୍ ଷ୍ଟୋକ୍ସ(୩୩) ଷଷ୍ଠ ଉଇକେଟରେ ୧୨୧ରନ୍ ଯୋଡିଥିଲେ। ରୁଟ୍ ୧୧୩ ବଲ୍ ଖେଳି ୮ ଚୌକା ଓ ୩ ଛକା ମାରିଥିଲେ। ବେନ୍ ଷ୍ଟୋକ୍ସ ୧୧୬ ବଲ୍ ଖେଳି ୬ ଚୌକା ମାରିଥିଲେ। ତେବେ ଉଭୟ ଖେଳାଳିଙ୍କୁ ମାତ୍ର ଦୁଇ ଓଭର ଓ ୧ ରନ୍ ବ୍ୟବଧାନରେ ଆଉଟ୍ କରିଥିଲେ ୱାଗନର। ଉଭୟ ଆଉଟ ହେବା ସହିତ ନ୍ୟୁଜିଲାଣ୍ଡର ବିଜୟ ସମ୍ଭାବନା ବୃଦ୍ଧି ପାଇଥିଲା। ତେବେ ଉଇକେଟ କିପର ବେନ୍ ଫୋକ୍ସ ୩୫ ରନ୍ କରି ଦଳକୁ ବିଜୟର ନିକଟବର୍ତ୍ତୀ କରିଥିଲେ। ବିଜୟ ପାଇଁ ୭ ରନ୍ ଆବଶ୍ୟକ ଥିବା ବେଳେ ବେନ୍ ଫୋକ୍ସଙ୍କୁ ଆଉଟ କରିଥିଲେ ଟିମ୍ ସାଉଦି। ୱାଗନର ବୋଲିଂ କରିଥିବା ପରବର୍ତ୍ତୀ ଓଭରରେ ଜେମ୍ସ ଆଣ୍ଡରସନ୍ ଏକ ଚୌକା ମାରିବା ପରେ ଆଉଟ ହେବା ସହ ନ୍ୟୁଜିଲାଣ୍ଡ ହାତକୁ ମ୍ୟାଚ ଟେକି ଦେଇଥିଲେ। ନିଲ୍ ୱାଗନର ୪ ଉଇକେଟ ନେଇଥିବା ବେଳେ ସାଉଦି ୩ ଓ ମ୍ୟାଟ୍ ହେନରୀ ଦୁଇ ଉଇକେଟ ନେଇଥିଲେ। କେନ୍ ୱିଲିୟମ୍‌ସନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ହ୍ୟାରୀ ବ୍ରୁକ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।



ଜେମ୍ସ ଆଣ୍ଡରସନଙ୍କ ଉଇକେଟ ନେବାପରେ ନିଲ ୱାଗରଙ୍କ ପ୍ରତିକ୍ରିୟା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ- ୪୩୫/୮(ଘୋଷଣା)। ନ୍ୟୁଜିଲାଣ୍ଡ ପ୍ରଥମଇନିଂସ- ୨୦୯/୧୦।ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୪୮୩/୧୦। ଇଂଲଣ୍ଡ ଦ୍ୱିତୀୟ ଇନିଂସ-୭୪.୨ ଓଭରରେ ୨୫୬/୧୦(ଜୋ ରୁଟ୍-୯୫, ବେନ୍ ଫୋକ୍ସ-୩୫, ବେନ୍ ଷ୍ଟୋକ୍ସ-୩୩, ନିଲ୍ ୱାଗନର-୪/୬୨, ଟିମ୍ ସାଉଦି- ୩/୪୫,ମ୍ୟାଟ୍ ହେନରୀ-୨/୭୫)।



ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ ଡ୍ର ରହିବାପରେ ଟ୍ରଫି ସହ ବେନ୍ ଷ୍ଟୋକ୍ସ ଓ ଟିମ୍ ସାଉଦୀ।


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ